# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୬/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, April 16/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୪୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 142 | ମୂଲ୍ୟ ₹୭/-







KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୬/୨୦୨୪ | Bhubaneswar, Tuesday, April 16/2024 | ପୃଷ୍ଠା-୧



## ଟ୍ରାଭିସ ହେଡ୍‌ଙ୍କ ଦ୍ରୁତ ଶତକ

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ଆଇପିଏଲ ମ୍ୟାଚ୍‌ରେ ଦ୍ରୁତ ଶତକ ହାସଲ କରିଛନ୍ତି ସନରାଇଜର୍ସ ହାଇଦ୍ରାବାଦର ଟ୍ରାଭିସ ହେଡ୍।

୧୨ ୦୮

## ସ୍ୱାସ୍ଥ୍ୟଗତ କାରଣରୁ ନିର୍ବାଚନ ଲଢୁନାହାନ୍ତି କିରନ

ସ୍ୱାସ୍ଥ୍ୟଗତ କାରଣରୁ ଚଣ୍ଡିଗଡ଼ ଏମ୍‌ପି ତଥା ବଲିଉଡ୍ ଅଭିନେତ୍ରୀ କିରନ ଖେର୍ ଚଳିତ ଲୋକ ସଭା ନିର୍ବାଚନ ଲଢୁନାହାନ୍ତି ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି।



## ପ୍ରଚଣ୍ଡ ଖରା: ଶ୍ରମିକଙ୍କୁ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ଯାଏ କାମ କରିବା ମନା

ଭୁବନେଶ୍ୱର,୧୫।୪(ଅନିଲ ଦାସ)

ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକଙ୍କୁ କାମ କରାଇବା ନେଇ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବାରଣ କରିଛନ୍ତି। ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସୋମବାର ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ ସୋମବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ଏସ୍‌ଆର୍‌ସି ଉଲ୍ଲେଖ କରିଛନ୍ତି ଯେ, ପୂର୍ବରୁ ବାରଣ କରାଯିବା ସତ୍ତ୍ୱେ କେତେକ ଜିଲାରେ ପ୍ରଚଣ୍ଡ ଖରା ସମୟରେ ଶ୍ରମିକମାନେ କାମ କରୁଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଗ୍ରୀଷ୍ମ ଋତୁରେ ଶ୍ରମିକମାନେ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ବାହାରେ କାମ କରିବାକୁ ମନା କରାଯାଇଛି। ଏହାକୁ କଡ଼ାକଡ଼ି ଭାବେ ବାରଣ କରାଯାଇଛି। ଯଦି ଏହି ନିର୍ଦ୍ଦେଶର ଅବମାନନା ହୁଏ, ତେବେ ସମ୍ପୃକ୍ତ ଅଧିକାରୀ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ଓ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ରେ ଥିବା ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆସନ୍ତା ୫ ଦିନ ଧରି ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଲୁଗୁଲି ସ୍ଥିତି ଲାଗି ରହିବା ନେଇ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ହ୍ୱେନ୍ ଇନ୍ ରୋମ୍



**ଆଜି ରୁକୁଣା ରଥଯାତ୍ରା**

ମଙ୍ଗଳବାର ଅଶୋକାଷ୍ଟମୀରେ ପ୍ରଭୁ ଶ୍ରୀଲିଙ୍ଗରାଜ ରଥଯାତ୍ରାରେ ବାହାରିବେ। ଏଥିପାଇଁ ଲିଙ୍ଗରାଜ ମନ୍ଦିର ନିକଟ ରଥଖଳାରେ ପ୍ରସ୍ତୁତ ହୋଇ ରହିଥିବା ରୁକୁଣା ରଥ।

# ଓଡ଼ିଶାରେ ଏଥର ନିଅଣ୍ଟିଆ ବର୍ଷା

## ଦେଶରେ ଅଧିକ ବର୍ଷିବ

ଭୁବନେଶ୍ୱର, ୧୫।୪(ଅସମାପିକା ସାହୁ)

ଚଳିତବର୍ଷ ଓଡ଼ିଶାରେ ନିଅଣ୍ଟିଆ ବର୍ଷା ହେବ। ଦେଶରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାକୁ ଥିବାବେଳେ ଓଡ଼ିଶାରେ କିନ୍ତୁ କମ୍ ବର୍ଷା ହେବ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏଭଳି ଆକଳନ କରିଛି।

ବିଭାଗ ପକ୍ଷରୁ ସୋମବାର ୨୦୨୪ ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ପାଇଁ ଦୀର୍ଘମିଆଦୀ ଆକଳନ ଜାରି କରାଯାଇଛି। ଏହି ଆକଳନ ଅନୁସାରେ, ଚଳିତବର୍ଷ ଦେଶରେ ସ୍ୱାଭାବିକଠାରୁ ଅଧିକ ଅର୍ଥାତ୍ ୨୦୨୪ ମୌସୁମୀ ଋତୁ(ଜୁନ୍‌ରୁ ସେପ୍ଟେମ୍ବର)ରେ ୧୦୬ ପ୍ରତିଶତ ବର୍ଷିବ। ପୂରା ଦେଶରେ ୮୭ ସେଣ୍ଟିମିଟରରୁ ଅଧିକ ବର୍ଷା ହେବ। ତେବେ ଓଡ଼ିଶା ସମେତ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗରେ ବି ନିଅଣ୍ଟିଆ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ତେବେ ଖୁବ୍‌ଶୀଘ୍ର ପାଣିପାଗରେ ଏଲ୍-ନିନୋ କଣ୍ଡିଶନ୍ ସରିବ। ମୌସୁମୀ ଋତୁ ଆରମ୍ଭର ଏହା କ୍ରମେ ଦୁର୍ବଳ ହେବାର ସମ୍ଭାବନା ରହିଛି। ମୌସୁମୀର ଦ୍ୱିତୀୟାର୍ଦ୍ଧ ବେଳକୁ ଲା-ନିନା ସକ୍ରିୟ ହେବ। ଲା-ନିନା କଣ୍ଡିଶନ ରହିଲେ ଭଲ ବର୍ଷା ହେବ। ପୂର୍ବରୁ ୨୨ବର୍ଷ ହେବ ମୌସୁମୀ ଋତୁରେ ଲା-ନିନା ସକ୍ରିୟ ରହିଛି। ତେଣୁ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ ହୋଇଛି। ତେବେ ଚଳିତବର୍ଷ କେବେ ମୌସୁମୀ କେରଳ ଛୁଇଁବ, ସେନେଇ ମେ’ ମାସରେ ତାହା ଆକଳନ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଆଇଏମ୍‌ଡି ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଉତ୍ତର-ପଶ୍ଚିମ, ପୂର୍ବ ଏବଂ ଉତ୍ତର ପୂର୍ବ ରାଜ୍ୟର କିଛି ଅଞ୍ଚଳକୁ ବାଦ୍ ଦେଲେ ଦେଶର ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଭାରତରେ ଭଲ ମୌସୁମୀ ବର୍ଷା କରାଉଥିବା ଲା-ନିନା ସ୍ଥିତି ଅଗଷ୍ଟ-ସେପ୍ଟେମ୍ବର ସୁଦ୍ଧା ସକ୍ରିୟ ହେବାର ସମ୍ଭାବନା ରହିଥିବା ସେ ସୂଚନା ଦେଇଛନ୍ତି। ସାଧାରଣତଃ ଜୁନ୍ ପହିଲା ବେଳକୁ ମୌସୁମୀ ବର୍ଷା କେରଳ ସ୍ପର୍ଶ କରିବା ସହ ସେପ୍ଟେମ୍ବର ଶେଷ ସପ୍ତାହରେ ପ୍ରତ୍ୟାବର୍ତ୍ତନ କରିଥାଏ। ଚଳିତ ବର୍ଷ ଦୀର୍ଘମିଆଦୀ ବର୍ଷାର ପରିମାଣ ହାରାହାରି ୧୦୬% ରହିବ ବୋଲି ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ୍. ରବିଚନ୍ଦ୍ରନ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅପରପକ୍ଷେ ଓଡ଼ିଶା ପାଇଁ ସ୍ଥିତି ସେତେଟା ଆଶାଜନକ ନ ଥିବା ଆଇଏମ୍‌ଡି ରିପୋର୍ଟରୁ ଜଣାପଡ଼ିଛି। ଓଡ଼ିଶାରେ ହାରାହାରିଠାରୁ କମ୍ ବର୍ଷା ହେବାର ସମ୍ଭାବନା ବ୍ୟକ୍ତ କରାଯାଇଛି। ଅର୍ଥାତ୍ ଓଡ଼ିଶାରେ ନିଅଣ୍ଟିଆ ବର୍ଷା ହେବାର ଆଶଙ୍କା ରହିଥିବାରୁ ଚାଷୀଙ୍କ ପାଇଁ ସ୍ଥିତି ଚିନ୍ତାଜନକ ହେବ ବୋଲି କୁହାଯାଉଛି।

## ଗରମରେ ସିଝୁଛି ସାରା ରାଜ୍ୟ

**$40^0$ ଉପରେ ୧୮ ସହର**

ଭୁବନେଶ୍ୱର,୧୫।୪(ଅସମାପିକା ସାହୁ)

ଫେଟିଛି ତାତି। ଦିନକୁଦିନ ବଢ଼ିବାରେ ଲାଗିଛି ତାପମାତ୍ରା। ଗରମ ସହ ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବାବେଳେ ସିଝୁଛି ସାରା ଓଡ଼ିଶା। ମାଲକାନଗିରିରୁ ମୟୂରଭଞ୍ଜ, ଜଗତସିଂହପୁରରୁ ବରଗଡ଼ ଯାଏ ଜୀବନଯାତ୍ରା ପ୍ରଭାବିତ। ଏବେ ପୁଣି ପାରଦ ୪୦ ଡିଗ୍ରୀ ଡେଇଁଥିବାବେଳେ ୧୭ରୁ ୨୦ ସ୍ଥିତି ଅସମ୍ଭାଳ ହୋଇପଡିବ ବୋଲି ସତର୍କ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏପରି ସ୍ଥିତିରେ ଅସହ୍ୟ ଗ୍ରୀଷ୍ମପ୍ରବାହରୁ ଜନଜୀବନ ସହ ପଶୁପକ୍ଷୀଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁସାରେ, ସୋମବାର ରାଜ୍ୟର ୧୮ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ୪୧.୪ ଡିଗ୍ରୀ ସହ ବାରିପଦା ସବୁଠାରୁ ଉତ୍ତପ୍ତ ସହର ପାଲଟିଥିବାବେଳେ ଏହା ତଳକୁ ଭୁବନେଶ୍ୱର, ଚାନ୍ଦବାଲି ଏବଂ ନୂଆପଡ଼ାରେ ତାପମାତ୍ରା ଦ୍ୱିତୀୟ ସର୍ବାଧିକ ୪୧.୨ ଡିଗ୍ରୀ ରହିଥିଲା। ☞ପୃଷ୍ଠା-୨

# ନ୍ୟାୟପାଳିକାକୁ ଦୁର୍ବଳ କରିବାକୁ ଉଦ୍ୟମ

## ସିଜେଆଇଙ୍କୁ ପତ୍ର ଲେଖିଲେ ୨୧ ଅବସରପ୍ରାପ୍ତ ବିଚାରପତି

### ପୂର୍ବରୁ ୬୦୦ ଆଇନଜୀବୀ ଅନୁରୂପ ପତ୍ର ଲେଖିଥିଲେ

ନୂଆଦିଲ୍ଲୀ,୧୫।୪

ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ୨୧ ଜଣ ଅବସରପ୍ରାପ୍ତ ବିଚାରପତି ନ୍ୟାୟପାଳିକାର ସୁରକ୍ଷାକୁ ନେଇ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆକଳିତ ଚାପ, ଭୁଲ୍ ତଥ୍ୟ ଏବଂ ସାର୍ବଜନିକ ଅପମାନ ଜରିଆରେ ବିଚାର ବ୍ୟବସ୍ଥାକୁ ଦୁର୍ବଳ କରିଦେବା ପାଇଁ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଜୋର୍‌ଦାର ଉଦ୍ୟମ ଚଳାଇଥିବା ସେମାନେ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଅବାଞ୍ଛିତ ଚାପରୁ ନ୍ୟାୟପାଳିକାକୁ ସୁରକ୍ଷା ଦିଆଯିବା ଜରୁରୀ ବୋଲି ସେମାନେ ସିଜେଆଇଙ୍କୁ କହିଛନ୍ତି। ସେମାନେ କହିଛନ୍ତି, ଉକ୍ତ ନିର୍ଦ୍ଦିଷ୍ଟ ଗୋଷ୍ଠୀର ସମାଲୋଚକ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ଦ୍ୱାରା ପ୍ରଭାବିତ ହୋଇ ଏବଂ ବ୍ୟକ୍ତିଗତ ସୁବିଧା ହାସଲ ପାଇଁ ନ୍ୟାୟିକ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ଆସ୍ଥାକୁ ନଷ୍ଟ କରିଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ପତ୍ର ଲେଖିଥିବା ଅବସରପ୍ରାପ୍ତ ବିଚାରପତିଙ୍କ ମଧ୍ୟରେ ଦୀପକ ବର୍ମା, କ୍ରିଷ୍ଣା ମୁରାରୀ, ଦିନେଶ ମାହେଶ୍ୱରୀ, ଏମ୍.ଆର୍. ଶାହ ପ୍ରମୁଖ ରହିଛନ୍ତି। ଦୁର୍ନୀତି ମାମଲାରେ କେତେଜଣ ବିରୋଧୀ ଦଳ ନେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ନେଇ ଶାସକ ଭାଜପା ଏବଂ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିଥିବାବେଳେ ପୂର୍ବତନ ବିଚାରପତିମାନଙ୍କ ପତ୍ର ବେଶ୍ ଗୁରୁତ୍ୱ ବହନ କରେ। ସମାଲୋଚକମାନେ ଅଦାଲତ ଏବଂ ବିଚାରପତିମାନଙ୍କ ସାଧୁତାକୁ ଆକ୍ଷେପ କରି ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ କପଟତାପୂର୍ଣ୍ଣ ପଦ୍ଧତି ଆପଣାଉଛନ୍ତି। ସେମାନଙ୍କର ଏଭଳି କାର୍ଯ୍ୟ କେବଳ ଆମ ନ୍ୟାୟପାଳିକାର ପବିତ୍ରତାକୁ ଅସମ୍ମାନିତ କରୁନାହିଁ, ବରଂ ଆଇନର ସୁରକ୍ଷା ପାଇଁ ଶପଥ ନେଇଥିବା ବିଚାରପତିମାନଙ୍କ ସ୍ୱଚ୍ଛ ଓ ନିରପେକ୍ଷ ସିଦ୍ଧାନ୍ତ ପ୍ରତି ପ୍ରତ୍ୟକ୍ଷ ଚ୍ୟାଲେଞ୍ଜ ସୃଷ୍ଟି କରିଛି ବୋଲି ଅବସରପ୍ରାପ୍ତ ବିଚାରପତିମାନେ ପତ୍ରରେ ଉଲ୍ଲେଖ କରିଛନ୍ତି। ପ୍ରଭାବିତ ନେତା ଓ ସେମାନଙ୍କ ଦଳ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହେଉଥିବାବେଳେ, ଅଦାଲତଙ୍କ ନିଷ୍ପତ୍ତିକୁ ଅଭିଯୁକ୍ତମାନେ ଚୟନାତ୍ମକ ଭାବେ ବ୍ୟବହାର କରୁଥିବା ଭାଜପା ଅଭିଯୋଗ କରିଛି। ଅପରପକ୍ଷରେ ୨୧ ଅବସରପ୍ରାପ୍ତ ବିଚାରପତିଙ୍କ ପତ୍ରକୁ ନେଇ କଂଗ୍ରେସ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। ଗତ କିଛି ମାସ ହେଲା ନ୍ୟାୟପାଳିକା ନିଜର ପ୍ରଭାବ ଦେଖାଇଥିବାବେଳେ ଏହାକୁ ଡରାଇବା ଓ ଧମକାଇବା ପ୍ରଧାନମନ୍ତ୍ରୀଙ୍କ ସୁବ୍ୟବସ୍ଥିତ ପ୍ରଚାରର ☞ପୃଷ୍ଠା-୨

## ଶ୍ରେଣୀଗୃହରେ ଅଚେତ ହୋଇପଡ଼ିଲେ ୨ ଛାତ୍ରୀ

### ଜିଲାରେ ପୁଣି ବଦଳିଲା ସ୍କୁଲ ସମୟ

ଭଦ୍ରକ,୧୫।୪ (ସନାତନ ରାଉତ)

ଭଦ୍ରକ ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଅସହ୍ୟ ଗୁଳୁଗୁଳିରେ ସୋମବାର ଶ୍ରେଣୀଗୃହରେ ୨ ଛାତ୍ରୀ ଅଚେତ ହୋଇପଡ଼ିଥିଲେ। ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବନ୍ଧଗାଁ ହାଇସ୍କୁଲରେ ଏଭଳି ଘଟଣା ଘଟିଛି। ଏଣୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସ୍କୁଲର ସମୟ ପରିବର୍ତ୍ତନ କରାଯାଇଛି। ଜିଲାର ସମସ୍ତ ସରକାରୀ, ଘରୋଇ, ଅନୁଦାନପ୍ରାପ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ସକାଳ ୬ଟା ୩୦ରୁ ଖୋଲାଯାଇ ୯ଟା ୩୦ରେ ଛୁଟି ହେବ। ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମସ୍ତ ସ୍କୁଲକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉ କି, ଗତ ୬ ତାରିଖରେ ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବା ନେଇ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ସ୍କୁଲ ଓ ଛାତ୍ରାବାସରେ ନିରାପଦ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ ଓ ଅନ୍ୟାନ୍ୟ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ସ୍କୁଲର ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଓଭରବ୍ରିଜ୍‌ରୁ ଖସିଲା ବସ୍, ୫ ମୃତ



## ୪୦ରୁ ଊର୍ଦ୍ଧ୍ୱ ଆହତ

ଯାଜପୁର/କାଏମା/ ରସୁଲପୁର (ହର୍ଷବର୍ଦ୍ଧନ ବେହେରା/ ଶିବପ୍ରସାଦ ମହାନ୍ତି/ରଞ୍ଜିତ ରାଉତ), ୧୫।୪

ଯାଜପୁର ଜିଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀ ନିକଟ ଓଭରବ୍ରିଜ୍‌ରୁ ‘କାଳିଆନନା’ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ (ଓଡି୦୨-ବିଜେ-୮୫୯୯) ସୋମବାର ରାତି ପ୍ରାୟ ୮ଟା ୪୦ ମିନିଟରେ ତଳକୁ ଖସି ପଡ଼ିଛି। ଶୀତତାପ ନିୟନ୍ତ୍ରିତ ସ୍ଲିପର ବସ୍‌ଟି ପୁରୀରୁ ପଶ୍ଚିମବଙ୍ଗର ହଳଦିଆ ଯାଉଥିଲା ବୋଲି ଜଣାପଡ଼ିଛି। ଏଥିରେ ଥିବା ପ୍ରାୟ ୫୦ ଯାତ୍ରୀଙ୍କ ମଧ୍ୟରୁ ୪୦ ଜଣ ଆହତ ହୋଇଥିବାବେଳେ ୧୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଜଣେ ମହିଳାଙ୍କ ସମେତ ୫ଜଣ ଯାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଖବର ଲେଖାହେବା ପର୍ଯ୍ୟନ୍ତ କେତେଜଣ ବସ୍ ତଳେ ଚାପି ହୋଇରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଉଦ୍ଧାର କାର୍ଯ୍ୟରେ ୧୬ଟି ଆମ୍ବୁଲାନ୍ସ ଏବଂ କ୍ରେନ୍ ନିୟୋଜିତ କରାଯାଇଛି। ୩୦ ଆହତ ଯାତ୍ରୀଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ୧୩ ଗୁରୁତରଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଧର୍ମଶାଳା ଓ କୁଆଖିଆ ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଘଟଣାସ୍ଥଳରେ ଯାଜପୁର ଏସ୍‌ପି, ଏସ୍‌ଡିପିଓ ପ୍ରମୁଖ ଉପସ୍ଥିତ ରହିଛନ୍ତି।

# ୨୦୦ କୋଟିର ସମ୍ପତ୍ତି ଦାନ କରି ସନ୍ନ୍ୟାସୀ ହେଲେ ଦମ୍ପତି

ସୁରଟ, ୧୫।୪



ଗୁଜରାଟର ଜଣେ ବ୍ୟବସାୟୀ ନିଜର ୨୦୦ କୋଟି ଟଙ୍କାର ସମ୍ପତ୍ତି ଦାନ କରି ସ୍ତ୍ରୀଙ୍କ ସହ ସନ୍ନ୍ୟାସୀ ହେବାକୁ ନିଷ୍ପତ୍ତି ନେଇଛନ୍ତି। ସାବରକାଣ୍ଠା ଜିଲାର ହିମ୍ମତ ନଗର ଅଞ୍ଚଳରୁ ଏହି ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। କୋଟିପତି ବ୍ୟବସାୟୀ ଭାବେଶ ଭଣ୍ଡାରୀ ଓ ତାଙ୍କ ସ୍ତ୍ରୀ ସମସ୍ତ ସାଂସାରିକ ମୋହ ତ୍ୟାଗ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଦମ୍ପତିଙ୍କ ସନ୍ନ୍ୟାସୀ ନେବା ପଛରେ ତାଙ୍କର ପୁଅ ଓ ଝିଅ ରହିଥିବା କୁହାଯାଉଛି। ୨ ବର୍ଷ ତଳେ ତାଙ୍କ ୧୯ ବର୍ଷର ଝିଅ ଓ ୧୬ ବର୍ଷର ପୁଅ ଜୈନଧର୍ମର ସନ୍ନ୍ୟାସୀ ଦୀକ୍ଷା ନେଇଥିଲେ। ପୁଅ ଓ ଝିଅ ଦୀକ୍ଷା ନେବା ପରେ ଏହି ଦମ୍ପତିଙ୍କର ସାଂସାରିକ ଜୀବନରୁ ମୋହ ଭଙ୍ଗ ଘଟିଛି। ସନ୍ନ୍ୟାସୀ ଭାବେ ସରଳ ଓ ସଂଯମତାର ନିଜର ପରବର୍ତ୍ତୀ ଜୀବନ ଅତିବାହିତ କରିବାକୁ ଉଭୟ ଭାବେଶ ଓ ତାଙ୍କ ସ୍ତ୍ରୀ ଜିନଲ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୨ରେ ଭାବେଶ ନିଜ ସ୍ତ୍ରୀଙ୍କ ସହ ଅହମଦାବାଦ ରିଭରଫ୍ରଣ୍ଟଠାରେ ଜୈନଧର୍ମର ଦୀକ୍ଷା ନେବେ। ଦୀକ୍ଷା ନେବା ପରେ ଉଭୟ ସମ୍ପୂର୍ଣ୍ଣ ଭାବେ ପାରିବାରିକ ସମ୍ପର୍କରୁ ମୁକ୍ତ ହେବେ ବୋଲି ଭାବେଶ ସୂଚନା ଦେଇଛନ୍ତି। ସେହିପରି ଏହି ଦମ୍ପତି ନିଜ ସହ କୌଣସି ବିଳାସପୂର୍ଣ୍ଣ ସାମଗ୍ରୀ ରଖିପାରିବେ ନାହିଁ। ସବୁବେଳେ ଖାଲିପାଦରେ ଚାଲିବା ସହ କେବଳ ଭିକ୍ଷାବୃତ୍ତି କରି ଉଭୟେ ନିଜର ଗୁଜରାଣ ମେଣ୍ଟାଇବେ। ସନ୍ନ୍ୟାସୀ ଦୀକ୍ଷା ନେବା ପରେ ସେମାନଙ୍କୁ ଧଳାବସ୍ତ୍ର ପରିଧାନ କରି ଅହିଂସା ମାର୍ଗ ଆପଣାଇବାକୁ ପଡ଼ିବ ବୋଲି ଭାବେଶ ସୂଚନା ଦେଇଛନ୍ତି। ସୋମବାର ଏହି ଭଣ୍ଡାରୀ ଦମ୍ପତି ହିମ୍ମତ ନଗର ଠାରୁ ୪ କିଲୋମିଟର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇ ନିଜର ସମସ୍ତ ବିଳାସପୂର୍ଣ୍ଣ ସାମଗ୍ରୀକୁ ଦାନ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ଅନୁରୂପ ଭାବେ ଗୁଜରାଟର ☞ପୃଷ୍ଠା-୨

# ୬ ବର୍ଷ ପାଇଁ ସୁର କଂଗ୍ରେସରୁ ବିଦା

ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର)



ସୁରେଶ କୁମାର ରାଉତରାୟ

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ (ସୁର)ଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରିଛି। ବିଶୃଙ୍ଖଳିତ କାର୍ଯ୍ୟକ୍ରମ ଏବଂ ଦଳ ବିରୋଧୀ କାର୍ଯ୍ୟ ସକାଶେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏଆଇସିସି ସାଧାରଣ ସମ୍ପାଦକ କେ.ସି. ଭେଣୁଗୋପାଳଙ୍କ ଦସ୍ତଖତ ସମ୍ବଳିତ ୩ ଧାଡ଼ିଆ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ପୂର୍ବରୁ ସୁରଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ଏବଂ ଏଆଇସିସି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା।

ନିକଟରେ ସୁରଙ୍କ ସାନ ପୁଅ ମନ୍ମଥ ରାଉତରାୟ ବିଜେଡିରେ ଯୋଗଦେଇଥିଲେ। ସେ ବିଜେଡିରେ ଯୋଗଦେବାର କିଛି ସମୟ ପରେ ବିଜେଡି ତାଙ୍କୁ ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ କରିଛି। ଏହାପରଠାରୁ ସୁର ବିଭିନ୍ନ ପାର୍କ, ଚା’ ଖଟିଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ମନ୍ମଥଙ୍କୁ ଭୋଟ୍ ଦେବାକୁ ପ୍ରଚାର କରୁଥିବାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବୁଲୁଥିବାର ଦେଖିବାକୁ ମିଳିଥିଲା। କଂଗ୍ରେସ ଏହାକୁ ନେଇ ସୁରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସତ୍ତ୍ୱେ ସେ ତାଙ୍କ ପୁଅ ପାଇଁ ପ୍ରଚାର କରିବେ ବୋଲି ଖୋଲାଖୋଲି କହିଥିଲେ। ଏଥିସହିତ ସେ ଦଳର ବିଭିନ୍ନ ପଦ ପଦବୀରୁ ମଧ୍ୟ ଇସ୍ତଫା ଦେଇଦେଇଥିଲେ। ମନ୍ମଥଙ୍କ ପାଇଁ ସେ ବାରମ୍ବାର ପ୍ରଚାର କରୁଥିବା ସତ୍ତ୍ୱେ ସେ କିଛି ଦଳ ବିରୋଧୀ କାର୍ଯ୍ୟକ୍ରମ କରୁନାହାନ୍ତି ବୋଲି ଯୁକ୍ତି ବାଢ଼ିଥିଲେ। ତେଣୁ ତାଙ୍କ ବିରୋଧରେ ଦଳ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ଏନେଇ ସୁର କହିଛନ୍ତି, ସେ ତାଙ୍କ ପୁଅ ପାଇଁ ପ୍ରଚାର କରିନାହାନ୍ତି। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା, ସ୍ଥାନ: ରଥଖଳା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ଲାବଣ୍ୟ ନାଟ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ୪୬ତମ ବୈଶାଖୀ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ
- ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଟିଗିରିଆ ବ୍ଲକ କଂଗ୍ରେସ ତରଫରୁ ଖବରଦାତା ସମ୍ମିଳନୀ, ସ୍ଥାନ : ନିଜିଗଡ଼, ଟିଗିରିଆ, ସମୟ: ସକାଳ ୯ଟା।
- ଏସ୍‌ସିବି ମେଡିକାଲ କଲେଜ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଏସ୍‌ସିବି ରକ୍ତଭଣ୍ଡାର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ମାହେଶ୍ୱରୀଙ୍କ ରୁକୁଣା ରଥଯାତ୍ରା ମହୋତ୍ସବ, ସ୍ଥାନ: ଜଗନ୍ନାଥ ରୋଡ୍, ସନ୍‌ସାଇନ୍ ପଡ଼ିଆ, ସମୟ: ଅପରାହ୍ନ ୫ଟା।

## ପୁରୀ
- ମା' ବନଦୁର୍ଗାଙ୍କ ୬ ଦିନିଆ ପୂଜାଉତ୍ସବର ୪ର୍ଥ ଦିବସ, ସ୍ଥାନ: ବନଦୁର୍ଗା ଶକ୍ତିପୀଠ, ନାଗବସ୍ତ ଗ୍ରାମ, ନିମାପଡ଼ା, ସମୟ: ପ୍ରାତଃ ୫ଟା, ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୭ଟା।
- ରାମଚରିତମାନସ ନବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ତୃତୀୟ ଦିବସ, ସ୍ଥାନ: ମହାବୀରଙ୍କ ପୀଠ, ପୁରୁଣା ବସ୍‌ଷ୍ଟାଣ୍ଡ, ଗଡ଼ଅଣ୍ଡିଆ, ନିମାପଡ଼ା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ମଧୁଗଣେଶ ପୂଜାର ୫ମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଣ୍ଡାଇଲୋ ଗ୍ରାମ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ୧୦୮ ହନୁମାନ ଚାଳିଶା ପାଠ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୭ଟା।
- ଅଗ୍ନିଶମ ବିଭାଗ ପକ୍ଷରୁ ଡେମୋ ପ୍ରଦର୍ଶନ, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ମଙ୍ଗଳପୁର, ତିହିଡ଼ି, ସମୟ: ସକାଳ ୮ଟା।
- ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ ଲୋକକଳା ଓ ପାଲା ମହୋତ୍ସବ ପାଇଁ କଳାକାରଙ୍କ ଶୋଭାଯାତ୍ରା, ସ୍ଥାନ: ନୀଳମଣି ଟାଉନହଲ୍, ବାସୁଦେବପୁର, ସମୟ: ସକାଳ ୯ଟା।
- ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିରରେ ଯଜ୍ଞ, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗୀତ ସାଧକ ବନମାଳୀ ସ୍ମୃତି ଭଜନ ସମାରୋହ, ସ୍ଥାନ: ରାମ ମନ୍ଦିର, ତିହିଡ଼ି, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଆଙ୍କୁଡ଼େଶ୍ୱରୀ ମନ୍ଦିରରେ ସଙ୍ଗୀତ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ମା' ଭୈରବୀଙ୍କ ପୀଠରେ ମହାନବମୀ ପୂଜା, ସ୍ଥାନ: ମଧୁବନ ବାରିପଦା, ସମୟ: ସକାଳ ୮ଟା।
- ମା' ବାସନ୍ତୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ବଡ଼ସାହି ବ୍ଲକ ଅଧୀନ ପତରାପଦା ଓ ବାଲିଯୋଡା, ସମୟ: ସକାଳ ୮ଟା।
- ଆମେ ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୮ଟା।
- ଦେବୀ ବାସନ୍ତୀଙ୍କ ଅଶୋକାଷ୍ଟମୀ ପୂଜା, ସ୍ଥାନ: ଉଦଳା ମୁଖ୍ୟ ବଜାରସ୍ଥିତ ବାସନ୍ତୀ ମଣ୍ଡପ, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଅନ୍ନପୂର୍ଣ୍ଣା ଆଇଟିଆଇ କଲେଜ ନୂଆସାହି, କପ୍ତିପଦା,ସମୟ:ସକାଳ ୮ଟା।
- ମା' ବାସନ୍ତୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ବାଘଡା ରୋଡ୍, ବାରିପଦା, ସମୟ: ସକାଳ ୮ଟା।
- ବଳାଙ୍ଗୀ ମହୋତ୍ସବରେ ସିନିଅର ଗ୍ରୁପର ନୃତ୍ୟ ପ୍ରତିଯୋଗିତା,ସ୍ଥାନ: ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀର ସଙ୍ଗମ ପୀଠ ବାଲୁକା ଶଯ୍ୟା, ବାରିପଦା, ସମୟ: ସନ୍ଧ୍ୟା ୬ଟା।
- ଚଇତି ପରବ-୨୦୨୪ର ସୁରତାଲ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ମାଣିଦା, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଭାଜପା ଗୃହ ସମ୍ପର୍କ ଅଭିଯାନ, ସ୍ଥାନ: କଳିଙ୍ଗା, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ଛେନାପଦି ବିଶ୍ୱ ତାରିଣୀ ମନ୍ଦିର, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଭାଜପା କର୍ମୀ ବୈଠକ, ସ୍ଥାନ: ସମଣା, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ: ଶଢା, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଅନନ୍ତ ଗୋପାଳ ମଠରେ ନାମ ସଂକୀର୍ତ୍ତନ ଓ ନଗର ପରିକ୍ରମା, ସ୍ଥାନ: ହରିଡ଼ାପାଳ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସାଇଁକୁଳ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ, ସ୍ଥାନ: ପଣ୍ଡୁଆ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ମା' ବିଶ୍ୱ ତାରିଣୀ ପୀଠରେ ଭଜନ ସନ୍ଧ୍ୟା, ସ୍ଥାନ: ମଛାଳ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।
- ରାମ ନବମୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ବେଲବାହାଳି, ଆନନ୍ଦପୁର, ସମୟ: ସନ୍ଧ୍ୟା ୭ ଟା।

## ବ୍ରହ୍ମପୁର
- କୁଠାରୀ ପୀଠରେ ମୁଣ୍ଡନ ଯାତ୍ରା, ସ୍ଥାନ: ବିନ୍ଧ୍ୟଗିରି ଗ୍ରାମ, ସମୟ: ସକାଳ ୬ଟା।
- ଭାଜପା ବିଧାନସଭା ପ୍ରାର୍ଥୀଙ୍କ ଜନ ସମ୍ପର୍କ, ସ୍ଥାନ: ବିନାୟକ ଆଚାର୍ଯ୍ୟ ଖେଳପଡିଆ, ସମୟ:ସକାଳ ୭ଟା।
- ବାୟୋଟେକ୍ନୋଲୋଜି ବିଭାଗ ପକ୍ଷରୁ ସମ୍ମିଳନୀ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ବିଜେଡିର ପ୍ରସ୍ତୁତି ବୈଠକ, ସ୍ଥାନ: ଭାବାନଗର, ସମୟ: ଅପରାହ୍ନ ୩ଟା ୩୦।

## ଗଞ୍ଜାମ
- ଅନ୍ନଯଜ୍ଞ, ନାମଯଜ୍ଞ, ସ୍ଥାନ:ରାମଚନ୍ଦ୍ରପୁର, ନୂତନ ଗୁରୁଣ୍ଡି ଗ୍ରାମ, ଖଲ୍ଲିକୋଟ, ସମୟ:ମଙ୍ଗଳବାର ପ୍ରାତଃ ସମୟରୁ ବୁଧବାର ସନ୍ଧ୍ୟା ଯାଏ।
- ପଦାର୍ଥ ବିଜ୍ଞାନ ବିଭାଗର ସଭା, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ
- ସୁନ୍ଦରାକାଣ୍ଡ, ଶ୍ରୀରାମଚରିତ ମାନସ ସହ ପ୍ରବଚନ, ସ୍ଥାନ: ଦାମନଯୋଡ଼ି ନାଲକୋ ଟାଉନସିପସ୍ଥିତ ମାରୁତି ମଣ୍ଡପ, ସମୟ: ସକାଳ ୯ଟାରୁ ରାତି ୧୦ଟା।
- ଅଶୋକାଷ୍ଟମୀ ଉତ୍ସବ, ସ୍ଥାନ: ଦାମନଯୋଡ଼ି ନାଲକୋ ଟାଉନସିପ୍‌ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଠାକୁରାଣୀ ଯାତ୍ରା ଉଦ୍‌ଯାପନ, ସ୍ଥାନ: ଦାମନଯୋଡ଼ି ମାଇନ୍ସ ରୋଡ୍‌ସ୍ଥିତ ପୁଟ୍ରାଘାଟି, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ଜିଲା ସମ୍ମିଳନୀ, ସ୍ଥାନ: କୋରାପୁଟ ଆର୍‌ଟିଓ ଅଫିସ ସମ୍ମୁଖ ହୋଟେଲ, ସମୟ: ପୂର୍ବାହ୍ନ ୧୧ଟା।
- ମା' ବାଟମଙ୍ଗଳାଙ୍କ ଘଟଯାତ୍ରା ସାହି ପରିକ୍ରମା, ସ୍ଥାନ: କୋରାପୁଟ ଅମଲା କୁଟୀର, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ନବରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ୱଳନ, ସ୍ଥାନ: ସମଲେଇ ମନ୍ଦିର ଦୀପ ଘର, ସମୟ: ସକାଳ ୯ଟା।
- ବାସନ୍ତିକ ନବରାତ୍ର ପୂଜା, ସ୍ଥାନ: ବହିଦାର ନୁଆପାଲିସ୍ଥିତ କାମାକ୍ଷାଦେବୀ ମନ୍ଦିର, ସମୟ: ସକାଳ ୯ଟା।
- ବାସନ୍ତିକ ନବରାତ୍ର ପୂଜା, ସ୍ଥାନ: ଭୁତାପଡାସ୍ଥିତ ମା' ମଙ୍ଗଳା ମନ୍ଦିର, ସମୟ: ସକାଳ ୯ଟା।
- ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ସମ୍ବଲପୁର-୨, ସମୟ: ସକାଳ ୯ଟା ୩୦।
- ଆଞ୍ଚଳିକ ରାମଲୀଳା ମହୋତ୍ସବ, ସ୍ଥାନ: କୁସୁମୀ ଗ୍ରାମ, ସମୟ: ରାତି ୧୦ଟା।

## ବଲାଙ୍ଗୀର
- ଷୋହଳ ପ୍ରହର ନାମ ଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ଖପ୍ରାଖୋଲ ବ୍ଲକ ବୁଢିବାହାଲ, ସମୟ: ଅପରାହ୍ନ ୩ଟା।
- ଚବିଶି ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ:ଖପ୍ରାଖୋଲ ବ୍ଲକ ମାଲପଡା, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର
- ନବରାତ୍ରିର ଅଷ୍ଟମ ଦିବସ, ସ୍ଥାନ: ଦୁର୍ଗା ମନ୍ଦିର, ବୀରମହାରାଜପୁର, ସମୟ: ସକାଳ ୯ଟା ୩୦।
- ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: ଅମରପାଲି,ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା।
- ସଂକୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଶୃଙ୍ଗଦର, ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା।
- ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ତେଲିପାଲି,ବୀରମହାରାଜପୁର, ସମୟ: ରାତି ୯ଟା।

## ରାଉରକେଲା
- ବାଟ ମଙ୍ଗଳାଙ୍କ ମହାଅଷ୍ଟମୀ ପୂଜା, ସ୍ଥାନ: ଜଗଦା, ସମୟ: ସକାଳ ୯ଟା।
- ବାସନ୍ତୀପୂଜାର ମହାଅଷ୍ଟମୀ ପୂଜା, ସ୍ଥାନ: ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ନିସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ରାଜ୍ୟ ଅଗ୍ନିଶମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ବାସନ୍ତୀକ ପୂଜାର ନବଦିନାତ୍ମକ ମହୋତ୍ସବ, ସ୍ଥାନ: ମା' ଶ୍ୟାମାକାଳୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ବାସନ୍ତୀକ ନବଦିନାତ୍ମକ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼, ସମୟ: ସକାଳ ୭ଟା।
- ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ: ସମଲେଶ୍ୱରୀ ଦେବୀପୀଠ, ଗୁଡ଼େଶିରା, ସମୟ: ସକାଳ ୭ଟା।
- ବାଟମଙ୍ଗଳାଙ୍କ ବାସନ୍ତୀକ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ, ସ୍ଥାନ: ଡିଆରଡିଏ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ, କଳସ ଯାତ୍ରା, ସ୍ଥାନ: ରିଆମାଳ ବ୍ଲକ, ତାବଡ଼ା, ସମୟ: ସକାଳ ୭ଟା ୩୦।
- ନବରାତ୍ର, ବାସନ୍ତିକ ଦୁର୍ଗା ପୂଜା ଅଷ୍ଟମ ଦିବସ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ଦକ୍ଷିଣ କାଳି ମନ୍ଦିର, ଶନି ମନ୍ଦିର, ପ୍ରଧାନ ପାଟେଶ୍ୱରି ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ନବରାତ୍ର, ବାସନ୍ତିକ ଦୁର୍ଗା ପୂଜା ଅବସରରେ ଅନ୍ନ ପ୍ରସାଦ ବଣ୍ଟନ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ଅପରାହ୍ନ ୧ଟା।
- ନବରାତ୍ର, ବାସନ୍ତିକ ଦୁର୍ଗା ପୂଜା ଅବସରରେ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ବାବା ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଶ୍ରୀରାମ ନବମୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପରାୟଣ ପ୍ରବଚନ ଓ କଳସଯାତ୍ରା, ସ୍ଥାନ: କେସିଙ୍ଗା ସହର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ୪ତମ ୧୫ଦିନ ବ୍ୟାପୀ ରାମ ନବମ, କଳସ ଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ଘୋଡାବହାଲ, ସମୟ: ଅପରାହ୍ନ ୪ଟା।
- ଗୁଡହାଣ୍ଡି ଡୋକରୀଚଞ୍ଚରା ମହୋତ୍ସବ ପାଇଁ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋକସରା ବ୍ଲକ ଡୋକରୀଚଞ୍ଚରା ମଧୁ ମାଧବ ତୀର୍ଥରେ, ସମୟ: ଅପରାହ୍ନ ୪ଟା।
- ମା' ଠାକୁରାଣୀଙ୍କ ଘଣ୍ଟ ଯାତ୍ରା ଉଦ୍‌ଯାପନୀ, ସ୍ଥାନ କୋକସରା ଠାକୁରାଣୀ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା
- ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସଦଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

## ବୌଦ୍ଧ
- ଖୁଣ୍ଟିଗୋରା ପଞ୍ଚାୟତର ମଶିଣାଗୋରାରେ ହନୁମାନ ଜୟନ୍ତୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମଶିଣାଗୋରା କୁଞ୍ଜମଣ୍ଡପ, କନ୍ଧମାଳ, ସମୟ: ସକାଳ ୬ ଟା।
- ଘଣ୍ଟାପଡାସ୍ଥିତ କଲୋନୀପଡାରେ ଷୋହଳ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: କଲୋନୀପଡା ଗ୍ରାମ୍ୟମଣ୍ଡପ,କନ୍ଧମାଳ , ସମୟ: ଅହୋରାତ୍ର।
- ବାଉଁଶୁଣୀ ଛକଠାରେ ଶ୍ରୀରାମଲୀଳା ମହୋତ୍ସବ ଉପଲକ୍ଷେ ନାମ ସଂକୀର୍ତ୍ତନ, ସ୍ଥାନ: ବାଉଁଶୁଣୀ ଛକ, ବୌଦ୍ଧ, ସମୟ: ସକାଳ ୭ଟା।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରା ଅବସରରେ ଶାନ୍ତି କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ମହାନବମୀ ପୂଜା ଓ ପୂର୍ଣ୍ଣାହୁତୀ, ସ୍ଥାନ: କନକ ଦୁର୍ଗାଙ୍କ ମନ୍ଦିର ଜୁବୁଲି ଟାଉନ, ସମୟ: ରାତି ୮ଟା।

## ଅନୁଗୋଳ
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ମଙ୍ଗଳାଙ୍କ ଯାତ୍ରା ମହୋତ୍ସବ, ସ୍ଥାନ: ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମ, ସମୟ : ଅପରାହ୍ନ ୩ ଟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୦ ଟା।

## ଜଗତ୍‌ସିଂହପୁର
- ସିଆଇଏସ୍‌ଏଫ୍ ଅଗ୍ନିଶମ ବିଭାଗ ପକ୍ଷରୁ ଜାତୀୟ ଅଗ୍ନିଶମ ସପ୍ତାହ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଥାନା ଛକ, ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ ଓ ଶ୍ରୀରାମ ଜନ୍ମୋତ୍ସବ, ସ୍ଥାନ: ଅଳପୁଆ, କେନ୍ଦ୍ରାପଡ଼ା, ସମୟ : ସକାଳ ୮ଟା।
- କଳି କଲୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ବିଲବକରାମପୁର, ମାର୍ଶାଘାଇ, ସମୟ: ସକାଳ ୮ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ: ଅରଡପଲ୍ଲୀ ଓ ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ଝାମୁ ଯାତ୍ରା, ସ୍ଥାନ: ରାମଚଣ୍ଡୀ ମନ୍ଦିର, ରାମନଗର, ମହାକାଳପଡା, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ନୃତ୍ୟ ପ୍ରତିଯୋଗିତା, ସଖୀବଟ, ମାର୍ଶାଘାଇ, ସମୟ: ଅପରାହ୍ନ ୫ଟା।
- ପଞ୍ଚମୁଖୀ ହନୁମାନ ପୂଜା କମିଟି ପକ୍ଷରୁ ରାମଚରିତ ମାନସ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମହାବୀର କ୍ଲବ ପକ୍ଷରୁ ୧୬ତମ ଜିଲାସ୍ତରୀୟ ଲୋକ ଉତ୍ସବ ମହକ ୨୦୨୪, ସ୍ଥାନ: ଝାଡମାଳ, ରାଜକନିକା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ ଓ ନାମଯଜ୍ଞ, ସ୍ଥାନ: ମହାବୀର ଆଶ୍ରମ, ଗରାପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତମାନଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ବ୍ଲକ ଜାଫରପୁର ପଞ୍ଚାୟତର ଜଳହରା କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼
- ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: ଖଣ୍ଡପଡା ବ୍ଲକର ଜଗନ୍ନାଥ ପ୍ରସାଦ, ସମୟ: ସକାଳ ୭ଟା।
- ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସ ମ୍ୟାଚ, ସ୍ଥାନ: ନୂଆଗାଁ ବ୍ଲକ ନୂଆଗାଁ କଲେଜ ପଡିଆ, ସମୟ: ଅପରାହ୍ନ ୩ଟା।
- ପଣା ଯାତ୍ରାର ୩ୟ ଦିବସ, ସ୍ଥାନ: ନୟାଗଡ଼ ଦକ୍ଷିଣକାଳୀ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ାର ବ୍ଲକର ବଡବାଣପୁର, ସମୟ: ଅପରାହ୍ନ ୪ଟା।
- ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ଡିଏଭି ପବ୍ଲିକ ସ୍କୁଲ, ସମୟ: ସନ୍ଧ୍ୟା ୬ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଗାନ୍ଧୀ ମଇଦାନ ଦଶପଲ୍ଲା, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚତୁର୍ଥ କେନ୍ଦ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଆପଣ ଫଳପ୍ରଦ ଯାତ୍ରା ସାଙ୍ଗକୁ ସାମୟିକ ପାରିବେଶିକ ଆନନ୍ଦ ଅନୁଭବ କରିବେ। କିନ୍ତୁ ନୀଚସ୍ଥ ବୁଧଙ୍କ ସ୍ଥିତି ଜନିତ ଭାଇ, ବନ୍ଧୁ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ମତାନ୍ତର କାରଣ ହୋଇପାରନ୍ତି। ମନରେ ଅସ୍ଥିରତାଜନିତ ଅନ୍ୟମାନଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ।

**ବୃଷ** ଭାଗ୍ୟ ସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟି ହେତୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିବେ। ଜମିଜମା କ୍ରୟକରିବା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହୋଇପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଚର୍ଚ୍ଚାଦିରେ କିମ୍ବା ପ୍ରତିଯୋଗିତାରେ ସଫଳତା ହାସଲ କରିପାରିବେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମିଥୁନ** ଲାଭାଧିପ ଭାଗ୍ୟାଧିପତି ଯୁକ୍ତ କାରଣରୁ ପଦସ୍ଥ ବ୍ୟକ୍ତିଙ୍କ ଛତ୍ରଛାୟାରେ ଅସମ୍ଭବକୁ ସମ୍ଭବ କରିପାରିବେ। ମତାନ୍ତର ହେତୁ ବନ୍ଧୁ ସମ୍ପର୍କରେ ବାଧା ଉପୁଜିପାରେ। ପୂର୍ବରୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବ।

**କର୍କଟ** ଆପଣଙ୍କ ଭାବପ୍ରବଣ ରାଶିରେ ଚନ୍ଦ୍ରଙ୍କ ସ୍ଥିତି ହେତୁ ଅତୀତର କେତେକ ବିଫଳତାକୁ ଚିନ୍ତାକରି ମନ ଅସ୍ଥିର ରହିବ। ଶିଳ୍ପ, ସାମ୍ବାଦିକତା, ପରିବହନ, ବାଣିଜ୍ୟ ଓ ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ। ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ସମାଲୋଚନା କରିପାରନ୍ତି।

**ସିଂହ** ଶନି ଦୃଷ୍ଟିରେ ରବି ଯୋଗୁ କୌଣସି କାମ ନ ଅଟକିଲେ ମଧ୍ୟ ସବୁ କିଛି ବିଭିନ୍ନ ସମସ୍ୟା ମଧ୍ୟରେ ହିଁ ସମାହିତ ହେବ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଆଗାମୀ ସାଂସ୍କୃତିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ବନ୍ଧୁମାନଙ୍କ ସହ ଦେବଦର୍ଶନ ଓ ଭ୍ରମଣଜନିତ ଅଧିକାଂଶ ସମୟ କଟାଇବେ।

**କନ୍ୟା** ଏକାଦଶସ୍ଥ ଚନ୍ଦ୍ରଙ୍କ ଯୋଗୁ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। ବ୍ୟବସାୟ, ଯାତ୍ରା, କଳା, ସାହିତ୍ୟ ଓ ଆନୁଷ୍ଠାନିକ କାମରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** କର୍ମକ୍ଷେତ୍ରସ୍ଥ ଚନ୍ଦ୍ର ପାପଗ୍ରହ ରାହୁଙ୍କ ଦୃଷ୍ଟିରେ ଥିବାରୁ ବନ୍ଧୁମାନଙ୍କ ବେଖାତିର କାମରେ କ୍ଷୁବ୍ଧ ହେବେ। ଖଳ ଲୋକଙ୍କ ପ୍ରାୟୋଜିତ କାର୍ଯ୍ୟାବଳୀ ମାଧ୍ୟମରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟହାନି ସୂଚନା ରହିଛି। ଚିତ୍ରା ନକ୍ଷତ୍ର ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ରାଶ୍ୟାଧିପତି ପ୍ରଭାବଗ୍ରସ୍ତ ହେତୁ ପରିବେଶ ଓ ପରିସ୍ଥିତି ପ୍ରତି ସଜାଗ ନ ରହିଲେ ଅସୁବିଧା ଭୋଗିବେ। ବିଶାଖା ନକ୍ଷତ୍ର କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଆବଶ୍ୟକତା ପୂରଣ ସକାଶେ ବନ୍ଧୁଙ୍କ ହାତକୁ ଚାହିଁ ବସିପାରନ୍ତି ।

**ଧନୁ** ଶନି ଦୃଷ୍ଟ ଗୁରୁ ହେତୁ ସମସ୍ୟାର ସରଳ ସମାଧାନ କଲେ ମଧ୍ୟ ଟେନ୍‌ସନ ମଧ୍ୟରେ ଚଳିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ପ୍ରେରଣାରେ କେତେକ ନୂତନ କାମର ପରିକଳ୍ପନା କରିପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରିନେବାରେ ପଡ଼ୋଶୀ ସାହାଯ୍ୟ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ମକର** ଶନିଙ୍କ ପ୍ରଭାବରୁ ବିଳମ୍ବିତ ସମୟରେ କାମ ହେବା ଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅର୍ଥ ଓ ସମ୍ମାନ ଲାଭ କରିବାରେ ସଫଳ ହେବେ। ଉଚ୍ଚ ବର୍ଗର ବ୍ୟକ୍ତିବିଶେଷଙ୍କଠାରୁ ଶ୍ରଦ୍ଧା ଓ ଗଠନମୂଳକ ପରାମର୍ଶ ପାଇ ଖୁସି ରହିବେ। ନିଜେ ରହୁଥିବା ପରିସରରେ ପଡ଼ୋଶୀଙ୍କ ବ୍ୟବହାର ଅସହ୍ୟ ହୋଇପାରେ।

**କୁମ୍ଭ** ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ଷଷ୍ଠସ୍ଥ ଚନ୍ଦ୍ରଙ୍କ କୁପ୍ରଭାବରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପିଲାଙ୍କ ସମସ୍ୟାକୁ ନେଇ ବିବ୍ରତ ହୋଇପାରନ୍ତି। ଜମିଜମା, କଳକାରଖାନା, ପରିବହନରେ ସମସ୍ୟା ଜଟିଳ ହୋଇପାରେ। ଚିନ୍ତା କରିଥିବା ଯୋଜନା ବିଗିଡ଼ିଯିବା କାରଣରୁ ମନ ଭଲ ରହିବ ନାହିଁ।

**ମୀନ** ଶୁକ୍ର ଓ ବୃହସ୍ପତିଙ୍କ ପ୍ରଭାବରେ ଧୀରେ ଧୀରେ ସମସ୍ୟା ସୁଧୁରିଯିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ସହ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟରେ ଆସିବେ। ପୂର୍ବଭାଦ୍ରପଦର ପରିବାରରେ ଛୋଟ କଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ। ଅଭାବ ନ ଥିଲେ ମଧ୍ୟ ମନରେ ଶାନ୍ତି ପାଇବା କଷ୍ଟକର ହୋଇପଡ଼ିବ।

ଆଜି ଏପ୍ରିଲ ୧୬ ତାରିଖ, ଚୈତ୍ର ଶୁକ୍ଳପକ୍ଷର ଅଶୋକାଷ୍ଟମୀ ମଙ୍ଗଳବାର, ଅଶୋକ କଳିକା ପ୍ରାଶନ, ଶ୍ରୀଲିଙ୍ଗରାଜ ଦେବଙ୍କ ରୁକୁଣା ରଥଯାତ୍ରା, ଭବାନ୍ୟୁତ୍ପତ୍ତି, ପୀଠେ ମହାନବମୀ, ଏକାହପୂଜା, ଚୈତ୍ର ମଙ୍ଗଳବାର ଓଷା, ମଣ୍ଡଳ ପୂଜା ବା ଫଳୁଆ, ମୃଣ୍ମୟୀ ଦେବୀଙ୍କ ମହାଷ୍ଟମୀ ପୂଜା। ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ଅଷ୍ଟମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୮।୩୯ ଗତେ, ଘ. ୧୦।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ମ. ଗତେ, ଘ.୦୪।୨୭ ମଧ୍ୟେ ରାହୁକାଳ।

**ପ୍ରଥମ ପୃଷ୍ଠାରୁ...**

### ୨୦୦ କୋଟିର...

ଜଣେ କୋଟିପତି ହୀରା ବ୍ୟବସାୟୀ ନିଜ ସ୍ତ୍ରୀଙ୍କ ସହ ସନ୍ନ୍ୟାସ ଗ୍ରହଣ କରିଥିଲେ। ସେହିପରି ୨୦୧୭ରେ ମଧ୍ୟପ୍ରଦେଶର ଏକ ଧନୀ ଦମ୍ପତି ନିଜ ୧୦୦ କୋଟି ଟଙ୍କାର ସମ୍ପତ୍ତି ଦାନ କରିବା ସହ ୩ ବର୍ଷର ଝିଅ ସହ ସନ୍ନ୍ୟାସ ଗ୍ରହଣ କରିଥିଲେ।

### ନ୍ୟାୟପାଳିକାକୁ ଦୁର୍ବଳ...

ଅଂଶବିଶେଷ ବୋଲି କଂଗ୍ରେସ ଅଭିଯୋଗ କରିଛି। ନ୍ୟାୟପାଳିକାର ସ୍ୱାଧୀନତା ପ୍ରତି ସବୁଠୁ ବଡ଼ ବିପଦ ଭାଜପାରୁ ଆସିଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

### ଗରମରେ ସିଝୁଛି...

ସେହିଭଳି ମାଲକାନଗିରି ୪୧.୧ ଡିଗ୍ରୀ, ବୌଦ୍ଧ. ଟିଟିଲାଗଡ଼, ଝାରସୁଗୁଡ଼ା, ଜଗତ୍‌ସିଂହପୁର ଓ ପାରଳାଖେମୁଣ୍ଡିରେ ୪୧, କେନ୍ଦ୍ରାପଡ଼ା ୪୦.୭, ଖୋର୍ଦ୍ଧା ଓ ନୟାଗଡ଼ରେ ୪୦.୫, ଭବାନୀପାଟଣା, ଯାଜପୁର, ବାଲେଶ୍ୱର, ଭଦ୍ରକ ଓ ବଲାଙ୍ଗୀରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ମଙ୍ଗଳବାର କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, କଟକ, ଯାଜପୁର, ଭଦ୍ରକ, ଖୋର୍ଦ୍ଧା, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ, କୋରାପୁଟ, ମାଲକାନଗିରି ଓ କନ୍ଧମାଳ ଜିଲାକୁ ଗ୍ରୀଷ୍ମପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ପୁରୀ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ପ୍ରବଳ ଗୁଳୁଗୁଳି ସହ ପାଣିପାଗ ଉଷ୍ମ ରହିବ ବୋଲି ସତର୍କ କରାଯାଇଛି।

ରାଜ୍ୟକୁ ବର୍ତ୍ତମାନ ବାୟୁମଣ୍ଡଳର ନିମ୍ନଭାଗରେ ପଶ୍ଚିମ ତଥା ଉତ୍ତରପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରିବା ସହିତ ସୂର୍ଯ୍ୟ କିରଣର ତୀବ୍ରତା ବୃଦ୍ଧି ପାଉଛି। ଫଳରେ ଆଗାମୀ ୪ରୁ ୫ ଦିନ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ଦିନ ତାପମାତ୍ରା ୪ରୁ ୬ ଡିଗ୍ରୀ ଯାଏ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୧୭ରୁ ୨୦ ତାରିଖ ମଧ୍ୟରେ କିଛି ଜିଲାରେ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ଛୁଇଁବ। ଏହି ପାଣିପାଗ ସ୍ଥିତିକୁ ଲକ୍ଷ୍ୟ କରି ଆଗାମୀ ୫ ଦିନ ଯାଏ ଗ୍ରୀଷ୍ମପ୍ରବାହ ପାଇଁ ଚେତାବନୀ ଜାରି କରିଛି ପାଣିପାଗ କେନ୍ଦ୍ର। ବିଶେଷକରି ବଲାଙ୍ଗୀର, ଟିଟିଲାଗଡ଼, ବୌଦ୍ଧରେ ସବୁଠୁ ଅଧିକ ତାପମାତ୍ରା ଅନୁଭୂତ ହେବ। ସବୁଠି ଗ୍ରୀଷ୍ମ ପ୍ରବାହ ବଢ଼ିବା ଫଳରେ ଏହା ଶରୀର ପାଇଁ ଘାତକ ହେବ। ଖରା ସମୟରେ ନିର୍ବାଚନ ପ୍ରଚାର ଓ ରାଲିରୁ ଦୂରେଇ ରହିବାକୁ ଆଲର୍ଟ ଜାରି କରାଯାଇଛି। ସାଧାରଣ ଲୋକ, ଗର୍ଭବତୀ, ବୟସ୍କ ବ୍ୟକ୍ତି, ଛୋଟପିଲା, ରୋଗାକ୍ରାନ୍ତ ଲୋକ ଖରାର ପିକ୍ ସମୟ (ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା) ଯାଏ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଚାଷୀମାନେ ପନିପରିବା ସହ ଗୃହପାଳିତ ପଶୁମାନଙ୍କୁ ଥଣ୍ଡା ସ୍ଥାନରେ ରଖିବା ଆବଶ୍ୟକ। ଏହାସହ ପିକ୍ ସମୟରେ ଘରୁ ବାହାରିବାବେଳେ ଛତା ଜୋତା ଓ ପାଣି ବୋତଲ ପରି ଆବଶ୍ୟକ ସାମଗ୍ରୀ ସାଥିରେ ନେବାକୁ କୁହାଯାଇଛି। ସେହିପରି ଚାଷୀମାନଙ୍କୁ ଗଛରେ ପର୍ଯ୍ୟାପ୍ତ ପାଣି ଦେବାକୁ ପରାମର୍ଶ ଦିଆଯାଇଛି।

### ପ୍ରଚଣ୍ଡ ଖରା:...

ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ସମୟରେ ବାହାରେ କାର୍ଯ୍ୟକରିବା ଅସହ୍ୟ ହେବ। ଏହାକୁ ଦୃଷ୍ଟିରେ ରଖି ପୂର୍ବ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୧୭ରୁ ୨୦ ତାରିଖ ମଧ୍ୟରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନର ଦିନର ସର୍ବୋଚ୍ଚ ତାପମାତ୍ରା ୪୩ରୁ ୪୫ ଡିଗ୍ରୀ ମଧ୍ୟରେ ରହିବ। ସେହିପରି ଉପକୂଳବର୍ତ୍ତୀ ଜିଲାରେ ମଧ୍ୟ କେତେକ ସ୍ଥାନରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ।

ସୂଚନାଯୋଗ୍ୟ, ଗତ ମାସ ୨୬ରେ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ଭାରତର ବାର୍ କାଉନ୍‌ସିଲ ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ସମେତ ୬୦୦ ଖ୍ୟାତନାମା ଆଇନଜୀବୀ ସିଜେଆଇଙ୍କୁ ପତ୍ର ଲେଖି ନ୍ୟାୟପାଳିକା ପ୍ରତି ବିପଦ ଦେଖାଦେଇଥିବାର ଆଶଙ୍କା ବ୍ୟକ୍ତ କରିଥିଲେ। ଏକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ତୁଚ୍ଛ ବିତର୍କ ଏବଂ ମନ୍ଦ ରାଜନୈତିକ କାର୍ଯ୍ୟସୂଚୀ ଆଧାରରେ ନ୍ୟାୟପାଳିକା ଉପରେ ଚାପ ପକାଇବା ସହ ଅଦାଲତକୁ ବଦନାମ କରିବାକୁ ଉଦ୍ୟମ କରୁଥିବା ସେମାନେ ଅଭିଯୋଗ କରିଥିଲେ। ରାଜନୈତିକ ମାମଲା ବିଶେଷ କରି ଦୁର୍ନୀତିରେ ଅଭିଯୁକ୍ତ ବଡ଼ ରାଜନେତା ସମ୍ପୃକ୍ତ ଥିବା ମାମଲାଗୁଡ଼ିକରେ ସେମାନଙ୍କର ଚାପ କୌଶଳ ଅଧିକ ସ୍ପଷ୍ଟ। ଏହି କୌଶଳଗୁଡ଼ିକ ଆମ ଅଦାଲତ ବ୍ୟବସ୍ଥାକୁ ନଷ୍ଟ କରିବା ସହ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିଥିବା ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଥିଲା। ଗୋଟିଏ ଗୋଷ୍ଠୀ ଆଇନଜୀବୀଙ୍କ ନାଁ ନିଆଯାଇ ସେମାନଙ୍କୁ ଟାର୍ଗେଟ କରାଯାଇଥିଲା। ଉକ୍ତ ଆଇନଜୀବୀମାନେ ଦିନବେଳା ରାଜନେତାମାନଙ୍କ ସପକ୍ଷରେ ଯୁକ୍ତି ବାଢ଼ିବା ସହ ରାତିରେ ଗଣମାଧ୍ୟମ ଜରିଆରେ ବିଚାରପତିମାନଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ କରିଥାନ୍ତି ବୋଲି ପତ୍ରରେ ଆଇନଜୀବୀମାନେ ଦର୍ଶାଇଥିଲେ। ସେତେବେଳେ ପ୍ରଧାନମନ୍ତ୍ରୀ ମୋଦି ପତ୍ର ଲେଖିଥିବା ୬୦୦ ଆଇନଜୀବୀଙ୍କୁ ସମର୍ଥନ ଜଣାଇଥିଲେ। ସେ କହିଥିଲେ, ଡରାଇବା ଓ ଧମକାଇବା କଂଗ୍ରେସର ପୁରୁଣା ସଂସ୍କୃତି। ମୁଖ୍ୟ ବିରୋଧୀ ଦଳ ଏହା ଉପରେ ପ୍ରତିକ୍ରିୟା ଦେଇ କହିଥିଲା, ଏଭଳି କାର୍ଯ୍ୟରେ ପ୍ରଧାନମନ୍ତ୍ରୀ ସମ୍ପୃକ୍ତ। ଦୁର୍ନୀତିକୁ ଆଇନଗତ ଗ୍ୟାରେଣ୍ଟି ଦେବାକୁ ଉଦ୍ୟମ ହେଉଥିବା କଂଗ୍ରେସ କହିଥିଲା।

### ୬ ବର୍ଷ ପାଇଁ...

ଏଆଇସିସି ଅଧ୍ୟକ୍ଷ ଅତି ଖୁସି ହୋଇ ତାଙ୍କୁ ୬ ବର୍ଷ ପାଇଁ ଯେଉଁ ବାସନ୍ଦ କରିଛନ୍ତି, ସେଥିଲାଗି ତାଙ୍କୁ ଅଭିନନ୍ଦନ। କେଉଁ ଦୋଷ କଲେ ଯେ ତାଙ୍କୁ ୬ ବର୍ଷ ପାଇଁ ବହିଷ୍କାର କରାଗଲା। ନୋଟିସ୍ ଜରିଆରେ ତାଙ୍କୁ ଏକଥା ସେ ପଚାରିବେ। ମଲା ପର୍ଯ୍ୟନ୍ତ କଂଗ୍ରେସରେ ରହିବେ ଏବଂ କାମ କରିବେ। ତାଙ୍କ ଜୀବନଟା ହେଉଛି କଂଗ୍ରେସ। ୫୦ ବର୍ଷରୁ ଅଧିକ ସମୟ ଧରି କଂଗ୍ରେସରେ କାମ କରିଛନ୍ତି। ଯଦି ପୁଅ ଅନ୍ୟ ଦଳରୁ ଟିକେଟ ପାଇଲା ବୋଲି ତାଙ୍କୁ ବାହାର କରିଦିଆଗଲା ତେବେ ଅଭିନନ୍ଦନ। କିଛି ଆପତ୍ତି ନାହିଁ କି ଖାତିର ନାହିଁ। ପୁଅ ଟିକେଟ ପାଇଲା ବୋଲି ତାଙ୍କୁ ଦଳରୁ କାଢ଼ି ଦେବା ଘୋର ଲଜ୍ଜାଜନକ। କେବେ ହେଲେ ବିଶୃଙ୍ଖଳିତ କାର୍ଯ୍ୟ କରିନାହାନ୍ତି ବୋଲି ସୁର କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୯ରେ ସୁର କଂଗ୍ରେସ ଟିକେଟରେ ଜଟଣୀ ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏଠାରେ ବିଜେଡି ସୁରଙ୍କ ପୁଅକୁ ପ୍ରାର୍ଥୀ କରି ତାଙ୍କ ଭୋଟ୍ ନିଜ ସପକ୍ଷରେ ନେବାକୁ ରଣନୀତି କରିଥିଲା। କାରଣ ୨୦୧୯ରେ ଜଟଣୀ ଆସନରେ ଭାଜପା ବିଧାନସଭା ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା ୨୬,୨୫୬ ଖଣ୍ଡ ଭୋଟ୍ ପାଇଥିବାବେଳେ ଭାଜପା ଲୋକସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କୁ ୭୩,୧୯୦ ଖଣ୍ଡ ଭୋଟ୍ ମିଳିଥିଲା। ହେଲେ ଏଠାରେ କଂଗ୍ରେସ ସମର୍ଥିତ ଏମ୍‌ପି ପ୍ରାର୍ଥୀଙ୍କୁ ମାତ୍ର ୭,୬୪୫ ଖଣ୍ଡ ଭୋଟ୍ ମିଳିଥିଲା, ଯେଉଁଠି କି ସୁରଙ୍କୁ ୬୮,୮୪୧ ଖଣ୍ଡ ଭୋଟ୍ ମିଳିଥିଲା। ତେଣୁ ଏହି ଆସନରେ କଂଗ୍ରେସ ଭୋଟ୍ ପ୍ରାୟତଃ ଭାଜପା ଲୋକ ସଭା ପ୍ରାର୍ଥୀଙ୍କ ସପକ୍ଷରେ ଚାଲିଯାଇଥିବା ଚର୍ଚ୍ଚା ହୋଇଥିଲା। ତେଣୁ ଏହି ଭୋଟ୍‌କୁ ନିଜ ସପକ୍ଷରେ ରଖିବା ଲାଗି ସୁରଙ୍କ ପୁଅଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ଚର୍ଚ୍ଚା ହେଉଛି।

## ସର୍ବାଧିକ ଲାଭ ପାଇବ ଓଡ଼ିଶା: ଭାଜପା

### ସଂକଳ୍ପ ପତ୍ର-୨୦୨୪

**ଭୁବନେଶ୍ୱର,୧୫।୪(ସୁନିତ୍ ମିଶ୍ର)**

ଗତ ୧୦ ବର୍ଷର ବିଶ୍ୱସନୀୟତା ଏବଂ ଆଗାମୀ ୫ ବର୍ଷରେ ଦେଶକୁ ବିକଶିତ ରାଷ୍ଟ୍ର ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ 'ଭାଜପାର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି' ପ୍ରକାଶ ପାଇଛି। ଏହି ସଂକଳ୍ପ ପତ୍ର ତଥା ମୋଦି ଗ୍ୟାରେଣ୍ଟିରୁ ସର୍ବାଧିକ ଲାଭ ଓଡ଼ିଶା ପାଇବ। ସୋସିଆଲ, ଫିଜିକାଲ୍ ଓ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ଲକ୍ଷ୍ୟରେ ଏହି ସଂକଳ୍ପ ପତ୍ର 'ବିକଶିତ ଭାରତ ଗଠନ'ରେ 'ବୁଷ୍ଟର' ସଦୃଶ ହେବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି ଯେ, ଯାହାର କେହି ନାହିଁ, ତା' ପାଖରେ ମୋଦି ଗ୍ୟାରେଣ୍ଟି ରହିଛି। ସମଗ୍ର ଦେଶରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ମତାମତ ସଂଗ୍ରହ କରାଯାଇ ପ୍ରସ୍ତୁତ ହୋଇଥିବା ବିଶେଷ ଭାବେ ଚାଷୀ, ଗରିବ, ମହିଳା ଓ ଯୁବବର୍ଗ ପାଇଁ ଉତ୍ସର୍ଗୀକୃତ 'ଭାଜପାର ସଂକଳ୍ପ ପତ୍ର-୨୦୨୪, ମୋଦିଙ୍କ ଗ୍ୟାରେଣ୍ଟି'।

**ମେ' ୧୫ରୁ ଝାରସୁଗୁଡ଼ା-ଦିଲ୍ଲୀ ବିମାନସେବା**

**ଭୁବନେଶ୍ୱର,(ଅସମାପିକା ସାହୁ):** ଝାରସୁଗୁଡ଼ା ଓ ଦିଲ୍ଲୀ ସହର ମଧ୍ୟରେ ବିମାନସେବା ଆରମ୍ଭ କରିବ ବିମାନସେବା ପ୍ରଦାନକାରୀ ସଂସ୍ଥା ଇଣ୍ଡିଗୋ। ଆସନ୍ତା ମେ' ୧୫ରୁ ଏହି ବିମାନସେବା ଆରମ୍ଭ ହେବ। ଦୈନିକ ଅପରାହ୍ନ ୩ଟା ୨୦ରେ ଦିଲ୍ଲୀରୁ ବାହାରି ଝାରସୁଗୁଡ଼ାରେ ୫ଟା ୧୦ରେ ପହଞ୍ଚିବ। ଝାରସୁଗୁଡ଼ାରୁ ପୁଣି ଅପରାହ୍ନ ୫ଟା ୪୦ରୁ ଉଡ଼ାଣ ଭରି ସନ୍ଧ୍ୟା ୭ଟା ୨୦ରେ ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିବ। ଶିଳ୍ପ କେନ୍ଦ୍ର ଭାବେ ଜଣାଶୁଣା ଝାରସୁଗୁଡ଼ାରେ ବ୍ୟବସାୟ ଓ କାରବାର ପାଇଁ ଅସୀମ କ୍ଷମତା ରହିଛି। ଏହି ନୂଆ ବିମାନସେବା ସୁଯୋଗ ଦେବ ବୋଲି ଇଣ୍ଡିଗୋର ଗ୍ଲୋବାଲ ସେଲ୍ସ ବିଭାଗର ମୁଖ୍ୟ ବିନୟ ମାଲହୋତ୍ରା କହିଛନ୍ତି।




# ଇଓଡବ୍ଲ୍ୟୁ ପଞ୍ଝାରେ ପୂର୍ବତନ କନ୍‌ଷ୍ଟେବଲଙ୍କ ସମେତ ଦୁଇ ଠକ

## କ୍ରିପ୍ଟୋରେ ନିବେଶ ଆଳରେ ୧୫ କୋଟିରୁ ଊର୍ଦ୍ଧ୍ୱ ଠକେଇ

- ଓଡ଼ିଶାର ୫୦୦ ନିବେଶକାରୀ ଠକେଇର ଶିକାର
- ମହାରାଷ୍ଟ୍ରକୁ ଲମ୍ବିଛି ଚେର, ଜାରି ହେଲା ଟୋଲ୍ ଫ୍ରି ନମ୍ବର

**ଭୁବନେଶ୍ୱର,୧୫।୪(ସତ୍ୟଜିତ୍ ରାଉତ)**

କ୍ରିପ୍ଟୋ କରେନ୍ସିରେ ନିବେଶ ଆଳରେ ୧୫ କୋଟିରୁ ଊର୍ଦ୍ଧ୍ୱ ଠକେଇ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ୨ ଠକଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ର୍‍ୟାକେଟର ଭାରତ ମୁଖ୍ୟ ତଥା ରାଜସ୍ଥାନ ଅନୁପଗଡ଼ର ପୂର୍ବତନ କନ୍‌ଷ୍ଟେବଲ ବେଦ ପ୍ରକାଶ ଏବଂ ଓଡ଼ିଶା ମୁଖ୍ୟ ସୁନ୍ଦରଗଡ଼ର ସୁଧୀର ପଟେଲ। ଗତ ବୁଧବାର ରାଜସ୍ଥାନରୁ ବେଦ ପ୍ରକାଶଙ୍କୁ ଗିରଫ ପରେ ଅନୁପଗଡ଼ ଏସିଜେଏମ୍ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ଅଭିଯୁକ୍ତଦ୍ୱୟଙ୍କଠାରୁ ଠକେଇ ସମ୍ବନ୍ଧୀୟ ବହୁ କାଗଜପତ୍ର ଜବତ ହୋଇଛି। ସୋମବାର ଉଭୟଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଠକେଇର ଶିକାର ପ୍ରେମ ସାଗର ଖମାରୀଙ୍କ ଏତଲାକ୍ରମେ ୨୦୨୩ ଡିସେମ୍ବର ୭ରେ ଇଓଡବ୍ଲ୍ୟୁ ଏ ସଂକ୍ରାନ୍ତରେ ମାମଲା (ନଂ.୨୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ବେଦ ପ୍ରକାଶ ରାଜସ୍ଥାନ ପୋଲିସ ବିଭାଗରେ କନ୍‌ଷ୍ଟେବଲ ଥିଲେ। ୫ ବର୍ଷର ଚାକିରି ପରେ ଦୁର୍ନୀତି ପାଇଁ ତାଙ୍କୁ ବହିଷ୍କୃତ କରାଯାଇଥିଲା। କ୍ରିପ୍ଟୋ ନିବେଶରେ ବେଦ ପ୍ରକାଶ ନିଜକୁ ଭାରତ ମୁଖ୍ୟ ଓ ସୁଧୀର ଓଡିଶା ମୁଖ୍ୟ ବୋଲି କହୁଥିଲେ। ଅଭିଯୁକ୍ତମାନେ ୨୦୨୨ରେ ଓଡ଼ିଶାର ବିଭିନ୍ନ ହୋଟେଲ ଆଦିରେ ଇଭେଣ୍ଟ କରି ଲୋକଙ୍କୁ ନିବେଶ ଆଳରେ ଭୁଆଁ ବୁଲାଉଥିଲେ। ବିଶେଷକରି କମ୍ପ୍ୟୁଟରରେ ଜ୍ଞାନ ନ ଥିବା ସ୍ୱଳ୍ପ ଶିକ୍ଷିତ ଲୋକଙ୍କୁ ଟାର୍ଗେଟ୍ କରୁଥିଲେ। କ୍ରିପ୍ଟୋ କରେନ୍ସିରେ ନିବେଶ କଲେ ବହୁଗୁଣ ଲାଭ ସହ ଟଙ୍କା ଦୁଇଗୁଣା ହୋଇଯିବ ବୋଲି ପ୍ରତିଶ୍ରୁତି ଦେଉଥିଲେ। ଇଏନ୍‌ଜି କ୍ରିପ୍ଟୋ, ୟୁଏସ୍‌ବିଟି କ୍ଲବ୍ ଆଦି କ୍ରିପ୍ଟୋ ଏଜେନ୍ସି ଜରିଆରେ ଟଙ୍କା ନିବେଶ କରୁଥିବା ଅଭିଯୁକ୍ତମାନେ କହୁଥିଲେ। ବିଶ୍ୱାସ ଜନ୍ମାଇବାକୁ ଲାଭ ବାବଦକୁ ପ୍ରଥମ କିଛି ମାସ ଅଳ୍ପ ପରିମାଣର ଟଙ୍କା ଦେଇଥିଲେ। ହେଲେ କୌଣସି କ୍ରିପ୍ଟୋ କରେନ୍ସିରେ ସେମାନେ ନିବେଶ ନ କରି ଟଙ୍କା ହଡ଼ପ କରିଥିଲେ। ଅଭିଯୁକ୍ତଙ୍କ ଜରିଆରେ ପୁରୀ, ଭୁବନେଶ୍ୱର, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ ଓ ବରଗଡ ଆଦି ଜିଲାରେ ୫୦୦ ନିବେଶକାରୀ ୧୫ କୋଟିରୁ ଊର୍ଦ୍ଧ୍ୱ ଠକେଇର ଶିକାର ହୋଇଛନ୍ତି। ଏପରିକି ମହାରାଷ୍ଟ୍ରକୁ ମଧ୍ୟ ଏହି ଠକେଇର ଚେର ଲମ୍ବିଛି। ଠକେଇ ସଂକ୍ରାନ୍ତରେ ମହାରାଷ୍ଟ୍ର ପୋଲିସକୁ ଜଣାଇବ ଇଓଡବ୍ଲ୍ୟୁ। ଏଥିସହ ଠକେଇର ଶିକାର ଅନ୍ୟ ଲୋକମାନେ ଟୋଲ ଫ୍ରି ନଂ. (୧୮୦୦୩୪୫୬୭୧୦୩) ଜରିଆରେ ଅଭିଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି।



ଗିରଫ ଦୁଇ ଅଭିଯୁକ୍ତ।

# ସରୋଜ କୁମାର ମିଶ୍ରଙ୍କୁ ଡିଏମ୍‌ଇଟି ଦାୟିତ୍ୱ

## କେନ୍ଦ୍ରୀୟ ଡେପୁଟେଶନରେ ଡା. ସଚ୍ଚିଦାନନ୍ଦ

**ଭୁବନେଶ୍ୱର, ୧୫।୪(ଅସମାପିକା ସାହୁ)**

ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସରୋଜ କୁମାର ମିଶ୍ରଙ୍କୁ ଡାଇରେକ୍ଟର ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ଟ୍ରେନିଂ(ଡିଏମ୍‌ଇଟି) ଭାବେ ନିଯୁକ୍ତି ଦିଆଯାଇଛି। ସେ ବର୍ତ୍ତମାନ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ରହିଛନ୍ତି। ଏପ୍ରିଲ ୧୫ରୁ ତାଙ୍କୁ ଡିଏମ୍‌ଇଟି ଭାବେ ଅତିରିକ୍ତ ନିଯୁକ୍ତି ଦିଆଯାଇଥିବାବେଳେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ। ଏ ନେଇ ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଡିଏମ୍‌ଇଟି ଥିବା ଡା. ସଚ୍ଚିଦାନନ୍ଦ ମହାନ୍ତିଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ପଠାଯାଇଛି। ଜମ୍ମୁ-କଶ୍ମୀରର ଅବନ୍ତିପୁରାସ୍ଥିତ ଏମ୍‌ସର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଥିବା ନେଇ ଆଉଏକ ବିଜ୍ଞପ୍ତି ଜାରି କରାଯାଇଛି।

# ପାଣିକୁଣ୍ଡରେ ପଡ଼ି ଶିଶୁ ମୃତ

**ଉଦଳା,୧୫।୪(ସନ୍ତୋଷ କୁମାର ବାଛିନୀ)**

ମୟୂରଭଞ୍ଜ ଜିଲା ଉଦଳା ଥାନା ବହୁବନ୍ଧ କଲୋନୀସାହି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଘର ପାଖରେ ଥିବା ଏକ ପାଣିକୁଣ୍ଡରେ ପଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଲେ ଗ୍ରାମର ମୋଚିରାମ ହୋଙ୍କ ୧୩ ମାସର ପୁଅ ବିକାଶ। ରବିବାର ସନ୍ଧ୍ୟାରେ ମୋଚିରାମଙ୍କ ସ୍ତ୍ରୀ ଘର କାମରେ ବ୍ୟସ୍ତ ଥିବା ବେଳେ ବିକାଶ ଘର ବାରଣ୍ଡାରେ ଖେଳୁଥିଲା। ସେଠାରୁ ସେ ପେଟେଇ ପେଟେଇ ପାଖରେ ଥିବା ଏକ ପାଣି କୁଣ୍ଡରେ ପଡ଼ିଯାଇଥିଲା। ପରେ ପାଣି କୁଣ୍ଡରୁ ମୃତଦେହ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଦଣ୍ଡନୃତ୍ୟବେଳେ ଚାଲିଗଲା ପାଟଭୁକ୍ତାଙ୍କ ଜୀବନ

**ନାକଟିଦେଉଳ,୧୫।୪ (ବୈକୁଣ୍ଠ ନାଥ ସାହୁ)**

ଦଣ୍ଡଯାତ୍ରାରେ ନୃତ୍ୟ କରୁଥିବା ବେଳେ ରବିବାର ରାତିରେ ଜଣେ ପାଟଭୁକ୍ତାଙ୍କ ପ୍ରାଣବାୟୁ ଉଡ଼ିଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ପିତାସିଆରୀ ଗ୍ରାମରେ। ମୃତ ପାଟଭୁକ୍ତା ଜଣଙ୍କ ହେଲେ ଗ୍ରାମର ବିଷ୍ଣୁ କିଷାନ (୫୩)। ରବିବାର ପିତାସିଆରୀ ଦଣ୍ଡଯାତ୍ରାର କଳାକାରମାନେ ନିଜ ଗ୍ରାମରେ ଦଣ୍ଡନୃତ୍ୟ କରିଥିଲେ। ରାତି ପ୍ରାୟ ୧୦ଟାରେ ଗାଁ ଦାଣ୍ଡରେ ଦଣ୍ଡ ଆରମ୍ଭ ହୋଇଥିଲା। ମା' କାଳୀଙ୍କୁ ପୂଜାର୍ଚ୍ଚନା ପରେ ଦଣ୍ଡ ଦଳର ପାଟଭୁକ୍ତା ବିଷ୍ଣୁ କିଷାନ ମା' କାଳୀଙ୍କ ପରଭା ଧରି ନୃତ୍ୟ କରିଥିଲେ। ନୃତ୍ୟ ପରେ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ଅନ୍ୟ ସାଥୀମାନେ ତାଙ୍କୁ ସେଠାରୁ ଉଠାଇଆଣି ନିକଟରେ ଶୁଆଇ ଦେଇଥିଲେ। ସେମାନେ ଭାବିଥିଲେ କିଛି ସମୟ ପରେ ତାଙ୍କ ଚେତା ଫେରିଆସିବ। ମାତ୍ର ଦଣ୍ଡନୃତ୍ୟ ସରିବା ପରେ ସୋମବାର ସକାଳୁ ବିଷ୍ଣୁଙ୍କୁ ଉଠାଇବାରୁ ସେ ଆଉ ଉଠି ନ ଥିଲେ।

# ରାଣୀପଥର ଘାଟିରେ ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା: ୨୨ ଆହତ

**ବୌଦ୍ଧ,୧୫।୪(ଅଜିତ କୁମାର ବାରିକ)**

ବୌଦ୍ଧ-କନ୍ଧମାଳ ଜିଲା ସୀମାନ୍ତ ରାଣୀପଥର ଘାଟିରେ ସୋମବାର ଏକ ଘରୋଇ ଯାତ୍ରୀବାହୀ ବସ ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୨୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ଜଣ ଗୁରୁତର ଅଛନ୍ତି।

ମିଳିଥିବା ସୂଚନା ମୁତାବକ, ସକାଳେ ବୌଦ୍ଧରୁ ଯାତ୍ରୀବାହୀ ବସ ଖମେଶ୍ୱରୀ ( ନଂ ଓଆର ୦୨ ଏଆର ୬୫୩୨) କନ୍ଧମାଳ ଜିଲା ବାଲିଗୁଡା ଅଭିମୁଖେ ଯାଉଥିବା ବେଳେ ଫୁଲବାଣୀରୁ ବୌଦ୍ଧର ଚାରିଛକ ଆଡକୁ ଆସୁଥିବା ଏକ ଟ୍ରକ (ନଂ ଓଡି-୩୫-ସି – ୭୭୦୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବସ୍‌ରେ ଥିବା ୨୨ ଜଣ ଯାତ୍ରୀ ଆହତ ହୋଇଥିଲେ। ଖବର ପାଇ ଚାରିଛକରୁ ହରଭଙ୍ଗା ଦମକଳ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୧୭ ଜଣଙ୍କୁ ଛାଡି ଦିଆଯାଇଥିବା ବେଳେ ୫ ଜଣ ଗୁରୁତରଙ୍କୁ ବୌଦ୍ଧ ମେଡିକାଲକୁ ପଠାଯାଇଥିଲା। ପରେ ବୌଦ୍ଧ ମେଡିକାଲରୁ ବସ ଚାଳକଙ୍କୁ ଫୁଲବାଣୀ ମେଡିକାଲ ଏବଂ କନ୍ଧମାଳର ସୁଦ୍ରେଜୁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିକ୍ରମ କେଶରୀ ରଣାଙ୍କୁ ଭୁବନେଶ୍ୱର ପଠାଯାଇଛି।



ଦୁର୍ଘଟଣାଗ୍ରସ୍ତ ଗାଡ଼ି।



“ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। –ଶ୍ରୀଅରବିନ୍ଦ

-ଅଶୋକାଷ୍ଟମୀ, ଶ୍ରୀ ଲିଙ୍ଗରାଜ ଦେବଙ୍କ ରୁକୁଣା ରଥଯାତ୍ରା ଓ ବାସନ୍ତିକ ଶ୍ରୀ ଦୁର୍ଗାଦେବ୍ୟାଃ ମହାନବମୀ ପୂଜା

# ହ୍ୱେନ୍ ଇନ୍ ରୋମ୍...

ନିକଟରେ କାନାଡ଼ାର ଭାଙ୍କୋଭର ସହରରେ ଭାରତୀୟ ଛାତ୍ର ଚିରାଗ ଆଣ୍ଟିଲଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଚିରାଗଙ୍କ ଘର ହରିୟାଣାରେ ଓ ସେ ୨୦୨୨ରେ ଉଚ୍ଚଶିକ୍ଷା ପାଇଁ କାନାଡ଼ା ଯାଇଥିଲେ। କେବଳ ଚିରାଗ ନୁହନ୍ତି ଭାରତରୁ ବିଦେଶକୁ ଉଚ୍ଚଶିକ୍ଷା ପାଇଁ ଯାଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅନେକେ ବିଭିନ୍ନ ଦେଶରେ ମରଣାନ୍ତକ ଆକ୍ରମଣର ଶିକାର ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କ ମୃତ୍ୟୁ ହେଉଥିବା ଖବର ବାରମ୍ବାର ସାମ୍ନାକୁ ଆସୁଛି। ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ୨୦୧୮ରୁ ଏଯାବତ ବିଦେଶରେ ୪୦୦ରୁ ଊର୍ଦ୍ଧ୍ୱ ଭାରତୀୟ ଛାତ୍ରୀଛାତ୍ରଙ୍କର ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ସବୁଠୁ ବେଶି ୯୧ ଜଣଙ୍କର କାନାଡ଼ାରେ ମୃତ୍ୟୁ ହୋଇଛି। ଆମେରିକା ତୁଳନାରେ କମ୍ ଛାତ୍ର କାନାଡ଼ାରେ ପଢୁଛନ୍ତି। ବିଶ୍ୱ ବ୍ୟାଙ୍କ ତଥ୍ୟ ମୁତାବକ, ଏବେ ବିଦେଶରେ ରହୁଥିବା ପାଖାପାଖି ୧୩.୨ ଲକ୍ଷ ଭାରତୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସବୁଠୁ ଅଧିକ (୪.୬ ଲକ୍ଷ) ଆମେରିକାରେ ଥିବାବେଳେ କାନାଡ଼ାରେ ରହିଛନ୍ତି ୨.୨୫ ଲକ୍ଷ। ହେଲେ ବେଶି ଛାତ୍ରଙ୍କ ମୃତ୍ୟୁ ଘଟୁଛି କାନାଡ଼ାରେ ଓ ଅଧିକ ଭାରତୀୟ ଛାତ୍ରୀଛାତ୍ର ସେଠାରେ ଆକ୍ରମଣର ଶିକାର ହେଉଛନ୍ତି। ଚିନ୍ତାର ବିଷୟ ହେଉଛି, ବିଗତ ୫ ବର୍ଷ ମଧ୍ୟରେ ଆମେରିକାରେ ୩୬ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଚଳିତ ବର୍ଷ ଜାନୁଆରୀରୁ ଏଯାବତ ୧୦ ଜଣ ଭାରତୀୟ ଓ ଭାରତୀୟ ବଂଶୋଦ୍ଭବ ଛାତ୍ରଙ୍କ ମୃତ୍ୟୁ ଘଟିସାରିଲାଣି। କେବଳ ଏତିକି ନୁହେଁ ବିଦେଶରେ ପଢୁଥିବା ଭାରତୀୟ ଛାତ୍ରୀଛାତ୍ରମାନେ ମଧ୍ୟ ଅନେକ ଦେଶରେ ବର୍ଣ୍ଣ ବିଦ୍ୱେଷର ସମ୍ମୁଖୀନ ହେଉଥିବା ଖବର ପ୍ରକାଶ ପାଉଛି।

**ବିଦେଶ ଯାଇଥିବା ଭାରତୀୟ ଛାତ୍ରମାନଙ୍କର ଆଚରଣ ଓ ବ୍ୟବହାର ଯୋଗୁ ସେମାନେ ସାମାଜିକ ସ୍ତରରେ ସେଠାରେ ମିଶିବା ପରିବର୍ତ୍ତେ ଅଲଗା ହୋଇ ରହିଯାଉଛନ୍ତି। ଏହି ଚରିତ୍ର ଯୋଗୁ ଭାରତୀୟ ଛାତ୍ରଙ୍କ ଉପରେ ଆକ୍ରମଣ ହେଉଛି। ସେଥିପାଇଁ ବିଦେଶ ଯାଉଥିବା ଭାରତୀୟମାନଙ୍କୁ ନିଜର ସାମାଜିକ ବ୍ୟବହାରରେ ବଡ଼ଧରଣର ପରିବର୍ତ୍ତନ ଅଣାଯିବା ଦରକାର।**

ଆମେରିକା, କାନାଡ଼ା ବ୍ୟତୀତ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଜର୍ମାନୀ, କାତାର ସମେତ ୩୪ଟି ଦେଶରେ ଭାରତୀୟ ଛାତ୍ରୀଛାତ୍ର ବିଭିନ୍ନ ବିଶ୍ୱବିଦ୍ୟାଳୟ କିମ୍ବା ଗବେଷଣା ସଂସ୍ଥାଗୁଡ଼ିକରେ ଶିକ୍ଷା ଲାଭ କରୁଛନ୍ତି। ବିଶ୍ୱର ସବୁ ଦେଶ ତୁଳନାରେ ଅଧିକ ଭାରତୀୟ ଛାତ୍ରୀଛାତ୍ର ବିଦେଶରେ ପଢ଼ିବାକୁ ପସନ୍ଦ କରୁଛନ୍ତି। ଭାରତୀୟ ଛାତ୍ରୀଛାତ୍ର ବିଦେଶକୁ ଯିବା ପଛରେ କାରଣ ମଧ୍ୟ ସୁସ୍ପଷ୍ଟ। ଭାରତରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ କିମ୍ବା ଗବେଷଣା ସଂସ୍ଥାର ଅଭାବ ରହିଥିବା ଯୋଗୁ ଭାରତୀୟ ପରିବାରଗୁଡ଼ିକ ସେମାନଙ୍କ ପିଲାମାନଙ୍କୁ ବିଦେଶ ପଠାଇବାକୁ ବାଧ ହେଉଛନ୍ତି। ଉଲ୍ଲେଖନୀୟ ଯେ, ବିଶ୍ୱରେ ଶୀର୍ଷ ୧୦୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତର ଗୋଟିଏ ମଧ୍ୟ ନାହିଁ। ଏଥିରୁ ବୁଝିବାକୁ ହେବ ଯେ,ଭାରତରେ ଉଚ୍ଚଶିକ୍ଷାର ଅଭାବ ପୂରଣ କରିବା ପାଇଁ କାହାରି ଇଚ୍ଛା ଥିବା ଭଳି ମନେ ହେଉନାହିଁ। ଆମ ଦେଶରେ ଅତୀତର କାଳ୍ପନିକ ଧର୍ମ ସମ୍ପର୍କରେ ପାଠ ପଢ଼ାଯାଉଥିବାବେଳେ ସମଗ୍ର ବିଶ୍ୱରେ ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନ ବିଷୟରେ ପାଠ ପଢ଼ି ପିଲାମାନେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଛନ୍ତି। ଗୋଟିଏ ପଟେ ଉଚ୍ଚଶିକ୍ଷାର ଅଭାବ ଭାରତର ଭବିଷ୍ୟତ ପିଢ଼ିକୁ ପଛରେ ପକାଇ ଦେଉଥିବାବେଳେ ଅନ୍ୟପଟେ ଏହି ଦେଶର ଯୁବପିଢ଼ିର ମାନସିକତାରେ ପରିବର୍ତ୍ତନ ଆସିପାରୁନାହିଁ। ବିଦେଶ ଯାଇଥିବା ଭାରତୀୟ ଛାତ୍ରମାନଙ୍କର ଆଚରଣ ଓ ବ୍ୟବହାର ଯୋଗୁ ସେମାନେ ସାମାଜିକ ସ୍ତରରେ ସେଠାରେ ମିଶିବା ପରିବର୍ତ୍ତେ ଅଲଗା ହୋଇ ରହିଯାଉଛନ୍ତି। ଏହି ଚରିତ୍ର ଯୋଗୁ ଭାରତୀୟ ଛାତ୍ରଙ୍କ ଉପରେ ଆକ୍ରମଣ ହେଉଛି। ସେଥିପାଇଁ ବିଦେଶ ଯାଉଥିବା ଭାରତୀୟମାନଙ୍କୁ ନିଜର ସାମାଜିକ ବ୍ୟବହାରରେ ବଡ଼ଧରଣର ପରିବର୍ତ୍ତନ ଅଣାଯିବା ଦରକାର। ଇଂଲିଶରେ ଏକ ଢଗ ଅଛି 'ହ୍ୱେନ୍ ଇନ୍ ରୋମ୍, ଡୁ ଆଜ୍ ଦି ରୋମାନ୍ସ ଡୁ'। ଏହାର ଅର୍ଥ ହେଲା ଯିଏ ଯେଉଁ ସ୍ଥାନକୁ ଯିବ ସେଠାରେ ପରମ୍ପରା ଓ ରୀତିନୀତି ସହିତ ମିଶିଯିବା ଅତ୍ୟନ୍ତ ଆବଶ୍ୟକ। ଭାରତୀୟମାନେ ନିଜ ଦେଶରେ ନିଜର ଚରିତ୍ର ପରିବର୍ତ୍ତନ କରିପାରିଲେ ବିଦେଶରେ ସୁରକ୍ଷିତ ରହିପାରିବେ। ନଚେତ ସବୁବେଳେ ଆକ୍ରମଣର ଶିକାର ହୋଇଚାଲିଥିବେ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | 5 | | | | | |
| 2 | | | | 6 | 7 | 8 | | |
| | | | | | | 2 | 7 | |
| | 5 | 3 | | | 8 | | | |
| | | | | | 4 | 9 | | |
| 6 | | | | | | | 5 | 2 |
| 7 | | | | 8 | | | | |
| | 9 | 5 | 2 | | | | | |
| | | 2 | 7 | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 7 | 8 | 4 | 1 | 2 | 9 | 3 |
| 4 | 2 | 9 | 6 | 7 | 3 | 5 | 8 | 1 |
| 3 | 8 | 1 | 5 | 9 | 2 | 6 | 4 | 7 |
| 5 | 1 | 8 | 4 | 3 | 6 | 9 | 7 | 2 |
| 9 | 3 | 2 | 1 | 8 | 7 | 4 | 6 | 5 |
| 7 | 4 | 6 | 2 | 5 | 9 | 3 | 1 | 8 |
| 2 | 7 | 3 | 9 | 6 | 8 | 1 | 5 | 4 |
| 8 | 6 | 5 | 3 | 1 | 4 | 7 | 2 | 9 |
| 1 | 9 | 4 | 7 | 2 | 5 | 8 | 3 | 6 |

ଗତକାଲିର ଉତ୍ତର

# ଶକ୍ତ ବ୍ରେକ୍ ଆବଶ୍ୟକ



ଡ. ସନ୍ତୋଷ କୁମାର ମହାପାତ୍ର

ଥରେ ଜଣେ ବନ୍ଧୁ ଦେଖାହେଲେ ଏବଂ ପଚାରିଲେ– “ତମେ ସର୍ବଦା ବାମପନ୍ଥୀ ଚିନ୍ତାଧାରାରେ ଲେଖୁଛ ଏବଂ ଅନ୍ୟକୁ ସମାଲୋଚନା କରୁଛ। ତମେ ଯଦି ମନ୍ତ୍ରୀ ବା ନେତା ହୋଇଥାଆନ୍ତ, ତେବେ ସବୁ ସମସ୍ୟା କ'ଣ ସମାଧାନ କରିପାରିବ?” ଆମେ ତାଙ୍କୁ କହିଲୁ– ସମାଲୋଚନା କଲେ ଜଣେ ଲାଭବାନ୍ ହୁଏନା, ବରଂ ବ୍ୟକ୍ତିଗତ ଭାବେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। କିନ୍ତୁ ତାହା ଆବଶ୍ୟକ। ଯଦି ଜଣେ ସମାଲୋଚକ ରାଜନୀତିରେ ଯୋଗଦିଏ ବା ନେତା ମନ୍ତ୍ରୀ ହୁଏ, ତେବେ ତାଙ୍କର ତ୍ରୁଟି ଦର୍ଶାଇବା ଅନ୍ୟ ଲେଖକ, ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ କର୍ତ୍ତବ୍ୟ ହୋଇଥାଏ। ପ୍ରତ୍ୟେକ ଲୋକର ବୃତ୍ତି ଅନୁସାରେ କର୍ତ୍ତବ୍ୟ ରହିଛି। ଯେପରି ପୋଲିସ ଚୋର ଓ ଅପରାଧୀଙ୍କୁ ଧରିବା, ବିଚାରପତି ଦୋଷୀକୁ ଦଣ୍ଡଦେବା କର୍ତ୍ତବ୍ୟ, ସେହିପରି ଲେଖକ, ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କ ଶାସକ ଶ୍ରେଣୀର ବିଫଳତା ଦେଖାଇବା ନୈତିକ କର୍ତ୍ତବ୍ୟ; ଯାହା ଗତ କିଛିବର୍ଷ ହେବ ବ୍ୟତିକ୍ରମ ଦେଖାଦେଇଛି। ପୁନଶ୍ଚ ପ୍ରଶ୍ନ ନୁହେଁ ଜଣେ ବାମପନ୍ଥୀ ନା ଦକ୍ଷିଣପନ୍ଥୀର, ପ୍ରଶ୍ନ ହେଉଛି ଠିକ୍ କ'ଣ? କେଉଁ ନୀତିରେ ସର୍ବାଧିକ ଲୋକ ବିଶେଷକରି ସମାଜର ଦୁର୍ବଳ ଶ୍ରେଣୀ ଲୋକ ବେଶି ଉପକୃତ ହେବେ। ଜଣେ ମାନବବାଦୀ ହେବା ଉଚିତ। ଲୋକଙ୍କ କଥା ବା ଅବହେଳିତ ଶ୍ରେଣୀଙ୍କ କଥା କହିବା ଯେଉଁ ଚିନ୍ତାଧାରାର ଲୋକ କୁହାଯାଉନା କାହିଁକି ତାହା କରିବା ଉଚିତ। ଗାନ୍ଧିଜୀ କହିଥିଲେ, ସରକାର କୌଣସି ପଦକ୍ଷେପ ଓ ସିଦ୍ଧାନ୍ତ ନେବା ପୂର୍ବରୁ ଭାବିବା ଉଚିତ ଯେ ତାଙ୍କର ସେହି ସିଦ୍ଧାନ୍ତ ବା ପଦକ୍ଷେପ ଦ୍ୱାରା ସମାଜର ସବୁଠାରୁ ଦୁର୍ବଳ ଶ୍ରେଣୀ ଲୋକ କେତେ ଉପକୃତ ହେଉଛନ୍ତି।

ପୁନଶ୍ଚ ଏକ ଶକ୍ତିଶାଳୀ ବିରୋଧୀ ଦଳ ରହିଲେ ଗଣତନ୍ତ୍ର ମଜଭୁତ ହୋଇଥାଏ। ଗଣମାଧ୍ୟମ, ବୁଦ୍ଧିଜୀବୀମାନେ ସରକାରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ସମାଲୋଚନା କରିପାରନ୍ତି। ଗୋଟିଏ ଶାସନ ବ୍ୟବସ୍ଥା ହେଉଛି ଏକ ଗାଡ଼ି। ଶାସକ ଶ୍ରେଣୀ ହେଉଛି ତାହାର ପରିଚାଳକ। ସମାଲୋଚକ, ଗଣମାଧ୍ୟମ, ନ୍ୟାୟାଳୟ, ବିରୋଧୀ ଦଳ, ବୁଦ୍ଧିଜୀବୀ ବିଶେଷକରି ପ୍ରଗତିଶୀଳ ଚିନ୍ତାଧାରାର ଲୋକ ଏମାନେ ହେଉଛନ୍ତି ବ୍ରେକ୍। ଯଦି ଦ୍ରୁତଚାଳିତ ଗାଡ଼ିର ବ୍ରେକ୍ ଦୁର୍ବଳ ହୁଏ ବା ଫେଲ୍ ମାରେ ଯାହା ଅବସ୍ଥା ହୁଏ, ଆମ ଦେଶରେ ଶାସନ ବ୍ୟବସ୍ଥା, ଶାସକ ଶ୍ରେଣୀର କାର୍ଯ୍ୟକଳାପ ସେହି ଅବସ୍ଥାକୁ ଗଲାଣି। ଗରିବ ଓ ଦୁର୍ବଳ ଶ୍ରେଣୀ ଉପରେ ଶୋଷଣ ରୂପକ ଗାଡ଼ି ଦ୍ରୁତ ଗତିରେ ଚଢ଼ି ଯାଉଛି। ଶାସକ ଶ୍ରେଣୀର ନୀତି ଧନିକ ଶ୍ରେଣୀଙ୍କୁ ସୁହାଉଛି। କର୍ପୋରେଟ୍ ଜଗତ ସରକାରଙ୍କୁ ଏପରି ନୀତି ପ୍ରଣୟନ କରିବାକୁ ବାଧ କରୁଛି, ଯେପରି ସେମାନେ



ଟିକସ ରିହାତି ପାଇବେ, ଋଣ ପରିଶୋଧ କରିବାକୁ ପଡ଼ିବ ନାହିଁ। ଯଦି ପଡ଼ିବ କମ୍ ପଡ଼ିବ ଏବଂ ଟିକସର ବୋଝ ଗରିବଙ୍କ ଉପରେ ବେଶି ପଡ଼ିବ।

ବର୍ତ୍ତମାନ ଧନୀ, ଶିଳ୍ପପତି, ପୁଞ୍ଜିପତି ତଥା କ୍ଷମତାଶାଳୀଙ୍କ ସ୍ୱାର୍ଥ ଯେଉଁଥିରେ ସାଧନ ହେବ, ସେହିପରି ପଦକ୍ଷେପ ନିଆଯାଉଛି ଏବଂ ଟିକସଦାତାଙ୍କ ଅର୍ଥରେ ଘନ ଘନ ପ୍ରଚାର କରାଯାଉଛି। ଦେଶରେ ଦରଦାମ ବୃଦ୍ଧି ଅତ୍ୟନ୍ତ ଭୟଙ୍କର ଏବଂ ଶିକ୍ଷା, ସ୍ୱାସ୍ଥ୍ୟ ଅପହଞ୍ଚ। ମାର୍ଚ୍ଚ ୧୮ରେ ପ୍ରକାଶିତ ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ଲ୍ୟାବ ରିପୋର୍ଟ ଅନୁସାରେ, ଭାରତର ଆଧୁନିକ ପୁଞ୍ଜିପତିବର୍ଗଙ୍କ 'ବିଲିଓନେୟାର ରାଜ୍' ଉପନିବେଶବାଦୀଙ୍କ 'ବ୍ରିଟିଶ ରାଜ୍'କୁ ବଳିଯାଇଛି। ଧନିକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପଦ ଥିବା ବେଳେ ଗରିବ ଲୋକମାନେ ଠିକ୍ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳି ନ ଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ମନେହେଉଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। 'ଇଣ୍ଡିଆ ଏମ୍ପ୍ଲୟମେଣ୍ଟ ରିପୋର୍ଟ ୨୦୨୪' ଅନୁସାରେ ଯୁବକମାନଙ୍କ ମଧ୍ୟରେ ବେକାର ହାର ବିଶ୍ୱ ତୁଳନାରେ ଭାରତରେ ଅଧିକ ରହିଛି। ରିଜର୍ଭ ବ୍ୟାଙ୍କ ଅନୁସାରେ ପାରିବାରିକ ଋଣ ବୃଦ୍ଧି ସାଙ୍ଗକୁ ଲୋକଙ୍କ ଆର୍ଥିକ ସଞ୍ଚୟ ହ୍ରାସ ପାଇଛି ଓ ଦୁଃସ୍ଥିତି ବୃଦ୍ଧି ପାଇଛି। ଜିଡିପି ସିନା ବୃଦ୍ଧି ପାଉଛି, ବିଭିନ୍ନ ସୂଚକାଙ୍କରେ ଭାରତ ଅତ୍ୟନ୍ତ ନିମ୍ନରେ ରହିଛି। ପରିସ୍ଥିତି ଏପରି ଭୟଙ୍କର ଯେ ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେବାର ଆବଶ୍ୟକତା ପଡୁଛି। ନିର୍ବାଚନରେ ମିଥ୍ୟା ତଥା ଲୋଭନୀୟ ପ୍ରତିଶ୍ରୁତି ଦେବାକୁ ହେଉଛି। ଗରିବ, ଶ୍ରମିକ ଓ ଚାଷୀ ଅବହେଳିତ ହେଉଛନ୍ତି ଏବଂ ସେମାନଙ୍କ ସ୍ୱର ଆଜି ନିଷ୍ପ୍ରଭ। କିଛି ଭାବୁଛନ୍ତି ଧନୀମାନେ ଅତ୍ୟନ୍ତ ଆରାମଦାୟକ ଜୀବନ ବିତାଇବେ, କୋଟି କୋଟି ଟଙ୍କା ଠୁଳ କରିବେ, କିନ୍ତୁ କୋଟି କୋଟି ଜନତା ମୁଠାଏ ଖାଇ ଚୁପ୍ ରୁହନ୍ତୁ। ଶାସକ ଶ୍ରେଣୀର ଗୁଣଗାନ କରନ୍ତୁ।

ସତ୍ୟ ହେଉଛି, ବିଶ୍ୱର ଶାସନ ବ୍ୟବସ୍ଥା କର୍ପୋରେଟ ତଥା ଧନିକ ଶ୍ରେଣୀକୁ ସୁହାଇଲା ପରି ପରିବର୍ତ୍ତନ କରାଯାଉଛି। ଜଣେ କ୍ଷମତାରେ ରହିବାକୁ ହେଲେ ବା ହାସଲ କରିବାକୁ ହେଲେ କର୍ପୋରେଟ ତଥା ଧନିକ ଶ୍ରେଣୀଙ୍କ ସ୍ୱାର୍ଥକୁ ସର୍ବାଧିକ ଶାସକ ଶ୍ରେଣୀ ଦେଇଥା'ନ୍ତି। ଏହି ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ରୋକିବା ପାଇଁ ଏକ ଶକ୍ତ ବ୍ରେକ୍ ଅର୍ଥାତ୍ ଦୃଢ଼ ବିରୋଧୀ ଦଳ, ଗଣମାଧ୍ୟମ ଆବଶ୍ୟକ। କିନ୍ତୁ ବିରୋଧୀ ଦଳକୁ ଭାଗ ଭାଗ କରି କିମ୍ବା ବିଭିନ୍ନ ଉପାୟରେ ଦୁର୍ବଳ କରିଦିଆଯାଉଛି। ସାଧାରଣତଃ ସର୍ବଦା ଶାସକ ଶ୍ରେଣୀକୁ ଗଣମାଧ୍ୟମ ଓ ବୁଦ୍ଧିଜୀବୀ ଟାର୍ଗେଟ୍ କରିଥା'ନ୍ତି, କାରଣ ଏକ ସରକାର ନିର୍ବାଚିତ ହୋଇଥାଏ ଲୋକଙ୍କ ହିତରେ କାର୍ଯ୍ୟ କରିବା ପାଇଁ। ବର୍ତ୍ତମାନ ଓଲଟା ବିରୋଧୀ ଦଳକୁ ଟାର୍ଗେଟ୍ କରାଯାଉଅଛି। ବିଶ୍ୱ ପ୍ରେସ୍ ସୂଚକାଙ୍କ ୨୦୨୪ ଅନୁସାରେ ଭାରତ ୧୮୦ଟି ଦେଶ ମଧ୍ୟରୁ ୧୬୧ ସ୍ଥାନରେ ଅଛି, ଅର୍ଥାତ୍ ୧୬୦ଟି ଦେଶ ତଳେ। ଏହା ସୂଚାଉଛି ଯେ ପ୍ରତିବାଦର ସ୍ୱର ଦିନକୁ ଦିନ କ୍ଷୀଣ ହେଉଛି। ଭାରତ ଏକ ତ୍ରୁଟିପୂର୍ଣ୍ଣ ଗଣତନ୍ତ୍ର ବୋଲି ଦି ଇକୋନୋମିଷ୍ଟ ତା'ର ରିପୋର୍ଟରେ କହିଛି।

ପୁନଶ୍ଚ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାରେ ସରକାରଙ୍କୁ ସୁହାଇଲା ପରି ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହେବାପାଇଁ ଜଣକର ଦକ୍ଷତା, ପ୍ରତିଭା ଓ ଜ୍ଞାନର ଯେତିକି ଆବଶ୍ୟକ ନୁହେଁ, ଶାସକ ଶ୍ରେଣୀର ରାଜନୈତିକ ଚିନ୍ତାଧାରାକୁ ସମର୍ଥନ କରିବା ସହିତ ରାଜନୈତିକ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବା ମୁଖ୍ୟ ମାନଦଣ୍ଡ ହୋଇଛି। ଫଳରେ ଲୋକେ ଠିକ୍ ଭାବେ ନ୍ୟାୟ ପାଉନାହାନ୍ତି। ପୁନଶ୍ଚ ଇଡି, ସିବିଆଇ, ଆୟକର ବିଭାଗକୁ ଶାସକ ଶ୍ରେଣୀର ରାଜନୈତିକ ସ୍ୱାର୍ଥ ପାଇଁ ବ୍ୟବହାର କରାଯିବାର ଅଭିଯୋଗ ହେଉଛି। ଏମାନେ ବିରୋଧୀ ଦଳକୁ ନିରସ୍ତ୍ର କରି ଦେଉଛନ୍ତି। ଶାସକ ଶ୍ରେଣୀର କୌଣସି ଦୁର୍ନୀତିଗ୍ରସ୍ତ ଲୋକଙ୍କ ଉପରେ ଚଢ଼ାଉ କରା ନ ଯାଇ ବିରୋଧୀ ଦଳର ନେତାଙ୍କ ଉପରେ ଜାଣିଶୁଣି ଚଢ଼ାଉ କରାଯାଉଛି। ଯଦି ବିଭିନ୍ନ ଚଢ଼ାଉ, ରେଡ୍ ପରେ ଜଣେ ଶାସକ ଦଳରେ ଯୋଗ ଦେଉଛନ୍ତି, ତାଙ୍କୁ ଦଣ୍ଡରୁ ମୁକ୍ତି ମିଳୁଛି। ନଚେତ୍ ହଇରାଣ ହରକତ ହେବାକୁ ପଡୁଛି। ୨୦୧୪ରୁ ଆଜି ପର୍ଯ୍ୟନ୍ତ ବିରୋଧୀ ଦଳର ୨୫ ଜଣଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ଥିଲେ ମଧ୍ୟ ୨୩ ଜଣ ଭାଜପାରେ ଯୋଗ ଦେବା ପରେ ତାଙ୍କୁ ଦୋଷମୁକ୍ତ କରିଦିଆଯାଇଛି। ଏଣୁ କିଏ ଶାସନ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଏକ ଶକ୍ତ ବିରୋଧୀ ଦଳ, ଗଣମାଧ୍ୟମ ସେତିକି ମହତ୍ତ୍ୱପୂର୍ଣ୍ଣ। ସମାଲୋଚକଙ୍କୁ ଘୃଣା ଚକ୍ଷୁରେ ଦେଖା ନ ଯାଉ।

ମୋ: ୯୪୩୭୨୦୮୭୬୨

# ନକାରାତ୍ମକ ଖବର ଜାଣିବାର ଇଚ୍ଛା



ଡା. ସମ୍ରାଟ କର

ସେଦିନ ବଡ଼ିସକାଳୁ ମୋର କମ୍ପ୍ୟୁଟର କ୍ଷିପ୍ରଲିଖି ସହକାରୀ ଶ୍ରଦ୍ଧେୟ ଶ୍ରୀକାନ୍ତର ଫୋନ ବାଜିଉଠିଲା। ସକାଳୁଆ ଶୁଭେଚ୍ଛା ଜଣାଇବା ସହ ବ୍ୟସ୍ତଭରା କଣ୍ଠରେ କହିଲା ସାର୍, ମୋ ସମ୍ପର୍କୀୟ ଭାଇ ବିଭୂତି ସହଜେ ଇତସ୍ତତଃ ଥିବାବେଳେ ମୁଁ ତା' ପାଇଁ କର୍ମସଂସ୍ଥାନ ବ୍ୟବସ୍ଥାଟିଏ କରିଛି। ବଡ଼ ଆଶ୍ଚର୍ଯ୍ୟର କଥା ଅବସର ସମୟ ବା କେବଳ ଶୋଇଲା ବେଳ ନୁହଁ ଅନ୍ୟ ସମୟରେ ସେ ତା' ମୋବାଇଲ ମୋ କମ୍ପ୍ୟୁଟରରେ ବଡ଼ ବ୍ୟସ୍ତ ହୋଇ ଏଣୁତେଣୁ କ'ଣ ସବୁ ଦେଖୁଛି? ନିଜକୁ ନିଜେ ବେଳେବେଳେ ଚିଡ଼ିଚିଡ଼ା ପରି ହୋଇଯିବା ସହ ବିଚିତ୍ର ଶବ୍ଦ ସବୁ କହୁଛି ଯଦିଓ ତା'ର କୌଣସି ମାନସିକ ସମସ୍ୟା ନାହିଁ। କିନ୍ତୁ ସେ କମ୍ପ୍ୟୁଟର ଓ ମୋବାଇଲରେ ଯେଉଁପରି ଅସ୍ତବ୍ୟସ୍ତ ହୋଇ ଚିଡ଼ିଚିଡ଼ା ହେଉଛି ବିଶେଷକରି ଇ–ମେଲ୍ ସବୁ ଖୋଲି ସୋସିଆଲ ମିଡିଆରେ ସକ୍ରିୟର ବାହାନା ସମ୍ଭବତଃ ଦେଖାଉଛି କି? ମୁଁ ଶ୍ରୀକାନ୍ତକୁ କହିଲି, ତମେ ମୋ ଲେଖା ସହ ଏପରି ଜଡ଼ିତ ହୋଇଯାଇଛ ଯେ ତୁମେ ବେଶ୍ ଭଲ ଭାବେ ସେହି ପିଲାଟିର ତଥ୍ୟ ମୋତେ ଜଣାଇ ପାରିଲ, ବ୍ୟସ୍ତ ହୁଅନା ମୁଁ ତୁମକୁ ସବିଶେଷ କହୁଛି।

ଆଜିର ସମୟରେ ଲୋକମାନଙ୍କ ଅଧିକାଂଶ ସମୟ କମ୍ପ୍ୟୁଟର ନଚେତ୍ ମୋବାଇଲରେ ଯାଉଛି। ପୂର୍ବରୁ ଲୋକମାନଙ୍କର ଏ ଦୁର୍ବଳତା ଥିଲା, କିନ୍ତୁ ଏବେ କରୋନା ବିଭୀଷିକା ପାଇଁ ବର୍ଷ ବର୍ଷ ଘରେ ବସି ଅନ୍‌ଲାଇନ ସହ ବେଶି ଆସକ୍ତ ହୋଇଗଲେ। ସବୁଠାରୁ ବଡ଼ କଥା ସୋସିଆଲ ମିଡିଆର ଭଲ ଦିଗ ଯେତିକି ରହିଛି ଖରାପ ଦିଗ ମଧ୍ୟ ତତୋଧିକ। ଆପଣଙ୍କ ହାତ ପାହାନ୍ତାରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସମସ୍ତ ଜ୍ଞାନ, ପାଠଶାଠ, ମନୋରଞ୍ଜନ, ସବୁ ପ୍ରଶ୍ନର ଉତ୍ତର ସବୁକିଛି ପାଇବେ। କିନ୍ତୁ ଏହା ଆପଣଙ୍କୁ ଯେତିକି ଦେଉଛି ତା'ଠାରୁ ଅଧିକ ଯାହା ସବୁ କ୍ଷତି କରୁଛି ତାର ବଡ଼ ଉଦାହରଣ ହେଉଛି ଡୁମ୍‌ସ୍କ୍ରୋଲିଙ୍ଗ। ସୋସିଆଲ ମିଡିଆରେ ନକାରାତ୍ମକ ଖବରଗୁଡ଼ିକୁ ପଢ଼ିବାରେ ଅଧିକ ସମୟ ବିତାଇବା ସହ ଖୋଜିବାର ଅଭ୍ୟାସକୁ ମନୋବିଜ୍ଞାନ ଭାଷାରେ 'ଡୁମ୍‌ସ୍କ୍ରୋଲିଙ୍ଗ୍' ବା 'ଡୁମ୍ ସରଫିଙ୍ଗ୍' ନାମ ଦିଆଯାଇଛି। ଡୁମ୍‌ସ୍କ୍ରୋଲିଙ୍ଗ୍ ଏକପ୍ରକାର ମାନସିକ ଅଭ୍ୟାସ ଏବଂ କରୋନା ପରେ ଏହା ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛି। ଏହାର ହାନିକାରକ ପ୍ରଭାବ ଯୋଗୁ ଏବେ ଅବସାଦ, ଦୁଶ୍ଚିନ୍ତା ଓ ନକାରାତ୍ମକ ପ୍ରତିକ୍ରିୟା ଭଳି ମାନସିକ ରୋଗ ସୃଷ୍ଟି ହେଉଛି। ଡୁମ୍‌ସ୍କ୍ରୋଲିଙ୍ଗରେ ପୀଡ଼ିତ ବ୍ୟକ୍ତି ଦୁଃଖଦ ଓ ନକାରାତ୍ମକ ଖବରଗୁଡ଼ିକୁ ଜାଣିବା ପାଇଁ ପ୍ରବଳ ଇଚ୍ଛା କରିଥାଏ। ଏଥିପାଇଁ ସେ ସୋସିଆଲ ମିଡିଆରେ ଅଧିକ ସମୟ ବ୍ୟୟ କରେ ଏବଂ କିଛି ଖବର ନ ମିଳିବା ପର୍ଯ୍ୟନ୍ତ ସେ ଇତସ୍ତତଃ ହୋଇପଡ଼େ। ଏହି ମାନସିକ ସମସ୍ୟା ଯୋଗୁ ବ୍ୟକ୍ତି ସବୁବେଳେ ନକାରାତ୍ମକ ଚିନ୍ତା କରେ। ମନ ଭିତରେ ଭୟ ସୃଷ୍ଟି ହୁଏ। ଅନିଦ୍ରା ଓ ହରମୋନ ଡିସ୍‌ଅର୍ଡର ଭଳି ସମସ୍ୟା ମଧ୍ୟ ଦେଖାଯାଏ। ସବୁବେଳେ ଉଦାସ ରହିବା, କୌଣସି କାମରେ ନକାରାତ୍ମକ ପ୍ରତିକ୍ରିୟା ଦେଖାଇବା ଏବଂ ଅସ୍ତବ୍ୟସ୍ତ ଲାଗିବା ଭଳି ବ୍ୟବହାର କରିବା ଏହି ରୋଗର ଲକ୍ଷଣ। ପ୍ରାଥମିକ ଅବସ୍ଥାରେ ଏହି ନକାରାତ୍ମକ ପ୍ରତିକ୍ରିୟା ପରବର୍ତ୍ତୀ ସମୟରେ ମାନସିକ ଅବସାଦ, ବିରକ୍ତି, ଉତ୍ତେଜନା ଏବଂ ଏହାପରେ ଏହା ଜଣକୁ ଏପରି ନୈରାଶ୍ୟ ଭିତରକୁ ଠେଲି ଦେଇଥାଏ ଯେ ବେଳେବେଳେ ସେମାନେ ନିଜକୁ ନିୟନ୍ତ୍ରଣରୁ ହରାଇ ବସିଥାନ୍ତି। ଏହାର ପାରିପାର୍ଶ୍ୱିକ ପ୍ରତିକ୍ରିୟା ଲୋକଟି ପାଖରେ ରହୁଥିବା ପରିବାର ଲୋକ ଏପରି କି ସେ କାମ କରୁଥିବା କର୍ମ ସଂସ୍ଥାନର ତାଙ୍କ ସହଯୋଗୀମାନେ ମଧ୍ୟ ଅନୁଭବ କରିଥାନ୍ତି। ଅନେକ କ୍ଷେତ୍ରରେ ହିଂସାତ୍ମକ ଆଚରଣ ଲୋକଟି ପାଇଁ ଘାତକ ମଧ୍ୟ ସାବ୍ୟସ୍ତ ହୋଇଥାଏ। ବିଶେଷକରି ଯେଉଁମାନେ ନିଶା ସେବନରେ ଅଭ୍ୟସ୍ତ ସେମାନଙ୍କ ପାଇଁ ଏହା ଏକପ୍ରକାର ଜଟିଳ କାରଣ ପାଲଟିଥାଏ। ଆମ ମନୋଚିକିତ୍ସାର ସୂତ୍ର ଅନୁଯାୟୀ, ସୋସିଆଲ ମିଡିଆରେ ଅଧିକ ସମୟ ସକାରାତ୍ମକ ଓ ପ୍ରେରଣାଦାୟକ ସାଇଟ ଅନୁସରଣ କରିବା, ନକାରାତ୍ମକ ଖବରରୁ ଦୂରେଇ ରହିବା ଏବଂ କୌଣସି ଦୁଃଖଦ ଓ ନକାରାତ୍ମକ ଖବରକୁ ଅଧିକ ସମୟ ମନ ଭିତରେ ନ ରଖିବା ବା ଆଲୋଚନା ନ କରିବା ଦ୍ୱାରା ଡୁମ୍‌ସ୍କ୍ରୋଲିଙ୍ଗ ସମସ୍ୟା ଦୂର ହୋଇପାରିବ। ଡୁମ୍‌ସ୍କ୍ରୋଲିଙ୍ଗ ଭଳି ମାନସିକ ରୋଗର ସମାଧାନ ସମ୍ଭବ। ତେଣୁ ପ୍ରଥମ ପର୍ଯ୍ୟାୟରେ ହିଁ ଏହାର ଉପଚାର କରାଇନେବା ଉଚିତ।

କାରଣ ଗୋଟିଏ ସୁସ୍ଥ ଶରୀର ପାଇଁ ସୁସ୍ଥ ମସ୍ତିଷ୍କର ଭୂମିକା ସର୍ବାଗ୍ରେ ରହିଥାଏ। ଏ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ ଏହାର ଶିକାର ହୋଇଥିବା ଲୋକଟିର ପାଖ ଲୋକମାନେ ସେହି ଲୋକଟିକୁ ବିରକ୍ତି ବା ଉତ୍ତେଜିତ ହୋଇ କିଛି କୁହନ୍ତୁ ନାହିଁ ବରଂ ତାଙ୍କ ପାଇଁ କିଛି ସମୟ କାଢ଼ନ୍ତୁ। ସମସ୍ତେ ଜାଣନ୍ତି ଯେ ଜୀବନରେ ନେଗେଟିଭଠାରୁ ପଜିଟିଭି ସବୁ କ୍ଷେତ୍ର ଓ ସବୁ ସମୟ ପାଇଁ ଅତ୍ୟନ୍ତ ଜରୁରୀ। ନେଗେଟିଭ ଚିନ୍ତା ବା କାମର ଢଙ୍ଗରଙ୍ଗ ରଖୁଥିବା ଚରିତ୍ରମାନେ ଜୀବନରେ ସେତେ ସଫଳ ହୋଇପାରନ୍ତି ନାହିଁ ଏବଂ ବଡ଼କଥା ସେମାନଙ୍କ ନିଜ ଜୀବନଚର୍ଯ୍ୟାଠାରୁ ପରିବାର, ବନ୍ଧୁବର୍ଗ ଓ କର୍ମ ସଂସ୍ଥାନ କ୍ଷେତ୍ର ମଧ୍ୟ ପରୋକ୍ଷ ଭାବେ ପ୍ରଭାବିତ ହୋଇଥାଏ। ଜୀବନ ଅଛି ମାନେ ସୁଖ ସହ ଦୁଃଖ ବି ରହିବ। ଏହା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱପରି। ଜୀବନରେ ସଫଳତା ସହ ବିଫଳତା, ପ୍ରାପ୍ତି ସହ ଅପ୍ରାପ୍ତି ସବୁକିଛି ତ ରହିବ। କାରଣ ଏହାକୁ ତ ନେଇ ହିଁ ଜୀବନ। ପଜିଟିଭ ଚିନ୍ତାଧାରା ଆପଣଙ୍କ ଜୀବନକୁ ସେହିପରି ଆଗେଇ ନେବ। ଆଉ ନେଗେଟିଭ ଆପଣଙ୍କୁ ଯେତିକି ପଛେଇବ ସେତିକି ଦୁଃଖ, ଚିନ୍ତା, ଅବସାଦ ଓ କଷ୍ଟ ସବୁକିଛିକୁ ଡାକି ଆଣିବ। ସୋସିଆଲ ମିଡିଆକୁ ଆପଣ ବନ୍ଧୁ କରନ୍ତୁ, ତା'ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ। ନିଜ ଜୀବନ ସହ ପରିବାରର ଜୀବନ ଓ ସୁଖ, ଦୁଃଖ, ଭଲମନ୍ଦ ଚିନ୍ତା କରନ୍ତୁ। ଦେଖିବେ ଆପଣଙ୍କ ପାଇଁ ସବୁକିଛି ପଜିଟିଭ ହୋଇଯିବ।



**ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,**
**ପୁରୀଘାଟ ରୋଡ୍, କଟକ**
**ମୋ: ୯୧୩୨୪୩୩୩୩୩**

## ଏଇ ଭାରତରେ

ଟ୍ରି ସ୍କୁଟର ବିଷୟରେ କେବେ ଶୁଣିଛନ୍ତି କି। ଏଭଳି ସ୍କୁଟର ନିର୍ମାଣ କରିଛନ୍ତି ମାଙ୍ଗାଲୁରର ଗଣପତି ଭଟ୍ଟ। ଏହି ସ୍କୁଟର ରାସ୍ତାରେ ନ ଚାଲି କେବଳ ଗୁଆ ଗଛ ଚଢୁଛି। ଖୁବ୍ କମ୍ ସମୟରେ ଲୋକକୁ ଗଛ ଶୀର୍ଷରେ ପହଞ୍ଚାଇପାରୁଛି। ଏହା ଉପରେ ବସି ଲୋକେ ଆରାମରେ ଗୁଆ ତୋଳିପାରୁଛନ୍ତି। ସ୍କୁଟରଟି ନିର୍ମାଣ କରିବା ପରେ ଗୁଆଚାଷୀମାନଙ୍କୁ ଅଧିକ ଶ୍ରମିକଙ୍କ ଉପରେ ନିର୍ଭର କରିବାକୁ ପଡୁନାହିଁ। ୪ ଜଣ ଲୋକ ଗଛ ଚଢ଼ି ଦିନକୁ ଯେତିକି ଗୁଆ ତୋଳିପାରନ୍ତି ସେତିକି ଗୁଆ ଜଣେ ଲୋକ ଏହି ସ୍କୁଟର ଦ୍ୱାରା ତୋଳି ପାରୁଛନ୍ତି। ଏହି ମେଶିନରେ ଦିନକୁ ୩୦୦ ଗୁଆଗଛରୁ ଗୁଆ ତୋଳାଯାଇପାରୁଛି। ଫଳରେ କମ୍ ଶ୍ରମଶକ୍ତିରେ ଅଧିକ ଲାଭ ମିଳୁଛି। ଟ୍ରି ସ୍କୁଟରରେ ଆରାମରେ ବସିବା ଲାଗି ଏକ ସିଟ୍, ସିଟ୍‌ବେଲ୍ଟ ରହିଛି। ଗଛ ଉପରକୁ ଚଢ଼ିବା ସକାଶେ ଏଥିରେ ଚକ ଓ ଶକ୍ତି ପାଇଁ ମୋଟର ଲଗାଯାଇଛି। ଗଣପତି ପେସାରେ ଜଣେ କୃଷକ। ଟେକ୍ନିକାଲ କିମ୍ବା ଇଞ୍ଜିନିୟରିଂ ପଢ଼ି ନାହାନ୍ତି। କିନ୍ତୁ ଏଭଳି ମେଶିନ ନିର୍ମାଣ କରି ସେ ଏକ ସ୍ୱତନ୍ତ୍ର ପରିଚିତି ପାଇପାରିଛନ୍ତି। ସେ ଗୁଆ ତୋଳିବାର ସହଜ ଓ ଶସ୍ତା ଉପାୟ ଖୋଜୁ ଖୋଜୁ ଏକ ମେଶିନ ନିର୍ମାଣ କରିବାର ଜ୍ଞାନକୌଶଳ ପାଇଗଲେ। ଏହି ଜ୍ଞାନକୌଶଳ ଥିଲା ତାଙ୍କର ପୂରା ନିଜସ୍ୱ।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୭୫

- କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ଉମାଶଙ୍କର ଦୀକ୍ଷିତଙ୍କ ଦ୍ୱାରା ପାରାଦୀପଠାରେ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ରଥମ କାର୍ଗୋବର୍ଥ ଉଦ୍‌ଘାଟିତ।
- କଶ୍ମୀର ରାଜ ପରିବାର ଅଧୀନରେ ଥିବା ୧୧୨ ବର୍ଷର ପ୍ରାଚୀନ 'ଅମର ମହଲ' ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗିତ।
- ବିରୁଟ୍‌ର ସହରତଳି ଅଞ୍ଚଳରେ ପାଲେଷ୍ଟାଇନ ଗରିଲା ଓ ଲେବାନନ ଫ୍ୟାଲେଞ୍ଜ ପାର୍ଟିର ସଭ୍ୟମାନଙ୍କ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଘଟି ୪୦ ନିହତ।

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ସୁରକ୍ଷା କାହା ହାତରେ

ମହାଶୟ,

ନିକଟ ଅତୀତରେ 'ଶ୍ରୀମନ୍ଦିରରେ ପଶିଲେ ଅଣହିନ୍ଦୁ, ୯ ଅଟକ, ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ' ଶିରୋନାମାରେ ସ୍ଥାନିତ ରିପୋର୍ଟ ଖୁବ୍ ଚିନ୍ତାଜନକ। ଓଡ଼ିଶା ସରକାରଙ୍କ ଲ' ଡିପାର୍ଟମେଣ୍ଟ ହାତରେ ଶ୍ରୀମନ୍ଦିର ପରିଚାଳନାର ସମସ୍ତ ଦାୟିତ୍ୱ ନ୍ୟସ୍ତ। କିନ୍ତୁ ଦୁଃଖର ବିଷୟ ଯେ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରିସର ତଥା ଅନ୍ୟ ସ୍ଥାନରେ ଶ୍ରୀଜୀଉଙ୍କ ଯାତ୍ରାବେଳେ ଯେତେ ବ୍ୟକ୍ତିଗତ ଓ ସାମୂହିକ ଲ' ଆଣ୍ଡ ଅର୍ଡର ସମସ୍ୟା ସୃଷ୍ଟି ହୁଏ ତାହା ବୋଧେ ଗିନିଜ ବୁକ ଅଫ୍ ରେକର୍ଡ ହୋଇପାରିବ। ବହୁ ଧଳାହାତୀ ଶ୍ରୀମନ୍ଦିର ପ୍ରଶାସନରେ ପୋଷା ହେବା ବେଳେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଜୀବନ୍ତ ହାତୀ ଯୋଗାଡ଼ରେ ଅବହେଳା ଓ ଉଦାସୀନତା କାହିଁକି? ଶ୍ରୀମନ୍ଦିର ସୁରକ୍ଷା ପାଇଁ ଜଣେ ସ୍ୱତନ୍ତ୍ର ପ୍ରଶାସନିକ ଅଧିକାରୀ ଅଛନ୍ତି। ତାଙ୍କର କାମ କ'ଣ? ଏଭଳି ଏକ ଘଟଣା ପରେ ତଳିଆ କର୍ମଚାରୀଙ୍କ ବଦଳରେ ସ୍ୱତନ୍ତ୍ର ସୁରକ୍ଷା ଅଧିକାରୀ ଅବହେଳାର ଉତ୍ତର ରଖିବେ କି?

–ଡି.ପି. ତ୍ରିପାଠୀ, ଶ୍ରୀନିବାସ ବିହାର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଛୋଟ ଛୋଟ ଦିଓଟି ସେ ଛଳ ଛଳ ଆଖି
ଏ ଗଗନେ ଏ ପବନେ ଯାଇଛି ସେ ଲାଖି
ଦରୋଟି ଦୁଇଟି କଥା
ଏ ଭୁବନେ ଦିଏ ବ୍ୟଥା,
ଅତି କ୍ଷୁଦ୍ର ଦନ୍ତପୁଟେ ହାସ ରଖେ ଜାକି।
–(ଚିତ୍ରୋତ୍ପଳା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କମଳ ଚରଣ ତାଣ୍ଡି କଂଗ୍ରେସ ପ୍ରାର୍ଥୀ

ଖଡ଼ିଆଳ,୧୫।୪(ସୁଜିତ୍ କୁମାର ପ୍ରଧାନ)

ବହୁ ପ୍ରତୀକ୍ଷାର ଅନ୍ତ ପରେ କଂଗ୍ରେସ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଖଡ଼ିଆଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କମଳ ଚରଣ ତାଣ୍ଡିଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ଖଡ଼ିଆଳନିବାସୀ ତାଣ୍ଡିଦୀର୍ଘବର୍ଷରୁକଂଗ୍ରେସ କାର୍ଯ୍ୟକର୍ତ୍ତା ରହି କାର୍ଯ୍ୟ କରି ଆସୁଥିଲେ। ସେହିପରି ସେ ଦଳିତ ଅଧିକାର ମଞ୍ଚ ଗଠନ କରି ରାଜ୍ୟ ସଭାପତି ରହିଛନ୍ତି। ତାଙ୍କୁ କଂଗ୍ରେସ ପ୍ରାର୍ଥୀ କରିବା ପରେ କଂଗ୍ରେସ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି।

### ଲଦୁଗାଁଠାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

କୋକସରା,୧୫।୪(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପୂର୍ବରୁ ସଚେତନତା ସୃଷ୍ଟି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ସୋମବାର କୋକସରା ପୋଲିସ ପକ୍ଷରୁ ଲଦୁଗାଁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରଣୀ ରନିତା ପ୍ରଧାନଙ୍କ ନେତୃତ୍ୱରେ ସିଆରପିଏଫ ଯବାନ ଓ କୋକସରା ପୋଲିସ କର୍ମଚାରୀ ଲଦୁଗାଁ ଅଞ୍ଚଳରେରେ ଫ୍ଲାଗ୍‌ମାର୍ଚ୍ଚ ପ୍ରଦର୍ଶିତ କରି ଜନ ସାଧାରଣଙ୍କୁ ନିର୍ବଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା, କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ନ ହେବା ଏବଂ ନିର୍ବାଚନ ଆଚରଣବିଧି ନିୟମ ଉଲ୍ଲଂଘନ ନ କରିବାକୁ ଜନସାଧାରଣଙ୍କୁ ସଚେତନ କରିଛନ୍ତି। ଫ୍ଲାଗ୍‌ମାର୍ଚ୍ଚରେ କୋକସରା ଥାନା ଏସଆଇ ହେମନ୍ତ ପାତ୍ର, ଅନୀଲ ପାଢ଼ୀ, ଏଏସଆଇ ମମତା ଶବର, ଉଷା ହରିଜନ, ଦାମୋଦର ନାଏକ, ସନ୍ତୋଷ ନାୟକ ଓ କଷ୍ଟବଲ ଓ ହୋମଗାର୍ଡ କର୍ମଚାରୀ ସାମିଲ ଥିଲେ।

### ଖଡ଼ିଆଳ ସହରରେ ନାହିଁ ପରିସ୍ରାଗାର

ଖଡ଼ିଆଳ,୧୫।୪(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସହରରେ ପରିସ୍ରାଗାର ନାହିଁ। ଫଳରେ ସହରକୁ ଆସୁଥିବା ଲୋକଙ୍କ ସହ ଜନସାଧାରଣ, ବେପାରି ଓ ବିଭିନ୍ନ ବସରେ ଯାତ୍ରୀମାନେ ପରିଶ୍ରା କରିବାକୁ ହେଲେ ରାସ୍ତା କଡ଼ରେ କରିବାକୁ ପଡୁଛି। ପୁରୁଷ ଲୋକଙ୍କ ପାଇ ରାସ୍ତା କଡ଼ରେ ପରିସ୍ରା କରେ ଚଳିବ ହେଲେ ମହିଳାମାନଙ୍କ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ସୁବିଧା କରିବା ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ସହିତ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିକାରୀ ଏହା ଉପରେ ଧ୍ୟାନ ଦେଉ ନ ଥିବା ସାଧାରଣରେ ଅସନ୍ତୋଷ ଦେଖାଦେଉଛି। ଖଡ଼ିଆଳର ବୋଡ଼େନ ଛକଠାରୁ ଆମ୍ବେଡକର ଛକ, ଜାତୀୟ ରାଜପଥ ରାସ୍ତା କଡ଼ରେ ତିଆରି କରିବା ପାଇଁ ସାଧାରଣରେ ଦାବି ହେଉଛି। ଜାତୀୟ ରାଜପଥ ଛଡ଼ା ଅନ୍ୟ ସ୍ଥାନରେ ମଧ୍ୟ ପରିଶ୍ରାଗାର ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

### ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା

ସିନାପାଲି,୧୫।୪(ମନଫୁଲ ମେହେର)

ପଣାସଂକ୍ରାନ୍ତି ଏବଂ ହନୁମାନ ଜନ୍ମୋତ୍ସବ ଉପଲକ୍ଷେ ସ୍ଥାନୀୟ ବଜରଙ୍ଗ ଦଳ ଆହ୍ୱାନରେ ଏକ ବିଶାଳ ଶୋଭାଯାତ୍ରା ହନୁମାନ ମନ୍ଦିରଠାରୁ ବାହାରି ସିନାପାଲି ନଗର ପରିକ୍ରମା ପରେ ଜଗନ୍ନାଥ ମନ୍ଦିର ପରିସରରେ ପହଞ୍ଚିଥିଲା। ସେଠାରେ ଆସିଥିବା କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ ପରେ ହଜାର ହଜାର ଶ୍ରଦ୍ଧାଳୁ ଅନ୍ନ ପ୍ରସାଦ ଗ୍ରହଣ କରିଥିଲେ। ଶୋଭାଯାତ୍ରାରେ ସିନାପାଲି ସହରର ପ୍ରାୟ ସମସ୍ତ ଯୁବକ ସଂଘ, ମନ୍ଦିର କମିଟି ଓ ଅନ୍ୟାନ୍ୟ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସମେତ ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ହଜାର ହଜାର ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାରମ୍ପରିକ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଆଦି ବେଶ ଓ ପାରମ୍ପରିକ ଘଣ୍ଟ ବାଦ୍ୟ, ଆଦିବାସୀ ନୃତ୍ୟ ଆକର୍ଷଣ ହୋଇଥିବା ବେଳେ ଜୟଶ୍ରୀରାମ ଓ ଜୟ ହନୁମାନ ଧ୍ୱନୀରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଥିଲା। ପୂର୍ବରୁ ସକାଳେ ସ୍ଥାନୀୟ ହନୁମାନ ମନ୍ଦିରରେ ସାମୂହିକ ପୂଜା ଓ ହନୁମାନ ଚାଳିଶା ପାଠ ପରେ ସମିତି ପକ୍ଷରୁ ସହରର ବିଭିନ୍ନ ଛକରେ ପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସଭାପତି ସୁରଜ କୁମାର ମେହେର, ଉପସଭାପତି ଅରୁଣ ମେହେର, ସମ୍ପାଦକ ବିକାଶ ମେହେର ସହସମ୍ପାଦକ ରଶ୍ମିରଞ୍ଜନ ସା, କୋଷାଧ୍ୟକ୍ଷ ବେଣୁଧର ମେହେର ସହକୋଷଧକ୍ଷ ପ୍ରଭାତ ମେହେରଙ୍କ ସମେତ ଆଲୋକ ମେହେର, ଜିତେନ୍ଦ୍ର ମେହେର, ସୁନିଲ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ମେ ୨୦ରୁ ଧାନ ସଂଗ୍ରହ ଆରମ୍ଭ



ରବି ଧାନ ସଂଗ୍ରହ କମିଟି ବୈଠକରେ ଯୋଗଦେଇଥିବା ଅତିଥିଗଣ।

- ୫୯୩୬୧ ହେକ୍ଟର ଜମିରେ ହୋଇଛି ରବି ଚାଷ
- ଧାନ ସଂଗ୍ରହ ୩୦ ଲକ୍ଷ ମେଟ୍ରିକ ଟନ ଆକଳନ
- ଜିଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

ଭବାନୀପାଟଣା,୧୫।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ରବି ଧାନ ସଂଗ୍ରହ ପାଇଁ ସୋମବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଜିଲାରେ ମେ ୨୦ରୁ ବିଭିନ୍ନ ବ୍ଲକର ମଣ୍ଡିରୁ ଧାନ କ୍ରୟ ନିମନ୍ତେ ପ୍ରଶାସନିକ ପଦକ୍ଷେପ ଉପରେ ବିଶେଷ ଆଲୋଚନା ହୋଇଥିଲା। ବୈଠକରେ ପ୍ରଥମେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ପବିତ୍ର ସାହୁ ସମସ୍ତଙ୍କୁ ସ୍ୱାଗତ କରି ଏଜେଣ୍ଡା ଅନୁଯାୟୀ ସଭା କାର୍ଯ୍ୟକୁ ଆଗେଇଥିଲେ। ଜିଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା ଯଥା ପିଇବା ପାଣି ବ୍ୟବସ୍ଥା, ପ୍ରତ୍ୟେକ ଦିନ ଖୋଲିବା, ବିଜୁଳି, ତାପୋଲିନ, ଆଶ୍ରୟ ସ୍ଥଳ, ଓଜନ ମେଶିନ ଓ ଅନ୍ୟାନ୍ୟ ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ଡିଆର୍‌ସିଓଏସ ଓ ଆର୍‌ଏମସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଏସଓଙ୍କ ସୂଚନା ଅନୁସାରେ ଗତ ଖରିଫ ୨୦୨୩-୨୪ରେ ୧୧।୪।୨୦୨୪ ସୁଦ୍ଧା ଧାନ ସଂଗ୍ରହ ଲକ୍ଷ୍ୟ ୫୪୦୮୮୩ .୪୦ ମେଟ୍ରିକ ଟନ ଥିବାବେଳେ ୫୧୦୩୮୪.୧୪ ମେଟ୍ରିକ ଟନ ସଂଗ୍ରହ ହୋଇଥଲା। ବର୍ତ୍ତମାନ ୫୯,୩୬୧ ହେକ୍ଟର ଜମିରେ ରବି ଧାନ କରାଯାଇଛି। ଧାନ ସଂଗ୍ରହ ୩୦ ଲକ୍ଷ ମେଟ୍ରିକ ଟନରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ସଧାରଣ ଧାନ ଏଫ ଏ କ୍ୟୁ ମାନର ଏମଏସପି ମୂଲ୍ୟ କୁଇଣ୍ଟାଲ ପ୍ରତି ୨୧୮୩/- ଟଙ୍କା ରହିଛି। ଗତ ଖରିଫ ଋତୁରେ ୬୭ଟି ଉଷୁନା ମିଲର ଓ ୧୬ଟି ଅରୁଆ ମିଲର ଧାନ ସଂଗ୍ରହଣରେ ଭାଗ ନେଇଥିଲେ। ବର୍ତ୍ତମାନ ୬୭ଟି ଉଷୁନା ମିଲର ରବି ଧାନ ସଂଗ୍ରହଣରେ ଭାଗ ନେବେ। ରବି ଧାନ ପାଇଁ ଜିଲାରେ ଉଭୟ ଭବାନୀପାଟଣା ଓ ଧର୍ମଗଡ ଉପଖଣ୍ଡରେ ୭୨ଟି ପାକ୍ସ, ୬୨ଟି ପିପିସି, ୨୩ଟି ଡ଼ବ୍ଲୁଏଚଜି ଏଭଳି ମୋଟ ୧୫୭ଟି ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ହେବ। ୨୦୨୩-୨୪ ରବି ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ୫୨୫୯୭ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ବୈଧ ଟୋକେନ ଥିବା ଚାଷୀ ସକାଳ ୭ଟାରୁ ୧୨ଟା ମଧ୍ୟରେ ମଣ୍ଡିକୁ ଯାଇ ଧାନ ବିକ୍ରୟ କରିପାରିବେ। ମିଲରମାନେ ମଣ୍ଡିରୁ ଧାନ ଉଠାଇ ଟ୍ରକ ଦ୍ୱାରା ପରିବହନରେ ରୁଟ ଦ୍ୱାରା କ୍ଷତିଗ୍ରସ୍ତ, ବିଲ ଉଠାଣ ଓ ବିଭିନ୍ନ ଫର୍ମ ପୂରଣରେ ଅବ୍ୟବସ୍ଥା ସଭାରେ ଉପସ୍ଥାପନ କରି ଏହାର ସମାଧାନ ପାଇଁ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଇନ୍ଦ୍ରାବତୀ ପ୍ରକଳ୍ପ ରବି ଋତୁ ଧାନ ଅମଳ ପାଇଁ ଆସନ୍ତା ମେ ପ୍ରଥମ ସପ୍ତାହରୁ କେନାଲ ଜଳସେଚନକୁ ବନ୍ଦ କରିବ ବୋଲି ପ୍ରକଳ୍ପ କର୍ତ୍ତୃପକ୍ଷ ସଭାରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭବାନୀପାଟଣା ଉପଜିଲାପାଳ ବିଶ୍ୱଜିତ ଦାସ, ଡିଆର୍‌ସିଏସ ପ୍ରମୋଦ ସାହୁ, ସିଡିଏଓ ବିଶ୍ୱେଶ୍ୱର ସାହୁ, ଡିଆଇପିଆର୍‌ଓ ମନୋଜ ବେହେରା, ସଂପୃକ୍ତ ଜିଲା ବିଭାଗୀୟ ଅଧିକାରୀ, ମିଲର ସଭାପତି ନଳିନୀ ପାଟଯୋଷି, ମିଲର ମହେଶ ବଂଶଲ, ଚାଷୀ ପ୍ରତିନିଧି ଦୀପ୍ତି ରଞ୍ଜନ ପ୍ରହରାଜ, ପ୍ରଶାନ୍ତ ପାଟଯୋଶୀ, ଏଏଓ, ବିଏଓ, ଉପ ବିଭାଗୀୟ ଅଧିକାରୀ, ବିଭିନ୍ନ ବ୍ଲକରୁ ଚାଷୀ ପ୍ରତିନିଧି, ଆର୍‌ଏମସି, ପାକ୍ସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ପପୁନ



@ ହମିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କଂଗ୍ରେସର ଜୋନସ୍ତରୀୟ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

### ୮୦ରୁ ଊର୍ଦ୍ଧ୍ୱ ବିଜେଡି, ଭାଜପା କର୍ମୀ କଂଗ୍ରେସରେ ସାମିଲ

ଥୁଆମୂଳ ରାମପୁର,୧୫।୪(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବ୍ରାହ୍ମଣୀ ଚଞ୍ଚାରା ଗ୍ରାମସ୍ଥିତ ରକ୍ତ ମାଉଳୀ ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସ ୧ନମ୍ବର ଜୋନ ସଭାପତି ନିଧନ ନାଏକଙ୍କ ଅଧକ୍ଷତା କର୍ମୀ ସମ୍ମିଳନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଡ. ବଳଭଦ୍ର ମାଝି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା କଳାହାଣ୍ଡି ଏମ୍‌ପି ପ୍ରାର୍ଥିନୀଙ୍କ ପ୍ରତିନିଧି ମୂରଲୀଧର ନାଏକ, ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଯୁବ ସଭାପତି ଜାଗା କାଳିଆ ନାଏକ, ଆଦିବାସୀ ସେଲ ବ୍ଲକ ସଭାପତି ସନାତନ ନାଏକ, ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ବ୍ଲକ କୋର୍ଡିନେଟର ପରମେଶ୍ୱର ନାଏକ, ପାଡେପଦର ଗ୍ରାମପଞ୍ଚାୟତ ସମିତି ମୋହନ ସାଗର, ସେବାଦଳ ବ୍ଲକ ସଭାପତି ହେମନ୍ତ ନାଏକ, ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ଜୋନ ୧ କୋର୍ଡିନେଟର ନାଲିନ୍ଦ୍ର ସାହୁ, ବ୍ଲକ ଉପସଭାପତି ମଦନ ମୁଦୁଲି, ବ୍ଲକ ଛାତ୍ର କଂଗ୍ରେସ ସଭାପତି ଜିତେନ୍ଦ୍ର ବାଗ, ଆଦିବାସୀ ନେତା କ୍ରିଷ୍ଣା ମାଝିଙ୍କ ସମେତ ୧୨ଟି ଗ୍ରାମ ପଞ୍ଚାୟତରେ ପଞ୍ଚାୟତ ସଭାପତି ଏବଂ ସହ ସହ କଂଗ୍ରେସ କର୍ମୀ, ମହିଳା ପ୍ରମୁଖ ଉପସ୍ଥିତ ରହିଥିଲେ। ସମ୍ମିଳନୀରେ ସମସ୍ତ କର୍ମୀ ଉପସ୍ଥିତ ରହି ଆଗାମୀ ନିର୍ବାଚନର ସମସ୍ତ କର୍ମୀ ଏକତ୍ରିତ ଭାବରେ ଲାଞ୍ଜିଗଡ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଡ. ବଳଭଦ୍ର ମାଝିଙ୍କୁ ବହୁ ପରିମାଣରେ ଭୋଟ ଦେଇ ଜୟଯୁକ୍ତ କରାଇବା ନେଇ ସମସ୍ତେ ମତପ୍ରକାଶ କରିଥିଲେ। ଏହି ଅବସରରେ ମିଶ୍ରଣପର୍ବରେ କଂଗ୍ରେସରେ ବିଜେଡି, ଭାଜପା ଦଳର ୮୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ପୂର୍ବରୁ ଡ. ମାଝି ପୂର୍ବରୁ ଅଡ୍ରି, ଗୋପିନାଥପୁର, ବ୍ରାହ୍ମଣୀ ଚଞ୍ଚାରା ଗ୍ରାମର ଶତାଧିକ ମହିଳା ପୁରୁଷ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଏକ ବିରାଟ ବାଇକ ରାଲି ଯୋଗେ ସଭା ସ୍ଥଳକୁ ଯାଇଥିଲେ। ଉପସ୍ଥିତ ସମସ୍ତ କର୍ମୀ, ଭୋଟରଙ୍କୁ ଭୋଟ ଭିକ୍ଷା କରିଥିଲେ।



କଂଗ୍ରେସର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ।

### ବୃଦ୍ଧ ବେୱାଙ୍କୁ ମିଳୁନି ବିଧବା ଭତ୍ତା

କୋମନା,୧୫।୪(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ବୁଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ନର୍ସରୀ ପଡ଼ାର ବୃଦ୍ଧ ବେୱା ତାଙ୍କ ପୁଅ ଲୋକନାଥ ଓ ଝିଅ ପୁତୁନାଙ୍କୁ ନେଇ ତାଙ୍କ ପରିବାର। ୫ ବର୍ଷ ତଳେ ବୃଦ୍ଧଙ୍କ ସ୍ୱାମୀ ହେମସାଗର ଆରପାରିକୁ ଚାଲିଗଲେ। ସେବେଠୁ ବୃଦ୍ଧଙ୍କ ପରିବାର ପ୍ରତି କଳାମେଘ ଘୋଟି ଆସିଥିଲା। ବୃଦ୍ଧ କୁଲିମଜୁରୀ କରି ପରିବାର ପ୍ରତି ପୋଷଣ କରି ଆସୁଛନ୍ତି। ସରକାର ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ, ଅସହାୟ ବିଧବାଙ୍କ ପାଇଁ ମାସିକ ଭତ୍ତା ବ୍ୟବସ୍ଥା କରିଥିଲେ ହେଁ ବୃଦ୍ଧ ପାଇଁ ତାହା ସାତସପନ ପାଲଟିଛି। ଯଦ୍ୱାରା ବୃଦ୍ଧଙ୍କ ପୁଅ ଦାଦନ ଖଟିଯିବା ପାଇଁ ବାଧ ହୋଇଛି। ତାଙ୍କର ଏକ ରାଶନ କାର୍ଡରୁ ମାସକୁ ୩୫ କିଗ୍ରା ଚାଉଳ ମିଳେ ଏମିତି ଦୁର୍ଦ୍ଦିନରେ ଆମ ପରିବାର ଚାଲେ ବୋଲି କହିଛନ୍ତି। ଭତ୍ତା ପାଇଁ ମୁଁ ପଞ୍ଚାୟତଠାରୁ ବ୍ଲକ ପର୍ଯ୍ୟନ୍ତ ଦୌଡ଼ି ନୟାନ୍ତ ହେଲିଣି ଆଉ ଅନଲାଇନ ମଧ୍ୟ ବାରମ୍ବାର କଲିଣି, ହେଲେ ବିଧବା ହୋଇଥିବା ଧନୀ ଲୋକମାନଙ୍କୁ ଭତ୍ତା ମିଳୁଛି। ହେଲେ ମୋତେ କେବେ ଭତ୍ତା ମିଳିବ। ଭତ୍ତା ବାବଦକୁ ମାସିକ ୧୦୦୦ଟଙ୍କା ମିଳିଲେ ମୋର ତେଲ, ଲୁଣ ପାଇଁ ସହାୟତା ହୁଅନ୍ତା ବୋଲି କହନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ ଦୃଷ୍ଟି ଆକର୍ଷଣ କରିବାକୁ ଦାବି କରିଛନ୍ତି।

## ଜୁନାଗଡ଼ଠାରେ ଭାଜପାର ମିଶ୍ରଣ ପର୍ବ



ଆୟୋଜିତ ମିଶ୍ରଣ ପର୍ବ ।

ଜୁନାଗଡ଼,୧୫।୪(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ଠାରେ ସୋମବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ଼ ଲଙ୍କେଶ୍ୱରୀ ମନ୍ଦିରଠାରୁ ମୋନାର୍କ ପ୍ୟାଲେସ ପରିସର ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ହଜାର ହଜାର ସମର୍ଥକଙ୍କ ଗହଣରେ ଭାଜପା ଶକ୍ତି ପ୍ରଦର୍ଶନ କରିଥିଲା। ମିଶ୍ରଣ ପର୍ବରେ ଜୁନାଗଡ଼ ଭାଜପା ବିଧାନସଭା ପ୍ରାର୍ଥୀ ମନୋଜ ମେହେର, ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲ, ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେରଙ୍କ ଉପସ୍ଥିତିରେ ବିଜେଡି, କଂଗ୍ରେସ ତଥା ବିଭିନ୍ନ ସଂଗଠନ କର୍ମୀ, ପୂର୍ବତନ କଂଗ୍ରେସ ଏମଏଲଏ ସ୍ୱର୍ଗତ ମହେଶ୍ୱର ବରାଡ଼ଙ୍କ ପୁତ୍ର ଆଡ଼ଭୋକେଟ ହିମାଂଶୁ ଶେଖର ବରାଡ଼, ପୂର୍ବତନ ଜୁନାଗଡ଼ ନଗରପାଳ ସୁଧାଂଶୁ ବରାଡ଼, ନେତ୍ରାନନ୍ଦ ମହାନ୍ତି, ପୂର୍ବତନ ଜୁନାଗଡ଼ ଏନଏସି ନଗରପାଳ ମମତା ବରାଡ଼, ସୁରେଶ ବାଗ, ଯୁବ ଯାଦବ ସଭାପତି, ଶୈଳେନ୍ଦ୍ର ପାତ୍ର, ବିଜେଡି ଜାରିଙ୍ଗ ସଭାପତି ଗଣେଶ ପ୍ରଧାନ, ଲଳିତ ନାଏକ, ଟିଟୁ କନ୍ଦପାନ, ସୁରେନ୍ଦ୍ର ସାହୁ, ରଞ୍ଜନ ରାଉତ, ଭାଗ୍ୟବାନ ମହାଲିକ, ପୂର୍ବତନ ଦେଦର ସରପଞ୍ଚ ରାଜେନ୍ଦ୍ର ମେହେର, ସଚ୍ଚିଦାନନ୍ଦ ବରାଡ଼ କାଶିନାଥ ଘି ଏବଂ ଶହ ଶହ ସମର୍ଥକ ଯୋଗଦାନ କରିଥିଲେ। ମିଶ୍ରଣ ପର୍ବରେ ଭାଜପାର ବରିଷ୍ଠ ନେତା ତଥା ଶହ ଶହ ମହିଳା କର୍ମୀ ଅଂଶ ଗ୍ରହଣ କରିଥିଲେ ।

## ଭାଜପାର ବୁଥ ବିଜୟ ଅଭିଯାନ, ମିଶ୍ରଣ ପର୍ବ

ଖଡ଼ିଆଳ,୧୫।୪
(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଭାଜପାର ଖଡିଆଳ ନିର୍ବାଚନମଣ୍ଡଳୀସ୍ତରୀୟ ବୁଥ ବିଜୟ ଅଭିଯାନ ସମ୍ବନ୍ଧୀୟ କର୍ମୀ ସମ୍ମିଳନୀ ସ୍ଥାନୀୟ ଅଗ୍ରସେନ ଭବନଠାରେ ଅନଷ୍ଠିତ ହୋଇଯାଇଛି। ଏହି ଅବସରରେ କଳାହାଣ୍ଡି ଲୋକ ସଭା ପ୍ରାର୍ଥୀ ମାଳବିକା ଦେବୀ ଓ ବିଧାନସଭା ପ୍ରାର୍ଥୀ ହିତେଶ କୁମାର ବଗର୍ତ୍ତି ନିଜ ସମର୍ଥାକଙ୍କ ସହ ଏକ ବିରାଟ ପଟୁଆରରେ ସମଲେଶରୀ, ରକ୍ତାମୱରି ଓ ଦଧିବାମନ ମନ୍ଦିର ଦର୍ଶନ କରି ଖଡିଆଳ ନଗରରେ ଶୋଭାଯାତ୍ରା ସହ ଶକ୍ତି ପ୍ରଦର୍ଶନ କରିଥିଲେ। ଜିଲା ଭାଜପା ସଭାପତି ସୁବ୍ରତ କୁମାର ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏମ୍‌ପି ପ୍ରାର୍ଥୀ ମାଳବିକା କେଶରୀ ଦେବୀ, ବିଧାୟକ ପ୍ରାର୍ଥୀ ହିତେଶ କୁମାର ବଗର୍ତ୍ତି, ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମୁଣ୍ଡ, ପୂର୍ବତନ ଜିଲା ସଭାପତି ଅତିନ୍ଦ୍ରଜୀତ ସିଂ, ପ୍ରଭାରୀ ଘନ ଶ୍ୟାମ କରୁଆଁ, ପ୍ରେମ ସିନ୍ଧୁ ହେର୍ଣ୍ଣା, ଜିଲା ସାଧାରଣ ସମ୍ପାଦକ ଦେବଦେବ ସିଂଦେଓ, ଓବିସି ମୋର୍ଚ୍ଚା ସଭାପତି ଅଜିତ କିଶୋର ଚଲାନ, ବରିଷ୍ଠ ନେତା ବିଜୟ ବିଶୋଇ, ମୋହନ ଭୋଇ, ମହେନ୍ଦ୍ର ଅଗ୍ରୱାଲ, ସୁନିଲ ନାଗ ଓ ସମସ୍ତ ମଣ୍ଡଳ ସଭାପତି ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଆଦିବାସୀ ନେତା ବିକ୍ରମ ସିଂ ମାଝିଙ୍କ ସମେତ ମଣ୍ଡୋଷିଲ ପୂର୍ବତନ ସରପଞ୍ଚ ରାଧେ ରଣା, ପ୍ରଶାନ୍ତ ବାରିକଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ଯୋଗଦାନ କରିଥିଲେ।

## ଷୋହଳ ପ୍ରହର ନାମଯଜ୍ଞ, ହନୁମାନ ଜୟନ୍ତୀ ଉଦ୍‌ଯାପିତ

କେସିଙ୍ଗା,୧୫।୪(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମସ୍ଥିତ ତାରିଣୀ ଛକ୍‌ଠାରେ ୪ଦିନ ବ୍ୟାପି ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ସୋମବାର ଉଦଯାପିତ ହୋଇଯାଇଛି। ଏହି ନାମ ଯଜ୍ଞରେ ୯ଟି ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୪ଟି ମହିଳା ସଂକୀର୍ତ୍ତନ ଦଳ ଯୋଗଦେଇ ବିଭିନ୍ନ ପ୍ରକାର ହରିନାମ ଗାନ ଓ ଅଭିନୟ କରି ଉପସ୍ଥିତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ଉଦଯାପିତ ଦିବସରେ ବାଲସି ସଂକୀର୍ତ୍ତନ ଦଳ ପକ୍ଷରୁ ନଗର କୀର୍ତ୍ତନ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ନାମଯଜ୍ଞରେ ରାମେଶ୍ୱର ସାହୁ ଓ ପୁଷ୍ପବତୀ ସାହୁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ନିରଞ୍ଜନ କର ଓ ଅନ୍ୟାନ୍ୟ ଗ୍ରାମବାସୀ ସହଯୋଗରେ ସୁଚାରୁ ରୂପେ ଷୋହଳ ପ୍ରହର ନାମଯଜ୍ଞ ସମ୍ପୂର୍ଣ୍ଣ ହୋଇଥିଲା। ସେହିପରି କାଣ୍ଡେଲ ଗ୍ରାମରେ ମଲ ଡିଙ୍ଗର ପୁଟେଲଙ୍କ ନେତୃତ୍ୱରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି କାର୍ଯ୍ୟକ୍ରମ ଶେଷ ହୋଇଯାଇଥିଲା। ମଶାଣିବନ୍ଧ ଗ୍ରାମରେ ମା' ତାରିଣୀ ମନ୍ଦିରରେ ମଧ ତାରିଣୀ ପୂଜା ସମ୍ପୂର୍ଣ୍ଣ ହୋଇଥିଲା।

## ଭାଜପାର ମିଶ୍ରଣ ପର୍ବ: ଶଙ୍ଖ ଛାଡି ପଦ୍ମ ଧରିଲେ ଶର୍ମିଷ୍ଠା

ଭବାନୀପାଟଣା,୧୫।୪(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ନିକଟସ୍ଥ ସିଂଝରଣଠାରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି, କଂଗ୍ରେସର ଅନେକ କାର୍ଯ୍ୟକର୍ତ୍ତା ସାମିଲ ହୋଇଛନ୍ତି। କଳାହାଣ୍ଡି ଜିଲା ବିଜୁ ମହିଳା ଜନତା ଦଳ ସମ୍ପାଦିକା ଶର୍ମିଷ୍ଠା ନାୟକ ଓ ଓବିସି ସେଲ ସମ୍ପାଦକ ରୋହିତ ଭୋଇ ଶଙ୍ଖ ଛାଡି ପଦ୍ମ ଧରିଛନ୍ତି। ସେହିପରି କଂଗ୍ରେସ ଏସସି ସେଲର ବ୍ଲକ ସଭାପତି ଦୟାନିଧି ନାଏକ, ଗାଇଗାଁ ସରପଞ୍ଚ ପ୍ରମୋଦ କୁମାର ସାହୁ, କିକିଆ ସମିତିସଭ୍ୟ ଯୁଗେଶ୍ୱର ମାଝି, ଲଇତରା ସମିତିସଭ୍ୟ ଥବିର ଗଉଡ, ଅଧମୁଣ୍ଡା ସମିତିସଭ୍ୟ କିଶୋର ଯାନୀ ପ୍ରମୁଖ ଭାଜପାରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାଲ, ସଙ୍ଗଠାନିକ ସମ୍ପାଦକ ମାନସ ମହାନ୍ତି, ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାଏକ, ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ଏମପି ଅର୍କକେଶରୀ ଦେଓ, କଳାହାଣ୍ଡି ଲୋକ ସଭା ଏମପି ପ୍ରାର୍ଥିନୀ ମାଳବିକା କେଶରୀ ଦେଓଙ୍କ ଉପସ୍ଥିତିଥିଲେ।



ଶଙ୍ଖ ଛାଡି ପଦ୍ମ ଧରିଲେ ଶର୍ମିଷ୍ଠା ନାୟକ।

## ମା' ଠାକୁରାଣୀଙ୍କ ଚୈତ୍ର ଯାତ୍ରା ଆରମ୍ଭ

କୋକସରା,୧୫।୪
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଠାକୁରାଣୀଙ୍କ ଚୈତ୍ରଯାତ୍ରା ପାଇଁ ଚଳଚଞ୍ଚଳ ହୋଇଉଠିଛି ଗାଁ ଦାଣ୍ଡ। ସୋମବାର ସକାଳୁ ଠାକୁରାଣୀଙ୍କ ମୁଖ୍ୟ ପୂଜକ ନନ୍ଦକିଶୋର ଧରୁଆଙ୍କ ଘରୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମା'ଙ୍କ ଘଟ କଳସକୁ ପ୍ରଥମେ ଗାଁ ଗୌନ୍ତିଆ ହେମନ୍ତ ପ୍ରଧାନୀ, ବିମ୍ବ ରାଜ ପ୍ରଧାନୀ ଓ ଗଣ୍ଡା ଗୋବର୍ଦ୍ଧନ ବାଗଙ୍କ ଘରକୁ ନେଇ ପୂଜାର୍ଚ୍ଚନା କରିବା ବିଧି ଅନୁସାରେ ନିୟମ ରହିଛି। ସେଠାରେ ପୂଜା ପାଇବା ପରେ ମା'ଙ୍କ ଘଟ ନଗର ପରିକ୍ରମାରେ ବାହାରିଥିଲା। ମହିଳା ଶ୍ରଦ୍ଧାଳୁମାନେ ନିଜର ଦାଣ୍ଡ ଦୁଆରକୁ ଲିପାପୋଛା କରିବା, ଝୋଟି ଦେଇ ମୁଆଁ, ନଡ଼ିଆ, ଧୂପ ଦୀପ ଦେଇ ମା'ଙ୍କ ସଦୃଶ କଳସକୁ ବନ୍ଦାପନା କରି ସ୍ୱାଗତ କରି ପରିବାର ପାଇଁ ମଙ୍ଗଳ କାମନା କରିଥିଲେ। ଦୁଇ ଦିନ ଧରି ଗ୍ରାମ ପରିକ୍ରମା ପରେ ମଙ୍ଗଳବାର ମା'ଙ୍କ ଏହି ଘଟ ଯାତ୍ରା ଶେଷ ହେବ। କୋକସରା ଗ୍ରାମର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ଠାକୁରାଣୀ। ମା' ଠାକୁରାଣୀଙ୍କ ଉପରେ ଗ୍ରାମବାସୀଙ୍କ ରହିଛି ଅଗାଢ ଆସ୍ଥା ଓ ବିଶ୍ୱାସ। ବର୍ଷ ତମାମ ଭକ୍ତମାନଙ୍କୁ ମା' ନିଜ ମନ୍ଦିରରେ ଦର୍ଶନ ଦେଉଥିବା ବେଳେ ମା'ଙ୍କ ଚୈତ୍ର ପର୍ବ ସମୟରେ ମା'ଙ୍କ ପ୍ରତିମା ସରୂପ ଘଟ (କାଳିସୀ)ମନ୍ଦିରରୁ ବାହାରି ନଗର ପରିକ୍ରମା ପୂର୍ବକ ଭକ୍ତଙ୍କ ଦୁଆର ମୁହଁରେ ଦର୍ଶନ ଦେଇଥାନ୍ତି ମା' ଠାକୁରାଣୀ। ଏହିପର୍ବ ସମୟରେ ୨ଜଣ କୁଆଁରୀ କନ୍ୟାଙ୍କ ଦ୍ୱାରା ମା' ଠାକୁରାଣୀଙ୍କ ଘଟ ବୁହା ହୋଇ ସହରର ସମସ୍ତ ଘରକୁ ଘର ପରିକ୍ରମା କରାଯାଇଥାଏ। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ ମା'ଙ୍କ ଯାତ୍ରାର ଦିନେ ପୂର୍ବରୁ ମା'ଙ୍କ ଘଟ (କାଳିସୀ) କେଉଁ କୁଆଁରୀ କନ୍ୟା ଧାରଣ କରିବେ ତାହା ଉପରେ ଦେବୀଙ୍କ ମୁଖ୍ୟ ପୂଜକଙ୍କୁ ସପ୍ନାଦେଶ ହୋଇଥାଏ। ତାପରେ ପୂଜକ ସେହି ଘରକୁ ଯାଇ କିଶୋରୀ ମାନଙ୍କୁ ମନ୍ଦିରକୁ ନେଇ ଆସନ୍ତି। ଏହା ପରେ ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ମା'ଙ୍କ ଶିରାଙ୍କ ଦେହରେ କାଳିଶି ରୂପରେ ମାଙ୍କ ଆର୍ବିଭାବ ହୋଇଥାଏ। ଏହା ପରେ ମା'ଙ୍କ ଘଟ ନଗର ପରିକ୍ରମା ଅଭିମୁଖେ ବାହାରିଥାଏ। ଏହି ସମୟରେ ମା'ଙ୍କ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ମା'ଙ୍କ ଘଟ ଯାତ୍ରା ନଗର ପରିକ୍ରମା ସାରି ମୁଖ୍ୟ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବ। ପରେ ମାନସିକଧାରୀ ଭକ୍ତମାନେ ଶୁକ୍ଳ ଭୋଗ ସହ ରକ୍ତ ଭୋଗ ମା'ଙ୍କ ନିକଟରେ ଅର୍ପଣ କରିବେ। ଚୈତ୍ର ଯାତ୍ରାରେ ମା'ଙ୍କ ପୂଜକ ଦିଲୀପ ଧରୁଆ, ଦିଲୁ ସିଂ ଧରୁଆ, ଶିରା ଅନୀଲ ରାଉତ, ସେବକ ପୁରୁଷୋତ୍ତମ ନାଏକ, ପରମାନନ୍ଦ ରାଉତ, କେଦାର ମାଝୀ, ବିଜୟ ରାଉତ, ଜଳନ୍ଧର ନାଏକ, ରାମ ପ୍ରସାଦ ନାଏକଙ୍କ ସମେତ ମହିଳାମାନେ ଠାକୁରାଣୀ ଘଟ ଯାତ୍ରାରେ ସହଯୋଗ କରିଥିଲେ।



ଘଣ୍ଟ ଯାତ୍ରା।

## ସଂକ୍ଷେପରେ

### ବିକାଶରେ ଓଡ଼ିଆ ନବବର୍ଷ ପାଳନ

ବରଗଡ଼,୧୫।୪(ପ୍ରେମାନନ୍ଦ ଖମାରୀ): ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟରେ ଓଡ଼ିଆ ନବବର୍ଷ, ମହାବିଷୁବ ସଂକ୍ରାନ୍ତି ଏବଂ ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଯାଇଛି। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ଉକ୍ତ ଶିକ୍ଷାନୁଷ୍ଠାନରେ ହନୁମାନ ଜୟନ୍ତୀ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର ହନୁମାନ ଚାଳିଶା ପାଠ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିବିଏସଇ ସେକେଣ୍ଡାରୀ ଶାଖା ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଲଡୁଗାଁଠାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

କୋକସରା,୧୫।୪(ଦୁଷ୍ମନ୍ତ କୁମାର ପାଟଯୋଶୀ) କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ନିର୍ବାଚନ ପୂର୍ବରୁ ସଚେତନତା ସୃଷ୍ଟି ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ସୋମବାର କୋକସରା ପୋଲିସ ପକ୍ଷରୁ ଲଡୁଗାଁ ସହରରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଥାନା ଅଧିକାରଣୀ ରନିତା ପ୍ରଧାନଙ୍କ ନେତୃତ୍ୱରେ ସିଆରପିଏଫ ଯବାନ ଓ କୋକସରା ପୋଲିସ କର୍ମଚାରୀ ଲଡୁଗାଁ ଅଞ୍ଚଳରେରେ ଫ୍ଲାଗ୍‌ମାର୍ଚ୍ଚ ପ୍ରଦର୍ଶିତ କରି ଜନ ସାଧାରଣଙ୍କୁ ନିର୍ବଚନ ସମୟରେ ଆଇନଶୃଙ୍ଖଳା ବଜାୟ ରଖିବା, କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ନ ହେବା ଏବଂ ନିର୍ବାଚନ ଆଚରଣବିଧି ନିୟମ ଉଲ୍ଲଂଘନ ନ କରିବାକୁ ଜନସାଧାରଣଙ୍କୁ ସଚେତନ କରିଛନ୍ତି। ଫ୍ଲାଗ୍‌ମାର୍ଚ୍ଚରେ କୋକସରା ଥାନା ଏସଆଇ ହେମନ୍ତ ପାତ୍ର, ଅନୀଲ ପାଢ଼ୀ, ଏଏସଆଇ ମମତା ଶବର, ଉଷା ହରିଜନ, ଦାମୋଦର ନାଏକ, ସନ୍ତୋଷ ନାୟକ ଓ କଷ୍ଟବଲ ଓ ହୋମଗାର୍ଡ କର୍ମଚାରୀ ସାମିଲ ଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

ବରଗଡ଼,୧୫।୪(ପ୍ରେମାନନ୍ଦ ଖମାରୀ)



ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।

ବରଗଡ଼ ଜିଲା ଝାରବନ୍ଧ ବ୍ଲକରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କନ୍ଦାଗାଡ଼ଠାରୁ ଭାୟା ଅନୁଗୁଳ ଦେଇ କୁସମଦର୍ହା ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ କୁସମଦର୍ହା ଗ୍ରାମବାସୀ ସୋମବାର ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଏହାର ବିଧିବଦ୍ଧ ତଦନ୍ତ ସହିତ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, କନ୍ଦାଗାଡ଼ଠାରୁ ଭାୟା ଅନୁଗୁଳ ଦେଇ କୁସମଦର୍ହା ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। କିନ୍ତୁ କୁସମଦର୍ହାଠାରୁ ଅନୁଗୁଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷେ କୁସମଦର୍ହାରୁ ଅନୁଗୁଳ ପର୍ଯ୍ୟନ୍ତ ପ୍ରାୟ ୩କି.ମି ରାସ୍ତାକୁ ସେଥିରୁ ବାଦ୍ ଦେଇ ଅନ୍ୟ ଗ୍ରାମ

#### ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

ଦେଇ ସେହି ରାସ୍ତା ନିର୍ମାଣ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀ, ଯନ୍ତ୍ରୀଙ୍କଠାରେ ଅଭିଯୋଗ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଅନୁଗୁଳରୁ କସମଦର୍ହା ପର୍ଯ୍ୟନ୍ତ ରାସ୍ତାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ସ୍ମାରକପତ୍ର ପ୍ରଦାନ ସମୟରେ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମଦ ବିରୋଧରେ ବାହାରିଲେ ଗ୍ରାମବାସୀ



ମଦ ବିରୋଧରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

ବରଗଡ଼,୧୫।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ନିଶା କାରବାର ବଢ଼ି ଚାଲିଛି । ଜିଲାର ଗାଁଠୁ ସହର ସବୁଠି ବିଭିନ୍ନ ଛକସ୍ଥାନରେ ଖୋଲାଖୋଲି ମଦ କାରବାର ଚାଲିଛି। ଏ ନେଇ ଅଭିଯୋଗ କରିବା ସତ୍ତ୍ୱେ ଅବକାରୀ କିମ୍ବା ପୋଲିସ କିଛି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅସନ୍ତୋଷ ବଢ଼ିଚାଲି ଥିବାବେଳେ ଜିଲାର ଜଟଲା ଗ୍ରାମବାସୀ ଗ୍ରାମରେ ଚାଲିଥିବା ମଦ କାରବାର ବନ୍ଦ ପାଇଁ ବାହାରିଛନ୍ତି। ଏହି କ୍ରମରେ ସୋମବାର ଗ୍ରାମବାସୀ ସଙ୍ଗଠିତ ହୋଇ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ଚାଲିଥିବା କୁଟିଆ ମଦ କାରବାର ବନ୍ଦ ଦିଗରେ ତ୍ୱରିତ୍ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

ପ୍ରକାଶ ଯେ, ଜଟଲା ଗ୍ରାମରେ ଖୋଲାଖୋଲିଭାବେ କୁଟିଆ ମଦ କାରବାର ଚାଲିଛି। ଏଥିପ୍ରତି ଉଭୟ ଅବକାରୀ ଏବଂ ପୋଲିସ ବିଭାଗ ଆଖି ବୁଜି ଦେଇଛନ୍ତି। ଅନ୍ୟପଟେ ଗ୍ରାମରେ ମଦ କାରବାରର ଯଥେଷ୍ଟ କୁପ୍ରଭାବ ପଡୁଥିବା ଗ୍ରାମବାସୀ କହିଛନ୍ତି। ମଦ ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଉ ଥିବାବେଳେ ମଦ ଜନିତ ଅପରାଧ ମଧ୍ୟ ବଢ଼ି ଚାଲିଥିବା ଅଭିଯୋଗ ହୋଇଛି। ଗ୍ରାମର ଛାତ୍ରୀଛାତ୍ର ଏବଂ ଯୁବପିଢ଼ିଙ୍କ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି। ସେହିପରି ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ଛାତ୍ରୀଛାତ୍ର ସ୍କୁଲ ଯିବାକୁ ନିଜକୁ ସୁରକ୍ଷିତ ମଣୁ ନ ଥିବାବେଳେ ମହିଳାମାନେ ମଧ୍ୟ ନିଜକୁ ଅସୁରକ୍ଷିତ ମନେ କରୁଥିବା କହିଛନ୍ତି। ସ୍ମାରକପତ୍ର ପ୍ରଦାନବେଳେ ପ୍ରଦୀପ ନାଏକ, ଅଲେଖ ଭୋଇ, ଲଳିତ ପ୍ରଧାନ, ଶିଶୁପାଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଙ୍ଗିଆରେ ଆକ୍ରମଣ, ୨ ଗିରଫ

ପଦ୍ମପୁର, ୧୫।୪ (ପ୍ରଦୀପ୍ତ ଦାଶ)

ସାମାନ୍ୟ ବଚସାରୁ ମହାଭାରତ ସୃଷ୍ଟି ହୋଇ ଦୁଇ ଜଣ ଗୁରୁତର ହୋଇ ବୁର୍ଲା ଡାକ୍ତରଖାନରେ ଚିକିତ୍ସା ହେଉ ଥିବାବେଳେ ଦୁଇ ଜଣ ଗିରଫ ହୋଇ ଜେଲ ଯାଇଛନ୍ତି। ପଦ୍ମପୁର ଥାନା ଅନ୍ତର୍ଗତ ରେମେଡେଗା ଗାଁ ର ସୁରେନ୍ଦ୍ର ଲୁହାରଙ୍କ ବଳଦ ପ୍ରଫୁଲ୍ଲ ବିଭାର ବିଲକୁ ପଶିଥିଲା। ଫସଲ ନଷ୍ଟ କରିଥିବା କହିବାରୁ ହଠାତ ଉତ୍ତ୍ୟକ୍ତ ହୋଇ ଯାଇ ସୁରେନ୍ଦ୍ର ଓ ଅଲେଖ ଲୁହାର ଟାଙ୍ଗିଆ, ଠେଙ୍ଗାରେ ପ୍ରଫୁଲ୍ଲ ଓ ତାଙ୍କ ପୁଅ ଉଦ୍ଧବଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମୁଣ୍ଡ ଓ ଶରୀରରେ ଆହତ ଯୋଗୁ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ଉଭୟଙ୍କୁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା।ଅବସ୍ଥା ସଂକଟାପନ୍ନ ହେବାରୁ ବରଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅଭିଯୋଗକୁ ଭିତ୍ତି କରି ପଦ୍ମପୁର ପୋଲିସ ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ସୁରେନ୍ଦ୍ର ଲୁହାର ଓ ଅଲେଖ ଲୁହାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com



@ ପପୁନ



@ ହମିଦ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଛୁରି ଦେଖାଇ ଟଙ୍କା, କପଡ଼ା, ମୋବାଇଲ ଲୁଟ୍

ସୋହେଲା, ୧୫।୪(ଅଶ୍ୱିନୀ ପାତ୍ର)

ସୋହେଲା ଥାନା ଅନ୍ତର୍ଗତ ବାଉସେନମୁରା ଗ୍ରାମ ନିକଟସ୍ଥ ବିଜେପୁର ରାସ୍ତାର ପାଣିମୋରା ଛକରେ ଥିବା ପାଣିଛତ୍ରରେ ଜଣେ କପଡା ବ୍ୟବସାୟୀ ପାଣି ପିଉଥିବା ବେଳେ ସୋମବାର ତାଙ୍କଠାରୁ ଲୁଟ ହୋଇଛି। ୩ଜଣ ଦୁର୍ବୃତ୍ତ ତାଙ୍କ ଠାରୁ ଚଉଦ ଶହ ଟଙ୍କା, ମୋବାଇଲ ଫୋନ ଓ କପଡା ବ୍ୟାଗ ଲୁଟ୍ କରି ଥିବା ନେଇ ଥାନାରେ ରିପୋର୍ଟ ହୋଇଛି । ପ୍ରକାଶ ଯେ ବେହେରାପାଲି ଗ୍ରାମର ହିରାଧର ମେହେର ବୁଲି ବୁଲି କପଡା ବେପାର କରନ୍ତି । ପ୍ରତି ସୋମବାର ସେ ବାଉସେନମୁରା ଗ୍ରାମକୁ ବେପାର କରିବାକୁ ଯାଇଥାନ୍ତି। ଦିନ ପ୍ରାୟ ଗୋଟାଏ ସମୟରେ ସେ ବାଉସେନମୁରା ଗାଁକୁ ଯିବା ବେଳେ ଗାଁ ପୂର୍ବରୁ ଥିବା ପାଣି ଛତ୍ରରେ ପାଣି ପିଉଥିଲେ। ଏହି ସମୟରେ ୨୫ ରୁ ୩୦ ବର୍ଷ ବୟସ୍କ ୩ ଜଣ ଯୁବକ ଏକ ମୋଟର ସାଇକେଲରେ ସେଠାକୁ ଆସି ଜଣେ ବାଇକରେ ବସି ରହିଥିବା ବେଳେ ଅନ୍ୟ ୨ଯୁବକ ପାଣିଛତ୍ରକୁ ଆସି ହିରାଧରଙ୍କ ପେଟରେ ଛୁରୀ ରଖି ପ୍ରଥମେ ମୋବାଇଲ ଛଡ଼ାଇ ନେଇଥିଲେ। ଏହା ପରେ ଜୋରଜବରଦସ୍ତି ତାଙ୍କ ପକେଟରୁ ୧୪୦୦ ଟଙ୍କା ଏବଂ ବାଇକରେ ଲଦା ହୋଇଥିବା କପଡା ବ୍ୟାଗକୁ ନେଇ ବିଜେପୁର ପଟକୁ ପଳାଇ ଯାଇଥିଲେ। ଏହି ବ୍ୟାଗରେ ୨୦ ଖଣ୍ଡ କଟନ ଶାଢ଼ୀ ଥିଲା । ଯାହାର ମୂଲ୍ୟ ପ୍ରାୟ ୭ ହଜାର ଟଙ୍କା ହେବ ବୋଲି ଏତଲାରେ ଉଲ୍ଲେଖ କରାଯାଇଛି। ପାଣିଛତ୍ର ଭିତରେ ଥିବା ବୟସ୍କ ବ୍ୟକ୍ତି ପ୍ରତିବାଦ କରିବାରୁ ସେମାନେ ଧମକ ଦେଇ ପଳେଇ ଯାଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି।

# ତହସିଲ କାର୍ଯ୍ୟାଳୟରେ ଧାରଣା ସହ ତାଲା ମାରିଲେ ଚାଷୀ

ପଦ୍ମପୁର,୧୫।୪ (ପ୍ରଦୀପ୍ତ ଦାଶ)



ପଦ୍ମପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀଙ୍କ ଧାରଣା।

ମିକଜୋମ ଜନିତ କ୍ଷତିପୂରଣ ବିଳମ୍ବ ପ୍ରତିବାଦରେ ରାଜାବୋଡ଼ କୃଷକ ସଙ୍ଗଠନ ତରଫରୁ ତହସିଲ ଅଫିସରେ ତାଲା ବନ୍ଦ କରି କର୍ମୀମାନେ ଧାରଣାରେ ବସିଥିଲେ । ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁସାରେ ସୋମବାର ଦିନ ୧୦ରେ କୃଷକ ସଙ୍ଗଠନର କର୍ମୀମାନେ ପ୍ରଥମେ ତହସିଲ ଅଫିସକୁ ଯାଇ ମିଗଜୋମ ଜନିତ କ୍ଷତିର ସୂଚନା ମାଗିବାରୁ ଅଧିକାରୀମାନେ କୌଣସି ସୂଚନା ନ ଥିବା କହିବାରୁ ଚାଷୀମାନେ ଅସନ୍ତୋଷ ହୋଇ ରାଗିଯାଇ କାର୍ଯ୍ୟାଳୟରେ ତାଲା ଦେଇ ଆନ୍ଦୋଳନରେ ବସିଥିଲେ। ଦୁଇ ଘଣ୍ଟା ପରେ ତହସିଲଦାର ବିପିନ କୁମାର ପଧାନ ଆସି ଆନ୍ଦୋଳନକାରୀକୁ ବୁଝାସୁଝା କରି ବିଫଳ ହେବା ପରେ ଉପଜିଲାପାଳ ଆଲୋକ ପଟେଲ ଆନ୍ଦୋଳନ ସ୍ଥଳରେ ପହଞ୍ଚି ୧୮ଏପ୍ରିଲ ସୁଦ୍ଧା ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ ଖାତାରେ ଫସଲ ବୀମା କ୍ଷତିପୂରଣ ମିଳିଯିବାର ପ୍ରତିଶୃତି ଦେବା ପରେ

#### କ୍ଷତିପୂରଣ ବିଳମ୍ବ ପ୍ରତିବାଦ

ଆନ୍ଦୋଳନ ୧୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ସଂଗଠନ ପକ୍ଷରୁ ନିଷ୍ପତ୍ତି ନେଇଛନ୍ତି।ପ୍ରକାଶ ଥାଉ କି ଗତ ଖରିଫ ଋତୁରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା ସେଥିପାଇଁ ଇନପୁଟ ଏବଂ ଫସଲ ବୀମା କ୍ଷତିପୂରଣ ଦେବା ପାଇଁ ସରକାରୀ ସ୍ତରରେ ଲିଖିତ ଭାବେ ଉପରିସ୍ତ ଅଧିକାରୀଙ୍କୁ ଜଣାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ କ୍ଷତ୍ୱପୂରଣ ନ ମିଳିବା କାରଣରୁ ଜିଲାସ୍ତରରେ ଅନେକ ଆନ୍ଦୋଳନ ଧାରଣା ଆଲୋଚନା ହୋଇଛି ହେଲେ ସମାଧାନ ହୋଇନାହିଁ। ପଦ୍ମପୁର ଅଞ୍ଚଳରେ ମଧ ଅନେକ ହିତାଧିକାରୀ କ୍ଷତିପୂରଣ ପାଇଁ ଆବେଦନ କରିଥିଲେ। ବୀମା ଆକଳନରେ ୩୫୦ ହେକ୍ଟର କ୍ଷତି ହୋଇଅଛି ଏବଂ କିଛି ଚାଷୀ କ୍ଷତିପୂରଣ ମଧ ପାଇଲେଣି ସେଥିପାଇଁ ରାଜାବୋଡ଼ା କୃଷକ ସଙ୍ଗଠନ ପ୍ରଥମେ ଲିଖିତ ଚେତାବନୀ ଦେଇ ତାଲା ବନ୍ଦ ଆନ୍ଦୋଳନକୁ ଓହ୍ଲାଇଥିଲା। ଲିଙ୍ଗରାଜ ପଧାନ, ଅଜିତ ଶତପଥୀ, ସୁବାସ ସାମନ୍ତରାୟ, ଚିତ୍ତ ପାଣ୍ଡେ, ନବୀନ ବେହେରା, ଭୁବନେଶ୍ୱର ପଧାନ, କୈଳାସ ବାରିକ, ଅମୃତ ଲାଲ ଗୌଡିଆ, ପ୍ରକାଶ ଦାସ, ଭୋଜରାଜ ସାହୁ, ଦେବରାଜ ସାହୁ, ଗୋଲକ ମେହେର, ଅକ୍ଷୟ ସାହୁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## କଂଗ୍ରେସର ହାତ ଛାଡିଲେ ପୂର୍ବତନ ବିଧାନସଭା ପ୍ରାର୍ଥୀ

ବରଗଡ଼,୧୫।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା କଂଗ୍ରେସକୁ ଝଟକା ଲାଗିଛି। ଜିଲାର ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗତ ୨୦୧୯ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ରହିଥିବା ସରୋଜ କୁମାର ମହାପାତ୍ର ସୋମବାର ଦଳରୁ ଇସ୍ତଫା ଦେଇଛନ୍ତି। ତାଙ୍କ ସହିତ ଏହି ନିର୍ବାଚନ ମଣ୍ଡଳୀର ଭଟଲି, ଅମ୍ବାଭୋନା ଏବଂ ସୋହେଲାର ଦଳୀୟ ବ୍ଲକ ସଭାପତି ମଧ ଦଳ ଛାଡିଛନ୍ତି ବୋଲି ମହାପାତ୍ର ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ଦଳର ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ପାଖକୁ ସେ ଇସ୍ତଫାପତ୍ର ପଠାଇଥିବା ମହାପାତ୍ର ସୂଚନା ଦେଇଛନ୍ତି।

## ଟୁଙ୍ଗିବନ୍ଧଲୀ ଗ୍ରାମରେ ହନୁମାନ ଜୟନ୍ତୀ ପାଳିତ

ସୋହେଲା,୧୫।୪(ଅଶ୍ୱିନୀ କୁମାର ପାତ୍ର)

ବରଗଡ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ଟୁଙ୍ଗିବନ୍ଧଲୀ ଗ୍ରାମରେ ହନୁମାନ ଜୟନ୍ତୀ ଉତ୍ସବ ଭକ୍ତି ଓ ଶ୍ରଦ୍ଧାର ସହିତ ପାଳିତ ହୋଇଥିଲା । ଗିରି ଗୋବର୍ଦ୍ଧନ ପାହାଡ ତଳେ ଥିବା ଏହି ମନ୍ଦିର ପରିସରରେ ସକାଳୁ ପୂଜାରମ୍ଭ ହୋଇ ଅପରାହ୍ନରେ ସମାପନ ହୋଇଥିଲା । ପୂଜାରେ କର୍ତ୍ତା ଭାବରେ କାର୍ତ୍ତିକ ନାଗ ଓ ତାଙ୍କ ଧର୍ମପନ୍ନୀ ଭୂମିସୁତା ନାଗ ଦାୟିତ୍ୱ ନିର୍ବାହ କରିଥିବାବେଳେ ପୂଜା କାର୍ଯ୍ୟ ସଂପାଦନ କରିଥିଲେ ପଣ୍ଡିତ ସୁବାଷ ଆଚାର୍ଯ୍ୟ, ଉଦ୍ଧବ ଚରଣ ଆଚାର୍ଯ୍ୟ ଓ ଉମେଶ ଚରଣ ଆଚାର୍ଯ୍ୟ। ସହଯୋଗ କରିଥିଲେ ପ୍ରମୁଖ ଦାଶ, ଅଶୋକ ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ବାରିକ । ପୂଜା ହୋମ ସହିତ ସାମୂହିକ ହନୁମାନ ଚାଲିଶା ପାଠ କରାଯାଇଥିଲା। ସନ୍ଧ୍ୟାରେ କୀର୍ତନଧାରା କାର୍ଯ୍ୟକ୍ରମ ଆରମ୍ଭ ହୋଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଗ୍ରାମର କୀର୍ତନ୍ୟଦଳ ଯୋଗ ଦେଇଥିଲେ । ମୁଖ୍ୟ ଅତିଥିଭାବରେ ସୋହେଲା ପ୍ୟାକ୍ସର ସଭାପତି ମନୋହର ମାଝି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବରେ ସୋହେଲା ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଧାନ ଯୋଗ ଦେଇଥିଲେ ।



# ନୂତନ ବିଚାର, ନୂଆ କୌଶଳରେ ଲଢ଼େଇ ଆହ୍ୱାନ

ବରଗଡ଼,୧୫।୪(ପ୍ରେମାନନ୍ଦ ଖମାରୀ)





ଆମ୍ବେଡକର ଜୟନ୍ତୀରେ ଶିଶୁମାନଙ୍କୁ ପୁରସ୍କୃତ କରାଯାଉଛି । ସମତା ଭବନରେ ଅନୁଷ୍ଠିତ ଆମ୍ବେଡକର ଜୟନ୍ତୀ ସମାରୋହରେ ଅତିଥିବୃନ୍ଦ ।

ବରଗଡ଼ ସମତା ଭବନରେ ସମ୍ବିଧାନ ପ୍ରଣେତା ଡ. ବି.ଆର୍ ଆମ୍ବେଡ଼କରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଛି। ଆଡ଼ଭୋକେଟ୍ ସୀତାରାମ ମେହେରଙ୍କ ଆବାହକତ୍ୱ ଏବଂ ମହେନ୍ଦ୍ର ସୁନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। ସେ କହିଥିଲେ, ଆଜି ମଧ୍ୟ ଅନ୍ଧବିଶ୍ୱାସ, ଛୁଆଁଅଛୁଆଁ ଭେଦଭାବ ଭଳି କୁସଂସ୍କାର ବଳବତ୍ତର ରହିଛି । ସେଥିପାଇଁ ନୂତନ ପିଢ଼ିର ଯୁବତୀ, ଯୁବକମାନେ ଶିକ୍ଷିତ ହୋଇ ସଙ୍ଗଠିତଭାବେ ତାର ବିରୋଧରେ ସଂଘର୍ଷ କରିବାକୁ ପଡ଼ିବ। ଫଳରେ ନୂତନ ବିଚାର ସହିତ ଲଢ଼େଇର ନୂଆ କୌଶଳ ତିଆରି କରିବା ପାଇଁ ଲିଙ୍ଗରାଜ ଆହ୍ୱାନ କରିଥିଲେ। ବି. ନାଗ, କରୁଣାକର ଅଣ୍ଡିଲ, ମଦନ ମେହେର, ଦିପକ ମେହେର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନର ବରିଷ୍ଠ ନେତା ଶିବପ୍ରସାଦ ପ୍ରଧାନ, ଅରୁଣ କୁମାର ସାହୁ, ଜିଲା ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହରବଣିଆ, ଲକ୍ଷ୍ମଣ ସୁନା, କୁନା ବେହେରା, ଭଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଇନ୍ଦ୍ରମଣି ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

ବଗେଇବିରା ଛକଠାରେ ଅନୁଷ୍ଠିତ ଜୟନ୍ତୀ କାର୍ଯ୍ୟକ୍ରମରେ ଡ. ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଡ. ଭୀମରାଓ ଯୁବାସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରନ୍ଦର ଭୋସାଗର ସଭାପତିତ୍ୱ କରିଥିଲେ। ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିତ ଆଚାର୍ଯ୍ୟ ମୁଖ୍ୟଅତିଥି, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ ସମ୍ମାନିତ ଅତିଥି ଏବଂ ଶିକ୍ଷକ ଗୋପବନ୍ଧୁ ପୁରୋହିତ ମୁଖ୍ୟବକ୍ତାଭାବେ ଯୋଗଦାନ କରିଥିଲେ। କମଳ ତାଣ୍ଡି, ଅଶୋକ କୁଅଁର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଶିଶୁ ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁବାସଂଘର ସମ୍ପାଦକ ସୁରେନ୍ଦ୍ର ତାଣ୍ଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁବାସ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଦେଓଗାଁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଷୀରେଶ୍ୱର ତାଣ୍ଡି ସଭା ପରିଚାଳନା କରିଥିଲେ । ପ୍ରଶାସନିକ ଅଧିକାରୀ ଫଣିନ୍ଦ୍ର ତାଣ୍ଡି, ରାଜ୍ୟ ଦଳିତ ମହାସଂଘର ସଭାପତି ଚୈତନ୍ୟ ପାଇକ, ଆଡ଼ଭୋକେଟ୍ ଧର୍ମରାଜ ବିଭାର, ଗାନ୍ଧୀ ମହାନନ୍ଦ, ଯଦୁମଣି ଦୀପ, ଗଙ୍ଗାଧର ଗଡ଼ତିଆ ପ୍ରମୁଖ ମଞ୍ଚାସୀନ ଥିଲେ। ହେମନ୍ତ ଭୋସାଗର, ଶିବଶଙ୍କର ତାଣ୍ଡି, ଟିଙ୍କୁ ଗଡ଼ତିଆ, ଅଜିତ ତାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆକାଶ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

ବରଗଡ଼ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ) ପରିସରରେ ସମ୍ବିଧାନ ପ୍ରଣେତା ଡ. ବି.ଆର୍ ଆମ୍ବେଡ଼କରଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ଏହି ଅବସରରେ ପଶ୍ଚିମ ଓଡ଼ିଶା ସହ ପ୍ରାନ୍ତ ପ୍ରଚାରକ ସୁରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ଡ. ଆମ୍ବେଡ଼କରଙ୍କ ଅବଦାନ ଏବଂ ତ୍ୟାଗ ଉପରେ ଆଲୋକପାତ କରିଥିଲେ । ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଜିଲା ସଂଘ ଚାଳକ ରୋହିତ କୁମାର ମେହେର, ଡା. ଅର୍ଜୁନ ମେହେର, ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

# ଆନ୍ତଃ ଜିଲା ଡକାୟତ ଦଳର ୫ ଗିରଫ

**୨ ରିଭଲଭର, ମାରଣାସ୍ତ୍ର ସହ ୩ ବାଇକ୍ ଜବତ**

ସୁନ୍ଦରଗଡ,୧୫।୪(ଜୟନ୍ତୀ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା କିଞ୍ଜିରକେଲା ଥାନା ଅନ୍ତର୍ଗତ କୁଲବା ଗ୍ରାମରେ ଗତ ରବିବାର ରାତିରେ ଘଟିଥିବା ଏକ ଡକାୟତି ଘଟଣାରେ ପୋଲିସକୁ ସଫଳତା ମିଳିଛି। କିଞ୍ଜିରକେଲା ଥାନା ପୋଲିସ ଏହି ଘଟଣାର ୨୪ ଘଣ୍ଟା ନ ପୁରୁଣୁ ଏକ ୫ଜଣିଆ ଡକାୟତ ଦଳକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଖେଳନା ରିଭଲଭର ସହିତ ୨ ରିଭଲଭର, ଗୋଟିଏ ଖୋକା, ଛୁରୀ, ୩ ବାଇକ୍, ୭ ମୋବାଇଲ ଫୋନ ଓ ୩ଟି ହେଲମେଟ ଜବତ କରିଛି। ଏନେଇ ସୋମବାର ଅପରାହ୍ନରେ ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ହିମାଂଶୁ ବେହେରା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ରବିବାର ରାତି ପ୍ରାୟ ୧୦ଟାରେ କୁଲବା ଗ୍ରାମର ଭବାନୀ ଶଙ୍କର ପଟେଲ ସୁନ୍ଦରଗଡରୁ କାମ ସାରି ଘରେ ପହଞ୍ଚିବା ସମୟରେ ୩ଟି ବାଇକ୍‌ରେ ହେଲମେଟ ପିନ୍ଧା ୫ ଜଣ ଅଚିହ୍ନା ବ୍ୟକ୍ତି ଆସି ତାଙ୍କୁ ଓ ପରିବାର ଲୋକଙ୍କୁ ରିଭଲଭର ଦେଖାଇ ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ଦେବାକୁ ଅସହାୟତା ପ୍ରକାଶ କରିବାରୁ ଦୁର୍ବୃତ୍ତମାନେ ଏକ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଟଙ୍କା ନ ଦେଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ଭବାନୀଙ୍କ ବୋହୁଙ୍କ ବେକରେ ଥିବା ମଙ୍ଗଳ ସୂତ୍ରକୁ ଛିଣ୍ଡାଇ ନେଇ ସେଠାରୁ ସେମାନେ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଖବରପାଇ ପୋଲିସ ଟିମ୍ ପହଞ୍ଚି ଡକାୟତ ଦଳକୁ ଧରିବା ପାଇଁ ତନାଘନା ଉଦ୍ୟମ ଆରମ୍ଭ କରିଥିଲା। ଗିରଫ ହୋଇଥିବା ଡକାୟତ ହେଲେ ସମ୍ବଲପୁର ଧନୁପାଲି ଥାନା ଅଧୀନ ଅମରିପଡାର ଶରତ ନାଏକ(୪୦), ସୁନ୍ଦରଗଡ ଶଙ୍କରା ପଣସପଡାର ରାଜା ଶର୍ମା ଓରଫ ଠାକୁର(୨୬), କିଞ୍ଜିରକେଲା ଥାନା କୁଲବାର ବିଜୟ କୁମାର ଦେହୁରିଆ(୨୯), ଧରୁଆଡିହି ଥାନା ଅମସରଙ୍ଗାର ସୁଜନ ପ୍ରଧାନ(୨୭) ଓ ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଚନ୍ଦନୀମାଲର ଦାଶରଥି ଟୁଡୁ(୨୭) ବୋଲି ସଦର ଏସଡିପିଓ ବେହେରା ସୂଚନା ଦେଇଛନ୍ତି। କିଞ୍ଜିରକେଲା ଥାନାରେ ନଂ. ୧୦୨/୨୦୨୪ରେ ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି।



ଖବରଦାତା ସମ୍ମିଳନୀରେ ଏସଡିପିଓ ଓ ଗିରଫ ଡକାୟତ ଦଳ।

## ଯୁବକଙ୍କୁ ହତ୍ୟା ଅଭିଯୋଗ

### ଉପଯୁକ୍ତ ତଦନ୍ତ ଦାବି କଲେ ବ୍ଲକ ଅଧକ୍ଷା

ବଡ଼ଗାଁ,୧୫।୪(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଶଙ୍କରାପୋଷ ଗ୍ରାମର ଲଳିତ ଧାରୁଆଙ୍କ ପୁଅ ସୁଜିତ ଧରୁଆ(୨୪)ଙ୍କ ଖପୁରି ଓ କଙ୍କାଳ ଗତ ୭ ତାରିଖରେ ବଡ଼ଗାଁ ପୋଲିସ ରାନୀବେଡା ଜଙ୍ଗଲରୁ ଉଦ୍ଧାର କରିଥିଲା। ସୁଜିତଙ୍କ ପରିବାର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିବା ସହ ତାଙ୍କ ପ୍ରେମିକାର ପରିବାର ସଦସ୍ୟଙ୍କୁ ଏହି ହତ୍ୟା ଘଟଣା ପାଇଁ ଦାୟୀ କରିଥିଲେ। ଘଟଣାର ୯ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ହାତ ଖାଲି ରହିଛି। ସୋମବାର ବ୍ଲକ ଅଧକ୍ଷା ଦୁଲାରୀ ସରେଙ୍ଗ ବଡ଼ଗାଁ ଆଇଆଇସି ଆଶିଷ କୁମାର ଜେନାଙ୍କୁ ସାକ୍ଷାତକରି ଏହି ମାମଲାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହା ସହ ଏହି ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ପ୍ରକୃତ ରହସ୍ୟ ଉନ୍ମୋଚନ କରିବାକୁ ଦାବି କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ତଦନ୍ତ କରାଯିବ ବୋଲି ଆଇଆଇସି ଜେନା କହିଛନ୍ତି। ଘଟଣାକୁ ନେଇ ଶଙ୍କରାପୋଷ ଗ୍ରାମରେ ମଧ୍ୟ ଚାପା ଅସନ୍ତୋଷ ଦେଖାଦେଇଛି।

## ୫ଦିନିଆ ଗଣଧାରଣା, ବିକ୍ଷୋଭ ପ୍ରଦର୍ଶନ

ଲହୁଣୀପଡା,୧୫।୪(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଭୁତୁଡା ପଞ୍ଚାୟତ ଖଣ୍ଡାଧାର କୁରୁମିତ ଲୌହଖଣି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଭୁତୁଡା ପଞ୍ଚାୟତ ବିକାଶ କମିଟି ପକ୍ଷରୁ ପଞ୍ଚାୟତର ହକ ଓ ସ୍ୱାଭିମାନର ଦାବିକୁ ଓଏମସି ମୁରୁମିତର ଖଣି କର୍ତ୍ତୃପକ୍ଷ ଉକ୍ତ ଦାବି ଗୁଡିକ ପୂରଣ କରିବା ନେଇ ୫ ଦିନିଆ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ରାମସଭା ଅନୁଯାୟୀ ଓଏମସି କୁରୁମିତର ଲୌହଖଣିରେ ହେଉଥିବା ଲୋଡିଙ୍ଗ, ରେଜିଂ ଏବଂ ଟ୍ରାନ୍ସପୋର୍ଟିଂ କାମରେ ୫୦ ପ୍ରତିଶତ କାମ ଭୁତୁଡା ପଞ୍ଚାୟତ ବିକାଶ କମିଟିକୁ ପ୍ରଦାନ କରିବା, ଯୋଗ୍ୟତା ଓ ଦକ୍ଷତା ଅନୁଯାୟୀ ଖଣିରେ ବେକାର ଯୁବତୀ ଯୁବକଙ୍କୁ ଏବଂ ସ୍ଥାନୀୟ ଲୋକଙ୍କୁ ଆବଶ୍ୟକ ସ୍ଥଳେ ନିଯୁକ୍ତି ପ୍ରଦାନ କରିବା ଏବଂ ଭୁତୁଡା ପଞ୍ଚାୟତର ମୌଳିକ ସମସ୍ୟା ଯଥା ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟର ସମୂହ ସମାଧାନ ୫ ଦିନ ଭିତରେ ପ୍ରଶାସନ ଓ ଖଣି କର୍ତ୍ତୃପକ୍ଷ ନ କଲେ ଆଗାମୀ ସାଧାରଣ ନିର୍ବାଚନରେ ପଞ୍ଚାୟତବାସୀ ଭୋଟ ବର୍ଜନ କରିବେ ବୋଲି ବିକାଶ କମିଟି ସଭାପତି ରଞ୍ଜିତ ପାତ୍ର, ଉପସଭାପତି ନରସିଂହ ସୋରେନ,ସମ୍ପାଦକ ବିଷ୍ଣୁ ଚନ୍ଦ୍ର ପାତ୍ର, ସହ ସମ୍ପାଦକ କାଳିଆ ଦେହୁରୀ,କୋଷାଧ୍ୟକ୍ଷ ଇଗ୍ନେସ ହେମ୍ବ୍ରମଙ୍କ ସମେତ ଭୁତୁଡା ପଞ୍ଚାୟତ ବିକାଶ କମିଟିର କର୍ତ୍ତା ସୂଚନା ଦେଇଛନ୍ତି।



ଧାରଣାରେ ବସିଥିବା କମିଟି ସଦସ୍ୟ।

## ବିଜେଡିର ନିର୍ବାଚନ ପରିଚାଳନା ଅଫିସ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ବଡ଼ଗାଁ,୧୫।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ମହାବୀର ଛକ ନିକଟରେ ରବିବାର ବିଜେଡିର ନିର୍ବାଚନ ପରିଚାଳନା କାର୍ଯ୍ୟାଳୟ ଉଦ୍‌ଘାଟିତ ହେବା ସହ ତଳସରା ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ବିନୟ ଟପ୍ପୋଙ୍କ ନେତୃତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂତନ କାର୍ଯ୍ୟାଳୟକୁ ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼େଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକକୁ ଜିଲା ଯୁବ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଦଳକୁ ବୁଥ୍ ସ୍ତରରେ ମଜଭୁତ କରିବାକୁ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା ଗୁରୁତ୍ୱାରୋପ କରିଥିଲେ। ଏହା ସହ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସୁନ୍ଦରଗଡ଼ ଜିଲାରେ ସଫଳ ହୋଇଥିବା ବେଳେ ଏହି ସାଧାରଣ ନିର୍ବାଚନରେ ଉତ୍ତମ ପ୍ରଦର୍ଶନ କରିବାକୁ ସମସ୍ତେ ଆପ୍ରାଣ ଉଦ୍ୟମ କରିବାରୁ ଆହ୍ୱାନ ଦିଆଯାଇଥିଲା। ପଞ୍ଚାୟତ ନିର୍ବାଚନରେ ତଳସରା ନିର୍ବାଚନମଣ୍ଡଳୀରେ ବିଜେଡି ୨୫ ହଜାର ଭୋଟରେ ଆଗୁଆ ରହିଥିବା ବେଳେ ଏହି ନିର୍ବାଚନମଣ୍ଡଳୀରେ ବିନୟ ଟପ୍ପୋ ୩୫ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ବିଜୟୀ ହେବେ ବୋଲି ଦଳୀୟ କାର୍ଯ୍ୟକର୍ତ୍ତା ମତ ପୋଷଣ କରୁଥିଲେ। ଏହି ବୈଠକରେ ବିଧାୟକ ପ୍ରାର୍ଥୀ ବିନୟ ଟପ୍ପୋ, ଏମ୍‌ପି ପ୍ରାର୍ଥୀ ଦିଲୀପ ତିର୍କୀ, ସହ ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ତଳସରା ପର୍ଯ୍ୟବେକ୍ଷକ ବୈକୁଣ୍ଠ ନାଏକ, ଜୟନ୍ତୀ ଏକ୍କା, କୁଞ୍ଜଲତା ଭିତ୍ରିଆ, ଜଲନୀ କେରକେଟା, ମନୋଜ ବାରୁଆ, ଗୀତା ପଟେଲ, ନୃପଚରଣ ଦଣ୍ଡସେନା, ପ୍ରଶାନ୍ତ ପୃଷେଟ, ଦେବାଶିଷ ମିଶ୍ର, ପ୍ରଶାନ୍ତ ଜେନା, ପୀତବାସ ପଣ୍ଡା ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲା ସାଧାରଣ ସମ୍ପାଦକ ଅରୁଣ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ପପୁନ



@ ହମିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କୁସୁମ ଟେଟେଙ୍କ ନିର୍ବାଚନୀ ପ୍ରଚାର, ସଭା

ସୁନ୍ଦରଗଡ଼,୧୫।୪(ଜୟ ନାରାୟଣ ମେଣ୍ଡୁଲି)

ସାଧାରଣ ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି, ସୁନ୍ଦରଗଡ ସଦର ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ମାହୋଲ ସେତିକି ସରଗରମ ହେବାରେ ଲାଗିଛି । ରବିବାର ସଦର ବ୍ଲକ ଅନ୍ତର୍ଗତ ଲହଣ୍ଡାବୁଡ଼ ପଞ୍ଚାୟତ ରେ ଭାଜପା ପ୍ରାର୍ଥୀ କୁସୁମ ଟେଟେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ହରିଜନପଡା ଛକରୁ ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମବାସୀ ତାଙ୍କୁ ଆଦିବାସୀ ନୃତ୍ୟର ତାଳେ ତାଳେ ପାଛୋଟି ନେଇଥିଲେ। ସେଠାରୁ ସଭା ସ୍ଥଳରେ ପହଞ୍ଚିବା ପରେ ସତ୍ପେଶ୍ୱର କିଷାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ଭାଜପା ପ୍ରାର୍ଥୀ ଟେଟେ କହିଥିଲେ, କରୋନା ପାଇଁ ଦୁଇ ବର୍ଷ ବିଧାୟକ ପାଣ୍ଠି ବନ୍ଦ ଥିବା ସତ୍ତ୍ୱେ ସେ ନିଜ ନିର୍ବାଚନ ମଣ୍ଡଳୀରେ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ବାକି ତିନି ବର୍ଷ ଭିତରେ ପ୍ରତ୍ୟେକ ପଞ୍ଚାୟତରେ ଅନେକ ବିକାଶମୂଳକ କାର୍ଯ୍ୟ କରିଥିବା କହିଥିଲେ। ଏହି ଅବସରରେ ତାଙ୍କୁ ପୁନର୍ବାର ଆଶୀର୍ବାଦ କରି ନିର୍ବାଚନରେ ବିଜୟୀ କରିବାକୁ ସେ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସନ୍ତୋଷ ଅମାତ, ଅଶୋକ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ, ଯୁବନେତା ଆଶିଷ ପଟେଲ, ଆନନ୍ଦ ଶେଖର ଦେଓଙ୍କ ସମେତ ଭାଜପା ନେତା ଯୋଗ ଦେଇଥିଲେ।

## ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସ୍ଥାପନ ଦାବି

ହେମଗିର,୧୫।୪(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ବୃଦ୍ଧି ପାଇବାରେ ଲାଗିଛି ବେକାରୀ ସମସ୍ୟା। ଅଞ୍ଚଳରେ ଅନେକ ଗୁଡିଏ ଖଣି ଖାଦାନ ରହି ଥିବା ବେଳେ ଏଠାକାର ଲୋକେ ଅନ୍ୟ ରାଜ୍ୟକୁ ଯାଉଛନ୍ତି ଦାଦନ ଖଟିବାକୁ। ହେମଗିର ବ୍ଲକ ଓଡିଶା ଅର୍ଥନୀତିରେ ନିଜସ୍ୱ ପରିଚୟ ସୃଷ୍ଟି କରିଥିବା ବେଳେ ଏଠାକାର ଯୁବତୀ ଯୁବକଙ୍କ ପାଇଁ କୌଣସି ପ୍ରକାରର ସରକାରୀ ଅବା ବେସରକାରୀ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ନାହିଁ। ଯାହା ଫଳରେ ଅଞ୍ଚଳର ଅନେକ ଯୁବତୀ ଯୁବକ ବେକାରି ସମସ୍ୟାର ଶିକାର ହେଉଛନ୍ତି। ଅଞ୍ଚଳରେ ଅନେକ ଗୁଡିଏ କମ୍ପାନୀ ଓ ଖଣି ଖାଦାନ ଭରି ରହି ଥିଲେ ମଧ୍ୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସ୍ଥାପନ କରାଯାଇ ପାରିନାହିଁ। କେବଳ ନିର୍ବାଚନ ସମୟରେ ନେତାମାନେ ମାଳ ମାଳ ପ୍ରତିଶ୍ରୁତି ଦେଇ ଏକ ଏକପ୍ରକାର ଠକୁ ଥିବା ଅଭିଯୋଗ ହେଉଛି। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବା ସହିତ ଅଞ୍ଚଳରେ ଖୁବ୍ ଶୀଘ୍ର ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସ୍ଥାପନ ପାଇ ଦାବି ହେଉଛି ।

## ବ୍ରହ୍ମପୁରା ସମାଜର ବାର୍ଷିକ ବୈଠକ



ବୈଠକରେ ବ୍ରହ୍ମପୁରା ସମାଜର କର୍ମକର୍ତ୍ତା।

ବଡ଼ଗାଁ, ୧୫।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଦେବ ମଣ୍ଡପରେ ବ୍ରହ୍ମପୁରା ସମାଜର ବାର୍ଷିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମାଜର ସଭାପତି ଉପାଧ୍ୟାୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ସମାଜର ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକ ଆରମ୍ଭରେ ପରଲୋକ ଘଟିଥିବା ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଶୋକ ପ୍ରକାଶ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସମାଜର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ବୈଠକରେ ସମାଜର ଉପ ସଭାପତି ସତ୍ୟବାନ ବିଶି, ସମ୍ପାଦକ ପଦ୍ମନାଭ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସୁଧୀର କୁମାର ବିଶି, ବରିଷ୍ଠ କାର୍ଯ୍ୟକର୍ତ୍ତା ଲକ୍ଷ୍ମଣ ପୁରୋହିତ, ସନ୍ତୋଷ ପୁରୋହିତ, କିଶୋର ବିଶି, ଫକିର ପାଣିଗ୍ରାହୀ, ଅଶୋକ ମିଶ୍ର, ରଘୁନନ୍ଦନ ନାୟକ, ବିଭୂତି ନାୟକ, ଦିଲୀପ ପୁରୋହିତ, ପଦ୍ମନାଭ ପଣ୍ଡା, ପଦ୍ମଲୋଚନ ପାଣିଗ୍ରାହୀ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

## ରାବଣ ରାଜ ଦରବାର ମୁଖ୍ୟ ଆକର୍ଷଣ



ସୁନ୍ଦରଗଡ,୧୫।୪(ଜୟ ନାରାୟଣ ମେଣ୍ଡୁଲି)

**ପଞ୍ଚମୁଖୀ ଆଖଡା କମିଟି ପକ୍ଷରୁ ଶ୍ରୀରାମ ନବମୀ ଉତ୍ସବ**

ସୁନ୍ଦରଗଡ ସହରର ଡେଲି ମାର୍କେଟ ପଞ୍ଚମୁଖୀ ଆଖଡା କମିଟି ପକ୍ଷରୁ ଶନିବାର ଠାରୁ ଆୟୋଜିତ ହୋଇଛି ଶ୍ରୀରାମ ନବମୀ ଉତ୍ସବ । ଚଳିତବର୍ଷ ହୋଇଥିବା ରାମଲୀଳାର ମୁଖ୍ୟ ଆକର୍ଷଣ ପାଲଟିଛି ରାବଣ ରାଜ ଦରବାର। ଏଥିରେ ବରଗଡ଼ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା ହୃଷୀକେଶ ଭୋଇ ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ରାମାୟଣ କାହାଣୀକୁ ନେଇ କଳାକାରମାନଙ୍କ ଦ୍ୱାରା ନିଖୁଣ ଅଭିନୟ ଦର୍ଶକଙ୍କ ମନ ମୋହୁଛି। କମିଟି ପକ୍ଷରୁ ୧୬ ଓ ୧୭ରେ ଭଜନ ସନ୍ଧ୍ୟା ହେବାକୁ ଥିବା ବେଳେ ୧୮ତାରିଖରେ ଆଖଡା ଶୋଭାଯାତ୍ରା ବାହାରିବ। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର କଳାକାର ଓ ଆଖଡା ଦଳ ଭାଗ ନେବାରେ କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ କୁହାଯାଇଛି।

## ମହିଳାଙ୍କୁ ମରଣାନ୍ତକ ଆକ୍ରମଣ, ଥାନାରେ ଅଭିଯୋଗ

ବଡ଼ଗାଁ,୧୫।୪ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାଲିପୋଷ ଗ୍ରାମରେ ଜଣେ ନାବାଳକ ଓ ତାଙ୍କ ମା' ଉଭୟେ ମିଶି ଜଣେ ସମ୍ପର୍କୀୟ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଆହତ ମହିଳା ଏନେଇ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୧୯୭ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଥାନା ଆଇଆଇସି ଆଶିଷ କୁମାର ଜେନା ସୂଚନା ଦେଇଛନ୍ତି। ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଗୃହ ଛାତରୁ ପାଣି ପଡ଼ିବା ନେଇ ୨ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ନାବାଳକ ଆସି ତାଙ୍କ ମା' ସହିତ ମିଶି ସବିତା ସାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।

## ଯୁବକଙ୍କ ଦ୍ୱିତୀୟ ବିବାହ ବନ୍ଦ କଲା ପୋଲିସ

ରାଉରକେଲା, ୧୫।୪( ସଙ୍ଗୀତା ଜେନା): ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେଳବାଇ କଲୋନୀରେ ରବିବାର ଜଣେ ବିବାହିତ ଯୁବକ ପୁନର୍ବାର ବିବାହ କରୁଥିଲେ। ଏ ସମ୍ପର୍କରେ ସୂଚନା ପାଇ ପୋଲିସ ବିବାହକୁ ବନ୍ଦ କରାଇଥିବା ଜଣାପଡ଼ିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଯୁବକ ରାଞ୍ଚିରେ ରହୁଥିଲେ। ସେ ପୂର୍ବରୁ ପ୍ରେମବିବାହ କରିଥିଲେ। ହେଲେ ଉଭୟଙ୍କର କୌଣସି ସନ୍ତାନ ହେଉ ନ ଥିଲା। ତେଣୁ ଯୁବକ ରେଳବାଇ କଲୋନୀରେ ଥିବା ଜଣେ ପୂର୍ବପରିଚିତ ଯୁବତୀଙ୍କୁ ପୁଣି ଥରେ ବିବାହ କରୁଥିଲେ। ଏହା ଜାଣିବା ପରେ ପୋଲିସ ଏହାକୁ ରୋକିବାରେ ସକ୍ଷମ ହୋଇଥିଲା। ପ୍ରଥମ ବିବାହିତାଙ୍କ ଠାରୁ ବିଚ୍ଛେଦ ନ ହୋଇ ଦ୍ୱିତୀୟ ବିବାହ କରିପାରିବ ନାହିଁ ବୋଲି ପୋଲିସ ଦର୍ଶାଇ ବିବାହ ବନ୍ଦ କରିଥିଲା।

## ସୀମାନ୍ତରୁ ମାଓ କ୍ୟାମ୍ପ ଠାବ, ତୀରବୋମା ଜବତ

ରାଉରକେଲା, ୧୫।୪ ( ସଙ୍ଗୀତା ଜେନା)

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତରେ ମାଓ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦମନ କରିବା ପାଇଁ ଏକ ବର୍ଷରୁ ଉର୍ଦ୍ଧ୍ୱ କାଳରୁ ସୁରକ୍ଷାବଳ ଦ୍ୱାରା କୁମ୍ବିଂ ଅପରେସନ ଓ ଅଭିଯାନ ଆରମ୍ଭ ହୋଇଛି। ଏହି କ୍ରମରେ ସୋମବାର ସୀମାନ୍ତ ଟୋଂଟୋ ଥାନା ବନଗ୍ରାମ ହୁସିପିର ଆଖପାଖ ଜଙ୍ଗଲରେ ଏକ ମାଓ କ୍ୟାମ୍ପ ଠାବ କରାଯାଇଛି। ଏଥିରେ ୨୧ଟି ତୀରବୋମା, ସିରିଞ୍ଜ ବୋମା, ଡେଟୋନେଟର, ଗନ୍ ପାଉଡ଼ର୍, ଖାଲି କେନ୍, ବୋମା ପ୍ରସ୍ତୁତ ସାମଗ୍ରୀ, ଆମୋନିୟମ୍ ନାଇଟ୍ରେଟ୍ ସମେତ ବିସ୍ଫୋଟକ ତଥା ଘରୋଇ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରାଯାଇଛି। ଏହାକୁ ବମ୍ ସ୍କ୍ୱାର୍ଡ ନଷ୍ଟ କରିଥିଲା। ଗତ ୧୦ ତାରିଖରୁ ଗୋଇଲକେରା ଥାନା ଅନ୍ତର୍ଗତ କୁଇଡ଼ା, ଛୋଟା କୁଇଡା, ଲେମସାଡିହି ତଥା ଟୋଂଟୋ ଥାନା ଅନ୍ତର୍ଗତ ଜଙ୍ଗଲରେ କୁମ୍ବିଂ ଅପରେସନ୍ ଜୋରଦାର କରାଯାଇଥିଲା।



ଜବତ ହୋଇଥିବା ତୀରବୋମା ଓ ଅନ୍ୟ ସାମଗ୍ରୀ।

## ସୋଲୋ ଟାଳକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ

କୁଆଁରମୁଣ୍ଡା,୧୫/୦୪(ମହେନ୍ଦ୍ର କୁମାର ସାହୁ)

**କ୍ଷତି ପୂରଣ ବାବଦକୁ ୧୦ ଲକ୍ଷ,ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ୫୦ ହଜାର ସହ ମୃତକଙ୍କ ସ୍ତ୍ରୀଙ୍କୁ ଚାକିରି ପ୍ରଦାନ ପାଇଁ ନିଷ୍ପତ୍ତି**



ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଚାନ୍ଦ୍ରିହରିହରପୁରରେ ଥିବା ଲିବର୍ଟି ହାଉସ ଅଧିକୃତ ଆଧୁନିକ ମେଟାଲିକ୍ସ କାରଖାନାରେ ରବିବାର ରାତିରେ ସୋଲୋ ଚାଳକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକହେଲେ ପୁତୁରିଖମନ ପଞ୍ଚାୟତ ଗିର୍ଜାଟୋଲିର ମାଇକେଲ ଟେଟେ(୩୦)। ମିଳିଥିବା ସୂଚନା ଅନୁଯାୟୀ, ରବିବାର ରାତିରେ ମାଇକେଲ କାରଖାନାରେ କାମ କରୁଥିବାବେଳେ ହଠାତ୍ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କାରଖାନା କର୍ତ୍ତୃପକ୍ଷ ରାତି ଅଧରେ ମୃତ ଶରୀରକୁ ରାଉରକେଲା ସରକାରୀ ଡାକ୍ତରଖାନା ନେବା ସହ ସେଠାରେ ଥିବା ମର୍ଗ ହାଉସରେ ରଖିଥିଲେ। ଖବର ପାଇ ପରିବାର ଲୋକେ ଘଟଣା ସମ୍ପର୍କରେ କୁଆଁରମୁଣ୍ଡା ଫାଣ୍ଡିରେ ସୋମବାର ଲିଖିତ ଅଭିଯୋଗ କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର,ପୁତ୍ରିଖମନ ସରପଞ୍ଚ ନରେଶ ସୁରିନ,ଆଧୁନିକ ମେଟାଲିକ୍ସ ଶ୍ରମିକ ନେତା ଜେନା,କୁଆଁରମୁଣ୍ଡା ନାଗରିକ କମିଟିର ଆବାହକ ଯୁବ ନେତା ରାଜେଶ କେରକେଟା,ବିକ୍ରମ ପଟ୍ଟନାୟକ ପ୍ରମୁଖଙ୍କ ସହ ପ୍ରଶାନ ପକ୍ଷରୁ ବୀରମିତ୍ରପୁର ଏସଡିପିଓ ସୁଶାନ୍ତ ଦାସ, ସ୍ଥାନୀୟ ପାଣ୍ଠି ଅଧିକାରୀ ଅଭୟ ମହାପାତ୍ରଙ୍କ ସମେତ ମୃତକଙ୍କ ସମ୍ପର୍କୀୟମାନେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। କାରଖାନା କର୍ତ୍ତୃପକ୍ଷ କ୍ଷତିପୂରଣ ବାବଦରେ ୧୦ ଲକ୍ଷ ଟଙ୍କା ସହ ଅନ୍ତ୍ୟେଷ୍ଟି କ୍ରିୟା ନିମନ୍ତେ ୫୦ ହଜାର ଟଙ୍କା ମୃତକଙ୍କ ସ୍ତ୍ରୀ ଆମିସାନି ଟେଟେ(୨୩)ଙ୍କୁ ପ୍ରଦାନ କରିଥିଲେ। ଏହାସହ ଆମିସାନିଙ୍କୁ କାରଖାନାରେ ଅନୁକମ୍ପାମୂଳକ ଚାକିରି ପ୍ରଦାନ ସହ ତାଙ୍କର ଏକ ୫ ବର୍ଷୀୟା ଶିଶୁ କନ୍ୟାକୁ ୧୦ମ ଶ୍ରେଣୀ ପଢ଼ିବା ଯାଏଁ ସମସ୍ତ ଖର୍ଚ୍ଚ ବହନ ନିମନ୍ତେ କାରଖାନା କର୍ତ୍ତୃପକ୍ଷ ରାଜି ହୋଇ ଲିଖିତ ପ୍ରତିଶ୍ରୁତି ଦେବାରୁ ଘଟଣାର ସମାଧାନ ହୋଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପଣା ସଂକ୍ରାନ୍ତିରେ ହାସ୍ୟ କବିତା ଆସର

ଲୋଇସିଂହା,୧୫।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରେଙ୍ଗାଲିରେ ପଣା ସଂକ୍ରାନ୍ତି ଅବସରରେ ବ୍ୟଙ୍ଗ କବିତା ଆସର୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଯାଇଛି । ପଟେଟ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାଗିରଥି ବର୍ଗତ୍ତି, ମୁଖ୍ୟବକ୍ତା ସୁବଲ ଠାକୁର, ସମ୍ମାନିତ ଅତିଥି ଭାବେ ଭବାନୀ ରାଜପୁତ, ଗୁଲାପ ଦଣ୍ଡସେନା, ଚିନ୍ତାମଣି ଠାକୁର, ହୃଷିକେଶ ସାହୁ ଏବଂ ହୃଷିକେଶ ଗଡତ୍ୟା ପ୍ରମୁଖ ଯୋଗଦେଇ ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ କବିତା ଆସରରେ ବଲାଙ୍ଗୀର ତହିଁକ ସାହିତ୍ୟ କୁସୁମ ସଦସ୍ୟ ଓ ଯୁବ କବୟିତ୍ରୀ ଓ କବିମା' ମାଟିଏବଂକିଛିହାସ୍ୟ ବ୍ୟଙ୍ଗ ସ୍ୱରଚିତ କବିତା ପାଠ କରିଥିଲେ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଦିଲୀପ ମିଶ୍ର, କୁମରମଣି ସାହୁ ଏବଂ ଗିରିଶ ପାତ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବା ପାଇଁ ନିଜ ପାରମ୍ପରିକ କଳା କରମସାନୀ, ଘୁଡୁକା ପରିବେଷଣ କରାଯାଇଥିଲା।

# ୧୯ରୁ ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳା



ରାମଲୀଳା ସକାଶେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ବଲାଙ୍ଗୀର, ୧୫।୪ (ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ମାଉସୀ ମା' ମନ୍ଦିର ତଥା ପଞ୍ଚମ ସଙ୍ଗୀତ ଅନୁଷ୍ଠାନ ପରିସରରେ ସୋମବାର ରାମଜୀ ନାଟକ ସଂସଦ ପକ୍ଷରୁ ଚଳିତବର୍ଷର ପ୍ରସିଦ୍ଧ ରାମଲୀଳା ପରିବେଷଣ ସମ୍ପର୍କରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଖବରଦାତା ସମ୍ମିଳନୀରେ ଲୀଳାଗୁରୁ ବାଲମୁକୁନ୍ଦ ବେହେରା, ସଭାପତି ବାସୁଦେବ ବେହେରା, ସାଧାରଣ ସମ୍ପାଦକ ରାମଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ପ୍ରହଲ୍ଲାଦ ଦର୍ଜୀ, ଉପସଭାପତି ଚତୁର୍ଭୁଜ ରାଉତ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ ଚୋପଦାର, ସହସମ୍ପାଦକ ରବି ନାରାୟଣ ନାଏକ, ସହକୋଷାଧ୍ୟକ୍ଷ ଘୁଣ୍ଟୁ ଗୋପାଳ ମିଶ୍ର, ଡା. ରୁଦ୍ର ନାରାୟଣ ପଟେଲ ଉପସ୍ଥିତ ଥିଲେ। ଆସନ୍ତା ୧୯ ତାରିଖରୁ ଚଳିତବର୍ଷର ରାମଲୀଳା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ସ୍ଥାନୀୟ ଜଗନ୍ନାଥପଡା ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ରାମଲୀଳା ନାଟକ ମଞ୍ଚସ୍ଥ କରାଯିବ। ୧୭ ତାରିଖ ସନ୍ଧ୍ୟା ୬ଟାରେ ରାମଲୀଳା ପାଇଁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିବ। ରାମଜୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ କଳାକାର, ନାଟକ ସଂସଦର ସଦସ୍ୟ, ଲୀଳାଗୁରୁ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତା ସହର ପରିକ୍ରମାରେ ଭାଗନେବେ। ୧୯ ତାରିଖ ରାତିରୁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ରାମଲୀଳା ଆରମ୍ଭ ହେବ। ଏହା ଦୀର୍ଘ ୨୧ ଦିନ ପର୍ଯ୍ୟନ୍ତ ଜାରି ରହିବ। ରାମଲୀଳା ପାଇଁ ଚଳିତବର୍ଷର କଳାକାର ଚୟନ ବହୁ ପୂର୍ବରୁ ସରିଛି। କଳାକାରମାନେ ଏବେ ରିହରସଲ କରୁଛନ୍ତି। ନାଟ୍ୟଗୁରୁ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳାକାରମାନେ ଉତ୍ସାହିତ ହୋଇ ରିହରସଲ କରୁଛନ୍ତି। ଚଳିତବର୍ଷ ପୁରୁଖା କଳାକାର ବଦଳରେ ଯୁବ କଳାକାରଙ୍କୁ ଅଧିକ ସୁଯୋଗ ଦିଆଯାଇଥିବା ନାଟ୍ୟଗୁରୁ ବେହେରା କହିଛନ୍ତି।

ବିଭିନ୍ନ କାରଣରୁ ଦୀର୍ଘ ୧୮ ବର୍ଷ ଧରି ବନ୍ଦ ରହିବା ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡା. ରୁଦ୍ରନାରାୟଣ ପଟେଲଙ୍କ ପ୍ରଚେଷ୍ଟାରେ ରାମଲୀଳା ଆରମ୍ଭ ହୋଇଥିଲା ବୋଲି ଗୁରୁ ବେହେରା ସୂଚନା ଦେଇଥିଲେ। ରାବଣ ଭୂମିକାରେ ଅଭିନୟ କରୁଥିବା ଡା. ପଟେଲ ରାମଲୀଳା ହେଉଛି ବଲାଙ୍ଗୀରବାସୀଙ୍କ ଏକ ସ୍ୱତନ୍ତ୍ର ପରିଚୟ। ଅଭିଜ୍ଞ କଳାକାର ସହ ନୂଆ କଳାକାରମାନେ ଯେଉଁ ଉତ୍ସାହର ସହ ଏହି ରାମଲୀଳାରେ ଭାଗ ନେଉଛନ୍ତି ସେଥିରୁ ରାମଲୀଳାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ସେ କହିଥିଲେ। ଶେଷରେ ଚିଦାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ରାମଲୀଳାର ବିଶେଷତ୍ୱ ହେଲା ସ୍ୱତନ୍ତ୍ର ୧୫୦ ବର୍ଷର ତଳର ବ୍ୟବହୃତ କାଠମୁଖା ଓ ଛଉ ନୃତ୍ୟ ଶୈଳୀରେ ଏହା ମଞ୍ଚସ୍ଥ ହୋଇଥାଏ।

## ବିଜେଡିରେ ମିଶିଲେ ୪ ସରପଞ୍ଚ


ବିଧାୟକ ପ୍ରାର୍ଥୀଙ୍କ ଉପସ୍ଥିତିରେ ୪ ସରପଞ୍ଚ ବିଜେଡିରେ ଯୋଗ ଦେଉଛନ୍ତି।

ଲୋଇସିଂହା,୧୫।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବିଜେଡି କାର୍ଯ୍ୟାଳୟରେ ବିଜେଡିର ଦ୍ୱିତୀୟ ପର୍ଯ୍ୟାୟ ମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଜେଡି ବିଧାୟକ ପ୍ରାର୍ଥୀ ନିହାରରଜଂନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲୋଇସିଂହା ବ୍ଲକର ୪ ଜଣ କାର୍ଯ୍ୟରତ ସରପଞ୍ଚ ବିଜେଡିରେ ଯୋଗଦାନ କରିଛନ୍ତି। ସେଥିମଧ୍ୟରେ ୩ ଜଣ ମହିଳା ଏବଂ ଜଣେ ପୁରୁଷ ସରପଞ୍ଚ ରହିଛନ୍ତି। ସେମାନେ ହେଲେ ତଲିଉଡାର ସରପଞ୍ଚ ଦୀପାଳି ସାଏ, କୁଶଙ୍ଗ ସରପଞ୍ଚ ଗୀତାଞ୍ଜଳି ପଟେଲ, ବାନିପାଲି ସରପଞ୍ଚ ମୀନା ମୁଗୁରୀ ଓ ଗଡଶଙ୍କର ଡୁଙ୍ଗରିପାଲି ସରପଞ୍ଚ ସଦାଶିବ କହ୍ନେର । ବିଜେଡି ବିଧାୟକ ପ୍ରାର୍ଥୀ ବେହେରା ସେମାନଙ୍କୁ ଫୁଲମାଳ ଓ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ରାଜ୍ୟରେ ବିକାଶ ଧାରା ସାଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ନୀତିଆଦର୍ଶ ଓ ସ୍ୱଚ୍ଛ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ସେମାନେ ମିଶିଥିବା ବିଜେଡି ବିଧାୟକ ପ୍ରାର୍ଥୀ ବେହେରା ଗଣମାଧ୍ୟମକୁ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ଜିଲା ଯୁବ ଉପସଭାପତି ନୀତେଶ କୁମାର ଅଗ୍ରୱାଲ, ଜିଲାପରିଷଦ ସଭ୍ୟା ଲିଳିମା ବେହେରା, ସଂଯୁକ୍ତା ବରିହା, ବ୍ଲକ ସଭାନେତ୍ରୀ ଜ୍ୟୋସ୍ନାମୟୀ ନାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୬ମାସ ହେଲା ମିଳୁନାହିଁ ପାନୀୟ ଜଳ

### ବିଡିଓଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ସଇଁତଲା, ୧୫।୪ (ରାଖାଲ ପ୍ରସାଦ ଶତପଥି)


କମରଲଗା ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତର କମରଲଗା ଗ୍ରାମବାସୀ ପମ୍ପ ଚାଳକଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଦୀର୍ଘ ୬ମାସ ହେଲା ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ସୋମବାର ସକାଳୁ ଗ୍ରାମବାସୀ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ଆସି ତୁରନ୍ତ ନୂତନ ପମ୍ପ ଚାଳକ ଯୋଗାଇଦେବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଦାବି ମୁତାବକ କମରଲଗାରେ ପ୍ରାୟ ୨୦୦ ପରିବାର ବସବାସ କରୁଥିବାବେଳେ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ନିକଟସ୍ଥ ଲାନ୍ଥ ନଦୀରେ ଗଭୀର କୂପ ଖନନ କରାଯାଇ ସେଠାରୁ ପମ୍ପ ଯୋଗେ ଗ୍ରାମକୁ ପାନୀୟ ଜଳ ଯୋଗାଣ କରାଯାଇଥାଏ । ଠିକା ପାଇଥିବା ସଂସ୍ଥା ପାନୀୟ ଜଳ ଯୋଗାଣ ସହ ପମ୍ପଘର ଏବଂ ପାଣି ପାଇପର ପାଞ୍ଚବର୍ଷ ପାଇଁ ରକ୍ଷଣା ବେକ୍ଷଣ ଦାୟିତ୍ୱ ସହ ପମ୍ପ ଚଳାଇବା ପାଇଁ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ପ୍ରଦାନ କରି ମାସିକ ବେତନ ପ୍ରଦାନ କରିଥାନ୍ତି। କମରଲଗା ଗ୍ରାମକୁ ଜଳ ଯୋଗାଣ ପାଇଁ ଟେଣ୍ଡର ପାଇଥିବା ଠିକା ସଂସ୍ଥା ଗ୍ରାମର ଚକ୍ର ବର୍ଗତିଙ୍କୁ ପମ୍ପ ଚାଳକ ଭାବରେ ନିଯୁକ୍ତି ପ୍ରଦାନ କରିଥିବାବେଳେ ଦୀର୍ଘ ଏକ ବର୍ଷ ପାଖାପାଖି ହେବ ତାଙ୍କୁ ବେତନ ପ୍ରଦାନ କରୁ ନ ଥିବାରୁ ସେ ଗତ ୬ମାସ ହେଲା ପମ୍ପ ଘରେ ତାଲାଦେଇ ଜଳଯୋଗାଣ ବନ୍ଦ କରିଦେଇଛନ୍ତି। ଫଳରେ ପାନୀୟ ଜଳ ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଗ୍ରାମବାସୀ ବାରମ୍ବାର ଜଳ ଓ ପରିମଳ ବିଭାଗକୁ ଏ ବିଷୟରେ ଲିଖିତ ଆକାରରେ ଦେବା ପରେ ମଧ୍ୟ ବିଭାଗ ପକ୍ଷରୁ ଜଳ ଯୋଗାଣ ପାଇଁ କୌଣସି ପଦକ୍ଷେପ ନେଉ ନ ଥିବାରୁ ସୋମବାର ସକାଳ ୯ଟାରେ ଗ୍ରାମର ଦୈତାରୀ ମହାନନ୍ଦ, ଶରତ ମାଝୀ, ପ୍ରଦୀପ କୁମାର ମାଝୀ, ନରସିଂହ କୁମ୍ଭାର, ଗୌରହରି ମାଝି, ସୁଧିର ମହାନନ୍ଦ, ସରୋଜ ଦୀପ, ସମାରୁ ମହାନନ୍ଦ, ଅଗସ୍ତି ମହାନନ୍ଦ, ରାମଜୀ ତାଣ୍ଡି, ପ୍ରଦୀପ ଦୀପ, ରମାକାନ୍ତ ବାରିକ, ସୁକାନ୍ତୀ ମହାନନ୍ଦ, ସନ୍ତୋଷିନୀ ମହାନନ୍ଦ, ଦୀପାଞ୍ଜଳୀ ନାଗ, ବାସନ୍ତୀ ବାଗ, ଅନୀତା ସୁନା, ଅଷ୍ଟମୀ ହରପାଲ ପ୍ରମୁଖଙ୍କ ସହ ବହୁ ଗ୍ରାମବାସୀ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡ଼ିଓଙ୍କ ଅନୁପସ୍ଥିତିରେ ହିସାବ ରକ୍ଷକ ଲଛମନ ଜାନୀଙ୍କୁ ନୂତନ ପମ୍ପ ଚାଳକ ଯୋଗାଇଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ।

## ଦେଓଗାଁରେ କଳିକେଶ, ସଙ୍ଗୀତାଙ୍କ ନିର୍ବାଚନ ପ୍ରଚାର

ଦେଓଗାଁ,୧୫।୪
(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୧୨ନଂ. ଜୋନରେ ବିଜେଡି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଏବଂ ୧୩ ନଂ. ଜୋନରେ ଭାଜପା ସାଂସଦ ପ୍ରାର୍ଥୀନି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ସଭା ସହ ଭୋଟ ପ୍ରଚାର କରିଛନ୍ତି। ୧୨ ନଂ. ଜୋନର ରାମଚନ୍ଦ୍ରପୁର ପଞ୍ଚାୟତ ରାମଚନ୍ଦ୍ରପୁର, ପରୁଆଭାଟି, ଲୁହାଖାନ, କୁରୁମିହୁଲ, ବରଘାଟି, ଖଲିଆପାଲି, ଲଖନପୁର ଗ୍ରାମକୁ ଯାଇ କଳିକେଶ ନାରାୟଣ ସିଂଦେଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରିଥିଲେ। ଏ ଅବସରରେ ବିଜେଡି ବ୍ଲକ ସଭାପତି ଶୁଶିଲ କୁମାର ଚାନ୍ଦ, ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଅନ୍ତର୍ଯ୍ୟାମୀ ଭୋଇ, ଅଚ୍ୟୁତ ମିଶ୍ରଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ ଥିଲେ। ବ୍ଲକର ୧୩ ନଂ. ଜୋନରେ ଭାଜପା ସାଂସଦ ପ୍ରାର୍ଥୀନୀ ସଙ୍ଗୀତା ସିଂଦେଓ ଏବଂ ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ କୁଲତାପଡା ପଞ୍ଚାୟତର ଶୁଲିଆପୀଠ ଖଇରଗୁରାଠାରେ ଏକ ନିର୍ବାଚନୀ ସଭା କରି ଚଳିତ ନିର୍ବାଚନରେ ଓଡିଶାର ବିକାଶ ଲାଗି ଡବଲ ଇଞ୍ଜିନ ସରକାର ଦରକାର, ଏଠି ଭାଜପା ସରକାର ଆସିଲେ ଅଞ୍ଚଳର ଦ୍ରୁତ ବିକାଶ ହେବ କହି ଲୋକଙ୍କୁ ସମର୍ଥନ ଦେବାପାଇଁ ସଭାରେ ଭୋଟ ଭିକ୍ଷା କରିଥିଲେ । ଏହି ସଭାରେ କେତେଜଣ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ଯୋଗଦାନ କରିଥିଲେ। ଏ ଅବସରରେ ଭାଜପା ଜିଲା ସାଧାରଣ ସମ୍ପାଦକ ଅମିତ ସିଂନିନା, ଜିଲା ଯୁବମୋର୍ଚ୍ଚା ସଭାପତି ଅମରଜିତ ପଟେଲ, ଦେଓଗାଁ ମଣ୍ଡଳ ସଭାପତି ଶୁକଦେବ ବାଗ, କର୍ତ୍ତାର ସିଂ, ପିଙ୍କୁ ଷାଣ୍ଡ ସମେତ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# ଭିତ୍ତିଭୂମିର ବିକାଶ, ଆର୍ଥିକ ଅଗ୍ରଗତି କଂଗ୍ରେସର ଲକ୍ଷ୍ୟ


ସକ୍ମା ଗ୍ରାମରେ କଂଗ୍ରେସ ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭା।

ବଲାଙ୍ଗୀର, ୧୫।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସଦର ବ୍ଲକର ସକ୍ମାଠାରେ ସୋମବାର ଅନୁଷ୍ଠିତ କଂଗ୍ରେସ ନିର୍ବାଚନୀ ସଭାରେ ଏଆଇସିସି ସଦସ୍ୟ ତଥା କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଭିତ୍ତିଭୂମିର ବିକାଶ ଏବଂ ଲୋକଙ୍କ ଆର୍ଥିକ ଅଗ୍ରଗତି କଂଗ୍ରେସର ଲକ୍ଷ୍ୟ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ, ଗତ ୧୦ ବର୍ଷ ଭିତରେ ଏହି ଅଞ୍ଚଳର ରାସ୍ତାଘାଟ, ଜଳସେଚନ ତଥା ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପାଇଁ କଂଗ୍ରେସ ବିଧାୟକ ନରସିଂହ ମିଶ୍ର କାମ କରିଛନ୍ତି। ଆଗାମୀ ପାଞ୍ଚ ବର୍ଷ କଂଗ୍ରେସ ଦଳ ଏ ଅଞ୍ଚଳର ଛାତ୍ର, ଯୁବକ, କୃଷକ, ଶ୍ରମିକ ଏବଂ ମା' ଭଉଣୀଙ୍କ ଆର୍ଥିକ ବିକାଶରେ କିଭଳି ଅଗ୍ରଗତି ଅଣାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ଲେକଙ୍କୁ କହିଥିଲେ। କେବଳ ଭୋଟ ବେଳେ ସାମୟିକ ଭାବେ କିଛି ମାସ ପାଇଁ ଦେଖାଯାଉଥିବା ନେତାଙ୍କୁ ଲୋକେ ବରଖାସ୍ତ କରନ୍ତୁ ବୋଲି ସେ କହିଥିଲେ । ସଭାରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କଂଗ୍ରେସ ଦଳ ତାର ନିର୍ବାଚନୀ ଗ୍ୟାରେଣ୍ଟିରେ ପ୍ରତ୍ୟେକ ଗରିବ ମହିଳାଙ୍କୁ ୨ ହଜାର ଟଙ୍କା, ଏସ୍‌ସି ଏସ୍‌ଟି ମହିଳାଙ୍କ ପାଇଁ ୩ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ, ଗୃହଣୀ ମାନଙ୍କ ପାଇଁ ୫୦୦ ଟଙ୍କାରେ ମାସକୁ ଗୋଟିଏ ଗ୍ୟାସ ସିଲିଣ୍ଡର ପ୍ରଦାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ମାଫ, ୨୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି ଦେୟ ଛାଡ, କୃଷକଙ୍କ ପାଇଁ ପେନସନ ୨ ହଜାର ଟଙ୍କା, ସାମାଜିକ ସୁରକ୍ଷା ଅନ୍ତର୍ଗତ ଭତ୍ତାକୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯିବାର ଗ୍ୟାରେଣ୍ଟି ଦେଇଥିବା କହିଥିଲେ। ନିର୍ବାଚନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସଭାକୁ ସକ୍ମା ଗ୍ରାମପଞ୍ଚାୟତ ସରପଞ୍ଚ ଉଗ୍ରସେନ ବରାଡ ସଂଯୋଜନା କରିଥିଲେ ଓ ଜିଲା କଂଗ୍ରେସ ସଭାପତି ଅଶୋକ ନନ୍ଦ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ଚଗଲା ପରିଚ୍ଛା, ଯୁବନେତା ଅଙ୍କିତ ସାହୁ, ଗଜେନ୍ଦ୍ର ପ୍ରଧାନ ପଦ୍ମନ ବରାଡ, ରାଧେଶ୍ୟାମ ବରାଡ, ବୁଢୁ ପ୍ରଧାନ, ନାଏବ ସରପଞ୍ଚ ସନ୍ତୋଷିନୀ ନାଏକ, ସମିତି ସଭ୍ୟ ସଞ୍ଜୀବ ପ୍ରଧାନ, ରାଜା ପଣ୍ଡା ବକ୍ତବ୍ୟ ରଖିଥିଲେ।

## ମୋଟର ସାଇକେଲ ଚୋରି ର୍‍ୟାକେଟ ଠାବ: ୪ କୋର୍ଟ ଚାଲାଣ

କଣ୍ଟାବାଞ୍ଜି,୧୫।୪(ଗୁରୁଦୟାଲ ହଂସ)

ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ପୋଲିସ ମୋଟର ସାଇକେଲ ଚୋରି ର୍‍ୟାକେଟ ଠାବ କରି ୪ଜଣଙ୍କୁ ଗିରଫ କରିଛି। କଣ୍ଟାବାଞ୍ଜି ପୋଲିସ ଉପଖଣ୍ଡ କାର୍ଯ୍ୟାଳୟ ପରିସରରେ ଏନେଇ ସୋମବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ଚୋରି ୪ଟି ମୋଟର ସାଇକେଲ ବିଭିନ୍ନ ଥାନାରୁ ଉଦ୍ଧାର କରି ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସର ସୂଚନା ଅନୁସାରେ ଗତ ୧୩ ତାରିଖ ତୁରେକେଲା ବଜାରରୁ ମୋଟର ସାଇକେଲ ଚୋରି ହୋଇଥିବା ତୁରେକେଲା ଥାନା ସେମଲା ଗାଁର ଖଗେଶ୍ୱର ମେହେର ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ତୁରେକେଲା ଥାନା କେସ ନଂ.୧୦୦/୨୦୨୪ ଅନୁସନ୍ଧାନ ପରେ ତୁରେକେଲା ଆଇଆଇସି ରମାକାନ୍ତ ସାହୁ ଅଧିକ ଅନୁସନ୍ଧାନ ଜାରି ରଖିଥିଲେ। ଏହା ପରେ କଣ୍ଟାବାଞ୍ଜି ଥାନା ଉପକଣ୍ଠସ୍ଥ ଚଟୁଅନକା ଗାଁର ହିମାଂଶୁ ଓରଫ ଅଫତର ପୁଟେଲ(୨୧) ଠାରୁ ଗାଡି ନଂ. ଓଡି୦୩ପି-୧୨୨୩ ଉଦ୍ଧାର କରାଯାଇଥିଲା। ପରେ ଅନ୍ୟ ସହଯୋଗୀ ଯୋଗୀ ପୁଟେଲ(୨୩), ଦିଲଶନ ଦାଶ (୧୯) ଓ ଡଙ୍ଗାମରା ଗାଁର ବିଜୁ କାଣ୍ଡ (୨୨)ଙ୍କୁ ପୋଲିସ ଗିରଫ କରିଥିଲା। ଅନୁସନ୍ଧାନରୁ ଜଣାଯାଏ ଯେ ଏମାନଙ୍କ ଦ୍ୱାରା ତୁରେକେଲା,ବଙ୍ଗୋମୁଣ୍ଡା,ବେଲପଡା ଏବଂ ଟିକ୍ରାପଡା ଥାନା ଅଞ୍ଚଳରୁ ମଧ୍ୟ ଚୋରି ହୋଇଥିବା ସ୍ୱୀକାର କରିଥିଲେ। ଚଟୁଅନକାର ଅଫତାର ପୁଟେଲ, ବିଜୁ କାଣ୍ଡ, ଦିଲଶନ ଦାଶକୁ କଣ୍ଟାବାଞ୍ଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଯୋଗୀ ପୁଟେଲଙ୍କୁ ବଙ୍ଗୋମୁଣ୍ଡା କୋର୍ଟ ଚାଲାଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁ ତୁରେକେଲା ଥାନା ଆଇଆଇସି ରମାକାନ୍ତ ସାହୁ ସାମିଲ ଥିଲେ।

# ମା' ସମଲେଶ୍ୱରୀଙ୍କ ଛତରଯାତ୍ରା

ଗୁଡଭେଲା,୧୫।୪ (ମନୋଜ କୁମାର ଜୈନ)

ତୁଷୁରା ସହରର ଇଷ୍ଟ ଦେବୀ ମା' ସମଲେଶ୍ୱରୀଙ୍କ ଅଷ୍ଟମଙ୍ଗଳା ଯାତ୍ରା ପାଇଁ ସୋମବାର ପୂଜକଙ୍କ ଘରୁ ମା'ଙ୍କ ମନ୍ଦିରକୁ ଛତର ନିଆଯାଇଥିଲା। ପୂଜକ ଘରେ ପ୍ରଥମ ଛତ୍ର ନିତି ଅନୁଯାଇ ପୂଜା ଅର୍ଚ୍ଚନା ପରେ ଘଣ୍ଟ ସହ ଏକ ଭବ୍ୟ ପଟୁଆରରେ ସହରର ମୁଖ୍ୟ ରାସ୍ତା ଦେଇ ଛତର ମନ୍ଦିରକୁ ନିଆଯାଇଥିଲା। ଛତର ଦର୍ଶନ ପାଇଁ ରାସ୍ତାର ଦୁଇ ପାର୍ଶ୍ୱରେ ଭକ୍ତଙ୍କ ଭିଡ ଲାଗି ଲାଗିରହିଥିଲା।


ମନ୍ଦିର ଅଭିମୁଖେ ଛତର ଯାଉଛି।

# ଗୁଡଭେଲାରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର


ଗୁଡଭେଲା ବ୍ଲକ ଉପାଧ୍ୟକ୍ଷ, ସମିତି ସଭ୍ୟ ଓ ସରପଞ୍ଚମାନଙ୍କୁ ସ୍ୱାଗତ କରାଯାଉଛି।

### ବ୍ଲକ ଉପାଧ୍ୟକ୍ଷ ସମେତ ୯ସରପଞ୍ଚ ଓ ଜଣେ ସମିତି ସଭ୍ୟଙ୍କ ଭାଜପାରେ ଯୋଗଦାନ

ଗୁଡଭେଲା,୧୫।୪ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ତେନ୍ତୁଲିଖୁଣ୍ଟି ଗ୍ରାମରୁ ବାଇକ୍ ଶୋଭାଯାତ୍ରାରେ ସୋମବାର ଭାଜପା ପ୍ରାର୍ଥୀ ନବୀନ ଜୈନ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ତେନ୍ତୁଲୀଖୁଣ୍ଟି, ସିରଜାପାଲି, କୁରେଭନା, ଜାମମୁଣ୍ଡା, ଦେଉଳଗୁଡି, ଡୁଙ୍ଗିବାହାଲ, ଗୁଡଭେଲା, କେଟଗାଁ, ମାଢେକେଲା, ସିରାବାହାଲ, ଭୂଆଁପଡା, ଆଟଗାଁ, କେନ୍ଦୁପଦର, ପେନ୍ଦିମୁଣ୍ଡା, ଡାହିମାଲ, ଜମ୍ଭେଲ, ଡୁଙ୍ଗରିପାଲି ଗ୍ରାମରେ ପ୍ରଚାର କରିଥିବାବେଳେ ଦେଉଳଗୁଡି, ଭୂଆଁପଡା ଓ ଡୁଙ୍ଗିବାହାଲ ଗ୍ରାମରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ଗୁଡଭେଲା ବ୍ଲକ ଉପାଧ୍ୟକ୍ଷ ଟୁକୁ ପାଣିଗ୍ରାହୀ, ମାଢେକେଲା ଗ୍ରାମପଞ୍ଚାୟତ ସମିତି ସଭ୍ୟ ଉଜ୍ଜ୍ୱଳ ଭୋଇ, ଗମ୍ଭାରୀଗୁଡା ଗ୍ରାମପଞ୍ଚାୟତର ପିଙ୍କି ବେସରା, ଘୁନା ଗ୍ରାମପଞ୍ଚାୟତ ସରପଞ୍ଚ କବିତା ମହାନନ୍ଦ, ବିରାମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ସଞ୍ଜୁକ୍ତା ପ୍ରଧାନ, ତୁଷୁଡା ଗ୍ରାମପଞ୍ଚାୟତ ସରପଞ୍ଚ କୈଳାସ ବେହେରା, ବଡଙ୍ଗୋମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ଚମ୍ପୀ ବାରିକ, ନୂଆଁପଡା ଗ୍ରାମପଞ୍ଚାୟତ ସରପଞ୍ଚ କୁଞ୍ଜବିହାରୀ ସାହୁ, ଦେଉଗୁଡି ସରପଞ୍ଚ ମଧୁମତି ଅଗ୍ରୱାଲ, ଜାମୁଟ ଭାବସିଂ ମାଝି, ମାଢେକେଲା ଗ୍ରାମ ପଞ୍ଚାୟତ ସରପଞ୍ଚ ରଘୁମଣୀ ମହାନନ୍ଦ, ପୂର୍ବତନ ଜିଲା ପରିଷଦ ସଭ୍ୟ ଲିଙ୍ଗରାଜ ରଣାଙ୍କ ସମେତ ଶହ ଶହ ବିଭିନ୍ନ ଦଳର କର୍ମୀ ପ୍ରଧାନମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦାନ କରିଥିଲେ। ସମସ୍ତଙ୍କୁ ଜୈନ ଫୁଲମାଳ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା, ଭାଜପା ଉପସଭାପତି ଦିନବନ୍ଧୁ ବେହେରା,ୟସ ପାଣିଗ୍ରାହୀ, ଈଶ୍ୱର ବାଗ, ଗୁଡଭେଲା ବ୍ଲକ ମଣ୍ଡଳ ସଭାପତି ସୂର୍ଯ୍ୟବାନ ବାଗ, ରୁଣୁ ଗୋପାଳ ସାହୁ, ମହେଶ କେଡିଆ ପ୍ରମୁଖ ଉପସ୍ଥିତ ଥିଲେ।

# ମେ ୨୭ରୁ ରବି ଧାନ କ୍ରୟ

### ଜିଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

ବଲାଙ୍ଗୀର, ୧୫।୪
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାରେ ରବି ଧାନ କ୍ରୟ ନିମନ୍ତେ ସୋମବାର ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। କମିଟି ଅଧ୍ୟକ୍ଷ ତଥା ଜିଲାପାଳ ଗୌରବ ଶିୱାଜୀ ଇସଲୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ମେ ୨୭ରୁ ଜିଲାରେ ରବି ଧାନକ୍ରୟ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାରେ ୯୮ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ୧୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସମୁଦାୟ ୧୦୯ଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଧାନ କ୍ରୟ କରାଯିବ। ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ। ଏକର ପ୍ରତି ଧାନ କିଣାର ପରିମାଣ ରାଜ୍ୟସ୍ତରୀୟ କ୍ରୟ କମିଟି ନିଷ୍ପତ୍ତି ଗ୍ରହଣ କଲାପରେ ସେହି ଅନୁସାରେ କ୍ରୟ କରାଯିବ ବୋଲି ସୂଚନା ଦିଆଯାଇଛି। ଚଳିତବର୍ଷ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସପ୍ତାହର ୫ ଦିନ ଶନିବାର, ରବିବାର ବ୍ୟତୀତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲାର ୭୮୬୯ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଗତ ରବିରେ ୭୮୨୧ ଜଣ ଚାଷୀ ପଞ୍ଜୀକୃତ ହୋଇ ୨ ଲକ୍ଷ ୭୦ ହଜାର ୮୦୩. ୭୮ କୁଇଣ୍ଟାଲ ଧାନ କିଣାଯାଇଥିଲା। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟ ଗୁଡିକରେ ଯେକୌଣସି ପ୍ରକାର ଅସୁବିଧାକୁ ସମ୍ମୁଖୀନ ଓ ପ୍ରତିହତ କରିବା ନିମନ୍ତେ ପାନୀୟ ଜଳ, ବିଜୁଳି, ତ୍ରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳୀ ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥି ପ୍ରତି ବିଶେଷ ଯତ୍ନବାନ ହେବାକୁ ଅଧ୍ୟକ୍ଷ ତଥା ଜିଲାପାଳ ଇସାଲୱାର ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଚାଷୀ ପ୍ରତିନିଧି ତଥା ମିଲର ସଂଘ ପ୍ରତିନିଧିମାନଙ୍କ ଦ୍ୱାରା ଆଗତ ଗତବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଗତବର୍ଷ ହୋଇଥିବା ତ୍ରୁଟିର ସମାଧାନ ଦିଗରେ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ଚଳିତବର୍ଷ ରବିଧାନ କ୍ରୟକୁ ସୁବ୍ୟବସ୍ଥିତ କରାଯିବ ବୋଲି ଜିଲାପାଳ ବୈଠକରେ ସୂଚନା ଦେଇଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଟିଟିଲାଗଡ଼ ଉପଜିଲାପାଳ ରହାନ କ୍ଷେତ୍ରୀ, ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପ୍ରଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲା ସମବାୟ ସମିତି ସମୂହ ନିବନ୍ଧକ ଦମୟନ୍ତୀ ସିଂ, ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଜିଲା ଚାଷୀ ସଙ୍ଗଠନ କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀମାନେ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଭାକର ପାତ୍ର ସ୍ୱାଗତ ବକ୍ତବ୍ୟ ଦେଇଥିଲେ।


ଜିଲାସ୍ତରୀୟ ରବି ଧାନକ୍ରୟ କମିଟି ବୈଠକରେ ଉପସ୍ଥିତ ସଦସ୍ୟ।

# ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲାନି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର

**ସୋନପୁର,୧୫।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟର ୩୦୦ ଶଯ୍ୟା ବିଶିଷ୍ଟ ନୂତନ କୋଠା ଗତ ଫେବୃୟାରୀ ୨୬ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ୧୧୦ କୋଟି ବ୍ୟୟରେ ଝୁପୁଡ଼ିପଡ଼ାଠାରେ ୭ ମହଲା କୋଠା ନିର୍ମାଣ ହୋଇଛି। ନୂତନ କୋଠାରେ ନିରାମୟ ଯୋଜନାରେ ଔଷଧ ପ୍ରଦାନ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଜରୁରୀକାଳୀନ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତେବେ ଏହି ଡାକ୍ତରଖାନା ଖୋଲିବା ପରେ ସହର ତଥା ପଡୋଶୀ ବୌଦ୍ଧ ଜିଲାରୁ ବସ୍‌ରେ ଆସୁଥିବା ରୋଗୀମାନେ ଅସୁବିଧା ଭୋଗୁଛନ୍ତି। ନୂତନ ଡାକ୍ତରଖାନାକୁ ଯିବା ପାଇଁ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ପୁରୁଣା ମୁଖ୍ୟ ଜିଲା ଚିକିତ୍ସାଳୟରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଖୋଲାଯିବାକୁ ବିଭିନ୍ନ ମହଲରେ ଦାବି ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨୪ ଘଣ୍ଟିଆ ରୋଗୀ ଚିକିତ୍ସା ବ୍ୟବସ୍ଥା ସହ ରକ୍ତ ପରୀକ୍ଷା ଓ ଔଷଧ ବଣ୍ଟନ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏପରିକି ନୂତନ ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୬୭୬/୧୪।୩।୨୦୨୪ରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସୁବର୍ଣ୍ଣପୁର ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ସଚିବ ଲିଖିତ ଭାବେ ଜଣାଇ ସାରିଛନ୍ତି। କିନ୍ତୁ ଚିଠି କରିବାର ୩୦ ଦିନ ବିତି ଯାଇଥିଲେ ସୁଦ୍ଧା ଏଠାରେ ସେପରି କୌଣସି ବ୍ୟବସ୍ଥା କରାଯାଇ ନାହିଁ। ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଖାଁ ଖାଁ ଲାଗୁଛି।



ପୁରୁଣା ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ।

ବିଭାଗୀୟ ଯୁଗ୍ମ ସଚିବ ମମତା ବାରିକ ଦେଇଥିବା ପତ୍ର ଅନୁସାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଯୋଗାଇ ଦିଆ ଯାଇଥିବା ସମସ୍ତ ସେବା ପୁରୁଣା ମୁଖ୍ୟ ଚିକିତ୍ସାଳୟରେ କରାଯିବ। ନିର୍ଦ୍ଧାରିତ ଦିନ ବିଶେଷଜ୍ଞ ଡାକ୍ତର ସେବା, ପରୀକ୍ଷାଗାରକୁ ଆହୁରି ସୁଦୃଢ଼ କରିବା, ଚବିଶ ଘଣ୍ଟିଆ ସେବା ଯୋଗାଇବା ପାଇଁ ଜିଲାସ୍ତରରୁ ଏଲଟିଆରଏମ୍‌ଓ ଡାକ୍ତର ବ୍ୟବସ୍ଥା,

## ସ୍ୱାସ୍ଥ୍ୟ ବିଭାଗ ଚିଠିକୁ ୧ ମାସ ବିତିଲା

ଜରୁରୀକାଳୀନ ରୋଗୀଙ୍କ ନିରୀକ୍ଷଣ ପାଇଁ ୪ଟି ଶଯ୍ୟାର ବ୍ୟବସ୍ଥା କରିବା ସହ ଫିଜିଓଥେରାପି ଓ ଯୋଗ ସେବା ମଧ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଏଠାକୁ କେବଳ ଜଣେ ଡାକ୍ତର, ଦୁଇ ଜଣ ଫାର୍ମାସିଷ୍ଟଙ୍କ ସହ ଜଣେ ସୁରକ୍ଷା କର୍ମୀ ଆସି ସକାଳ ୮ଟାରୁ ୧୧ ଓ ଅପରାହ୍ନ ୫ ରୁ ୭ ଟା ପର୍ଯ୍ୟନ୍ତ ନାମକୁ ମାତ୍ର ଖୋଲୁଥିବା ଦେଖାଯାଇଛି। ଏଠାରେ ଚାଲୁଥିବା ବର୍ତ୍ତମାନର ଡାକ୍ତରଖାନା ରବିବାର ଦିନ ବନ୍ଦ ରହୁଛି। ରକ୍ତ ପରୀକ୍ଷା, ବ୍ୟବସ୍ଥା ଜରୁରୀକାଳୀନ ରୋଗୀ ଚିକିତ୍ସା ସେବା ଆଦି ବନ୍ଦ ରହିଥିବାରୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ବାହାର ରୋଗୀ କାହିଁକି ସହରର ଲୋକ ମଧ୍ୟ ସାମାନ୍ୟ ଝାଡ଼ାବାନ୍ତି, ଜ୍ୱର ହେଉଥିଲେ ସୁଦ୍ଧା ସେମାନଙ୍କୁ ନୂତନ ଡାକ୍ତରଖାନା ଯାଇ ଡାକ୍ତର ଦେଖାଇବା ପାଇଁ ଘଣ୍ଟାଏ ଅପେକ୍ଷା କରିବାକୁ ପଡୁଛି। ବାହାରୁ ଆସୁଥିବା ରୋଗୀ ଏଠାରୁ ନୂତନ ଡାକ୍ତରଖାନା ଯିବାକୁ ଟ୍ୟାକ୍ସି ଭଡ଼ା ୧୦୦ ଟଙ୍କା ଦେବାକୁ ବାଧ୍ୟ ହେଉଛନ୍ତି। ପୁରୁଣା ଚିକିତ୍ସାଳୟରେ ଚିକିତ୍ସା ସେବା ସହ ଅନ୍ୟାନ୍ୟ ସେବାକୁ ପର୍ଯ୍ୟାୟ କ୍ରମେ ବନ୍ଦ ନ କରି ହଠାତ୍ ବନ୍ଦ କରି ଦିଆ ଯାଇଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ସତ୍ତ୍ୱେ ଏଠାରେ ଆବଶ୍ୟକ ରୋଗୀସେବା ଆରମ୍ଭ ହୋଇ ନ ଥିବାରୁ ସହରବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇବା ସହ ଜନ ଆନ୍ଦୋଳନ ଦାନା ବାନ୍ଧୁଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସ୍ୱାସ୍ଥ୍ୟସେବାକୁ ନେଇ ବିଭିନ୍ନ ରାଜନୈତିକ ଦଳ ନିର୍ବାଚନୀ ପ୍ରସଙ୍ଗ କରିବାକୁ ସଜବାଜ ହେଉଥିବା ଦେଖାଯାଉଛି। ଡାକ୍ତର ଓ କର୍ମଚାରୀ ଅଭାବ ତଥା ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା କାରଣରୁ ନୂଆ ନିଯୁକ୍ତି ବନ୍ଦ ଥିବାରୁ ଡାକ୍ତରଖାନା କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା କୁହାଯାଉଛି। ତେବେ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଜିଲା ପୁରୁଣା ମୁଖ୍ୟ ଚିକିତ୍ସାଳୟ କୋଠାରେ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପୂର୍ଣ୍ଣମାତ୍ରାରେ ଆରମ୍ଭ କରିବାକୁ ଦାବି ହେଉଛି।

# ବୌଦ୍ଧ ଜିଲା କଲ୍‌ଚରାଲ ଏକାଡେମୀର ବିଷୁବ ମିଳନ ଓ କବିତା ପାଠ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ବୌଦ୍ଧ,୧୫।୪(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା କଲଚରାଲ ଏକାଡେମୀର ବିଷୁବ ମିଳନ ଓ କବିତା ପାଠ ରବିବାର ଦିନ ସହରର ଦାନୀସାହି ଠାରେ ଥିବା କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଉପସଭାପତି ଧ୍ରୁବଚରଣ ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୁଧୀର କର୍ଣ୍ଣ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଦେବରାଜ ନାଏକ, ଏକାଡେମୀର ସମ୍ପାଦକ ରମେଶ ପ୍ରସାଦ ମେହେର ଯୋଗ ଦେଇଥିଲେ। ଚନ୍ଦ୍ରକାନ୍ତ ନାୟକ କବିତା ସଂଯୋଜନା କରିଥିଲେ। କବି ରାଜକୁମାର ପ୍ରଧାନ, ଦେବେନ୍ଦ୍ର କୁମାର ଦେହୁରୀ, ସତ୍ୟ ନାରାୟଣ ଦେହୁରୀ, ଦେବରାଜ ନାଏକ, ଦେବବ୍ରତ ପଶାୟତ, ରାଧାମୋହନ ମହରଣା, ବାଞ୍ଛାନିଧି ହୋତା, ଟଙ୍କଧର ସାହୁ, ଗିରିଶ ଚନ୍ଦ୍ର ମହାକୁଲ କବିତା ଆବୃତ୍ତି କରିଥିଲେ। ଶେଷରେ ରାଜକୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ୱାଇସିଡିଏର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

**ବାଉଁଶୁଣୀ,୧୫।୪(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀସ୍ଥିତ ୱାଇସିଡିଏ କାର୍ଯ୍ୟାଳୟରେ ୱାଇସିଡିଏର ଦୁଇଦିନିଆ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଓଡିଶାରେ ଚାଲିଥିବା ସମସ୍ତ ପ୍ରୋଜେକ୍ଟର କାର୍ଯ୍ୟକର୍ତ୍ତା ଯୋଗଦେଇ ନିଜର କାର୍ଯ୍ୟ କ୍ଷେତ୍ରଗୁଡିକର ଅନୁଭୂତି କହିଥିଲେ। ୱାଇସିଡିଏ ସଂସ୍ଥାର ବୋର୍ଡ଼ ମେମ୍ବରସ ଓ କାଉନସିଲ ମେମ୍ବରସ ଯୋଗଦେଇ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି ସଂସ୍ଥାର କାର୍ଯ୍ୟ ଦ୍ୱାରା କେମିତି ବହୁ ବ୍ୟକ୍ତି ଲାଭବାନ ହେଇ ପାରୁଛନ୍ତି ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା.। ସଂସ୍ଥାର ସିଇଓ ରାଜେନ୍ଦ୍ର ମେହେର ସମସ୍ତ କାର୍ଯ୍ୟକର୍ତାଙ୍କୁ ମାର୍ଗଦର୍ଶନ କରିଥିଲେ। ଆଗାମୀ ଦିନରେ ଲାଭାର୍ଥିମାନଙ୍କ ପାଇଁ କେମିତି ଭଲ କାର୍ଯ୍ୟ କରା ଯାଇପାରିବ, ସେନେଇ ଆଲୋଚନା କରାଯାଇ ରୂପରେଖ ପ୍ରସ୍ତୁତ କରାଯାଇଥିଲା।

# କୋସଲି କବିତା ଆସର ଚଇତି


କବିତା ଆସରରେ ଅତିଥି ଓ କବି।

**ସୋନପୁର,୧୫।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରର ବ୍ଲକ ଛକ ନ୍ୟୁ ମାର୍କେଟ ପରିସରରେ କୋସଲି କବିତା ଆସର 'ଚଇତି-୨୦୨୪' ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁରର ଅଗ୍ରଣୀ ଅନୁଷ୍ଠାନ ନାଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଆର୍ତ୍ତତ୍ରାଣ ବାବୁ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସନ୍ତୋଷ ପାଢ଼ୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ନାଟର କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ଅନ୍ୟମାନଙ୍କ ମଧ୍ୟରେ ନାଟର ସାଧାରଣ ସଂପାଦକ ବନମାଳୀ ପଣ୍ଡା, ସଂପାଦକ ସଞ୍ଜୟ କୁମାର ପଣ୍ଡା ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ସଂସ୍କୃତି ସଂଗଠକ ବେଣୁଧର ପ୍ରଧାନ। ନାଟର ସାହିତ୍ୟ ସଂପାଦକ କବି ନରେନ୍ଦ୍ର ଭୋଇ ଧନ୍ୟବାଦ ଦେଇଥିଲେ। କବି ଲକ୍ଷ୍ମୀ ନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଚଇତି ଆସରରେ ୪୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କବି ସସ୍ମିତା ମେହେର, ସ୍ୱର୍ଣ୍ଣମୟୀ ମହାପାତ୍ର, ଅନିରୁଦ୍ଧ କୁରକୁରିଆ, ଅଖୋଜ ସାଣ୍ଡ, ପୁରୁଷୋତ୍ତମ ମିଶ୍ର, ପୁରୁଷୋତ୍ତମ ପାଣିଗ୍ରାହୀ, ପ୍ରଭୁଦତ୍ତ ରଥ, ଇନ୍ଦିରା ମିଶ୍ର ଓ କ୍ଷୀରୋଦ ବିହାରୀ ବିଶାଳ କବିତା ପାଠ କରିଥିଲେ। ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ ହାତ ତିଆରି ପଣା ଆସରର ଅନ୍ୟତମ ଆକର୍ଷଣ ଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସମୀର ସାହୁ, ଦେବାଶିଷ ପଟ୍ଟନାୟକ ଓ ବିଶ୍ୱଜିତ ମହାପାତ୍ର ସହଯୋଗ କରିଥିଲେ।

## କୃଷି ଓ କୃଷକଙ୍କ ହକ୍ ପାଇଁ ଲଢେଇକୁ ପ୍ରାଥମିକତା

**ଅମରପାଲି,୧୫।୪(ପୀତାମ୍ବର ସାହୁ)**

ରବିବାର ସନ୍ଧ୍ୟାରେ କଂଗ୍ରେସ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରଦୀପ କୁମାର ସେଠୀଙ୍କୁ ବିଧାୟକ ପ୍ରାର୍ଥୀ ଭାବେ ଘୋଷଣା କରିଛି। ପୂର୍ବରୁ ଭାଜପା ଓ ବିଜେଡ଼ି ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା କରି ସାରିଛି। ତେଣୁ ସମସ୍ତେ କଂଗ୍ରେସ ର ପ୍ରାର୍ଥୀ ଘୋଷଣା ଉପରେ ନଜର ରଖିଥିଲେ। ଚଳିତ ନିର୍ବାଚନ ପାଇଁ ବିଜେଡି ପଦ୍ମନାଭ ବେହେରାଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଭାଜପା ପୁଣି ଥରେ ଗତ ନିର୍ବାଚନରେ ଭାଜପାରୁ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଇଂ ରଘୁନାଥ ଜଗଦଲାଙ୍କ ଉପରେ ଭରସା କରି ପ୍ରାର୍ଥୀ ଘୋଷଣା କରିଥିଲା। କଂଗ୍ରେସରୁ ପ୍ରଦୀପଙ୍କ ସମେତ ସୋନପୁରର ପୂର୍ବତନ ବିଧାୟକ ତଥା ୨୦୦୯ ଓ ୨୦୧୪ ରେ ବୀରମହାରାଜପୁରରୁ କଂଗ୍ରେସରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ବିନୋଦ ପାତ୍ର ଓ ଭୋଲାନାଥ ସାଗର ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ମାତ୍ର ଦଳ ପ୍ରଦୀପଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଛି। ପ୍ରଦୀପଙ୍କୁ ଟିକେଟ ମିଳିବା ପରେ ତାଙ୍କ ସମର୍ଥକ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ସେ ଦୀର୍ଘ ୧୫ ବର୍ଷ ଧରି କଂଗ୍ରେସରେ କାମ କରି ଦଳର ଏକ ଶୃଙ୍ଖଳିତ ସଭ୍ୟ ଭାବେ ସମସ୍ତ ଦଳୀୟ କାର୍ଯ୍ୟ ତୁଲାଇ ଥିଲେ। ଟିକେଟ ଘୋଷଣା ପରେ ସେ ତାଙ୍କ ପ୍ରତିକ୍ରିୟାରେ ଦଳର ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପିସିସି ସଭାପତି ଶରତ ପଟ୍ଟନାୟକ, ନରସିଂହ ମିଶ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହାସହିତ ସେ ସମଗ୍ର ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର କୃଷି ଓ କୃଷକଙ୍କ ସହିତ ଶ୍ରମିକ ଓ ଖଟିଖିଆ ଜନସାଧାରଣଙ୍କ ହକ୍ ପାଇଁ ଲଢେଇ କରିବେ ବୋଲି କହି ଛନ୍ତି।



# ଭାଜପାର କାର୍ଯ୍ୟକର୍ତ୍ତା ସମାବେଶ, ମିଶ୍ରଣ ପର୍ବ


ସମାବେଶରେ ଯୋଗ ଦେଇଥିବା ଅତିଥି।

**ତରଭା,୧୫।୪(ମାନଭଞ୍ଜନ ମିଶ୍ର)**

ସୋମବାର ତରଭା ସହରରେ ଭାଜପାର କାର୍ଯ୍ୟକର୍ତ୍ତା ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଲୋକସଭା ପ୍ରାର୍ଥିନୀ ସଙ୍ଗୀତା କୁମାରୀ ସିଂହଦେଓ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର ବିଧାନସଭା ପ୍ରାର୍ଥୀ ପ୍ରମୋଦ ମହାପାତ୍ର, ପୂର୍ବତନ ଜିଲା ସଭାପତି ସୁରେଶ ମହଲା, ରାଜ କିଶୋର ମେଣ୍ଡଲି, ରାମ ନାରାୟଣ ବେଜ, ଗୋବିନ୍ଦ ବାରିକ, ତରଭା ନଗର ସଭାପତି ସୁବାସ ଚନ୍ଦ୍ର ସାହୁ, ସୋନପୁର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁଦେଷ୍ଣା ନେଗୀ ମଞ୍ଚାସୀନ ଥିଲେ। ଅତିଥିମାନେ କେନ୍ଦ୍ର ସରକାରଙ୍କ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ କୃପାସିନ୍ଧୁ ମିଶ୍ର, ପୂର୍ବତନ ସମିତି ସଭ୍ୟ ବରମେଶ ବାରିକ, କଟାପାଲି ପଞ୍ଚାୟତର ମଧୁ ଦେହେରୀଙ୍କ ସହିତ ପ୍ରାୟ ୨୫୧ ଜଣ ସମର୍ଥକ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଥିଲେ। ସମସ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟ ଓ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା ପ୍ରକାଶ କରିଥିଲେ। ଏଥିରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ମିଡ଼ିଆ ସେଲ ସଂଯୋଜକ କେ. ନାଏକ ପରିଚାଳନା କରିଥିବା ବେଳେ ଧିରାଜ ବେଜ ଧନ୍ୟବାଦ ଅର୍ପଣ କରିଥିଲେ।

## ମେରୁଯାତ୍ରା ପାଳିତ

**ଅମରପାଲି,୧୫।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଶୈବ ପୀଠ ପଣା ସଂକ୍ରାନ୍ତି ଅବସରରେ ମେରୁ ଯାତ୍ରା ପାଇଁ ବେଶ ଚଳଚଞ୍ଚଳ ହୋଇ ପଡ଼ିଥିଲା। ସକାଳୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଯାଇ ପାଣି ଢାଳିବା ସହିତ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଶିବ ମନ୍ଦିରରୁ ବାହାରିଥିବା ଦଣ୍ଡ ଦଳ ଗ୍ରାମ୍ୟ ପରିକ୍ରମା କରିଥିଲେ। ମନ୍ଦିର ଚାରିପଟେ ପରିକ୍ରମା କରିବା ପରେ ପାଣି ଦଣ୍ଡ ,ଧୂଳି ଦଣ୍ଡ ଆଦି ପରିବେଷଣ କରିଥିଲେ। ଶତାଧିକ ବ୍ରତାଧାରୀ ନିଷ୍ଠା ଓ କାଷ୍ଠା ର ସହିତ ବ୍ରତ ଧାରଣ କରି ପୂଜା କରିଥିଲେ। ଅଞ୍ଚଳର କୁଞ୍ଜାପାଲି, ଠେଙ୍ଗୋ ଡ୍ୟାମ, ଗୌଡଗାଡ, ବଡମାଳ, କେଶଲଗା, ମୟୂରକଟା (ସାହାଜଲଥା), ସୁନରିବେର୍ଣ୍ଣି, ପିତାମହୁଲ, ସେରଗେଡ଼ା, ସଂଗ୍ରାମପୁର, ଗୋଧନେଶ୍ୱର, ଉଫୁଲା, ଟିଠୀପାଲି, ମାଣିକପୁର ଆଦି ଗ୍ରାମର ଦଣ୍ଡ ଦଳ ମେରୁ ପର୍ବ ପାଳନ କରିଥିଲେ।

# ବୀରମହାରାଜପୁରରେ ବଳରାମ ସିଂ ଯାଦବଙ୍କ ପ୍ରଚାର

**ଅମରପାଲି,୧୫।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଯାଦବ ନେତା ବଳରାମ ସିଂ ଯାଦବ( ବଲ୍ଲୁ ଯାଦବ)ଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ ହୋଇଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ବୀରମହାରାଜପୁର ବ୍ଲକର ଟିକ୍ରାପଡ଼ା, କମିରା, ଆମ୍ବସରଭଟା ଆଦି ଗ୍ରାମକୁ ଗସ୍ତ କରିଥିବା ଜଣାପଡିଛି। ତାଙ୍କ ସହିତ ଅଞ୍ଚଳର ଭାଜପା ନେତା ତଥା ପୂର୍ବତନ ଭାଜପା ଜିଲା ସଭାପତି ବଳଦେବ ବେଦବାକ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ସୁରେଶ ମିଶ୍ର, ଭାଜପା ନେତା ଦିଲିପ ପୁରୋହିତ, ମହେନ୍ଦ୍ର ମହାଲିକ, ରାଜେଶ ସେଠୀ, ବିନିକା ଅଞ୍ଚଳର ଆଇନଜୀବୀ ପ୍ରକାଶ ପାଢ଼ୀ, ଶ୍ରୀନିବାସ ଚାନ୍ଦ, ବାପି ଦାସ, ମୁକେଶ ବାବୁ ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ବଳରାମ ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ ବୋଲି କହି ଆର୍ଶୀବାଦ ଭିକ୍ଷା କରିଥିଲେ। ତେବେ ଏଠାକାର ଏମ୍‌ପି ପାଞ୍ଚବର୍ଷ ଧରି କେବେ କୌଣସି ଗ୍ରାମକୁ ଯାଇନାହାନ୍ତି ଓ କୌଣସି ଗ୍ରାମକୁ ଆଖିଦୃଶିଆ ଅନୁଦାନ ଦେଇ ନ ଥିବାରୁ ଲୋକେ କ୍ଷୁବ୍ଧ ହେଉଥିବା ଏହି ଅବସରରେ ସେ ପ୍ରକାଶ କରିଥିଲେ। ତାଙ୍କ ସହ ଅଞ୍ଚଳର ଶତାଧିକ ସମର୍ଥକ ଯୋଗଦେଇ ପ୍ରଚାର କରିଥିଲେ।

# ବ୍ଲକ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ ବସନ୍ତ ମହାକୁର

**ଅମରପାଲି,୧୫।୪ (ପୀତାମ୍ବର ସାହୁ)**


ବସନ୍ତ ମହାକୁର

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ବସନ୍ତ ମହାକୁର। ମାତ୍ର ସେ ଦଳରେ ସାଧାରଣ ସଦସ୍ୟ ଥିବା ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଇସ୍ତଫା ପ୍ରଦାନ କରିଥିବା କହିଛନ୍ତି। ସେ ତାଙ୍କର ଇସ୍ତଫାପତ୍ର ଦଳର ରାଜ୍ୟ ସଭାପତି ଶରତ ପଟ୍ଟନାୟକ ଓ ଜିଲା ସଭାପତି ବିନୋଦ ପାତ୍ରଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି। ଗତ ରବିବାର କଂଗ୍ରେସର ଦଳୀୟ ବିଧାୟକ ପ୍ରାର୍ଥୀ ଭାବେ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଦୀପ ସେଠୀଙ୍କ ନାମ ଘୋଷଣା ପରେ ହୁଏତ ଅସନ୍ତୁଷ୍ଟ ଥାଇ ପଦରୁ ଇସ୍ତଫା ଦେଇଥିବା ଆଲୋଚନା ହେଉଛି। ତେବେ ପ୍ରାର୍ଥୀ ଘୋଷଣା ହେବା ପରେ ବୀରମହାରାଜପୁର ବ୍ଲକ କଂଗ୍ରେସ ସଭାପତି ଦଳରୁ ଇସ୍ତଫା ଦେବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ଯୋଗେଶ୍ୱର ବାବାଙ୍କ ପୀଠରେ ବୃହତ୍ ତମ୍ବା ନାଗ ସ୍ଥାପନ

**ଘଣ୍ଟାପଡ଼ା,୧୫।୪ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ


ନୂତନ ତମ୍ବା ନାଗକୁ ପୂଜାର୍ଚ୍ଚନା କରାଯାଉଛି।

ଘଣ୍ଟାପଡ଼ାସ୍ଥିତ ବାବା ଯୋଗେଶ୍ୱର ମନ୍ଦିରରେ ଘଣ୍ଟାପଡା ଗ୍ରାମ୍ୟ କମିଟି ତରଫରୁ ବୃହତ୍ ତମ୍ବା ନାଗ ସ୍ଥାପନ କରାଯାଇଛି। ସଂକୀର୍ତ୍ତନ ମାଧ୍ୟମରେ ମାଉସୀ ମା' ମନ୍ଦିରରୁ ନୂତନ ତମ୍ବା ନାଗଙ୍କୁ ଆବାହନ କରି ପୂଜାର୍ଚ୍ଚନା, ଗଙ୍ଗା ସ୍ନାନ, ଜୀବନ୍ୟାସ ଓ ଯଜ୍ଞାଦି କାର୍ଯ୍ୟ କରାଯାଇ ପୀଠରେ ସ୍ଥାପନ କରାଯାଇଛି। ପ୍ରଥମେ ନାଗ କାରିଗର ଗୁଡ଼ଭେଲିପଦର ଯୋଗେଶ୍ୱର ବାଘଙ୍କୁ ବିଶ୍ୱକର୍ମା ସମ୍ମାନ ପ୍ରଦାନ କରାଯାଇଥିଲା। ଗ୍ରାମ୍ୟ କମିଟି ଉପଦେଷ୍ଟା ସୁଶାନ୍ତ ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜମିଦାର ବସନ୍ତ ମାଝୀ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ପ୍ରତାପ ପାଣିଗ୍ରାହୀ, ରାଧାରମଣ ପାଣିଗ୍ରାହୀ, ମନୋଜ ପାଣିଗ୍ରାହୀ, ଚିତ୍ତରଞ୍ଜନ ପାଣିଗ୍ରାହୀ ପୂଜା ଓ ଯଜ୍ଞାଦି କାର୍ଯ୍ୟ କରିଥିଲେ। ଦର୍ଶନ ନିମନ୍ତେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ ମନ୍ଦିର ପୂଜକ ନିତ୍ୟାନନ୍ଦ ସେନାପତି, ବ୍ୟାସଦେବ ଥନାପତି, ଶେଷଦେବ ଥନାପତି, ରମାକାନ୍ତ ଥନାପତିଙ୍କ ସମେତ ଗ୍ରାମ୍ୟ କମିଟିର ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ବହଳପଦର ଓ ଅମରପାଲି ସେମିଫାଇନାଲରେ

## ଦ୍ୱିତୀୟ ଅମରପାଲି ଫ୍ଲଡ ଲାଇଟ କ୍ରିକେଟ କପ୍

**ଅମରପାଲି,୧୫।୪(ପୀତାମ୍ବର ସାହୁ)**


ବିଜୟୀ ବହଳପଦର ଦଳର ଖେଳାଳିମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲିସ୍ଥିତ ଭଗବାନ ସାହୁ ଖେଳପଡିଆରେ ଚାଲିଥିବା ଦ୍ୱିତୀୟ ଅମରପାଲି ଫ୍ଲଡ ଲାଇଟ କ୍ରିକେଟ କପର ଦ୍ୱିତୀୟ ସନ୍ଧ୍ୟାରେ ବହଳପଦର ଓ ଅମରପାଲି ବିଜୟୀ ହୋଇ ସେମି ଫାଇନାଲ ରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚ ସାଇବେର୍ଣ୍ଣି ଓ ବହଳପଦର ମଧ୍ୟରେ ହୋଇଥିଲା। ଏଥିରେ ସାଇବେର୍ଣ୍ଣି( ରେଢାଖୋଲ) ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭର ରେ ୨୩ ରନ କରିଥିବା ବେଳେ ବହଳପଦର ୨୪ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଜି. ସ୍ପୋର୍ଟିଂ ଅମରପାଲି ଓ ବାରଝୁଲା ମଧ୍ୟରେ ହୋଇଥିଲା। ଏଥିରେ ବାରଝୁଲା ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୪୬ ରନ କରିଥିବା ବେଳେ ଜି. ସ୍ପୋର୍ଟିଂ ଅମରପାଲି ୪୮ ରନ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ କେନ୍ଦୁପାଲି ଓ ଜେମଷ୍ଟାର ଅମରପାଲି ମଧ୍ୟରେ ହୋଇଥିଲା। ଏଥିରେ ଅମରପାଲି ପ୍ରଥମେ ବ୍ୟାଟିଂ କରି ୬୭ ରନ କରିଥିବା ବେଳେ କେନ୍ଦୁପାଲି ୪୯ ରନ କରି ପରାସ୍ତ ହୋଇଥିଲା। ପୁଲ ବିର ପ୍ରଥମ କ୍ୱାଟର ଫାଇନାଲ ବହଳପଦର ଓ ଜି. ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା। ଏଥିରେ ବହଳପଦର ପ୍ରଥମେ ୭୪ ରନ କରିଥିବା ବେଳେ ଜି. ସ୍ପୋର୍ଟିଂ ୫୮ ରନ କରି ପରାସ୍ତ ହୋଇଥିଲା। ଫଳରେ ବହଳପଦର ଦଳ ସେମି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ଅମରପାଲି ଓ ଲୁଡୁରପଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଲୁଡୁରପଙ୍କ ପ୍ରଥମେ ବ୍ୟାଟିଂ କରି ୫୦ ରନ କରିଥିବା ବେଳେ ଅମରପାଲି ଦଳ ୫୧ ରନ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଗୁଡିକରେ ମୁକେଶ ସେଠ, ଡେନି ଗୋପାଳ ମାଝୀ, ଦିଲିପ ପ୍ରଧାନ,ସୁମନ ସାହୁ,ସସ୍ମିତ ମାଝୀ,ଶ୍ରୀତମ ପ୍ରଧାନ, ରତିକ ସାହୁ ଓ ଜଗବନ୍ଧୁ ସେଠୀ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ନିତମ ରଞ୍ଜନ ପ୍ରଧାନ ସ୍କୋରିଂ ଏବଂ ଅମିତ ପ୍ରଧାନ ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ଛୁରା ମାଡ଼

**ରାଉରକେଲା,୧୫।୪(ସଙ୍ଗୀତା ଜେନା)**

ସେକ୍ଟର ୭ଥାନା ଅନ୍ତର୍ଗତ ସେକ୍ଟର ୫ର ଏକ ପ୍ରତିଷ୍ଠିତ ସ୍କୁଲ ସମ୍ମୁଖ ପାର୍କରେ ଜଣେ ଯୁବକଙ୍କୁ ସୋମବାର ରାତିରେ ଛୁରାମାଡ ହୋଇଛି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରି ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଆକ୍ରମଣକାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଯୁବକ ଜଣଙ୍କ ପାର୍କରେ ଛିଡା ହୋଇଥିଲେ। ସେହି ସମୟରେ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ରାତି ୧୧ଟା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ରାଉରକେଲା,୧୫।୪(ବିପ୍ଲବ ରଞ୍ଜନ ଦାଶ):** ରାଉରକେଲା ଆଇନ କଲେଜରେ ଅନୁଷ୍ଠିତ ହୋଇଯାଇଛି ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ। ସମାରୋହରେ କଲେଜର ପ୍ରଥମ ଏବଂ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅଧକ୍ଷ ଡ.ବିଭୁରଞ୍ଜନ ପଟ୍ଟନାୟକଙ୍କ ସମେତ ଅଧାପିକା ଅଧାପକ ଉପସ୍ଥିତ ହୋଇ ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବଷ୍ୟତ କାମନା କରିଥିଲେ। କାର୍ଯକ୍ରମରେ ଅଧାପିକା ଅଧାପକ ସର୍ବଶ୍ରୀ ଡ.ସମ୍ପାଦିକା ମହାନ୍ତି, ଡ. ପ୍ରଜ୍ଞା ପରିମିତା ପଣ୍ଡା,ତନ୍ମୟାରାଣୀ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଫାଶି ଲଗାଇ ଯୁବକ ମୃତ

**ରାଉରକେଲା,୧୫।୩( ଦିନେଶ ମିଶ୍ର):** ସେକ୍ଟର-୭ ଥାନା ଅନ୍ତର୍ଗତ ସୁବାସପାଲ୍ଲୀ ବସ୍ତିରେ ବାସ କରୁଥିବା ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ବିଜୟ ମାଝି(୪୧)। ସୂଚନାଯୋଗ୍ୟ, ସେକ୍ଟର-୬ ସୁବାସ ପାଲି ବସ୍ତିରେ ବିଜୟ ପରିବାର ସହ ବାସ କରନ୍ତି। ପ୍ରତିଦିନ ମଦ୍ୟପାନ କରି ଘରକୁ ଆସିବାକୁ ନେଇ ପରିବାର ଲୋକ ବାରଣ କରିଥିଲେ। ଉକ୍ତ ଘଟଣାକୁ ନେଇ ଶୁକ୍ରବାର ରାତିରେ ପରିବାର ଲୋକଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ବିଳମ୍ବିତ ରାତିରେ ଘର ଆଜବେଷ୍ଟସ୍ ବାଉଁଶରେ ଏକ ଗାମୁଛା ବାନ୍ଧି ଝୁଲି ଯାଇଥିଲେ। ସକାଳୁ ପରିବାର ଲୋକେ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଯୁବକଙ୍କୁ ଉଦ୍ଧାର କରାଯାଇ ଆରଜିଏଚ୍‌ରେ ଚିକିତ୍ସାଲାଗି ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ କେସ୍ ନଂ. ୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

**ରାଉରକେଲା,୧୫।୩(ଦିନେଶ ମିଶ୍ର):** ବୀରମିତ୍ରପୁର ଥାନା ଅନ୍ତର୍ଗତ ପତ୍ରିଖମନ ଗ୍ରାମରେ ବାସ କରୁଥିବା ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ମିଚେଲ ଟେଟେ(୩୧)। ସୂଚନାଅନୁଯାୟୀ, ମିଚେଲ ରବିବାର ସନ୍ଧ୍ୟାରେ ଘର ପାଖ ଏକ ପୋଖରୀକୁ ଶୌଚହେବା ପାଇଁ ଯାଇ ପୋଖରୀ ହୁଡାକୁ ଚଢୁଥିବାବେଳେ ହାଇଭୋଲଟେଜ୍ ବିଦ୍ୟୁତ୍ ତାର ସଂପର୍ଶରେ ଆସିଯାଇଥିଲେ। ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଖରାଦିନେ ପାଣି ପାଇଁ ଆଉଟୁପାଉଟୁ ବସ୍ତିବାସୀ

**ରାଉରକେଲା,୧୫।୪(ଦିନେଶ ମିଶ୍ର)**


ଅଚଳ ଅବସ୍ଥାରେ ପଡିଥିବା ନଳକୂପ।

**୩ ବସ୍ତିରେ ୧୨ଟି ନଳକୂପ ଅଚଳ**

- ୱାଟକୋର ଅଣଦେଖାନୀତିକୁ ନେଇ ଜନ ଅସନ୍ତୋଷ
- ୨ଦିନ ଭିତରେ ମରାମତି ପ୍ରତିଶ୍ରୁତି

ଷ୍ଟିଲସିଟି ରାଉରକେଲା ସହରରେ ବିଭିନ୍ନ ବସ୍ତିବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ୱାଟକୋ ଜଳ ଯୋଗାଣ ବିଭାଗ ପକ୍ଷରୁ କେଉଁଠି ପାଣିପାଇପ୍ ଲାଇନ ସଂଯୋଗୀକରଣ ବ୍ୟବସ୍ଥା କରାଯାଇଛି ତ, ଆଉ କେଉଁଠି ନଳକୂପ ଲଗାଯାଇଛି। ହେଲେ ତାହା ଏବେ ପ୍ରହସନ ପାଲିଟିଛି। ରାଉରକେଲାର ଗାନ୍ଧିୟାନ ବସ୍ତି, ମାଲଗୋଦାମ ଖଟାଲ ବସ୍ତି ଓ କୁଷ୍ଠ କଲୋନୀ ବସ୍ତିରେ ପାନୀୟ ସମସ୍ୟା ଦେଖାଦେଇଛି। ସହରରେ ଏହି ୩ଟି ବସ୍ତିରେ ୧୨ଟି ନଳକୂପ ବର୍ତ୍ତମାନ ଅଚଳ ଅବସ୍ଥାରେ ପଡି ରହିଥିବାବେଳେ ସେଥିରୁ ୫ଟି ନଳକୂପ ଭଗ୍ନ ଅବସ୍ଥାରେ ରହିଛି। ମାଲଗୋଦାମ ଖଟାଲ ବସ୍ତିରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଏହି ବସ୍ତିଟି ଦୁର୍ଗାପୁର ପାହାଡ ତଳ ଅଞ୍ଚଳରେ ଗଢି ଉଠିଥିବାରୁ ପ୍ରତିବର୍ଷ ଖରାଦିନ ଆସିଲେ ଏଠାରେ ପାନୀୟ ଜଳର ସମସ୍ୟା ଦେଖା ଦେଇଥାଏ। ଫଳରେ ବସ୍ତିବାସିନ୍ଦା ନିକଟରେ ଥିବା ଏକ କୃତ୍ରିମ ପୋଖରୀ ନଚେତ କ୍ୱାର୍ଟରବାସୀଙ୍କ ଠାରୁ ପାନୀୟ ଜଳ ସଂଗ୍ରହ କରିଥାନ୍ତି। ବିଭିନ୍ନ ସମୟରେ ଏହି ବସ୍ତିବାସୀମାନେ ପାନୀୟ ଜଳ ପାଇଁ ସମସ୍ୟା ଭୋଗୁଥିବାରୁ ସ୍ଥାନୀୟ ୱାଟକୋ ଜଳଯୋଗାଣ ବିଭାଗ ପକ୍ଷରୁ ଉକ୍ତ ବସ୍ତିରେ ଡ୍ରିଙ୍କ ଫ୍ରମ୍ ଟ୍ରାପ ଯୋଜନା ପାଇପ୍ ସଂଯୋଗୀ କରଣ ସହ ନଳକୂପ ବ୍ୟବସ୍ଥା କରାଯାଇଥିଲା। ଏହି ବସ୍ତିରେ ୩ଟି ନଳକୂପ ଥିବାବେଳେ ସେଥିରୁ ୨ଟିରୁ ବର୍ତ୍ତମାନ ପାଣି ନ ବାହାରି ଅଚଳ ଅବସ୍ଥାରେ ପଡି ରହିଛି ଓ ଗୋଟିଏ ଭଗ୍ନ ଅବସ୍ଥାରେ ମାଟିରେ ପୋତି ହୋଇଯାଇଛି। ସେହିଭଳି ୱାର୍ଡ ନଂ.୨୧ ସ୍ଥିତ ଗାନ୍ଧିୟାନ ବସ୍ତିରେ ବାସ କରୁଥିବା ବିଭିନ୍ନ ବସ୍ତିବାସୀଙ୍କ ପାଇଁ ୪ଟି ନଳକୂପର ବ୍ୟସ୍ଥା କରାଯାଇଥିଲା। ଖରାଦିନ ଯୋଗୁ ପାଇପ୍‌ଯୋଗେ ୱାଟକୋ ବିଭାଗ ବହୁ କମ୍ ସମୟ ପାଣି ଦେଉଥିବାରୁ ସ୍ଥାନୀୟ ବସ୍ତିବାସୀ ଏହି ନଳକୂପ ଉପରେ ନିର୍ଭର କରିଥାନ୍ତି। ବସ୍ତିରେ ନଳକୂପ ପାଣି ସାହାଭରସା ହୋଇଥିବାରୁ ସ୍ଥାନୀୟ ଲୋକେ ନୂଳକୂପର ଷ୍ଟାଣ୍ଡରେ ଟାୟାରବାନ୍ଧି ଏହାର ରକ୍ଷଣବେକ୍ଷଣ କରୁଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ଥିବା ୪ଟି ନଳକୂପରୁ ୨ଟି ଭଗ୍ନ ଅବସ୍ଥାରେ ପଡି ରହିଥିବାବେଳେ ଅନ୍ୟ ୨ଟି ଅଚଳ ଅବସ୍ଥାରେ ପଡି ରହିଛି। ଏନେଇ ସ୍ଥାନୀୟ ବସ୍ତିବାସୀ ବାରମ୍ବାର ୱାଟକୋ ଜଳଯୋଗାଣ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ ଏହା ଆଜିଯାଏଁ ମରାମତି ହୋଇପାରିଲା ନାହିଁ। ଅନ୍ୟ ପକ୍ଷେ ୱାର୍ଡ ନଂ. ୧୦ ସ୍ଥିତ କୃଷ୍ଣ କଲୋନୀ ବସ୍ତିରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳିଛି। ଏହି ବସ୍ତିରେ ସ୍ଥାନୀୟ ବସ୍ତିବାସିନ୍ଦାଙ୍କ ପାଇଁ ୫ଟି ନଳକୂପ ବ୍ୟବସ୍ଥା କରାଯାଇଛି। ଖରାଦିନ ହୋଇଥିବାରୁ ଏହି ବସ୍ତିକୁ ସଂଯୋଗ ହୋଇଥିବା ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ ଯୋଜନାରେ ୩ଟି ପାଣିପାଇପ୍ ସଂଯୋଗ ପଏଣ୍ଟ କରାଯାଇଛି। ଖରାଦିନ ଯୋଗୁ ୱାଟକୋ ବିଭାଗ ଏହି ବସ୍ତିକୁ ଗୋଟିଏ ବେଳା ମାତ୍ର ୧୦ ମିନିଟ୍ ପାଇଁ ପାଣିଦେଉଥିବା ଅଭିଯୋଗ ହୋଇଛି। ଫଳରେ ବସ୍ତିରେ ବାସ କରୁଥିବା ଅଧିକାଂଶ ଲୋକେ ପାନୀୟ ଜଳ ରଖିପାରୁ ନାହାଁନ୍ତି। ବସ୍ତି ଭିତରେ କମ୍ ସମୟ ପାଣି ଆସୁଥିବାରୁ ବାଧହୋଇ ସ୍ଥାନୀୟ ଲୋକେ ବସ୍ତି ଭିତରେ ଥିବା ନଳକୂପ ଉପରେ ନିର୍ଭର କରୁଛନ୍ତି। ବସ୍ତି ଭିତରେ ଥିବା ନଳକୂପକୁ ବାରମ୍ବାର ସ୍ଥାନୀୟ ଲୋକେ ବ୍ୟବହାର କରୁଥିବାରୁ ଏଠାରେ ୩ଟି ନଳକୂପ ଅଚଳ ଅବସ୍ଥାରେ ପଡି ରହିଥିବାବେଳେ ୨ଟି ଭଗ୍ନ ଅବସ୍ଥାରେ ପଡି ରହିଛି। ତେଣୁ ବିଭିନ୍ନ ନଳକୂପ ଗୁଡିକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ବସ୍ତିବାସୀ ଦାବି କରିଛନ୍ତି। ଏନେଇ ୱାଟକୋ ଜଳଯୋଗାଣ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର କ୍ଷୀରୋଦ କୁମାର ବେହେରାଙ୍କୁ ପଚାରିବାରୁ, ଏନେଇ ବର୍ତ୍ତମାନ ସୁଦ୍ଧା ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଆସନ୍ତା ୨ଦିନ ଭିତରେ ଉକ୍ତ ବସ୍ତି ଅଞ୍ଚଳରେ ଅଚଳ ଓ ଭଗ୍ନ ଅବସ୍ଥାରେ ପଡି ରହିଥିବା ସମସ୍ତ ନଳକୂପର ମରାମତି କାମ କରିବୁ ବୋଲି ମତ ପ୍ରକାଶ କରିଥିଲେ।

## ଇସ୍ପାତ ସହରରେ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ


ସେକ୍ଟର ୩ ଓ ୪ ରେ ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟ ପ୍ରତିମା ପୂଜା କରାଯାଉଛି।

**ରାଉରକେଲା,୧୫।୪(ସଙ୍ଗୀତା ଜେନା)**

ଚୈତ୍ର ମାସ ପ୍ରତିପଦାରୁ ଆରମ୍ଭ ହୋଇଛି ବାସନ୍ତୀକ ନବଦୁର୍ଗା ପୂଜା। ଇସ୍ପାତ ସହରରେ ବାସନ୍ତୀକ ଦୁର୍ଗାପୂଜା ୩ରୁ ଊର୍ଦ୍ଧ୍ୱ ପେଣ୍ଡାଲରେ ହେଉଥିବା ସୂଚନା ମିଳିଛି। ସେକ୍ଟର ୩ ଓ ୪, ସେକ୍ଟର ୧୩ ଓ୧୪ ତଥା ଫର୍ଟିଲାଇଜର ଅଞ୍ଚଳ, ଇସ୍ପାତ ଅଞ୍ଚଳ ଅନ୍ତର୍ଭୁକ୍ତ ଥିବା ସିଭିଲଟାଉନସିପ୍ ଅଞ୍ଚଳରେ ମଧ ଏହି ପୂଜା ଆୟୋଜନ ହେଉଛି। ଏହି କ୍ରମରେ ସେକ୍ଟର ୩ ଓ ୪ରେ ବାସନ୍ତୀ ପରିଷଦ ଦ୍ୱାରା ସେକ୍ଟର-୩ ପୂଜା ପଡ଼ିଆରେ ଦୀର୍ଘ ୪୯ ବର୍ଷରୁ ଏହା କରାଯାଉଛି। ରବିବାର ବିଳମ୍ବିତ ରାତିରେ ବେଲ୍ଲବରଣ ବିଧି ପରେ ସୋମବାର ମହାସପ୍ତମୀ ପୂଜାରେ ନବପତ୍ରିକା, ପୂଜାମଣ୍ଡପରେ ପ୍ରବେଶ, ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା, ଜୀବନ୍ୟାସ, ପୂଜା, ଚଣ୍ଡୀପାଠ, ହୋମ ଓ ବଳିଦାନ, ଆରତୀ ତଥା ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ପୂଜକ ପରମେଶ୍ୱର ପତିଶର୍ମା, ଚଣ୍ଡିପାଠକ ମାନସରଞ୍ଜନ ପଣ୍ଡା, ପରମାନନ୍ଦ ମିଶ୍ର, ନୀଳମଣି ପଣ୍ଡା, ସଚ୍ଚିଦାନନ୍ଦ ତ୍ରିପାଠୀ ଓ କର୍ତ୍ତା ସୁପ୍ରକାଶ ତ୍ରିପାଠୀ ପୂଜା କାର୍ଯ୍ୟ ପରିଚାଳନା କରୁଛନ୍ତି। ପୂଜା କମିଟି ସଭାପତି ଶଶଧର ପାତ୍ର, କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ରଗୌଡ଼, ଉପସଭାପତି ରବିନ୍ଦ୍ର ବାରିକ, ପ୍ରହଲାଦ ନାୟକ, ଆଇସି ଟୁଡୁ ଉଗ୍ରସେନ ସାମଲ, ସାଧାରଣ ସମ୍ପାଦକ ସତ୍ୟବାନ ରାଉତ ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି। ସେହିପରି ମୂର୍ତ୍ତିକାର କମଲାକାନ୍ତ ବାରିକଙ୍କ ନିର୍ମିତ କ୍ଲାସିକାଲ ମୂର୍ତ୍ତି ବେଶ ଆକର୍ଷଣୀୟ ହୋଇଛି। ୧୬ ତାରିଖରୁ ୧୮ ପର୍ଯ୍ୟନ୍ତ ପାଲା ପରିବେଷଣ କରାଯାଉଛି। ଏହା ସହ ବିଭିନ୍ନ ଦୋଳି ଓ ମୀନାବଜାର ଆୟୋଜନ ମଧ ହୋଇଛି। ଅନୁରୂପ ଭାବେ ସେକ୍ଟର ୧୩ ଓ ୧୪ପକ୍ଷରୁ ମେହେର ନଗରଠାରେ ଆୟୋଜିତ ବାସନ୍ତୀପୂଜା ୨୬ ବର୍ଷରେ ପଦାର୍ପଣ କରିଛି। ଏହା ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ କରାଯାଉଛି। ମୂର୍ତ୍ତି କମଳାକାନ୍ତ ବାରିକ ନିର୍ମାଣ କରିଥିବା ବେଳେ ସଭାପତି ପ୍ରଫୁଲ ପାତ୍ର, କାର୍ଯ୍ୟକାରୀ ସଭାପତି ସତୀଶକାନ୍ତ ଜେଠୀ, ସାଧାରଣ ସମ୍ପାଦକ ବାବାଜୀପ୍ରସାଦ ସାହୁ, କୋଷାଧକ୍ଷ ରବି କଂସାରୀ ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି। ସେହିପରି ଫର୍ଟିଲାଇଜରରେ ଏହି ପୂଜାକୁ ପାଳନ କରାଯାଉଛି।

## ଆମ୍ବେଡକର ଜନ୍ମବାର୍ଷିକୀ ସମାରୋହ



ଜନ୍ମବାର୍ଷିକୀ ପାଳନ ସମାରୋହରେ ସମ୍ମିଳିତ ଅତିଥି ଓ ଅନ୍ୟମାନେ।

**ରାଉରକେଲା,୧୫।୪(ବିପ୍ଲବ ରଞ୍ଜନ ଦାଶ)**

ଆରଏସ୍‌ପି ଓ ସେଲ ଏସ୍‌ସି/ଏସ୍‌ଟି କର୍ମଚାରୀ ସଂଘ ଆନୁକୂଲ୍ୟରେ ଭାରତରତ୍ନ ଡ.ଭୀମ ରାଓ ଆମ୍ବେଡକରଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏନେଇ ଆର୍‌ଏସପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡ. ବି.କେ ହୋତା, କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, କାରଖାନାର ବହୁ ବରିଷ୍ଠ ଅଧିକାରୀ ଏବଂ ସେଲ ଏସ୍‌ସି ଓ ଏସ୍‌ଟି କର୍ମଚାରୀ ସଂଘ ପ୍ରତିନିଧିମାନେ ସେକ୍ଟର-୧୭ ସ୍ଥିତ ଆମ୍ବେଡକର କନକ୍ଲେଭରେ ସ୍ଥାପିତ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଆର୍‌ଏସପି ଓ ଏସ୍‌ସି ଓ ଏସ୍‌ଟି କର୍ମଚାରୀ ସଂଘ ଦ୍ୱାରା ସେକ୍ଟର-୧୮ସୋସିଆଲ ହୋମ ଉପହାରରେ ଏକ ବର୍ଣ୍ଣାଢ଼୍ୟ ସମାରୋହ ଆୟୋଜିତ ହୋଇଥିଲା। ସମାରୋହରେ ଏସ୍‌ଆର ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଏନଆଇଟି ରାଉରକେଲା ପ୍ରଫେସର ହୃଷିକେଶ ନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆର୍‌ଏସପି ନିର୍ବାହୀ ନିର୍ଦ୍ଦେଶକଙ୍କ ସହିତ ବହୁ ବରିଷ୍ଠ ଅଧିକାରୀ ,ସେଲ ଏସ୍‌ସି ଓ ଏସ୍‌ଟି କର୍ମଚାରୀ ସଂଘର ସଦଶ୍ୟ ବୃନ୍ଦ, ଛାତ୍ରୀଛାତ୍ର ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂର୍ଯ୍ୟବଂଶୀ ଅବହେଳିତ ବର୍ଗର ଉତ୍ଥାନ ପାଇଁ ଯୋଗଦାନ ତଥା ସାମାଜିକ ଅର୍ଥନୈତିକ ଆଧାରରେ ସମାଜର ସାମଗ୍ରିକ ବିକାଶ ପାଇଁ ତାଙ୍କର ନିଜସ୍ୱ ଦୃଷ୍ଟିକୋଣ ଉପସ୍ଥାପନା କରିବା ସହିତ ଆମ୍ବେଡକରଙ୍କ ନୀତି ଅନୁସାରେ ନ୍ୟାୟ,ଅଖଣ୍ଡତା ଓ ଉତ୍କର୍ଷତା ମୂଲ୍ୟବୋଧକୁ ଅନୁସରଣ କରି ଆର୍‌ଏସପି ସର୍ବଦା ତା ବିବିଧ କାର୍ଯ୍ୟକ୍ରମମାନ ସମ୍ପାଦନ କରୁଛି। ତେଣୁ ସମାନତା ପୂର୍ବକ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରି ପ୍ରତ୍ୟେକ ବ୍ୟକ୍ତିଙ୍କ ଉନ୍ନତୀ ସାଧନ କରିବା ଓ ସାମୂହିକ ସଫଳତାରେ ସଭିଏଁ ସହଯୋଗୀ ହେବା ନତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ପରେ ମୁଖ୍ୟବକ୍ତା ଡ.ମଲ୍ଲିକ ଆମ୍ବେଡକରଙ୍କ ସାମାଜିକ, ରାଜନୈତିକ ଅଧିକାରର ଉପରେ ରହିଥିବା ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ। ଏହାପରେ ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟ ସ୍ୱୟଂଶ୍ରୀ ସାହୁ, ସେକ୍ଟର -୧୪ ଦିଲ୍ଲୀ ପବ୍ଲିକ ସ୍କୁଲର ଅର୍ଣ୍ଣବ ଠାକୁର ଓ ସେଣ୍ଟ ପଲ ପବ୍ଲିକ ସ୍କୁଲ ଶିଖା କୁଲୁ ଯଥାକ୍ରମେ ଓଡିଆ,ହିନ୍ଦୀ ଏବଂ ଇଁରାଜୀରେ ଡ. ରାଓଙ୍କ ଜୀବନ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ଏନେଇ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଆମ୍ବେଡକରଙ୍କ ଜୀବନୀ ଅଭିଭାଷଣ ନେଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସହର ସେବା ଓ କାର୍ମିକ ବିଭାଗ ଜିଏମ ଇନଚାର୍ଜ ପିକେ ଦାସ ସ୍ୱାଗତ ଭାଷଣ ରଖିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କଳାକାରଙ୍କ ଦ୍ୱାରା ଆବାହନୀ ସଂଗୀତ ଓ ଚିତାକର୍ଷକ ନୃତ୍ୟ ପରିବେଷଣ ହୋଇଥିଲା। କର୍ମଚାରୀଙ୍କ ଦ୍ୱାରା ଡା. ଆମ୍ବେଦକରଙ୍କ ଉପରେ ଏକ ନାଟକ ପରିବେଷଣ ହେଲା। ନାଟକଟି ପ୍ରଭାକର ପାତ୍ରଙ୍କ ରଚିତ ଓ ପ୍ରଫୁଲ୍ଲ ସେଠୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଥିଲା। ପର୍ସନାଲ ଟାଉନ ଓ ମେଡିକାଲ ବିଭାଗର ଡେପୁଟି ମ୍ୟାନେଜର ଏସ.ସି ପରିଛା ଧନ୍ୟବାଦ ଜ୍ଞାପନ କରିଥିଲେ। ଏସପି-୨ ବିଭାଗ ଡେପୁଟି ମ୍ୟାନେଜର ତଥା ସେଲ ଏସ୍‌ସି/ଏସ୍‌ଟି କର୍ମଚାରୀ ସଂଘ ସଭାପତି ଚନ୍ଦ୍ରଭାନୁ ମୁଣ୍ଡା ଏହାକୁ ପରିଚାଳନା କରିଥିଲେ। ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଶାରଳା ପୂଜନ କଳସ ଯାତ୍ରା ଅନୁଷ୍ଠିତ

**ରାଉରକେଲା, ୧୫।୪(ସଙ୍ଗୀତା ଜେନା) :** ସେକ୍ଟର-୬ କବିସୂର୍ଯ୍ୟନଗର ସ୍ଥିତ ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ୫ ଦିବସୀୟ ଶାରଳା ପୂଜନ ଓ ୫୩ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ସୋମବାର ପୂର୍ବାହ୍ନରେ ଶାରଳା ପୂଜନ ପାଇଁ ଭବ୍ୟ କଳସଯାତ୍ରା ଆରମ୍ଭ ହୋଇଥିଲା। ହମିରପୁର କୋଏଲନଦୀ ଘାଟରୁ ଜଳ ସଂଗ୍ରହ କରାଯାଇ କଳସଯାତ୍ରାରେ ସେକ୍ଟର-୬ କମ୍ୟୁନିଟି ସେଣ୍ଟର ପର୍ଯ୍ୟନ୍ତ ଆସିଥିଲା। ସେଠାରୁ ମନ୍ଦିର ପର୍ଯ୍ୟନ୍ତ ଭକ୍ତଙ୍କ ନୂତନ ପରିଧାନ ଉପରେ ମା' ମଣ୍ଡପକୁ ବିଜେ କରିଥିଲେ। ଶତାଧିକ ମହିଳା ପାରମ୍ପରିକ ରୀତିନୀତିରେ କଳସକୁ ସ୍ୱାଗତ କରିଥିଲେ। ସେହିପରି ସନ୍ଧ୍ୟାରେ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଅର୍ବାନ କୋପରେଟିଭ୍ ବ୍ୟାଙ୍କର ସଭାପତି ଦିଲ୍ଲୀପ ମହାପାତ୍ର, ସମ୍ମାନିତ ଅତିଥି ଶ୍ରମିକ ନେତା ଆନନ୍ଦ ମହାନ୍ତି, ମୁଖ୍ୟବକ୍ତା ଅଧାପକ ଡ. ନଗେନ୍ ଦାସ , ପରିଷଦର ସଭାପତି ଆର୍ତ୍ତଭଞ୍ଜନ ମଲ୍ଲିକ, ଅରକ୍ଷିତ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଉପସଭାପତି ଅଶୋକ ବଳ ସଂଯୋଜନା କରିଥିଲେ। ଏହି ଅବସରରେ ସାହିତ୍ୟକ ପ୍ରଶାନ୍ତ ପତି, କଳାକାର ଗଙ୍ଗାଧର ଜେନା, ସମାଜସେବୀ ରଘୁ ବଳ, ଆଇସିଏସ୍‌ଇ ବୋର୍ଡ ଟପ୍ପର ସ୍ମୃତିଲେଖା ପଟ୍ଟନାୟକ ଓ ମୃଣ୍ମୟୀ ମୂର୍ତ୍ତି ଶିଳ୍ପକାର କାର୍ତ୍ତିକ ଚନ୍ଦ୍ର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ ସଂଗୀତ ଜ୍ୟୋର୍ତିମୟୀ ଆଚାର୍ଯ୍ୟ ଓ ସାଥୀ ପରିବେଷଣ କରିଥିଲେ। ଲୋକସମ୍ପର୍କ ସମ୍ପାଦକ ପଞ୍ଚାନନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ପର୍ଶୁରାମ ପଟ୍ଟନାୟକ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମଙ୍ଗଳବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ସ୍ୱତନ୍ତ୍ର ବାଦୀପାଲା ସନ୍ଧ୍ୟାରେ ଆୟୋଜନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

## ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ଓଡ଼ିଆ ସାହିତ୍ୟର ଏକ ନିଆରା ଅଧ୍ୟାୟ



**ରାଉରକେଲା,୧୫।୪(ଦିନେଶ ମିଶ୍ର)**

ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ସ୍ମୃତିରେ ଏକ ମନୋଜ୍ଞ ଅଣୁ ଗଳ୍ପ ପାଠ ଆସର ସଭାପତି ବଜେନ୍ଦ୍ର ଦାଶଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବାସନ୍ତୀ ପାଠାଗାରର ସଭାପତି ଡ. ଶକ୍ତି ପ୍ରସାଦ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ଓଡିଆ ସାହିତ୍ୟର ଏକ ନିଆରା ଅଧ୍ୟାୟ ବୋଲି ମତବ୍ୟକ୍ତ କରିଥିଲେ। ବେଦବ୍ୟାସ ଗୁରୁକୂଳ ମହାବିଦ୍ୟାଳୟର ପ୍ରାକ୍ତନ ଅଧାପିକା ଶାନ୍ତି ତ୍ରିପାଠୀ ମୁଖ୍ୟ ବକ୍ତାଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ସଂସଦର ସାଧାରଣ ସମ୍ପାଦକ ନୃସିଂହ ଚରଣ ବିଶ୍ୱାଳ ମଞ୍ଚପରିଚାଳନା କରିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକା ମଞ୍ଜୁଳା କୁମାରୀ ରଥଙ୍କ ସଭାପତିତ୍ୱରେ ଏକ ଅଣୁ ଗଳ୍ପ ପାଠ ଆସର ଅନୁଷ୍ଠିତ ହୋଇଥିଲା। ଏହି ଆସରକୁ ଉପେନ୍ଦ୍ର କୁମାର ବସ୍ତିଆ ଓ ସମ୍ବିତ୍ରା ମିଶ୍ର ସଂଯୋଜନା କରିଥିଲେ। ଏଥିରେ ଅଜୟ କୁମାର ମହାନ୍ତି, ଗୌତମ ଦାସ, ନୃସିଂହ ଚରଣ ବିଶ୍ୱାଳ, ବିଜୟିନୀ ଜେନା, ବଳରାମ ଦାସ, ମମତା ଜେନା, ଉପେନ୍ଦ୍ର ବସ୍ତିଆ, ବିକ୍ରମ ଆଚାର୍ଯ୍ୟ, ପ୍ରଫୁଲ ସାମଲଙ୍କ ସମେତ ସହରର ବହୁ କବି, ଲେଖକ ଓ ଗାଳ୍ପିକ ଅଣୁ ଗଳ୍ପ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ସାମଲ, ସୁଶାନ୍ତ କୁମାର ନାୟକ, ବିଭୁପ୍ରସାଦ ନାୟକ, ଜ୍ଞାନେନ୍ଦ୍ର କୁମାର ସାହୁ, ଦିବାକର ଦାସ, ଶିବ କୁମାର ସାହୁ, ସୁକାନ୍ତ ମହାପାତ୍ର, ଗଙ୍ଗାଧର ପୁହାଣ, ପ୍ରବୀର କୁମାର ଦୁବେ, ଅଜିତ କୁମାର ଗଉଡ, ପ୍ରୀତମ ମହାନ୍ତି, ରଙ୍ଗନିଧି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସହ ସାଧାରଣ ସମ୍ପାଦକ ଗୌତମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ରାଉରକେଲା,୧୫।୪(ଦିନେଶ ମିଶ୍ର)**



ସଙ୍ଗୀତ ତରଙ୍ଗ ଅନୁଷ୍ଠାନ ପକ୍ଷରୁ ସେକ୍ଟର-୨୦ ସ୍ଥିତ ରାଉରକେଲା କ୍ଲବ ଠାରେ ସଙ୍ଗୀତ ସନ୍ଧ୍ୟା କାର୍ଯ୍ୟକ୍ରମ ସଭାପତି ତନନ ନାୟକଙ୍କ ଅଧକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଆର୍‌ଏସ୍‌ପିର ସିଜିଏମ ଏସ୍. ରାୟ ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ବେଶ ପ୍ରଶଂସା କରଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଆମ ଓଡିଶା ଭୂଇଁ' ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ତରଙ୍ଗର ପ୍ରତିଭା ସମ୍ପନ୍ନ କଳାକାରଙ୍କ ଦ୍ୱାରା ବିଭିନ୍ନ ପୁରୁଣା ଓ ନୂଆ ସ୍ୱାଦର ଓଡିଆ ଗୀତ ପରିବେଷଣ କରାଯାଇଥିଲା। ଏଥିରେ ଅନେକ ଲୋକପ୍ରିୟ ଗୀତ ହୃଦୟର ଏହି ଶୂନତା ପଥରେ, ମୋ ପ୍ରିୟା ଠାରୁ କିଏ ଅଧିକ ସୁନ୍ଦର, ତୋ ବିନା ଲାଗେନା ଭଲ କିଛି, କହନା ଏ ଫୁଲ କହନା, ରସ ଜାମୁଡାଳିରେ ଭଳି ଗୀତ ଗୁଡିକ ବେଶ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ବଳଜିତ୍ ସିଂହ ଓ ଡ. ଜୟନ୍ତ ଆଚାର୍ଯ୍ୟ ଓ ପ୍ରଫୁଲ ଦାସ ଉପସ୍ଥିତ ଦର୍ଶକଙ୍କ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ଓଡିଆ ସିନେ ତାରାକା ଅଭିନେତ୍ରୀ ଶ୍ରେୟା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଫିରୋଜ ଓ ଅଶ୍ୱନୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ପି.କେ ସାହୁ, ସତ୍ୟବ୍ରତ ମହାନ୍ତିଙ୍କ ସହ ବହୁ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସନ୍ତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପିରେ ଜାତୀୟ ଅଗ୍ନିଶମ ସେବା ଦିବସ ପାଳିତ

**ରାଉରକେଲା,୧୫।୪(ବିପ୍ଲବ ରଞ୍ଜନ ଦାଶ)**



ଏଥିସହ ଜାତୀୟ ଅଗ୍ନି ସୁରକ୍ଷା ଦିବସରେ ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ।

ଆର୍‌ଏସ୍‌ପି ପକ୍ଷରୁ ସାରା ଦେଶବାସୀଙ୍କୁ ଅଗ୍ନି ଜନିତ ସୁରକ୍ଷା ଦିଗ ପ୍ରତି ଅଧିକ ଯତ୍ନଶୀଳ ରହିବା ସହ ସତର୍କ ବାର୍ତ୍ତା ପ୍ରଦାନ ନେଇ ଚାଲିଥିବା ଜାତୀୟ ଅଗ୍ନିଶମ ସେବା ଦିବସ ଉଦ୍‌ଯାପିତ ହୋଇଯାଇଛି। ଏହା ଏପ୍ରିଲ ୭ରୁ ୭ଦିନ ବ୍ୟାପୀ ଆର୍‌ଏସ୍‌ପି ଅଗ୍ନିଶମ ସେବା ବିଭାଗ ସେଣ୍ଟ୍ରାଲ ଫାୟାର ଷ୍ଟେଶନଠାରେ ଚାଲିଥିଲା। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର୍. ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡ. ବି.କେ, ହୋତା,କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର,ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା,ସିଆଇଏସ୍‌ଏଫ୍‌ର ସିନିୟର କମାଣ୍ଡାଣ୍ଟ ଅଶୋକ ଜକ୍କାନିଆ,ସେବା ବିଭାଗ ସିଜିଏମ୍ ଇନ୍‌ଚାର୍ଜ ପି.ଏନ୍. ଭି.ଏସ୍. ପ୍ରଭାକର,ଅଗ୍ନିଶମ ସେବା ବିଭାଗ ଜିଏମ୍ ଜେ.ପି. ପଟ୍ଟନାୟକଙ୍କ ସମେତ ବହୁ ମୁଖ୍ୟ ମହାପ୍ରବନ୍ଧକ,ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଅଗ୍ନିଶମ ପତାକା ଉତ୍ତୋଳନ କରିବା ସହ ଗାର୍ଡ ଅଫ୍ ଅନର ପରିଦର୍ଶନ କରିଥିଲେ। ୧୯୯୪ରେ ତତ୍କାଳୀନ ବମ୍ବେ ଡକ୍‌ୟାର୍ଡରେ ଘଟିଥିବା ଭୟାବହ ଅଗ୍ନି କବଳରୁ ବହୁ ଧନଜୀବନ ବଞ୍ଚାଇବାକୁ ଯାଇ ପ୍ରାଣବଳି ଦେଇଥିବା ୬୬ଜଣ ନିର୍ଭୀକ ଅଗ୍ନି ନିର୍ବାପନକାରୀଙ୍କୁ ସମ୍ମାନ ଜଣାଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ସୂର୍ଯ୍ୟବଂଶୀ କହିଥିଲେ, ଚଳିତ ବର୍ଷ ଏହି ଦିବସ ପାଳନର ସନ୍ଦର୍ଭ ଅଗ୍ନି ସୁରକ୍ଷା ସୁନିଶ୍ଚିତ କରିବା ଓ ରାଷ୍ଟ୍ର ତଥା ଦେଶ ନିର୍ମାଣରେ ସୈନିକ ସାଜିବା ଉପରେ ଆଲୋକପାତ କରିବା ସହିତ ଦେଶର ସାମଗ୍ରିକ ବିକାଶ ଓ ପ୍ରଗତିରେ ଅଗ୍ନି ସୁରକ୍ଷାର ମହତ୍ତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ହାଉସ କିପିଙ୍ଗ୍ ଓ ମେଣ୍ଟେନାନ୍ସରେ ଉନ୍ନତି, ତୈଳ ଓ ଗ୍ୟାସ୍ ଲିକେଜ୍ ସମ୍ପୂର୍ଣ୍ଣ ନିୟନ୍ତ୍ରଣ,ଏସଓପି ତଥା ଏସ୍‌ଏମ୍‌ପିର କଡାକଡି ଅନୁପାଳନ ତଥା ସର୍ବଦା ଧାର୍ଯ୍ୟ ନିୟମାବଳୀ ପାଳନ ନେଇ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଏକ ଅଗ୍ନି ପ୍ରତିରୋଧ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ପରେ ସେ ଅଗ୍ନି ସୁରକ୍ଷା ବାହିନୀକୁ ନେଇ ଏକ ସଚେତନତା ଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଅଗ୍ନି ସୁରକ୍ଷା ସମ୍ବନ୍ଧୀୟ ସବୁ ଦିଗ ପ୍ରତି ଲୋକଙ୍କୁ ସାବଧାନତା ଅବଲମ୍ବନ କରିବାରେ ସହଯୋଗୀ ହେବ। ଏନେଇ ସାମୁଦାୟିକଙ୍କର ସାମୂହିକ ଅଗ୍ନି ସୁରକ୍ଷା ଶପଥ ପାଠ ଓଡ଼ିଆ, ଇରାଜୀ ଓ ହିନ୍ଦୀ ଭାଷାରେ ହୋଇଥିଲା। ଏଥିସହ ଅଗ୍ନି ପ୍ରତିରୋଧଜନିତ କୌଶଳ ପ୍ରଦର୍ଶନ ମଧ ହୋଇଥିଲା। କାର୍ଯ୍ୟକ୍ରମକୁ ଅଗ୍ନିଶମ ବିଭାଗ ଏଜିଏମ୍ ଏମ୍.ଆଇ. ସୋଙ୍କୁସାରେ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଦୁଇ ଟ୍ରକ୍ ଧକ୍କା, ଜଣେ ଚାଳକ ମୃତ

ଜମନକିରା,୧୫।୪(ରବୀନ୍ଦ୍ର ପ୍ରସାଦ ଦାନି): ୫୩ନଂ. ରାଜପଥର ଜମନକିରା ଥାନା ଅନ୍ତର୍ଗତ ଚିନିମହୁଲ ଓ ଅମ୍ଭଲାଙ୍ଗ ମଧ୍ୟରେ ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇ ଜଣେ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମହେନ୍ଦ୍ର କୁମାର ସାହୁ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ସୂଚନା ମୁତାବକ କେନ୍ଦୁଝରରୁ ଏକ ଲୁହା ବୋଝେଇ ଟ୍ରକ୍ ସମ୍ବଲପୁର ଅଭିମୁଖେ ଯାଉଥିଲା। ଏହି ସମୟରେ ସମ୍ବଲପୁରରୁ ଦେବଗଡ ଅଭିମୁଖେ ଯାଉଥିବା ଗୁଟ୍‌ଖା ବୋଝେଇ ଟ୍ରକ୍ ସହ ଧକ୍କା ହୋଇ ଚାଳକ ମହେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

### ବ୍ୟବସାୟୀଙ୍କ ଘରୁ ବଡ଼ଧରଣର ଚୋରି

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର): ସମ୍ବଲପୁର ସହର କ୍ଷେତରାଜପୁର ଥାନା ଅନ୍ତର୍ଗତ ପୋଦ୍ଦାର କଲୋନିରୁ ରବିବାର ରାତିରେ ଏକ ବଡ଼ଧରଣର ଚୋରି ହୋଇଛି। ଏଠାରେ ରହୁଥିବା ବିଶିଷ୍ଟ ବ୍ୟବସାୟୀ କେଶବ ଡାଲମିଆଁଙ୍କ ଘରେ ପଶି ଦୁର୍ବୃତ୍ତମାନେ ରୁପାର ଡିନର ସେଟ୍, ଆସବାବପତ୍ର ଓ ନଗଦ ୭୦ ହଜାର ଏପରି ମୋଟ ୪ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ନେଇ ଘର ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ୍ ଓ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛନ୍ତି। ତେବେ ସିସିଟିଭି ଫୁଟେଜ ଯାଞ୍ଚ ପରେ ଏକ ଚାରିଜଣିଆ ଦଳ ଝରକା ଭାଙ୍ଗି ଘର ଭିତରକୁ ପଶୁଥିବା ନଜରକୁ ଆସୁଛି ବୋଲି ପୋଲିସ କହିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ପୋଲି ସମ୍ପୃକ୍ତ ଅଭିଯୁକ୍ତଙ୍କ ଟେର ପାଇପାରି ନାହିଁ।

### ଖବରଦାତାଙ୍କ ନିଃଶୁଳ୍କ ପରୀକ୍ଷଣ ଓ ଚିକିତ୍ସାରେ ରିହାତି ନିବେଦନ

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର): ସମ୍ବଲପୁର ବିକାଶ ହସ୍ପିଟାଲରେ ସମ୍ବଲପୁର ଖବରଦାତାଙ୍କ ମାସକୁ ଥରେ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଖର୍ଚ୍ଚରେ ରିହାତି ପାଇଁ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକଙ୍କୁ ନିବେଦନ କରାଯାଇଛି। ସୋମବାର ବିକାଶ ହସ୍ପିଟାଲରେ ପରିଚାଳନା ନିର୍ଦ୍ଦେଶକ ଭାସ୍କର ରାଓଙ୍କୁ ସାକ୍ଷାତ କରି ସାମ୍ବାଦିକ ସଂଘ ସଭାପତି ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏ ସମ୍ପର୍କରେ ଲିଖିତ ଭାବେ ଦାବି ଜଣାଇଛନ୍ତି। ଏଥିରେ ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଭସ୍କର ରାଓ ସହମତି ପ୍ରକାଶ କରିଥିବା ଜଣାପଡ଼ିଛି।

### ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ପଡିଆବାହାଲ, ୧୫।୪(ରାଧାମୋହନ ଷଡ଼ଙ୍ଗୀ) ଝୁଝୁମୁରା ବ୍ଲକ ଜୟନ୍ତପୁର ହାଇସ୍କୁଲ ପଡିଆରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାରେ ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ପଣ୍ଡା ମୁଖ୍ୟଅତିଥି, ଲୋକକବି ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ସିଆର୍‌ସିସି ପ୍ରଶାନ୍ତ କୁମାର ପଣ୍ଡା, ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ସୁସ୍ମିତା ଦୀପ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସଭାପତି ସରୋଜ କୁମାର ନାଥ ଅଧ୍ୟକ୍ଷତା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କବି ଲଳିତ ମୋହନ ବେବର୍ତ୍ତା ଓ କମଳ ଲୋଚନ ପଣ୍ଡା ଉପସ୍ଥିତ ଥିଲେ।

### ଲରଭଙ୍ଗାଠାରେ ସ୍ୱଚ୍ଛତା ପକ୍ଷ ପାଳନ

ସମ୍ବଲପୁର,୧୫।୪ (ଭବାନୀ ଶଙ୍କର ଭୋଇ): ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଲରପଙ୍କ ଏବଂ ଢେଙ୍ଗିମଚା ତରଫରୁ ଲରଭଙ୍ଗାଠାରେ ସୋମବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବୀରେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଏଥିରେ ୨୦ରୁ ଊର୍ଦ୍ଧ୍ୱ ସ୍ୱାସ୍ଥ୍ୟ କର୍ମଚାରୀ, ଆଶା, ଅଙ୍ଗନୱାଡି ଓ ମହିଳା ଆରୋଗ୍ୟ ସମିତି ସଦସ୍ୟ ଭାଗ ନେଇଥିଲେ। ଏହି ଅବସରରେ ସ୍ୱଚ୍ଛତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱଚ୍ଛତା ଅଭିଯାନକୁ ପତ୍ୟହ ଆମ ଜୀବନରେ ପ୍ରୟୋଗ କରି ସ୍ୱଚ୍ଛ ସମ୍ବଲପୁର, ସ୍ୱଚ୍ଛ ଓଡ଼ିଶା, ସ୍ୱଚ୍ଛ ଭାରତ ଗଢିବା ଲକ୍ଷ୍ୟ ଭାବେ ଗ୍ରହଣ କରିବାକୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଦୀପ୍ତ ନାୟକ, ଦୀପାଞ୍ଜଳି ନାୟକ, ସଞ୍ଜୀତା ଢୁଙ୍ଗଢୁଙ୍ଗ, ପଦ୍ମିନୀ ନାୟକ, ଶ୍ରାବଣ କୁମାର, ସୁହାନି ମାଝି, ସବିତା ବାଗ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାଥମିକ ଚିକିତ୍ସାରେ ସୀମିତ ମାତୃମଙ୍ଗଳ କେନ୍ଦ୍ର

ସମ୍ବଲପୁର,୧୫।୪ (ଭବାନୀ ଶଙ୍କର ଭୋଇ)

ଦେଶ ସ୍ୱାଧୀନ ହେବା ପୂର୍ବରୁ ଜମିଦାରମାନଙ୍କ ଦାନରେ ଗଠିତ ଟ୍ରଷ୍ଟଫଣ୍ଡରୁ ୧୯୪୪ ମସିହାରେ ସମ୍ବଲପୁର ଗୋଲବଜାର ନିକଟରେ ମାତୃ ମଙ୍ଗଳ କେନ୍ଦ୍ର ସ୍ଥାପନ ହୋଇଥିଲା। ତତ୍କାଳୀନ ଜିଲାପାଳଙ୍କ ସ୍ତ୍ରୀ ଜୁବେଦାଙ୍କ ନାମରେ ଏହାକୁ ଜୁବେଦା ମାଟର୍‌ନିଟି ହସ୍ପିଟାଲ ନାମରେ ନାମିତ କରାଯାଇଥିଲା। ପରେ ଏହାକୁ ବିଶିଷ୍ଟ ଚିକିତ୍ସକ ଜନାର୍ଦ୍ଦନ ପୂଜାରୀଙ୍କ ନାମରେ ନାମିତ କରାଯାଇଥିଲା। ଏବେ ଏହାକୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ନାମିତ କରାଯାଇଛି। ତେବେ ମାତୃମଙ୍ଗଳ କେନ୍ଦ୍ର ନାମ ବଦଳୁଥିଲେ ବି ରୋଗୀ ସେବାରେ ଉନ୍ନତି ପରିଲକ୍ଷିତ ହେଉ ନ ଥିବା କୁହାଯାଉଛି।

ସ୍ୱାଧୀନତା ପୂର୍ବରୁ ଏହି ମାତୃମଙ୍ଗଳ କେନ୍ଦ୍ର ସମ୍ବଲପୁର ସହରର ଅନେକ ମହିଳାଙ୍କୁ ପ୍ରସୂତି ଜନିତ ସେବା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସ୍ୱାସ୍ଥ୍ୟଗତ ଚିକିତ୍ସା ସେବା ଯୋଗାଇଆସୁଥିଲା। ଡା. ଶେଫାଳି ରାୟ ଓ ଡା. ନାରାୟଣୀ ପଣ୍ଡାଙ୍କ ଭଳି ମହୀୟସି ଡାକ୍ତର ଏଠାରେ ସମର୍ପଣ ମନୋଭାବ ନେଇ ପ୍ରସୂତି ମହିଳାଙ୍କୁ ଚିକିତ୍ସାସେବା ଯୋଗାଇ ଦେଉଥିଲେ। ମାତ୍ର ଦୁଃଖର ବିଷୟ ସମ୍ବଲପୁର ମହାନଗର ନିଗମ ଦ୍ୱାରା ପରିଚାଳିତ ଏହି ମାତୃ ମଙ୍ଗଳ କେନ୍ଦ୍ର କାଳକ୍ରମେ ନିଜର ସତ୍ତା ହରାଇବସିଛି। ଏହି କେନ୍ଦ୍ରରେ ୨୦୧୨ ଅଗଷ୍ଟ ୩୦ରେ ଡାକ୍ତର ଅଭାବ କାରଣ ଦର୍ଶାଇ ଅସ୍ତ୍ରୋପଚାର ବନ୍ଦ କରିଦିଆଯାଇଥିଲା। ଏହାପରେ ୨୦୧୪ରେ ସାଧାରଣ ଏବଂ ସ୍ୱାଭାବିକ ପ୍ରସୂତିକୁ ମଧ୍ୟ ବନ୍ଦ କରିଦିଆଗଲା। ଏଠାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯିବା ପରେ ମାତୃମଙ୍ଗଳ କେନ୍ଦ୍ର କେବଳ ପ୍ରାଥମିକ ଚିକିତ୍ସା ସେବାରେ ସୀମିତ ରହିଛି। ଏଠାରେ ଅସ୍ତ୍ରୋପଚାର ପାଇଁ ସମସ୍ତ ବ୍ୟବସ୍ଥା ରହିଥିବାରୁ ଏହାକୁ ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ସମ୍ବଲପୁର ବିଚାର ମଞ୍ଚର ଆବାହକ ବେଣୁଧର ଦାସ ମଧ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କଠାରେ ଦାବି କରିଛନ୍ତି। ସ୍ୱାସ୍ଥ୍ୟସେବା ବ୍ୟାପକ କରିବା ପାଇଁ ଏହାକୁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଜନାର୍ଦ୍ଦନ ପୂଜାରୀ ମାତୃ ମଙ୍ଗଳ କେନ୍ଦ୍ରରେ ପୂର୍ବପରି ପ୍ରସୂତି ସେବା ଯୋଗାଇଦେବା ସମ୍ଭବ ହୋଇପାରିବ।



ମାତୃମଙ୍ଗଳ କେନ୍ଦ୍ର ଏବେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

**ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବାକୁ ଦାବି**

ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଜାତା ରାଣୀ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଆଗରୁ ମାତୃମଙ୍ଗଳ କେନ୍ଦ୍ରକୁ ମହାନଗର ନିଗମ ପରିଚାଳନା କରିଆସୁଥିଲା। ତେବେ ୨୦୧୪ରୁ ଏହା ବନ୍ଦ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ପରିଚାଳନା କରୁଛି। ଏହା ଏବେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପାଇଥିବାରୁ ଏଠାରେ ଅସ୍ତ୍ରୋପଚାର କରାଯାଇ ପାରିବ ନାହିଁ। ତେଣୁ ସମ୍ବଲପୁରବାସୀଙ୍କ ଦାବିକୁ ଗୁରୁତ୍ୱର ସହ ବିଚାର କରି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ଇତିହାସ ଓ ବର୍ତ୍ତମାନର ସ୍ଥିତି ବିଷୟରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବା ସହ ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କରାଯିବାକୁ ଅନୁରୋଧ କରାଯିବ। ସେଠାରୁ ଯାହା ନିର୍ଦ୍ଦେଶ ଆସିବ ତାକୁ ନେଇ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୂଚନା ଦେଇଛନ୍ତି।

# ବିକାଶ ହସ୍ପିଟାଲରେ ଆଡ୍‌ଭାନ୍ସ ଲେଜର ସର୍ଜରି ୟୁନିଟ୍ ଆରମ୍ଭ



ଆଡ୍‌ଭାନ୍ସ ଲେଜର ସର୍ଜରି ୟୁନିଟ୍‌ର ଉଦ୍‌ଘାଟନ କରାଯାଉଛି।

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର)

ସମ୍ବଲପୁର ବରେଇପାଲି ଶିଳ୍ପାଞ୍ଚଳସ୍ଥିତ ବିକାଶ ହସ୍ପିଟାଲରେ ଆଡ୍‌ଭାନ୍ସ ଥୁଲିୟମ ସର୍ଜରୀ ୟୁନିଟ୍ ଆରମ୍ଭ ହୋଇଛି। ସୋମବାର ଏହାକୁ ଉଦ୍‌ଘାଟନ କରିଛନ୍ତି ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ। ଏହି ବ୍ୟବସ୍ଥାରେ ଏକ ସ୍ୱତନ୍ତ୍ର ଯନ୍ତ୍ର ସହାୟତାରେ ଆଡ୍‌ଭାନ୍ସ ଥୁଲିୟମ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଏ। ଏହି ଯନ୍ତ୍ର ସହାୟତାରେ ଯେକୌଣସି କିଡ୍‌ନୀ ଜନିତ ରୋଗ, କିଡନୀ ଷ୍ଟୋନ, ମୁତ୍ରାଶୟ ପଥର, ମୁତ୍ରାଶୟ ଟ୍ୟୁମର, ବର୍ଦ୍ଧିତ ପ୍ରୋଷ୍ଟେଟ୍ ଗ୍ରନ୍ଥି ଆଦ ରୋଗର ଚିକିତ୍ସା କରାଯାଇ ପରିବ। ଏହା ଆରୋଗ୍ୟ ଲାଭ କରିବାର ଅବଧିକୁ ହ୍ରାସ କରିବ ବୋଲି ମୂତ୍ରରୋଗ ବିଶେଷଜ୍ଞ ଡାକ୍ତର ଶୋଭନ ହୋତାଙ୍କ ପକ୍ଷରୁ କୁହାଯାଇଛ। ଏପରି କି ଅସ୍ତ୍ରୋପଚାର ସ୍ଥାନରେ କଟାଦାଗ ମଧ୍ୟ ରହିବ ନାହିଁ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିକାଶ ଗ୍ରୁପ୍‌ର ନିର୍ଦ୍ଦେଶକ ନାଗେଶ୍ୱର ରାଓ, ଅରୁଣ ପଟୱାରୀ, ଜି ରାମକ୍ରିଷ୍ଣା, ଗିତିକା ଚୌଧୁରୀ, ଡା. ଜି ବୈଷ୍ଣବୀ, ଡା ଶୀର୍ଷକ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ପକ୍ଷୀଙ୍କୁ ଜଳଦାନ କରିବା ମହତ୍ କାର୍ଯ୍ୟ



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅତିଥିମାନେ।

ସମ୍ବଲପୁର,୧୫।୪(ବି.ଶଙ୍କର)

ସମ୍ବଲପୁର ଶାସନସ୍ଥିତ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂପ୍ରତି ପ୍ରବଳ ଗ୍ରୀଷ୍ମ ସମୟରେ ପକ୍ଷୀମାନେ ପାଣି ପାଇଁ ଡହଳବିକଳ ହୁଅନ୍ତି। ଏପରି କି ଅନେକ ପକ୍ଷୀ ପାଣି ନ ପାଇ ମୃତ୍ୟୁବରଣ କରନ୍ତି। ଏଣୁ ପକ୍ଷୀମାନଙ୍କୁ ଜଳସେବା ଯୋଗାଇଦେବା ଏକ ମହତ କାର୍ଯ୍ୟ ବୋଲି ବକ୍ତାମାନେ କହିଥିଲେ। ମୁଖ୍ୟ ଅତିଥି ଓଡ଼ିଶା ସରକାରଙ୍କ ଜାତୀୟ ସେବା ଯୋଜନାର ରାଜ୍ୟ ସଂଯୋଜକ ଡ. ବିଶ୍ୱମୋହନ ଜେନା ଯୋଗଦେଇ ପକ୍ଷୀ ଓ ଜଳ ବିଷୟରେ ଆଲୋପାତ କରିଥିଲେ । ସଭା ଶେଷରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଗଛ ଡାଳରେ ଝୁଲନ୍ତା ପାଣିପାତ୍ର ବାନ୍ଧି ପକ୍ଷୀମାନଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଅନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ , ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ଉପାଧ୍ୟକ୍ଷ ଡ. ଦିବ୍ୟସିଂହ ମହନ୍ତ, ବିକାଶ ଏନ୍‌ଏସ୍‌ଏସ୍ କାର୍ଯ୍ୟକାରୀ ସଂଯୋଜକ ମନୋରଞ୍ଜନ ମିଶ୍ର ଯୋଗଦେଇଥିଲେ ।

**ବିକାଶ ଏନ୍‌ଏସ୍‌ଏସ୍‌ର ସଚେତନତା କାର୍ଯ୍ୟକ୍ରମ**

### ରାଷ୍ଟ୍ର ନିର୍ମାଣରେ ଯୁବପ୍ରସ୍ତୁତି ପ୍ରଶିକ୍ଷଣ

ସମ୍ବଲପୁର,୧୫।୪(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଶିକ୍ଷା ମଣ୍ଡଳାଧିଶ ଡ଼. ଗିରିଧାରୀ ହୋତା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହ ନୈତିକ ଶିକ୍ଷା ପ୍ରସଙ୍ଗରେ ନମ୍ରତା ବିଷୟରେ ଆଲୋଚନା କରିଥିଲେ। ନମ୍ରତା ହିଁ ମଣିଷର ଶ୍ରେଷ୍ଠ ଗୁଣ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଦ୍ୱିତୀୟ ଅଧିବେଶନରେ ବିଜ୍ଞାନ ଓ କାରିଗରୀ କୌଶଳ ପ୍ରସଙ୍ଗ ଓ କୃତ୍ରିମ ବୁଦ୍ଧିମତାର ସକାରାତ୍ମକ ଦିଗ ଉପରେ ଆଲୋଚନା ହୋଇଥିଲା। କମ୍ପ୍ୟୁଟର ବୈଜ୍ଞାନିକ ସ୍ୱସ୍ତିକ ନାୟକ ଯୋଗଦେଇ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଓ ଉପକାରିତା ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ପରିଚାଳନରେ ଶିବିର ହୋଇଥିଲା। ପବ୍ଲିକ ଲାଇବେରିର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ମୁରଲୀଧର ପ୍ରେମନାଥ ନାୟକ, ସ୍ତମ୍ଭକାର ଅର୍ଜୁନ ରଞ୍ଜନ ପଣ୍ଡା, ସାମାଜିକ କର୍ମୀ ଗୋଲକ ବିହାରୀ ମିଶ୍ର, ଡା. ଜୟଦେବ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମହାନଗର ନିଗମ ଅର୍ନ୍ତଗତ ୧୭ ହାଇସ୍କୁଲରୁ ୬୩ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସିଭିଲ କୋର୍ଟ ପରିସରରେ ଜଳଛତ୍ର ଷ୍ଟଲ୍ ଉଦ୍‌ଘାଟିତ


ସିଭିଲ କୋର୍ଟ ପରିସରରେ ଜଳଛତ୍ର ଷ୍ଟଲ ଉଦ୍‌ଘାଟନ କରାଯାଉଛି।

ସମ୍ବଲପୁର,୧୫।୪(ବି.ଶଙ୍କର)

ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୋମବାର ସିଭିଲ କୋର୍ଟ ପରିସରରେ ଦୁଇଟି ଜଳଛତ୍ର ଷ୍ଟଲ ଉଦ୍‌ଘାଟିତ ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସର୍ବସାଧାରଣଙ୍କ ପାଇଁ ଏହି ଜଳ ବ୍ୟବସ୍ଥା କରାଯାଇଛି। ଉକ୍ତ ଜଳଛତ୍ରକୁ ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଜିଲା ଓକିଲ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ଉପସଭାପତି ସିଦ୍ଧାର୍ଥ ଶେଖର ସାହୁ, ପୂର୍ବତନ ସଭାପତି ସୁରେଶ୍ୱର ମିଶ୍ର, ଡ. ପ୍ରମୋଦ ରଥ ଓ ବିଜିତେନ୍ଦ୍ର ପ୍ରଧାନ, ଆଇନ ସେଚ୍ଛାସେବୀ ସୁସ୍ମିତା ବେହେରା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ ପରିଚାଳନା କରିଥିଲେ।

# ଶ୍ରୀମଦ୍ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଉଦ୍‌ଯାପିତ

ସମ୍ବଲପୁର,୧୫।୪(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଦୁର୍ଗାପାଲିସ୍ଥିତ ଦୟାମଣି ବୃଦ୍ଧାଶ୍ରମଠାରେ ଶ୍ରୀମଦ୍ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗତ ୮ତାରିଖଠାରୁ ଜ୍ଞାନଯଜ୍ଞ, ହୋମଯଜ୍ଞ, ସାମୂହିକ ଗୋପାଳ ସହସ୍ରନାମ ପାଠ, କୀର୍ତ୍ତନ ଓ ସାଧୁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବୃନ୍ଦାବନ ନିବାସୀ ବାବା ହରେକୃଷ୍ଣ ଦାସ ମହାରାଜ ପ୍ରବଚକ ଭାବେ ଯୋଗଦେଇ ୭ ଦିନ ବ୍ୟାପୀ ଶ୍ରୀମଦ୍ ଭାଗବତ କଥାମୃତ ପରିବେଷଣ କରିଥିଲେ। ତାଙ୍କୁ ହରିଚରଣ ଦାସ, କୃଷ୍ଣ ଦାସ ଓ ରାଜକିଶୋର ମହାପାତ୍ର ପ୍ରମୁଖ ସଙ୍ଗୀତ ଓ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ପଣ୍ଡିତ ବଳରାମ ଶାସ୍ତ୍ରୀ ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ଶୁଭେନ୍ଦ୍ର ମିଶ୍ର ଭାଗବତର ମୂଳପାଠ ଓ ପଙ୍କଜ ବିଭିନ୍ନ ଝାଙ୍କି ପ୍ରଦର୍ଶନ କରିଥିଲେ।



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

କଣ୍ଟାବାଞ୍ଜିର ମହନ୍ତ ଅଦ୍ୱୈତ ଦାସ ଯୋଗଦେଇ ହରିକଥାର ମହାତ୍ମ୍ୟ ଉପରେ ପ୍ରବଚନ ଦେଇଥିଲେ। ପୂର୍ବତନ ରାଜ୍ୟ ସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଜ୍ଞାନଯଜ୍ଞରେ ସମ୍ବିତ କୁମାର ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ରଶ୍ମିତା, ଅମୀୟ ପାଣି ଓ ଅମିତା, ଅଖିଳ ରଞ୍ଜନ ପଟ୍ଟନାୟକ ଓ ସୁନନ୍ଦା, ରବି ପଟ୍ଟନାୟକ ଓ ପୂଜା, ମନୋଜ କୁମାର ମିଶ୍ର ଓ ମମତା, ଜୟଶଙ୍କର ପଟ୍ଟନାୟକ ଓ ସଲୀଳା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ବୃଦ୍ଧାଶ୍ରମର ଉପସଭାପତି ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଉତ୍ସବ ହୋଇଥିଲା । ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

### ରେଳଲାଇନ୍‌ରୁ ମହିଳାଙ୍କ ମୃତଦେହ ଜବତ

କୁଚିଣ୍ଡା,୧୫।୪(ବିରଞ୍ଚି ଦର୍ଜୀ): ସମ୍ବଲପୁର ଜିଲା ବାମରା ଗଣେଶନଗର ନିକଟ ରେଳଲାଇନ୍‌ରୁ ସୋମବାର ଜିଆର୍‌ପି ଜଣେ ଅପରିଚିତ ମହିଳାଙ୍କ ମୃତଦେହ ଜବତ କରିଛି। ମହିଳା ଜଣକ ୨/୩ ଦିନ ପୂର୍ବରୁ ବାମରା ଅଞ୍ଚଳରେ ବୁଲାବୁଲି କରୁଥିଲେ। ସୋମବାର ଭୋର ସମୟରେ ସେ ରେଳଲାଇନ୍ ଅତିକ୍ରମ କରୁଥିବା ସମୟରେ ଏକ ମାଲଗାଡ଼ି ଧକ୍କାରେ ତାଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ରେଳବାଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ସମ୍ବଲପୁର ରେଳ ମଣ୍ଡଳରେ ଆମ୍ବେଡକର ଜୟନ୍ତୀ


ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଶ୍ରଦ୍ଧାଞ୍ଜଳି।

ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ଭାରତରତ୍ନ ଡ. ବିଆର୍ ଆମ୍ବେଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ସେ ବାବାସାହେବଙ୍କ ସ୍ମୃତିଚାରଣ କରି ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏଥିରେ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରେଳବାଇ ବରିଷ୍ଠ କାର୍ମିକ ଅଧିକାରୀ ୟୁସୁଫ୍ କବୀର ଅନ୍‌ସାରୀ ପରିଚାଳନା କରିଥିଲେ।

# କୁଞ୍ଜିମୁରା ମନ୍ଦିରରେ ହନୁମାନ ଜୟନ୍ତୀ

ନାକଟିଦେଉଳ,୧୫।୪(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତ କୁଞ୍ଜିମୁରା ଶୈବପୀଠ ପରିସରରେ ଥିବା ହନୁମାନ ମନ୍ଦିରରେ ପବିତ୍ର ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି। ଏହି ଅବସରରେ ହନୁମାନ ଚାଳିଶା ପାଠ ସହ ପୂଜା ଓ ହୋମ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂଜାରେ ଗୋବିନ୍ଦପୁର ଗ୍ରାମର ଗୋଲଖ ବିହାରୀ ସାହୁ ଓ ସୁପ୍ରଭା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୁରୋହିତ ଭାବେ ପ୍ରଭାତ ଶତପଥୀ ଏବଂ ଚନ୍ଦ୍ରମଣୀ ଶତପଥୀ ହୋମ ଓ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ୮ଟି ନାମ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ମନ୍ଦିର କମିଟି ସଭାପତି ରଷିନ୍ଦ୍ର ଧଳ, ସମ୍ପାଦକ ଶ୍ରୀପତି ରାଉଳ, ବରିଷ୍ଠ ସଭ୍ୟ ଦିଲୀପ ଅଗ୍ରୱାଲ୍ଲା, ପ୍ରସନ୍ନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ହନୁମାନଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।



# ଯୁବ ନେତୃତ୍ୱଙ୍କୁ ଗୁରୁତ୍ୱ ଦିଆଯାଉ

**ଶୋଭାଯାତ୍ରା କରି ବିଧାୟକ ପ୍ରାର୍ଥୀ ପୁନଃ ଚୟନ ଦାବି**

ସମ୍ବଲପୁର,୧୫।୪(ବି.ଶଙ୍କର)

ବିଜୁ ଯୁବ ଜନତା ଦଳ ସମ୍ବଲପୁର ଓ ରେଢ଼ାଖୋଲ ବିଧାନସଭା କ୍ଷେତ୍ରରେ ଯୁବ ନେତୃତ୍ୱକୁ ବିଧାୟକ ପ୍ରାର୍ଥୀ କରାଯିବାକୁ ଯୁବ ଓ ଛାତ୍ର କର୍ମୀମାନେ ଦାବି କରିଛନ୍ତି। ଏ ନେଇ ସୋମବାର ବିଜେଡି ଯୁବନେତା ତଥା ରାଜ୍ୟ କେନ୍ଦୁପତ୍ର କଲ୍ୟାଣ ବୋର୍ଡର ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ସମର୍ଥକମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରଥିଲେ। ଯୁବ ନେତୃତ୍ୱଙ୍କୁ ଗୁରୁତ୍ୱ ଦେଇ ସଞ୍ଜିତଙ୍କୁ ବିଜେଡ଼ି ପ୍ରାର୍ଥୀ କରିବା ପାଇଁ ସେମାନେ ଦାବି କରିଥିଲେ। ଜିଲା ବିଜେଡି ଯୁବଛାତ୍ର କର୍ମକର୍ତ୍ତା ଚର୍ଚ୍ଚ ଛକଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ ପାଇଁ ସଞ୍ଜିତଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ସତ୍ତ୍ୱେ ପ୍ରାର୍ଥୀ ନ କରିବା ଦୁର୍ଭାଗ୍ୟଜନକ ଏବଂ ଏହାର ପୁନଃ ବିଚାର ଆବଶ୍ୟକ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏଥିରେ ବିଜେଡି ଜିଲା ଉପସଭାପତି ମହମ୍ମଦ ମୁର୍ତ୍ତୁଜା, ସାଧାରଣ ସମ୍ପାଦକ ଧୀରେନ୍ଦ୍ର ଦେବତା, ସାଧାରଣ ସମ୍ପାଦକ ଧନୁର୍ଜୟ ମହାନ୍ତି, ଜିଲା ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଜିଲା ସମ୍ପାଦକ ସ୍ୱାଧୀନ ପଣ୍ଡା, ଯୁବ ବିଜେଡି ଜିଲା ସାଧାରଣ ସମ୍ପାଦକ ରୁପେଶ ପାତ୍ର, ଯୁବ ବିଜେଡି ଜୋନ ଉପସଭାପତି ରୋଶନ ସିଂ, ଛାତ୍ର ବିଜେଡ଼ି ଜୋନ ସଭାପତି ମିଲନ ହୋତା, ଯୁବ ଉପସଭାପତି ସୁମିତ ପଟେଲ, ଛାତ୍ର ବିଜେଡି ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ସାଧାରଣ ସମ୍ପାଦକ ବିକାଶ ସାହୁ, ସମ୍ପାଦକ ବିଷ୍ଣୁଦେବ ମହାନ୍ତି, ସମ୍ପାଦକ ସନ୍ଦୀପ ମହାନ୍ତି, ଜିଲା ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଚୁମନ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।



ଶୋଭାଯାତ୍ରା ପୂର୍ବରୁ ଏକାଠି ହୋଇଥିବା ବିଜେଡି ଯୁବଛାତ୍ର କର୍ମକର୍ତ୍ତା।

# ମୁଦ୍ରା ବ୍ୟବହାର ବଜାରରେ ଅଲୋଡ଼ା

ରାଉରକେଲା, ୧୫।୪ (ସଙ୍ଗୀତା ଜେନା)



■ ମୁହାଁ ଫେରାଉଛନ୍ତି ଦୋକାନୀ, ବ୍ୟବସାୟୀ

■ ଅସନ୍ତୋଷ ପ୍ରକାଶ କଲେ ଗ୍ରାହକ

ଦେଶର ଅର୍ଥନୀତି ସୁପରିଚାଳନା ପାଇଁ ଉଭୟ ମୁଦ୍ରା ଓ କାଗଜ ଟଙ୍କା ପ୍ରଚଳନ କରାଗଲା। ବହୁ ପୂର୍ବରୁ ଦେଶରେ ଏକ ପଇସା, ୨ ପଇସା ଠାରୁ ଆରମ୍ଭକରି ବିଭିନ୍ନ ମୁଦ୍ରା ପ୍ରଚଳନ ହୋଇଆସୁଥିଲା। ପରେ ସେଗୁଡ଼ିକର ମୂଲ୍ୟବୃଦ୍ଧି କରାଯାଇ ୫୦ ପଇସା, ୨ଟଙ୍କା, ୫ ଟଙ୍କା, ୧୦ ଟଙ୍କା, ୨୦ ଟଙ୍କା ପର୍ଯ୍ୟନ୍ତ ତିଆରି କରି ରିଜର୍ଭ ବ୍ୟାଙ୍କ ବଜାରକୁ ଛାଡ଼ିଲା। ହେଲେ ସମ୍ପ୍ରତି ଉକ୍ତ ମୁଦ୍ରା ଟଙ୍କାର ଚାହିଦା ଧୀରେ ଧୀରେ ହ୍ରାସ ପାଇବା ଲକ୍ଷ୍ୟ କରାଯାଉଛି। ଇସ୍ପାତ ସହର ସଂଲଗ୍ନ ଗ୍ରାମାଞ୍ଚଳ ଓ ପାରିପାର୍ଶ୍ୱିକ ଅଞ୍ଚଳଗୁଡ଼ିକରେ ମୁଦ୍ରା ବ୍ୟବହାର କଷ୍ଟକର ହୋଇପଡୁଛି। ହାଟ, ବଜାରରେ ଦୋକାନୀ ଓ ବ୍ୟବସାୟୀମାନେ ଏକଟଙ୍କିଆ କଏନ ଗ୍ରହଣ କରୁନାହାନ୍ତି। ସେହିପରି ହୋଲ୍‌ସେଲ ବ୍ୟବସାୟୀମାନେ ମଧ୍ୟ ସମାନ ରୂପେ ଏହାକୁ ଗ୍ରହଣ କରୁନାହାନ୍ତି। ଫଳରେ ଲୋକଙ୍କ ପାଖରେ ଏହା ବ୍ୟବହାର ନ ହୋଇ ପଡ଼ିରହୁଛି। ବ୍ୟାଙ୍କଗୁଡ଼ିକ ପକ୍ଷରୁ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାର ସୁଯୋଗ ନେଇ ଅଚଳ ମୁଦ୍ରା ଟଙ୍କାଗୁଡ଼ିକୁ ବାହାର ରାଜ୍ୟର ଟଙ୍କା ମାଫିଆ ବା ଅସାଧୁମାନେ ଅଧା ଦରରେ ନେଇଯାଉଥିବା ଅଭିଯୋଗ ହୋଇଛି। ସହର ଓ ଆଖପାଖ ଅଞ୍ଚଳରେ ଥିବା ଝିରପାଣି, ଛେଣ୍ଡ, ପାନପୋଷ, ନୂଆଗାଁ , ଝାଡ଼ଖଣ୍ଡ ମାର୍କେଟ ସମେତ ଅନ୍ୟ କିଛି ବଜାରରେ ଏହି ଛୋଟ ଟଙ୍କିଆ ବଦଳରେ ବଡ଼ ଟଙ୍କିଆ ଗ୍ରାହକଙ୍କୁ ମଗାଯାଉଛି। ଝିରପାଣି ହାଟରେ ଥିବା ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ଛୋଟ ୧ ଟଙ୍କା ମୁଦ୍ରା ବ୍ୟବହାରରେ ଆସୁନାହିଁ। ବ୍ୟାଙ୍କରେ ଏହା ଚାଲୁଥିବା ବେଳେ ହାଟ ବଜାରରେ ଚଳୁନାହିଁ। ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ହାଟରେ ଏପରି ମୁଦ୍ରାକୁ ବଦଳାଇବା ପାଇଁ ସ୍ୱତନ୍ତ୍ର ଦୋକାନ କରୁଛନ୍ତି କିଛି ଦୋକାନୀ। ଅଧାଦରରେ ଏହାକୁ ଗ୍ରାହକଙ୍କଠାରୁ ନେଇଯାଉଛନ୍ତି ବୋଲି ଗ୍ରାହକମାନେ କହିଛନ୍ତି। ସେହିପରି ଶକ୍ତିନଗରର ଜଣେ ରାଶନ ଦୋକାନୀ ଶରତ ସାହୁ କହିଛନ୍ତି,ଗ୍ରାହକ ମାନେ ଛୋଟ ୧ ଟଙ୍କା ଦେଉଛନ୍ତି। ତାହାକୁ ଦୋକାନରେ ଗ୍ରହଣ କରାଯାଉଛି। ହେଲେ ହୋଲ୍‌ସେଲକୁ ଯାଇ ବଡ ବ୍ୟବସାୟୀଙ୍କୁ ଉକ୍ତ ମୁଦ୍ରା ଦେଲେ ତାହାକୁ ଗ୍ରହଣ କରାଯାଉନାହିଁ। ତାହା ବଦଳରେ ଅନ୍‌ଲାଇନ ପେମେଣ୍ଟ କରିବାକୁ କୁହାଯାଉଛି। ସେହିପରି ଅନେକ ସମୟରେ ଏହି ଟଙ୍କା ମଧ୍ୟ ଆମ ନିକଟରେ ଜମା ହୋଇ ରହୁଛି। ବ୍ୟବହାରରେ ଆସୁନାହିଁ। ବାଧ୍ୟହୋଇ ଏହାକୁ ବ୍ୟାଙ୍କରେ ବଦଳାଉଛୁ ବୋଲି ସାହୁ କହିଥିଲେ। ଏହି ପରିପ୍ରେକ୍ଷୀରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ( ଏସ୍‌ବିଆଇ) କରେନ୍ସି ଚେଷ୍ଟ ପରିଚାଳନା କରୁଥିବା ସେକ୍ଟର-୧୯ ମୁଖ୍ୟ ଶାଖାର ଶାଖାପ୍ରବନ୍ଧକ ସୁପର୍ଣ୍ଣା ମଲ୍ଲିକଙ୍କୁ ପଚରାଯିବାରୁ,ଉକ୍ତ କଏନର ବ୍ୟବହାର ଓ ଉପଯୋଗ ନ କରିବା ଅନୁଚିତ। ପ୍ରତ୍ୟେକ ମାସରେ ଏପରି ସମସ୍ୟାର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। କଏନ ଏକ୍ସଚେଞ୍ଜ ମେଳା ଆୟୋଜନ କରାଯିବା ସହ ଗ୍ରାହକଙ୍କୁ ସଚେତନତା ଓ କଏନ ବ୍ୟବହାର ଉପଯୋଗିତା ଉପରେ କୁହାଯାଉଛି ବୋଲି ମଲ୍ଲିକ କହିଥିଲେ।

# ପ୍ରାସଙ୍ଗିକତା ବହନକରେ ଆମ୍ବେଡକରଙ୍କ ଚିନ୍ତାଧାରା

ଝାରସୁଗୁଡ଼ା, ୧୫।୪ (ସଞ୍ଜୟ ମାଳି)



ସଭାରେ ମଞ୍ଚାସୀନ ଅତିଥିମାନେ।

ଆମ୍ବେଡକରଙ୍କ ଚିନ୍ତାଧାରା ଆଜି ଦିନରେ ମଧ୍ୟ ପ୍ରାସଙ୍ଗିକତା ବହନକରେ। ଝାରସୁଗୁଡ଼ା ଡିଏମ୍‌ଏଫ୍ ପ୍ରେକ୍ଷାଳୟରେ ଆମ୍ବେଡକର ଜୟନ୍ତୀ ସଭାରେ ଯୋଗଦେଇ ଅତିଥିଗଣ ଏହି ମତ ଦେଇଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଆମ୍ବେଡକରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସଂକୀର୍ଣ୍ଣତା ଭିତରେ ସୀମାବଦ୍ଧ ନ ରହି ସ୍ୱପ୍ନ ପୂରଣ କରିବା ସକାଶେ କିଛି ବଡ଼ ଚିନ୍ତା କରିବା ଦରକାର ବୋଲି ମତବ୍ୟକ୍ତ କରିଛନ୍ତି। ଏହାସହ ଜଣେ ରାଜନୈତିକ ନେତା, ଦାର୍ଶନିକ, ଲେଖକ, ନ୍ୟାୟବିତ୍, ସମାଜ ସୁଧାରକ ଡ. ଭୀମରାଓ ଆମ୍ବେଡକର ଭାରତୀୟ ସମାଜରେ ସମାନତା ଆଣିବା ପାଇଁ ଅନେକ ପ୍ରୟାସ କରିଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ମନ୍ଦାକିନୀ ଶତପଥୀ, ପ୍ରଣତି ପଟ୍ଟନାୟକ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମଦନାନନ୍ଦ ସେଠ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ସଭା ପରିଚାଳନା କରିଥିଲେ।

## ମହାବିଷୁବ ସଂକ୍ରାନ୍ତିରେ ପଣା ବଣ୍ଟନ

ଝାରସୁଗୁଡ଼ା, ୧୫।୪ (ସଞ୍ଜୟ ମାଳି): ପବିତ୍ର ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ ଉପଲକ୍ଷେ ଝାରସୁଗୁଡ଼ା ଜିଲାର ସାମାଜିକ ସଙ୍ଗଠନ ଇଜେଭିଫାଉଣ୍ଡେଶନ ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡ ଗାନ୍ଧୀ ଛକଠାରେ ଦହିପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଟହଲୁ ସାହୁ ଯୋଗଦାନ କରିଥିଲେ। ମାନସୀ ପଣ୍ଡାଙ୍କ ସମେତ ଅଞ୍ଜଳି ପଟ୍ଟନାୟକ, ଗଙ୍ଗାଧର ମେହେର, ଶୋଭନା ସୋହେଲା, ପଙ୍କଜିନୀ ପାଣିଗ୍ରାହୀ, ପୁନମ ପଟେଲ, ସୁଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଭାରତରତ୍ନ ପକ୍ଷରୁ କୁଇଜ୍ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୧୫।୪ (ସଞ୍ଜୟ ମାଳି)

ଝାରସୁଗୁଡ଼ା ଜିଲା ବଡ଼ମାଳ ପଞ୍ଚାୟତ ଅନ୍ତର୍ଗତ ବୁର୍କାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାଷାଜ୍ଞାନ ସାହିତ୍ୟ ବ୍ୟାକରଣ, ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଭାରତ ରତ୍ନ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ କୁଇଜ 'କାହାର କେତେ ଦମ୍' ଅନୁଷ୍ଠିତ ହୋଇଯାଇଛି। ପରିଷଦର ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର, ଅଧକ୍ଷ ଅନନ୍ତ ରାମ ସାହୁ, ସାଧାରଣ ସମ୍ପାଦକ ନିକୁଞ୍ଜ ବିହାରୀ ଜ୍ୟୋତିଷ, ସଭ୍ୟ କମଳ ଲୋଚନ ପୂଜାରୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ୬ ଗ୍ରୁପ୍‌ରେ ୨୧ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ମହାନଦୀ ଗ୍ରୁପ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ଦୃଷ୍ଟି ଡିଲା, ସୋନାଲି ରୋହିଦାସ, ସ୍ମୃତି ନିଖଣ୍ଡିଆଙ୍କୁ ପରିଷଦ ପକ୍ଷରୁ ଅତିଥିମାନେ ପ୍ରମାଣପତ୍ର ପ୍ରଦାନ କରି ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଉପସ୍ଥିତ ଛାତ୍ରୀଛାତ୍ର।

# ଭାଜପାରେ ଯୋଗଦେଲେ ଅନ୍ୟ ଦଳର କର୍ମୀ



ଅନ୍ୟ ଦଳର କର୍ମୀଙ୍କୁ ସ୍ୱାଗତ କରାଯାଉଛି।

ଝାରସୁଗୁଡ଼ା, ୧୫।୪ (ସଞ୍ଜୟ ମାଳି)

ଝାରସୁଗୁଡ଼ା ବିଟିଏମ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ରବିବାର ଅନ୍ୟ ଦଳର ବହୁ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଝାରସୁଗୁଡ଼ା ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଓ ଅନ୍ୟ ନେତୃବର୍ଗ ନୂତନ ଭାବେ ଯୋଗଦାନ କରିଥିବା କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ଏହାଦ୍ୱାରା ଦଳୀୟ ସଙ୍ଗଠନ ମଜଭୁତ ହେବ ବୋଲି ଟଙ୍କଧର କହିଛନ୍ତି। ମରାକୁଟା ପଞ୍ଚାୟତର ରଞ୍ଜନ ଦାସ ଓ ମହେନ୍ଦ୍ର ଗୁରୁଙ୍କ ନେତୃତ୍ୱରେ ଭୋଳାନାଥ ବାଗ, ତରୁଣ ବେସନ, ଲବ ଅଡା, ଆଲୋକ ସା, ଦୁର୍ଗା ଓରାମ, ଶ୍ରୀଅନ୍ତ ବାର୍ଲା, ଟିକେଶ୍ୱର ପ୍ରଧାନ, ପ୍ରଦୀପ ଅଗ୍ରୱାଲ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଦଳୀୟ ନେତା ସନ୍ତୋଷ ଯାଦବ, ପ୍ରମୋଦ ତ୍ରିପାଠୀ, ରାଜେଶ ପ୍ରଧାନ, ଲଳିତ ମଗର, ପ୍ରେମସେନ ରାୟ, ହେମ ରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7 CDA, CUTTACK, ODISHA**
**O.A. No.: 619 of 2023**

Union Bank of India, Salipur Branch, Cuttack ...Applicant
Versus
M/s. Ananta Gopal Trader and Others ...Defendant(s)

To,
1) Defendant No. 1
M/s. Ananta Gopal Traders, Prop.: Manoranjan Rout, At: Ramakrishnapur, Natakai, Salipur, Dist.: Cuttack - 754207
2) Defendant No. 2
Manoranjan Rout, aged about 44 years S/o.: Bishnu Charan Rout, At: Ramakrishnapur, Natakai, Salipur, Dist.: Cuttack - 754207
3) Defendant No. 3
Chitta Ranjan Rout, aged about 51 years, S/o.: Bishnu Charan Rout, At: Ramakrishnapur, Natakai, Salipur, Dist.: Cuttack - 754207

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 619 of 2023** in the court of the Debts of Recovery Tribunal, Cuttack for recovery of **Rs.63,27,025.99** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **05.06.2024 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **12th day of April 2024.**

Sd/- REGISTRAR
(NIKHILA RANJAN PATI)

# ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ଆମ୍ବେଡକର ଜୟନ୍ତୀ

ଝାରସୁଗୁଡ଼ା, ୧୫।୪ (ସଞ୍ଜୟ ମାଳି)

ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ଜିଲା ସଦର ମହକୁମାରେ ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଡକରଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ମିତ୍ରଭାନୁ ସାହୁ ମୁଖ୍ୟ ଅତିଥି, ଅଖିଳ ଭାରତୀୟ ଗୋଣ୍ଡୱନା ଗୋଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ମୁଖ୍ୟବକ୍ତା ଓ ପୂର୍ବତନ ଝାରସୁଗୁଡ଼ା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବେହେରାମାଲ ଛକସ୍ଥିତ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ୱାଭିମାନ ପଦଯାତ୍ରା ବାହାରି କାପୁମାଲ ଗୋଣ୍ଡ ଭବନରେ ପହଞ୍ଚିଥିଲା। ଏଠାରେ ଅନୁଷ୍ଠିତ ସଭାରେ ମହାପୁରୁଷଙ୍କ ଜୀବନୀ ଓ ସମ୍ବିଧାନ ଉପରେ ଚର୍ଚ୍ଚା ହୋଇଥିଲା। ଏଥିରେ ସଙ୍ଗଠନର ସଭାପତି ମାଧବ ସିଂହ ନାଏକ ସଭାପତିତ୍ୱ କରିଥିବା ବେଳେ ପ୍ରମୁଖ ସଚିବ ଅଶୋକ ମାଝି, କାର୍ଯ୍ୟାଳୟ ସଚିବ ବିନୋଦ ବାଗ, ଉପସଭାପତି କଷ୍ଟୁ ପିଙ୍ଗ, ଡମ୍ବରୁଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**HDFC BANK**
We understand your world

# AUCTION NOTICE FOR GOLD ORNAMENTS

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 23-04-2024 | 73949904 | RASHMI RANJAN NAYAK | 20800 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 23-04-2024 | 73427435 | AJAYA KUMAR BEHERA | 31400 | |
| 23-04-2024 | 74016310 | AJAYA KUMAR BEHERA | 52100 | |
| 23-04-2024 | 73938387 | RANJAN KUMAR NAYAK | 154400 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 23-04-2024 | 73942056 | BABULA SAMAL | 43700 | |
| 23-04-2024 | 73697599 | SHRIKANTA KUMAR MAHARANA | 101000 | HDFC BANK LTD, BAJRAKABATI ROAD, CUTTACK-753001 |
| 23-04-2024 | 74439715 | DHARMESH SHRESTH | 255700 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 23-04-2024 | 74408144 | SOUMYA RANJAN PRADHAN | 90400 | |
| 23-04-2024 | 74129022 | ASHOK KUMAR PATRA | 55800 | |
| 23-04-2024 | 72903596 | AMBARISH BOHIDAR | 325000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 23-04-2024 | 73959139 | ANNADA PRASANNA JENA | 54000 | |
| 23-04-2024 | 73963794 | LIPINA NAYAK | 15200 | HDFC BANK LTD, BY PASS SQUARE, CHORDHA, JAJPUR MAIN ROAD, JAJPUR-755019 |
| 23-04-2024 | 73540872 | RABINDRA BHUYAN | 112000 | HDFC BANK LTD, F M CIRCLE, BALASORE-756001 |
| 23-04-2024 | 74805297 | KUMAR SUBRAT | 210000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 23-04-2024 | 73583382 | DEEPAK KUMAR PRADHAN | 59797 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 23-04-2024 | 74573832 | AJIT PRASAD BHUKTA | 102000 | HDFC BANK LTD, HATATOTA, TALCHER, ANGUL-759100 |
| 23-04-2024 | 74316771 | GOLAP DASH | 520000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 23-04-2024 | 74537796 | AMIT DAS | 685000 | HDFC BANK LTD, KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 23-04-2024 | 74230145 | SOMANATHA SAMAL | 56200 | HDFC BANK LTD, MAHIPAL, KENDRAPARA-754211 |
| 23-04-2024 | 74047045 | KALANDI CHANDRA PARIDA | 19200 | |
| 23-04-2024 | 73918530 | SEK BELAL | 14950 | |
| 23-04-2024 | 74593618 | GOFRAN SHAIK | 110300 | |
| 23-04-2024 | 74391361 | SUNIL KUMAR RAY | 275000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 23-04-2024 | 73955813 | SHAMUKA SAGAR | 23500 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 23-04-2024 | 73951351 | SOUDAMINI PUJARI | 93000 | HDFC BANK LTD, PATEL MARG, NABARANGAPUR-764059 |
| 23-04-2024 | 73124159 | THAN SINGH | 119500 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 23-04-2024 | 74149114 | ARVIND KUMAR | 583500 | |
| 23-04-2024 | 73300066 | DEBASIS MALLICK | 102800 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 23-04-2024 | 74010018 | MUKUNDA PRASAD JENA | 79700 | |
| 23-04-2024 | 73034386 | BIRANCHI NARAYAN SWAIN | 213300 | |
| 23-04-2024 | 74330639 | ASHIS KUMAR PATTANAIK | 44000 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 23-04-2024 | 50200075897011 | ANUPAMA SUKLA | 611577 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 23-04-2024 | 73354434 | SUBRAT KUMAR BARIK | 118000 | |
| 23-04-2024 | 74688709 | MADHUSMITA SAHOO | 222500 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 23-04-2024 | 73964581 | ASHWINI PRADHAN | 24300 | HDFC BANK LTD, PLOT NUMBER-634, GANESH BAZAAR, MAIN ROAD, PHULBANI-762001 |
| 23-04-2024 | 73935584 | SANTOSH KUMAR CHAUDHURY | 46600 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 23-04-2024 | 74314371 | JAGANNATH DUARI | 51700 | |
| 23-04-2024 | 73849563 | SABYASACHI DASH | 77500 | HDFC BANK LTD, S. N. PLAZA, N.H. - 5, NEULPUR, CHANDIKHOL-755024 |
| 23-04-2024 | 74776597 | ARJUNA SAHOO | 48300 | |
| 23-04-2024 | 74148446 | MUNI MAHANTA | 31500 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 23-04-2024 | 74726767 | KULAMANI MOHANTY | 52600 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 23-04-2024 | 73963470 | S SUMITRA RAO | 40500 | HDFC BANK LTD, UNIT 11, BUXI BAZAR, CANTONMENT, CUTTACK-753001 |
| 23-04-2024 | 73952879 | BHASKAR BISWAL | 29900 | HDFC BANK LTD, VIP PLAZA, VIP ROAD, PURI-752001 |
| 23-04-2024 | 73952859 | KUNU NAIK | 11400 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 23-04-2024 | 74347877 | TEJRAM AHIR | 17100 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 16-04-2024,**
**Place : ORISSA**

**Sd/- Authorised Officer,**
**HDFC BANK LTD.**



# ADMISSION NOTICE

## COMMON ENTRANCE TEST- 2024

FOR ADMISSION AT

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist- Cuttack-754010 (Odisha)
Website: **https://svnirtar.nic.in**, E-Mail: **dasvnirtar@gmail.com**

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: **www.niohkol.nic.in**, E-Mail: **mail@nioh.in**

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post- Muttukadu, Chennai - 603112
Website: **www.niepmd.tn.nic.in**, E-Mail: **niepmd@gov.in**

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: **www.pdunippd.in**, E-Mail: **diriph@nic.in**

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT (CRCSRE) OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam -781 032.
Website: **www.crcguwahati.in**, E-Mail: **crcguwahati@gmail.com**

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2024 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP).
Eligibility: 10+2 Science with English as Compulsory Subject

## POSTGRADUATE ENTRANCE TEST FOR ADMISSION AT SVNIRTAR

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2024 for admission into following Post Graduate Courses:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)
Eligibility: Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form: 15.04.2024
Closing date of online receipt of Application form: 20.05.2024
Date of Entrance Test: 23.06.2024

**For details Log on to: https://admission.svnirtar.nic.in**

Director, SVNIRTAR
Cum Chairman, CET & PGET- 2024

# ମା' ସୁନାଦେଈଙ୍କ ଆଶୀର୍ବାଦ ନେଇ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ



ମା' ସୁନାଦେଈଙ୍କୁ ପୂଜା ଅର୍ଚ୍ଚନା କରି ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝି।

**ନୂଆପଡ଼ା,୧୫।୪(ମକାରୁ ବେମାଲ)**

ନୂଆପଡା ନିର୍ବାଚନମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଓହ୍ଲାଇ ଥିବା ଘାସିରାମ ମାଝି ସମର୍ଥକଙ୍କ ସହ ସୋମବାର ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଇଷ୍ଟଦେବୀ ମା' ସୁନାଦେଈଙ୍କ ଆଶୀର୍ବାଦ ଭୀକ୍ଷା କରି ପ୍ରଚାର ଆରମ୍ଭ କରିଛନ୍ତି। ସୁନାଦେଈଙ୍କ ଆଶୀର୍ବାଦ ଭିକ୍ଷା ପରେ ଅଡାର, ସୋସେଙ୍ଗ, ରୁପିଆମ୍ଭ ଦେଇ ପ୍ରଚାର ଆରମ୍ଭ କରିଛନ୍ତି। ନୂଆପଡା ପୂର୍ବତନ ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝି ଦୀର୍ଘ ବର୍ଷରୁ କଂଗ୍ରେସ ସହ ଯୋଡି ହୋଇ ସକ୍ରିୟ ନେତା ଭାବେ କାର୍ଯ୍ୟ କରୁଥିଲେ ଓ ସଂଗଠନଙ୍କୁ ମଜଭୁତ କରି ରଖିଥିଲେ। ୨୪ବର୍ଷର ବିଜେଡି ଓ ୯ବର୍ଷର ଭାରତୀୟ ଜନତା ପାର୍ଟି ଆଦିବାସୀମାନଙ୍କୁ ଅଣଦେଖା କରି ବିକାଶ ଉପରେ କୌଣସି ପଦକ୍ଷେପ ନେଲେ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଗମାନା ଗମନ କଥା ଦୁରେ ଥାଉ ରାଜନୈତିକ କ୍ଷେତ୍ରରେ ମଧ ଅଣଦେଖା କରାଯାଇଛି। ଓଡିଶା ରାଜ୍ୟରେ ପ୍ରଚଳିତ ୩ ପ୍ରମୁଖ ଦଳ ଭାରତୀୟ ଜନତା ପାର୍ଟି, ବିଜୁ ଜନତା ଦଳ ଓ କଂଗ୍ରେସ ଆଦିବାସୀଙ୍କୁ ଅଣଦେଖା କରି କୌଣସି ଦଳରେ ପ୍ରାର୍ଥୀ ଭାବେ ଘୋଷଣା କଲେ ନାହିଁ। ଆଦିବାସୀମାନଙ୍କୁ ଅଣଦେଖା କରି କୌଣସି ଦଳ ପ୍ରାର୍ଥୀ ଦେଇ ନ ଥିବାରୁ ବିରୋଧ କରି ଜିଲା ଆଦିବାସୀ କଲ୍ୟାଣ ସଂଘ ଘାସିରାମ ମାଝିଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରି ଏକତ୍ରିତ ହେବାରେ ଲାଗିଛନ୍ତି। ଆଦିବାସୀ ସ୍ୱାଧୀନ ପ୍ରାର୍ଥୀ ଜାତୀୟ ଦଳ ପାଇଁ ଭାରି ପଡିବ ବୋଲି ରାଜନୈତିକ ସମିକରଣମାନେ ମତ ଦେଉଛନ୍ତି। ଏହି ସମୟରେ ଶବର ସମାଜ ସଭାପତି ସୋମନାଥ ଖମାରି, ଗଣ୍ଡ ସମାଜ ସଭାପତି ଦିବ୍ୟସିଂ ମାଝି, ଖାମସିଂ ମାଝି, ଭାନୁ ପ୍ରତାପ ସିଂ ମାଝି, ହରିସିଂ ମାଝି, ସରୋଜିନି ମାଝି, ସୁନାଦେଇ ଝଙ୍କର, ବିଶ୍ରାମ ଛତ୍ରିଆ, ଯୁବରାଜ ଛତ୍ରିଆ, ବିରଞ୍ଚି ବାଗ, କୈଳାଶ ବାଗ, ଦେବରାଜ ତାଣ୍ଡି, ଗୌତମ ମାଝି ଓ ୧୧ ପ୍ରକାର ଜାତିର ଆଦିବାସୀମାନେ ଉପସ୍ଥିତ ଥିଲେ।

# ପ୍ରାର୍ଥୀ ଘୋଷଣା ପରେ କଂଗ୍ରେସ ଶିବିରରେ ଉତ୍ସାହ



**ଦେବଗଡ଼,୧୫।୪ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ବିଧାନସଭା ଆସନ ନିମନ୍ତେ କଂଗ୍ରେସ ପ୍ରାର୍ଥୀ ଭାବେ ଜିଲା କଂଗ୍ରେସ ସଭାପତି ସେମ ହେମ୍ରମଙ୍କ ନାମ ଘୋଷଣା କରାଯାଇଛି। ଏହାକୁ ନେଇ କଂଗ୍ରେସ ନେତା ଓ କର୍ମୀ ମହଲରେ ଉତ୍ସାହ ପ୍ରକାଶ ପାଇଛି। ସୋମବାର ସନ୍ଧ୍ୟାରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ଉପସଭାପତି ମଞ୍ଜୁଳ କୁମାର ନାଏକ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ, କଂଗ୍ରେସ ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ ନେତା ଓ କର୍ମୀ ହେମ୍ରମଙ୍କୁ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିସହ ବାଣ ଫୁଟାଇ ଢୋଲ ଓ ମାଦଳର ତାଳେ ତାଳେ ଶୋଭାଯାତ୍ରାରେ ନଗର ପରିକ୍ରମା କରାଇଥିଲେ। ଏହି ଅବସରରେ ହେମ୍ରମ ଗୋପବନ୍ଧୁ ଛକସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ବାରକୋଟ ବ୍ଲକ କଂଗ୍ରେସ ସଭାପତି ଯଶୋବନ୍ତ ସାହୁ, ତିଲେଇବଣି ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମା' ରଣେଶ୍ୱର ରାମଚଣ୍ଡୀଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ



ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

**ଦେବଗଡ଼,୧୫।୪ (ଶଶାଙ୍କ ଶେଖର ଝାଙ୍କର)**

ବାରକୋଟ ବ୍ଲକ ଅନ୍ତର୍ଗତ ଦନ୍ତାରୀବାହାଲ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ବାବା ବିଶାଶହେ କୁଲତା ସମାଜ ପକ୍ଷରୁ ମା' ରଣେଶ୍ୱର ରାମଚଣ୍ଡୀଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ସମାଜର ସଭାପତି ଧରଣୀଧର ବେହେରା, ସମ୍ପାଦକ ଅଚ୍ୟୁତ ବାରିକ ଓ ପୂଜକ ଯୁଗଳ କିଶୋର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ସେମ ହେମ୍ରମ, ଗ୍ରାମର ମାଣ୍ୟଗଣ୍ୟ ବ୍ୟକ୍ତି ହୃଦାନନ୍ଦ ନାୟକ, ଦୈତାରୀ ଚରଣ ସାହୁ, ଅରୁଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ସମ୍ବଲପୁର,୧୫।୪(ବି.ଶଙ୍କର)**

ସମ୍ବଲପୁରସ୍ଥିତ ଲଜପତ ରାୟ ଆଇନ ମହାବବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ପୌରୋହିତ୍ୟ କରିଥିଲେ। ଏଥିରେ ତତ୍କାଳୀନ ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶ୍ରୀବନ୍ତ କୁମାର ଦାଶ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶ୍ରୀକାନ୍ତ ମିଶ୍ର ଓ ବରିଷ୍ଠ ଆଇନଜୀବୀ ବିଜିତେନ୍ଦ୍ରିୟ ପ୍ରଧାନ ଯୋଗଦେଇ ନୂଆ କରି ଭୋଟ ଦେଉଥିବା ପିଲାଙ୍କୁ ଉତ୍ସାହିତ କରିଥିଲେ। ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନକୁ ସାହାଯ୍ୟ କରିବା ଆମର କର୍ତ୍ତବ୍ୟ ବୋଲି ଅତିଥିମାନେ ବକ୍ତବ୍ୟ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଭାରତରତ୍ନ ଡ. ବିଆର୍ ଆମ୍ବେଡକରଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଅଧାପକ ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ।

# ଭୋଟରଙ୍କୁ ସଚେତନ କରିବାର ଅଭିନବ ଉପାୟ

**ସମ୍ବଲପୁର,୧୫।୪ (ଭବାନୀ ଶଙ୍କର ଭୋଇ)**

'ଭୋଟର ଦାଦା' ଓ 'ଭୋଟର ନାନି' ମାସ୍କଟ୍ ହେଉଛି ନିର୍ବାଚନୀ କାର୍ଯ୍ୟକଳାପ ପ୍ରତି ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିବାର ଏକ ଅଭିନବ ଉପାୟ। ଏଥିପାଇଁ ସମ୍ବଲପୁରରେ ସୋମବାର ମାସ୍କଟ୍ ଓ ସେଲ୍ଫି ପଏଣ୍ଟର ଶୁଭାରମ୍ଭ କରାଯାଇଛି। ଏହା ଜରିଆରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ମଡେଲ ପୋଲିଂ ଷ୍ଟେଶନ, ସଖୀ ବୁଥ୍ (ମହିଳା ପୋଲିଂ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର), ଭୋଟରଙ୍କ ପାଇଁ ଉପଲବ୍ଧ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ସୁବିଧା ବିଷୟରେ ଭୋଟରଙ୍କୁ ସଚେତନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ନିର୍ବାଚନ ତାରିଖ, ନିର୍ବାଚନ ସମୟ, ବୁଥ୍ ସ୍ଥାନ, କିପରି ଭୋଟ୍ ଦେବେ, ଭୋଟରଙ୍କ ସହାୟତା କରି ସହରାଞ୍ଚଳରେ ମତଦାନ ହାର ବଢ଼ାଇବା ଉଦ୍ଦେଶ୍ୟରେ ଏହି ମାସ୍କଟ୍‌ଗୁଡ଼ିକ ଦ୍ୱାରା ପ୍ରଚାର ଆରମ୍ଭ ହୋଇଛି। ଏହାସହ ସମ୍ବଲପୁରୀ ଭାଷାରେ 'ଭୋଟର ଦାଦା' ଓ 'ଭୋଟର ନାନି'କୁ ନେଇ ଆନିମେସନ ଭିଡିଓ ତିଆରି କରି ସୋସିଆଲ ମିଡିଆ ପ୍ଲାଟଫର୍ମ ଜରିଆରେ ପ୍ରଚାର କରାଯିବ ବୋଲି କୁହାଯାଇଛି।

# ଜିଲା ପ୍ରଶାସନ ପକ୍ଷରୁ ଆମ୍ବେଡକର ଜୟନ୍ତୀ

**ସମ୍ବଲପୁର,୧୫।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମରାଓ ଆମ୍ବଡକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ମୁଦିପଡ଼ା ଛକସ୍ଥିତ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଉପସ୍ଥିତ ଥିଲେ।

**FORM No. 13**

**BEFORE THE DEBTS RECOVERY TRIBUNAL, CUTTACK, ORISSA**

**C-71, SECTOR-7 CDA, CUTTACK, ODISHA**

**O.A. No.: 619 of 2023**

**Union Bank of India, Salipur Branch, Cuttack ...Applicant**

**Versus**

**M/s. Ananta Gopal Trader and Others ...Defendant(s)**

**To,**

1) **Defendant No. 1**
   **M/s. Ananta Gopal Traders, Prop.: Manoranjan Rout,** At: Ramakrishnapur, Natakai, Salipur, Dist.: Cuttack - 754207
2) **Defendant No. 2**
   **Manoranjan Rout,** aged about 44 years S/o.: Bishnu Charan Rout, At: Ramakrishnapur, Natakai, Salipur, Dist.: Cuttack - 754207
3) **Defendant No. 3**
   **Chitta Ranjan Rout,** aged about 51 years, S/o.: Bishnu Charan Rout, At: Ramakrishnapur, Natakai, Salipur, Dist.: Cuttack - 754207

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 619 of 2023** in the court of the Debts of Recovery Tribunal, Cuttack for recovery of **Rs.63,27,025.99** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **05.06.2024 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **12th day of April 2024.**

**Sd/- REGISTRAR**
**(NIKHILA RANJAN PATI)**

# ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର

**ଦେବଗଡ଼,୧୫।୪(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡାଏଟ) ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମୋଟ ୧୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରକ୍ତ କେନ୍ଦ୍ର ଅଧିକାରୀ ଡାକ୍ତର ଗଙ୍ଗୋତ୍ରୀ ନାୟକଙ୍କ ନେତୃତ୍ୱରେ ନର୍ସିଂ ଅଫିସର ଅମ୍ବିକା ଦାସ, ଲାବରେଟୋରୀ ଟେକ୍‌ନିସିଆନ କ୍ଷୀତିଶ ପ୍ରଧାନ, ଗୋପାଳ କୃଷ୍ଣ ସାହୁ ଓ ଲୋକ ସମ୍ପର୍କ ଅଧିକାରୀ ମଳୟ ବେହେରା ରକ୍ତ ସଂଗ୍ରହ କରିଥିଲେ।

**HDFC BANK**
We understand your world

# AUCTION NOTICE FOR GOLD ORNAMENTS

The borrower (s) (whose details are provided in the table herein below), in particular, and the public, in general, are hereby informed that the below mentioned Loan account is overdue, and the borrower account holder has not responded to/ complied with the communications and notices send by HDFC Bank Limited (the "Bank") requesting the Borrower to clear his/her/their dues as per the documents in respect of the below mentioned Loan signed/accepted by the borrower (such documents, collectively " Loan Agreement") and therefore defaulted in terms thereof. The bank has in exercise of its rights as a pledge, decided to enforce the pledge and therefore hold a public auction of the gold ornaments pledged to the Bank as security for the loan for the purpose of selling the same and realizing / recovering the dues owed by the borrower to the Bank. **Kindly refer the below auctions schedule. In the event the auction of any pledged security cannot be conducted or concluded on the date mentioned below. Bank reserves the right to conduct or proceed with the said auction on any subsequent date.**

| AUCTIONS DATE | LOAN NO. | BORROWER'S NAME | LOAN AMOUNT | PLACE OF AUCTION |
|---|---|---|---|---|
| 23-04-2024 | 73949904 | RASHMI RANJAN NAYAK | 20800 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 23-04-2024 | 73427435 | AJAYA KUMAR BEHERA | 31400 | |
| 23-04-2024 | 74016310 | AJAYA KUMAR BEHERA | 52100 | |
| 23-04-2024 | 73938387 | RANJAN KUMAR NAYAK | 154400 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 23-04-2024 | 73942056 | BABULA SAMAL | 43700 | |
| 23-04-2024 | 73697599 | SHRIKANTA KUMAR MAHARANA | 101000 | HDFC BANK LTD, BAJRAKABATI ROAD, CUTTACK-753001 |
| 23-04-2024 | 74439715 | DHARMESH SHRESTH | 255700 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 23-04-2024 | 74408144 | SOUMYA RANJAN PRADHAN | 90400 | |
| 23-04-2024 | 74129022 | ASHOK KUMAR PATRA | 55800 | |
| 23-04-2024 | 72903596 | AMBARISH BOHIDAR | 325000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 23-04-2024 | 73959139 | ANNADA PRASANNA JENA | 54000 | |
| 23-04-2024 | 73963794 | LIPINA NAYAK | 15200 | HDFC BANK LTD, BY PASS SQUARE, CHORDHA, JAJPUR MAIN ROAD, JAJPUR-755019 |
| 23-04-2024 | 73540872 | RABINDRA BHUYAN | 112000 | HDFC BANK LTD, F M CIRCLE, BALASORE-756001 |
| 23-04-2024 | 74805297 | KUMAR SUBRAT | 210000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 23-04-2024 | 73583382 | DEEPAK KUMAR PRADHAN | 59797 | HDFC BANK LTD, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 23-04-2024 | 74573832 | AJIT PRASAD BHUKTA | 102000 | HDFC BANK LTD, HATATOTA, TALCHER, ANGUL-759100 |
| 23-04-2024 | 74316771 | GOLAP DASH | 520000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 23-04-2024 | 74537796 | AMIT DAS | 685000 | HDFC BANK LTD, KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 23-04-2024 | 74230145 | SOMANATHA SAMAL | 56200 | HDFC BANK LTD, MAHIPAL, KENDRAPARA-754211 |
| 23-04-2024 | 74047045 | KALANDI CHANDRA PARIDA | 19200 | |
| 23-04-2024 | 73918530 | SEK BELAL | 14950 | |
| 23-04-2024 | 74593618 | GOFRAN SHAIK | 110300 | |
| 23-04-2024 | 74391361 | SUNIL KUMAR RAY | 275000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 23-04-2024 | 73955813 | SHAMUKA SAGAR | 23500 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 23-04-2024 | 73951351 | SOUDAMINI PUJARI | 93000 | HDFC BANK LTD, PATEL MARG, NABARANGAPUR-764059 |
| 23-04-2024 | 73124159 | THAN SINGH | 119500 | HDFC BANK LTD, PATRAPADA, KHURDA, BHUBANESWAR-751019 |
| 23-04-2024 | 74149114 | ARVIND KUMAR | 583500 | |
| 23-04-2024 | 73300066 | DEBASIS MALLICK | 102800 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 23-04-2024 | 74010018 | MUKUNDA PRASAD JENA | 79700 | |
| 23-04-2024 | 73034386 | BIRANCHI NARAYAN SWAIN | 213300 | |
| 23-04-2024 | 74330639 | ASHIS KUMAR PATTANAIK | 44000 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 23-04-2024 | 50200075897011 | ANUPAMA SUKLA | 611577 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 23-04-2024 | 73354434 | SUBRAT KUMAR BARIK | 118000 | |
| 23-04-2024 | 74688709 | MADHUSMITA SAHOO | 222500 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 23-04-2024 | 73964581 | ASHWINI PRADHAN | 24300 | HDFC BANK LTD, PLOT NUMBER-634, GANESH BAZAAR, MAIN ROAD, PHULBANI-762001 |
| 23-04-2024 | 73935584 | SANTOSH KUMAR CHAUDHURY | 46600 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 23-04-2024 | 74314371 | JAGANNATH DUARI | 51700 | |
| 23-04-2024 | 73849563 | SABYASACHI DASH | 77500 | HDFC BANK LTD, S. N. PLAZA, N.H. - 5, NEULPUR, CHANDIKHOL-755024 |
| 23-04-2024 | 74776597 | ARJUNA SAHOO | 48300 | |
| 23-04-2024 | 74148446 | MUNI MAHANTA | 31500 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 23-04-2024 | 74726767 | KULAMANI MOHANTY | 52600 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 23-04-2024 | 73963470 | S SUMITRA RAO | 40500 | HDFC BANK LTD, UNIT 11, BUXI BAZAR, CANTONMENT, CUTTACK-753001 |
| 23-04-2024 | 73952879 | BHASKAR BISWAL | 29900 | HDFC BANK LTD, VIP PLAZA, VIP ROAD, PURI-752001 |
| 23-04-2024 | 73952859 | KUNU NAIK | 11400 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |
| 23-04-2024 | 74347877 | TEJRAM AHIR | 17100 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 16-04-2024,**
**Place : ORISSA**

**Sd/- Authorised Officer,**
**HDFC BANK LTD.**

# ADMISSION NOTICE

## COMMON ENTRANCE TEST- 2024

**FOR ADMISSION AT**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist- Cuttack-754010 (Odisha)
Website: **https://svnirtar.nic.in**, E-Mail: **dasvnirtar@gmail.com**

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: **www.niohkol.nic.in**, E-Mail: **mail@nioh.in**

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post- Muttukadu, Chennai - 603112
Website: **www.niepmd.tn.nic.in**, E-Mail: **niepmd@gov.in**

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: **www.pdunippd.in**, E-Mail: **diriph@nic.in**

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT (CRCSRE) OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam -781 032.
Website: **www.crcguwahati.in**, E-Mail: **crcguwahati@gmail.com**

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2024 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP).

Eligibility: 10+2 Science with English as Compulsory Subject

## POSTGRADUATE ENTRANCE TEST FOR ADMISSION AT SVNIRTAR

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2024 for admission into following Post Graduate Courses:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)

Eligibility: Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form: 15.04.2024
Closing date of online receipt of Application form: 20.05.2024
Date of Entrance Test: 23.06.2024

**For details Log on to: https://admission.svnirtar.nic.in**

Director, SVNIRTAR
Cum Chairman, CET & PGET- 2024

## ସଂକ୍ଷେପରେ

### ଚର୍ଚ୍ଚରେ ଛୁରାମାଡ଼, ୪ ଆହତ

**ସିଡ୍‌ନୀ, ୧୫।୪:** ଅଷ୍ଟ୍ରେଲିଆର ସିଡ୍‌ନୀରେ ପୁଣି ଏକ ଛୁରାମାଡ଼ ଘଟଣା ଘଟିଛି। ପଶ୍ଚିମ ସିଡ୍‌ନୀର ୱାକଲେ ଠାରେ ଥିବା ଏକ ଚର୍ଚ୍ଚରେ ଜଣେ ଆତତାୟୀ ଅଚାନକ ଛୁରାମାଡ଼ କରିଥିବା ପୋଲିସ ସୂଚନା ଦେଇଛି। ଉକ୍ତ ଚର୍ଚ୍ଚରେ ଏକ କାର୍ଯ୍ୟକ୍ରମ ଚାଲିଥିବା ବେଳେ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଚର୍ଚ୍ଚର ପାଦ୍ରୀ ବିଶପଙ୍କ ସହ ଅନ୍ୟ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଆତତାୟୀ ଜଣକ ଛୁରାମାଡ଼ କରିଥିଲା। ଏଥିରେ ବିଶପ୍‌ଙ୍କ ସମେତ ୪ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଉକ୍ତ ଆତତାୟୀଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି ଏବଂ ପଚରାଉଚରା ଜାରି ରଖିଛି। ସୂଚନାଯୋଗ୍ୟ, ୩ ଦିନ ମଧ୍ୟରେ ଏହା ସିଡ୍‌ନୀରେ ଦ୍ୱିତୀୟ ଛୁରାମାଡ଼ ଘଟଣା। ଶନିବାର ସିଡ୍‌ନୀର ବୋଣ୍ଡି ଅଞ୍ଚଳର ଏକ ମଲ୍‌ରେ ଜଣେ ଆତତାୟୀଙ୍କ ଛୁରାମାଡ଼ରେ ୬ଜଣଙ୍କ ମୃତ୍ୟୁ ଘଟିଥିଲା।

### ସଲ୍‌ମାନଙ୍କ ଘରକୁ ଗୁଳି ଯୋଜନା ଆମେରିକାରେ ହୋଇଥିଲା

**ନୂଆଦିଲ୍ଲୀ, ୧୫।୪:** ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କର ବାନ୍ଦ୍ରାସ୍ଥିତ ବାସଭବନ ବାହାରେ ହୋଇଥିବା ଗୁଳିକାଣ୍ଡ ପାଇଁ ଆମେରିକାରେ ଯୋଜନା ପ୍ରସ୍ତୁତ ହୋଇଥିଲା ବୋଲି ଜଣାପଡ଼ିଛି। ପେସାଦାରର ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଭାଇ ଅନ୍‌ମୋଲ ଆମେରିକାରେ ରହୁଥିବାବେଳେ ତାଙ୍କୁ ଶୁଟର ଯୋଗାଡ଼ ଦାୟିତ୍ୱ ଦିଆଯାଇଥିଲା ବୋଲି କୁହାଯାଉଛି। ଶୁଟରମାନଙ୍କ ଏକ ନେଟ୍‌ୱର୍କ ଏହି ଯୋଜନା ସହ ସମ୍ପୃକ୍ତ। ୨ ଜଣ ଶୁଟରେ ଗାଲାକ୍ସି ଆପାର୍ଟମେଣ୍ଟ ବାହାରେ ୪ ରାଉଣ୍ଡ ଗୁଳି ଫୁଟାଇ ଫେରାର ହୋଇଯାଇଥିଲେ। ଜଣେ ସନ୍ଦିଗ୍ଧଙ୍କୁ ପୋଲିସ ଚିହ୍ନଟ କରିଛି। ସେ ଲରେନ୍ସ ଗ୍ୟାଙ୍ଗ୍‌ର ସହଯୋଗୀ ବିଶାଲ ଓରଫ କାଲୁ ବୋଲି ପୋଲିସ କହିଛି। ଏକ ମୋଟରସାଇକେଲ ଚୋରି ଘଟଣାରେ ପୋଲିସ ବିଶାଲଙ୍କୁ ପ୍ରଥମେ ୨୦୨୦ରେ ଗିରଫ କରି ତିହାର ଜେଲ ପଠାଇଥିଲା। ଶୁଟିଂରେ ବିଶାଲଙ୍କ ସହ ଆଉ ଜଣେ ଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ପୋଲିସ ତାଙ୍କୁ ଚିହ୍ନଟ କରିଥିଲେ ମଧ୍ୟ ପରିଚୟ ପ୍ରକାଶ କରିନାହିଁ।

# ଇରାନ୍‌ର ୮୦ ଯୁଏଭିକୁ ଧ୍ୱଂସ କରିଛି ଆମେରିକା



**ୱାଶିଂଟନ, ୧୫।୪ (ପି.ଟି.)**

ଇସ୍ରାଏଲ ଉପରେ ଆକ୍ରମଣ ବେଳେ ଇରାନ ଛାଡ଼ିଥିବା ୮୦ରୁ ଊର୍ଦ୍ଧ୍ୱ ଯୁଏଭି ଏବଂ ଅନ୍ୟୂନ ୬ଟି ବାଲିଷ୍ଟିକ୍ ମିଶାଇଲ୍‌କୁ ଆମେରିକା ଧ୍ୱଂସ କରିଦେଇଥିବା ପେଣ୍ଟାଗନ କହିଛି। ଇସ୍ରାଏଲ୍‌କୁ ମାଡ଼ କରିବା ପୂର୍ବରୁ ହୁଟି ନିୟନ୍ତ୍ରିତ ୟେମେନ୍ ଅଞ୍ଚଳରେ ଥିବା ଇରାନର ଗୋଟିଏ ବାଲିଷ୍ଟିକ୍ ମିଶାଇଲ ସହ ଲଞ୍ଚର ଭେହିକଲ୍, ୭ଟି ଯୁଏଭିକୁ ନଷ୍ଟ କରାଯାଇଥିଲା ବୋଲି ଆମେରିକା ସେଣ୍ଟ୍ରାଲ କମାଣ୍ଡ କହିଛି। ଏପ୍ରିଲ ୧ରେ ସିରିଆସ୍ଥିତ ଇରାନ ଦୂତାବାସ ଉପରେ ଇସ୍ରାଏଲ୍ ସେନାର ଏୟାରଷ୍ଟ୍ରାଇକ୍ ଯୋଗୁ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି)ର ୫ ସଦସ୍ୟ ଓ ୨ ବରିଷ୍ଠ ଜେନେରାଲଙ୍କ ସମେତ ୧୬ ଜଣ ନିହତ ହୋଇଥିଲେ। ଏହାର ପ୍ରତିଶୋଧ ନେବାକୁ ଯାଇ ଇରାନ ଶନିବାର ବିଳମ୍ବିତ ରାତିରେ ଇସ୍ରାଏଲ୍ ଉପରେ ଜୋର୍‌ଦାର ଆକ୍ରମଣ କରିଥିଲା। ତେହରାନ୍ ପକ୍ଷରୁ ୩୦୦ରୁ ଅଧିକ ମିଶାଇଲ ଓ ଡ୍ରୋନ୍ ମାଡ଼ କରାଯାଇଥିବାବେଳେ ଇସ୍ରାଏଲ୍ ଏହାର ଉପଯୁକ୍ତ ମୁକାବିଲା କରିଥିଲା। ପ୍ରାୟ ୯୯ ପ୍ରତିଶତ ମିଶାଇଲ୍ ଓ ଡ୍ରୋନ୍‌କୁ ଇସ୍ରାଏଲ୍, ଆମେରିକା ଓ ମିତ୍ରଶକ୍ତି ସେନା ଖସାଇ ଦେଇଥିଲେ। ଇରାନ ଇସ୍ରାଏଲକୁ ଟାର୍ଗେଟ କରି ୧୭୦ ଡ୍ରୋନ୍, ୧୨୦ ବାଲିଷ୍ଟିକ୍ ମିଶାଇଲ ଏବଂ ୩୦ କ୍ରୁଜ୍ ମିଶାଇଲ୍ ନିକ୍ଷେପ କରିଥିଲା। ସମସ୍ତ ଡ୍ରୋନ୍ ଓ କ୍ରୁଜ୍ ମିଶାଇଲ୍‌କୁ ସଫଳତାର ସହ ପ୍ରତିହତ କରାଯାଇଥିବାବେଳେ ବାଲିଷ୍ଟିକ୍ ମିଶାଇଲ୍‌ର ପ୍ରାୟ ୫୦ ପ୍ରତିଶତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଫଳ ହୋଇଥିଲା ବା ଏହାକୁ ଖସାଇ ଦିଆଯାଇଥିଲା। ଇସ୍ରାଏଲ୍ ବିରୋଧରେ ଇରାନର ପ୍ରତ୍ୟକ୍ଷ ତଥା ଅଭୂତପୂର୍ବ ଆକ୍ରମଣକୁ ଜି-୭ ନେତାମାନେ ମିଳିତ ଭାବେ ନିନ୍ଦା କରିଛନ୍ତି। ଏହା ଅନିୟନ୍ତ୍ରିତ ଆଞ୍ଚଳିକ ଉତ୍ତେଜନା ସୃଷ୍ଟି କରିବ ବୋଲି ସେମାନେ ସତର୍କ କରାଇଛନ୍ତି। ଇରାନ ଆକ୍ରମଣ କରି ଜାତିସଂଘ ଘୋଷଣାପତ୍ର ଏବଂ ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ କରିଥିବା ଇସ୍ରାଏଲ୍ ଅଭିଯୋଗ କରିଛି। ଏହା ଆଞ୍ଚଳିକ ଅସ୍ଥିରତା ବଢ଼ାଉଥିବା ଇସ୍ରାଏଲ୍ କହିଛି। ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ପାଇଁ ଇରାନକୁ ମିଳିତ ଭାବେ ନିନ୍ଦା କରି ଜାତିସଂଘ ନିରାପତ୍ତା ପରିଷଦରେ ପ୍ରସ୍ତାବ ଗୃହୀତ କରାଇବାକୁ ଇସ୍ରାଏଲ୍ ଆହ୍ୱାନ ଦେଇଛି। ଏଥିସହିତ ଇରାନର ଇସ୍‌ଲାମିକ ରିଭଲ୍ୟୁଶନାରୀ ଗାର୍ଡ କର୍ (ଆଇଆର୍‌ଜିସି)କୁ ତୁରନ୍ତ ଆତଙ୍କବାଦୀ ସଂଗଠନ ଘୋଷଣା କରାଯିବାକୁ ଜେରୁଜେଲମ୍ ଦାବି କରିଛି। ଅନ୍ୟପକ୍ଷରେ ଜାତିସଂଘ ଘୋଷଣାପତ୍ରର ଅନୁଚ୍ଛେଦ ୫୧ ଅନୁଯାୟୀ ଆତ୍ମରକ୍ଷା ଅଧିକାର ସ୍ୱରୂପ କାର୍ଯ୍ୟାନୁଷ୍ଠାନ ନେଇଥିବା ଇରାନ କହିଛି।

## ବିମାନସେବା ପ୍ରଭାବିତ

ଇରାନ ଓ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାରୁ ଉକ୍ତ ଅଞ୍ଚଳରେ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଇରାନ ଓ ଇସ୍ରାଏଲ୍ ସମେତ ଏହାର ପାର୍ଶ୍ୱବର୍ତ୍ତୀ ୧୦୦ ନଟିକାଲ ମାଇଲ ମଧ୍ୟରେ ଉଡ଼ାଣ କରୁଥିବା ଏୟାରଲାଇନ୍ସକୁ ୟୁରୋପିଆନ୍ ୟୁନିୟନ ଆଭିଏଶନ ସେଫ୍ଟି ଏଜେନ୍ସି (ଇଏଏସ୍‌ଏ) ପୂର୍ବରୁ ସତର୍କ କରାଇଥିବାବେଳେ ସୋମବାର ଏହାକୁ ଦୋହରାଇଛି। ଏହି ସଂସ୍ଥା ମଧ୍ୟପ୍ରାଚ୍ୟ ସ୍ଥିତି ଉପରେ ନଜର ରଖିଥିବାବେଳେ ବିମାନ ସେବା ପ୍ରତି ସମ୍ଭାବ୍ୟ ପ୍ରଭାବର ଅନୁଧ୍ୟାନ କରୁଛି। ସତର୍କତା ସତ୍ତ୍ୱେ ବେସାମରିକ ବିମାନ ଚଳାଚଳ ପ୍ରତି କୌଣସି ବିପଦ ନ ଥିବା ଇଏଏସ୍‌ଏ କହିଛି। ଏହାର ସତର୍କ ସୂଚନା କ୍ରମେ ଏୟାର ଇଣ୍ଡିଆ ଏହାର ବିମାନ ଚଳାଚଳ ରୁଟ୍‌ରେ କେତେକ ପରିବର୍ତ୍ତନ କରିଛି। ଉତ୍ତେଜନା ଲାଗିରହିଥିବା ଉକ୍ତ ଅଞ୍ଚଳରେ ଜିପିଏସ୍ ସିଗ୍‌ନାଲ ଜାମିଂ ଏବଂ ସ୍ପୁଫିଙ୍ଗ ଖବର ମିଳିବାରୁ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ବିକଳ୍ପ ରୁଟ୍‌ରେ ବିମାନ ଚଳାଚଳ କରାଯାଉଛି।

## ଜବତ ଜାହାଜର ୧୭ କର୍ମଚାରୀଙ୍କୁ ଭେଟିପାରିବେ ଭାରତୀୟ କର୍ତ୍ତୃପକ୍ଷ

**ନୂଆଦିଲ୍ଲୀ, ୧୫।୪(ପି.ଟି.)**

ଇରାନ ସେନା କବ୍‌ଜା କରିଥିବା ଇସ୍ରାଏଲୀ ମାଲ୍‌ବାହୀ ଜାହାଜର ୧୭ କର୍ମଚାରୀଙ୍କୁ ଭାରତୀୟ କର୍ତ୍ତୃପକ୍ଷ ଭେଟିପାରିବେ। ଏଥିପାଇଁ ଇରାନ ଅନୁମତି ଦେବ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରୀ ହୋସେନ୍ ଅମିର-ଅବଦୁଲ୍ଲାହିଆନ୍ କହିଛନ୍ତି। ପ୍ରତିପକ୍ଷ ଏସ୍. ଜୟଶଙ୍କରଙ୍କ ସହ ଟେଲିଫୋନ୍ କଥାବାର୍ତ୍ତା ବେଳେ ଅବଦୁଲ୍ଲାହିଆନ୍ ଉପରୋକ୍ତ ସୂଚନା ଦେଇଛନ୍ତି। କଣ୍ଟେନର ଜାହାଜରେ ଥିବା ଭାରତୀୟ କ୍ରିଉ ମେମ୍ବରମାନଙ୍କୁ ମୁକ୍ତ କରିଦେବା ପାଇଁ ଜୟଶଙ୍କର ଇରାନ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ କହିଥିଲେ। ସୂଚନାଯୋଗ୍ୟ, ଇରାନର ଅର୍ଦ୍ଧସାମରିକ ରିଭଲ୍ୟୁଶନାରି ଗାର୍ଡ ଶନିବାର ଇସ୍ରାଏଲୀ ସ୍ୱୀକୃତିପ୍ରାପ୍ତ ମାଲ୍‌ବାହୀ ଜାହାଜକୁ ହୋରମୁଜ୍ ପ୍ରଣାଳୀରୁ ଜବତ କରିଥିଲା। ସୈନ୍ୟମାନେ ଏକ ହେଲିକପ୍ଟରରୁ ଉକ୍ତ ଜାହାଜ ଉପରେ ଖସିଥିଲେ। ଇରାନ ଉକ୍ତ ଅଞ୍ଚଳରେ ଉତ୍ତେଜନା ବଢ଼ାଉଥିବାବେଳେ ଜାହାଜ ଜବତ କରିବାର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଇସ୍ରାଏଲୀ ସେନା ଚେତାବନୀ ଦେଇଥିଲା। ସେହିଦିନ ବିଳମ୍ବିତ ରାତିରେ ଇରାନ ଇସ୍ରାଏଲ୍ ଉପରେ ୩୦୦ ମିଶାଇଲ୍ ଓ ଡ୍ରୋନ୍ ମାଡ଼ କରିଥିବାବେଳେ ଇସ୍ରାଏଲୀ ଡିଫେନ୍ସ ସିଷ୍ଟମ ୯୯ ପ୍ରତିଶତ ମିଶାଇଲକୁ ପ୍ରତିହତ କରିଥିଲା।

## ୱଙ୍ଗ୍‌ଙ୍କୁ କ୍ଷମତା ହସ୍ତାନ୍ତର କରିବେ ସିଙ୍ଗାପୁର ପ୍ରଧାନମନ୍ତ୍ରୀ



ଲି ସିଏନ୍ ଲୁଙ୍ଗ୍ | ଲରେନ୍ସ ୱଙ୍ଗ୍

**ନୂଆଦିଲ୍ଲୀ, ୧୫।୪**

ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲି ସିଏନ୍ ଲୁଙ୍ଗ୍ କ୍ଷମତାରୁ ଓହରିଯିବାକୁ ସୋମବାର ଘୋଷଣା କରିଛନ୍ତି। ସେ ମେ' ୧୫ରେ ତାଙ୍କ ଉତ୍ତରାଧିକାରୀ ଭାବେ ଲରେନ୍ସ ୱଙ୍ଗ୍‌ଙ୍କୁ କ୍ଷମତା ହସ୍ତାନ୍ତର କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ୱଙ୍ଗ୍ ଏବେ ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ଅଛନ୍ତି। ୨୦୦୨ରୁ ସେ ପ୍ରଧାନମନ୍ତ୍ରୀ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ରହିଆସିଛନ୍ତି। କ୍ଷମତା ହସ୍ତାନ୍ତର ଏକ ଉଲ୍ଲେଖନୀୟ ମୁହୂର୍ତ୍ତ ବୋଲି ଲି କହିଛନ୍ତି। ସେ ମେ' ୧୫ରେ ନିଜ ପଦ ତ୍ୟାଗ କରିବା ପରେ ୱଙ୍ଗ୍ ସେହିଦିନ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ବୋଲି ଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନେତୃତ୍ୱ ସ୍ଥାନାନ୍ତର ପ୍ରକ୍ରିୟାରେ ବାଧା ସୃଷ୍ଟି ହେବାରୁ ୱଙ୍ଗ ୨୦୨୨ ଏପ୍ରିଲରୁ ଅପେକ୍ଷମାଣ ପ୍ରଧାନମନ୍ତ୍ରୀ ଭାବେ ରହିଆସିଥିଲେ।

## କନ୍ନଡ଼ ଫିଲ୍ମ ନିର୍ମାତାଙ୍କ ଆତ୍ମହତ୍ୟା



ସୌନ୍ଦର୍ଯ୍ୟ ଜଗଦୀଶ

**ବେଙ୍ଗାଲୁରୁ, ୧୫।୪**

ଆତ୍ମହତ୍ୟା ଉଦ୍ୟମ କରିଥିବା କନ୍ନଡ଼ ଚଳଚ୍ଚିତ୍ର ନିର୍ମାତା ତଥା ବ୍ୟବସାୟୀ ସୌନ୍ଦର୍ଯ୍ୟ ଜଗଦୀଶଙ୍କର ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ ବେଙ୍ଗାଲୁରୁର ମହାଲକ୍ଷ୍ମୀ ଲେଆଉଟ୍‌ସ୍ଥିତ ବାସଭବନରେ ରବିବାର ସକାଳେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟା କରିବାର କାରଣ ଜଣାପଡ଼ି ନାହିଁ। ତାଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ନ ଥିଲା। ତେବେ ନିକଟରେ ତାଙ୍କ ପାଖକୁ ଏକ ବ୍ୟାଙ୍କ ନୋଟିସ ଆସିଥିଲା। ତାହା ଆତ୍ମହତ୍ୟାର କାରଣ ହୋଇଥାଇପାରେ ବୋଲି ବିଶ୍ୱାସ କରାଯାଉଛି।

## ୪,୬୫୦ କୋଟି ଜବତ କଲାଣି ଇସି

**ନୂଆଦିଲ୍ଲୀ, ୧୫।୪**

ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନକୁ ଆଉ ୪ ଦିନ ବାକି ଥିବାବେଳେ ବର୍ତ୍ତମାନ ସୁଦ୍ଧା ଆଇନ ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷ ବିଭିନ୍ନ ଅଞ୍ଚଳରୁ ୪,୬୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଜବତ କରିଥିବା ଭାରତର ନିର୍ବାଚନ କମିଶନ (ଇସିଆଇ) ସୋମବାର ସୂଚନା ଦେଇଛନ୍ତି। ଲୋକ ସଭା ନିର୍ବାଚନ ଇତିହାସରେ ଏହା ସର୍ବାଧିକ ଅର୍ଥ ଜବତ ବୋଲି କୁହାଯାଉଛି। ମାର୍ଚ୍ଚ ୧ରୁ ଦୈନିକ ହାରାହାରି ୧୦୦ କୋଟି ଟଙ୍କା ଜବତ ହେଉଛି। ୨୦୧୯ର ସମ୍ପୂର୍ଣ୍ଣ ନିର୍ବାଚନ କାଳରେ ମୋଟ ୩,୪୭୫ କୋଟି ଟଙ୍କାରୁ ଅଧିକ ଜବତ ହୋଇଥିବାବେଳେ ଚଳିତ ଥର ଗୋଟିଏ ପର୍ଯ୍ୟାୟ ନିର୍ବାଚନ ଶେଷ ନ ହେଉଣୁ ତା'ଠାରୁ ବହୁତ ଅଧିକ ଜବତ ହେଲାଣି। ୨୦୧୯ ସାଧାରଣ ନିର୍ବାଚନ ତୁଳନାରେ ଏଥର ଅଧିକ ନିଶାଦ୍ରବ୍ୟ ଏବଂ ମାଗଣା ଉପହାର ଜବତ ହୋଇଛି। ବର୍ତ୍ତମାନ ସୁଦ୍ଧା ଜବତ ଡ୍ରଗ୍ସ ପରିମାଣ ୨,୦୬୮.୮ କୋଟି ଟଙ୍କା, ଯାହାକି ୨୦୧୯ ସାଧାରଣ ନିର୍ବାଚନ ବେଳେ ୧,୨୭୯.୯ କୋଟି ଟଙ୍କା ଥିଲା। ନିର୍ବାଚନରେ ଅସାଧୁ କାର୍ଯ୍ୟକୁ ରୋକି ସମସ୍ତଙ୍କୁ ସମାନ ସୁଯୋଗ ଦେବାର ସଂକଳ୍ପ ସ୍ୱରୂପ ବ୍ୟାପକ ଯାଞ୍ଚ ଜାରି ରହିଛି।

## ଆଫଗାନିସ୍ତାନରେ ବନ୍ୟା, ୩୩ ମୃତ

**କାବୁଲ, ୧୫।୪**

ଆଫଗାନିସ୍ତାନରେ ଗତ ୩ ଦିନ ଧରି ଲଗାଣ ବର୍ଷା ଯୋଗୁ ବନ୍ୟା ବିଭୀଷିକା ଘଟି ୩୩ ଜଣଙ୍କର ମୃତ୍ୟୁ ଘଟିଛି। ଏହି ବନ୍ୟାରେ ୨୭ ଜଣ ଆହତ ହୋଇଥିବାବେଳେ ୬୦୦ ଘର କ୍ଷତିଗ୍ରସ୍ତ ହୋଇଥିବା ତାଲିବାନର ମୁଖପାତ୍ର ଅବଦୁଲ୍ଲାହ ଜନାନ୍ ସୈକ୍ ସୂଚନା ଦେଇଛନ୍ତି। ସେହିପରି ବନ୍ୟାରେ ୨୦୦ରୁ ଅଧିକ ଗୃହପାଳିତ ପଶୁଙ୍କର ମୃତ୍ୟୁ ଘଟିଛି। ବନ୍ୟା ପ୍ରଭାବରେ ୮୫ କିଲୋମିଟର ରାସ୍ତା ଓ ୮୦୦ ହେକ୍ଟର କୃଷିଜମି କ୍ଷତିଗ୍ରସ୍ତ ହୋଇଥିବା ସେ ସୂଚନା ଦେଇଛନ୍ତି। ଖାସକରି ଦେଶର ପଶ୍ଚିମ ଫରାହ, ହେରାତ, ଦକ୍ଷିଣ ଜାବୁଲ ଓ କନ୍ଦାହାର ଆଦି ପ୍ରଦେଶ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଆଗାମୀ ଦିନରେ ଏଠାକାର ୩୪ ପ୍ରଦେଶରେ ଅଧିକ ବର୍ଷା ହେବା ଆକଳନ କରାଯାଇଛି।

## କେଜ୍‌ରିୱାଲଙ୍କ ଆବେଦନର ତ୍ୱରିତ ଶୁଣାଣି ହେବନି

### ହାଜତ ମିଆଦ ୨୩ ଯାଏ ବଢ଼ିଲା

**ନୂଆଦିଲ୍ଲୀ, ୧୫।୪**



ଅରବିନ୍ଦ କେଜ୍‌ରିୱାଲ

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଗିରଫଦାରିକୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଏହାର ତ୍ୱରିତ୍ ଶୁଣାଣି ପାଇଁ ଅଦାଲତ ମନା କରିଦେଇଛନ୍ତି। ଗିରଫଦାରି ଉପରେ ସର୍ବୋଚ୍ଚ ଅଦାଲତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଜବାବ ମାଗିଥିବାରୁ ଶୁଣାଣି ପାଇଁ ଅପେକ୍ଷା କରିବାକୁ ପଡ଼ିବ। ଏପ୍ରିଲ ୨୯ରେ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ ହୋଇଛି। ଅର୍ଥାତ୍ ସେ ପର୍ଯ୍ୟନ୍ତ କେଜ୍‌ରିୱାଲଙ୍କୁ ଜେଲରେ ରହିବାକୁ ହେବ। କେଜ୍‌ରିୱାଲଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ହାଜର ହୋଇ ଅଦାଲତଙ୍କ ଅନ୍ତଃକରଣକୁ ଦୋହଲାଇଦେବା ଭଳି ତଥ୍ୟ ତାଙ୍କ ପାଖରେ ରହିଥିବା ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କ ଖଣ୍ଡପୀଠଙ୍କୁ କହିବା ସହ ତ୍ୱରିତ୍ ଶୁଣାଣି ପାଇଁ ନିବେଦନ କରିଥିଲେ। ତେବେ ଖଣ୍ଡପୀଠ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ତିହାର ଜେଲରେ ଥିବା କେଜ୍‌ରିୱାଲଙ୍କ ବିଚାର ବିଭାଗୀୟ ହାଜତ ମିଆଦକୁ ଦିଲ୍ଲୀର ଏକ ଅଦାଲତ ୨୩ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ତଦନ୍ତ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ଥିବାରୁ କେଜ୍‌ରିୱାଲଙ୍କ ହାଜତ ମିଆଦ ୧୪ ଦିନ ବଢ଼ାଇବା ପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଆବେଦନ କରିଥିଲା। ତେବେ ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ହାଜତ ମିଆଦକୁ ସପ୍ତାହେ ବଢ଼ାଇଛନ୍ତି। ମାର୍ଚ୍ଚ ୨୧ରେ ଇଡି କେଜ୍‌ରିୱାଲଙ୍କୁ ଗିରଫ କରିଥିଲା। ଗତ ୧ ତାରିଖରେ ଅଦାଲତ ତାଙ୍କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇଥିଲେ।



ଆମେରିକାର ଡେଲାୱାରେ ସହର ଅନ୍ତର୍ଗତ ନ୍ୟୁ କାଷ୍ଟଲ୍‌ଠାରେ ନୃତ୍ୟାଙ୍ଗନାମାନେ ବୈଶାଖୀ ଉତ୍ସବ ପାଳନ କରୁଛନ୍ତି। ଏହି ଅବସରରେ ଡେଲାୱାରେର ୭ ଜନପ୍ରତିନିଧି ଭାଙ୍ଗ୍ରା ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ଫୁର୍‌ସତ୍



### ସ୍ୱାସ୍ଥ୍ୟଗତ କାରଣରୁ ନିର୍ବାଚନ ଲଢୁନାହାନ୍ତି କିରନ

**ନୂଆଦିଲ୍ଲୀ:** ଚଣ୍ଡିଗଡ଼ରୁ ଲଗାତର ୨ ଥର ଏମ୍‌ପି ଥିବା ବଲିଉଡ୍ ଅଭିନେତ୍ରୀ କିରନ ଖେର୍ ଚଳିତ ଲୋକ ସଭା ନିର୍ବାଚନ ଲଢୁନାହାନ୍ତି। ଚଣ୍ଡିଗଡ଼ରୁ ଭାଜପା ତାଙ୍କ ବଦଳରେ ସଞ୍ଜୟ ଟଣ୍ଡନଙ୍କୁ ଟିକେଟ ଦେଇଛି। ତେବେ ଦଳ ତାଙ୍କ ଟିକେଟ କାଟି ନ ଥିବା ଏକ ସାକ୍ଷାତ୍‌କାରରେ କିରନ ସ୍ପଷ୍ଟ କରିଛନ୍ତି। ସ୍ୱାସ୍ଥ୍ୟଗତ କାରଣରୁ ସେ ନିଜଆଡୁ ନିର୍ବାଚନ ଲଢ଼ିବାକୁ ଭାଜପା ଶୀର୍ଷ ନେତୃତ୍ୱକୁ ମନା କରିଥିବା କହିଛନ୍ତି। ୨ ମାସ ପୂର୍ବରୁ କିରନ ଚଳିତ ନିର୍ବାଚନ ଲଢ଼ିବେ ନାହିଁ ବୋଲି ସ୍ଥିର କରିଥିଲେ ଏବଂ ଏନେଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡା ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଜଣାଇଥିଲେ। ଚଳିତ ନିର୍ବାଚନରୁ ମୁକ୍ତ କରିବାକୁ ଉଭୟ ନେତାଙ୍କୁ ସେ ଅନୁରୋଧ କରିଥିବା ଏହି ସାକ୍ଷାତ୍‌କାରରେ କିରନ କହିଛନ୍ତି। ୨୦୨୧ରେ କିରଣ କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ମୁମ୍ବାଇରେ ତାଙ୍କର ଚିକିତ୍ସା ଚାଲିଥିଲା। ଚିକିତ୍ସା ପାଇଁ ମୁମ୍ବାଇରେ ତାଙ୍କୁ ପ୍ରାୟ ବର୍ଷେ ରହିବାକୁ ପଡ଼ିଥିଲା, ଫଳରେ ସେ ଦୀର୍ଘ ଦିନ ଧରି ନିଜ ନିର୍ବାଚନମଣ୍ଡଳୀ ଚଣ୍ଡିଗଡ଼କୁ ଯାଇପାରି ନ ଥିଲେ। ଯଦିଓ ସେ ଏବେ କର୍କଟ ରୋଗରୁ ସୁସ୍ଥଲାଭ କରିଛନ୍ତି କିନ୍ତୁ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇ ଚଳିତ ନିର୍ବାଚନ ନ ଲଢ଼ିବାକୁ ସ୍ଥିର କରିଥିବା କିରନ କହିଛନ୍ତି।

### ଗୋଟିଏ ପରିବାରରୁ ୩୫୦ ଭୋଟର

**ସୋନିତ୍‌ପୁର:** ଭାରତରେ ଏବେ ଲୋକ ସଭା ନିର୍ବାଚନର ଜୋରଦାର ମାହୋଲ ରହିଛି। ଜନସାଧାରଣଙ୍କ ଭୋଟ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳ, ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ କଡ଼ା କସରତ ହେଉଥିବା ଦେଖିବାକୁ ମିଳିଛି। ତେବେ ଏହାରି ମଧ୍ୟରେ ଗୋଟିଏ ପରିବାର ଉପରେ ଆସାମର ସବୁ ରାଜନୈତିକ ଦଳଙ୍କର ନଜର ରହିଛି। ଆସାମର ସୋନିତ୍‌ପୁର ଜିଲାର ଫୁଲୋଗୁରୀ ନେପାଳିପାମ୍ ଗ୍ରାମରେ ସ୍ୱର୍ଗତ ରନ୍ ବାହାଦୁର ଥାପ୍ପାଙ୍କ ପରିବାର ଦେଶରେ ସର୍ବାଧିକ ଭୋଟର ଥିବା ପରିବାର ଭାବେ ରେକର୍ଡ କରିଛି। ସୋନିତ୍‌ପୁର ସଂସଦୀୟ କ୍ଷେତ୍ରର ରଙ୍ଗାପାରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ରହୁଥିବା ଏହି ପରିବାରରେ ୧୨୦୦ରୁ ଅଧିକ ସଦସ୍ୟ ଥିବାବେଳେ ପ୍ରାୟ ୩୫୦ ଜଣ ମତଦାତା ରହିଛନ୍ତି। ରନ୍ ବାହାଦୁର ଥାପ୍ପାଙ୍କର ୫ ସ୍ତ୍ରୀ ଥିବାବେଳେ ତାଙ୍କର ୧୨ ଜଣ ପୁଅ ଏବଂ ୯ ଜଣ ଝିଅ ଅଛନ୍ତି। ସେହିପରି ତାଙ୍କର ୧୫୦ରୁ ଅଧିକ ନାତି-ନାତୁଣୀ ଥିବା ରନ୍‌ଙ୍କ ପୁଅ ତଥା ନେପାଳପିପାମ୍ ଗାଁର ମୁଖ୍ୟ ତିଲ୍ ବାହାଦୁର ଥାପ୍ପା କହିଛନ୍ତି। ସ୍ୱର୍ଗତ ରନ୍ ବାହାଦୁର ଥାପ୍ପା ୧୯୬୪ ମସିହାରେ ନିଜ ପିତାଙ୍କ ସହ ସୋନିତ୍‌ପୁର ଜିଲାର ଫୁଲୋଗୁରୀ ନେପାଳିପାମ ଗ୍ରାମକୁ ବସବାସ କରିବାକୁ ଆସିଥିବା ପୁଅ ତିଲ୍ ସୂଚନା ଦେଇଛନ୍ତି। ତେବେ ୧୯୯୭ରେ ରନ୍ ବାହାଦୁରଙ୍କ ମୃତ୍ୟୁ ହୋଇଥିଲା। ତେବେ ଥାପ୍ପା ପରିବାରର ଏତେବଡ଼ ଉପସ୍ଥିତି ଥାଇ ମଧ୍ୟ ସେମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ଲାଭ ପାଇପାରୁ ନ ଥିବା ତିଲ୍ ଅଭିଯୋଗ କରିଛନ୍ତି। ତାଙ୍କ ପରିବାରର ପିଲାମାନେ ଉଚ୍ଚଶିକ୍ଷା ଲାଭ କରିଥିଲେ ମଧ୍ୟ ସରକାରୀ ଚାକିରି ପାଉ ନ ଥିବାରୁ ସେ ନିରାଶ ବ୍ୟକ୍ତ କରିଛନ୍ତି। ଏପରିକି ପରିବାରର କିଛି ସଦସ୍ୟ ବେଙ୍ଗାଲୁରୁ ଯାଇ ବେସରକାରୀ ଚାକିରି କରୁଥିବାବେଳେ ଅନ୍ୟ କିଛି ସଦସ୍ୟ ଦୈନିକ ମଜୁରିଆ ଶ୍ରମିକ ଭାବେ ପେଟ ପୋଷୁଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ୧୯ରେ ସୋନିତ୍‌ପୁର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ପ୍ରାୟ ୧୬.୨୫ ଲକ୍ଷ ମତଦାତା ନିଜ ମତାଧିକାର ସାବ୍ୟସ୍ତ କରିବେ। ଆସାମର ୧୪ଟି ଲୋକ ସଭା ଆସନ ପାଇଁ ୩ଟି ପର୍ଯ୍ୟାୟ ଏପ୍ରିଲ ୧୯, ଏପ୍ରିଲ ୨୬ ଓ ମେ ୭ରେ ନିର୍ବାଚନ ଅନୁଷ୍ଠିତ ହେବ।



# ମାଲକାନଗିରିରେ ପୋଲିସ ଡିଜିଙ୍କ ଆଇନଶୃଙ୍ଖଳା ସମୀକ୍ଷା

ମାଲକାନଗିରି,୧୫ା୪
(ଦୁର୍ଯ୍ୟୋଧନ ପାତ୍ର)


ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଯୋଡାମ୍ବ ଥାନାରେ ପୋଲିସ ଡିଜି ଅରୁଣ ଷଡଙ୍ଗୀ ଓ ଅନ୍ୟ ଅଧିକାରୀ।

ମାଲକାନଗିରି ଜିଲାକୁ ସୋମବାର ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ଆସି ନିର୍ବାଚନ ସମ୍ବନ୍ଧୀୟ ଆଇନଶୃଙ୍ଖଳା ବିଷୟରେ ସମୀକ୍ଷା କରିଥିଲେ। ସେ ହେଲିକପ୍ଟର ଯୋଗେ ଆସି ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଗୁରାସେତୁ ବିଏସ୍ଏଫ୍ କ୍ୟାମ୍ପ ନିକଟରେ ଅବତରଣ କରିଥିଲେ। ସେଠାରେ ଏସ୍ଓଜି ଓ ବିଏସ୍ଏଫ ଅଧିକାରୀ ଓ ଯବାନମାନଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ପରେ ସେ ଯୋଡାମ୍ବ ଓ ପାପରମେଟଲା ଥାନା ଅଧିକାରୀ ଓ ଚିତ୍ରକୋଣ୍ଡା ଏସ୍ଡିପିଓଙ୍କ ସହ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏଥିରେ ବିଶେଷ କରି ଚଳିତ ନିର୍ବାଚନ କିପରି ଶାନ୍ତିଶୃଙ୍ଖଳାର ସହ ହେବ ସେଥିପାଇଁ କି କି ପଦକ୍ଷେପ ନିଆଯାଇଛି ସେ ବିଷୟରେ ଆଲୋଚନା କରିଥିଲେ।

ଚିତ୍ରକୋଣ୍ଡା ମାଓବାଦୀ ପ୍ରଭାବିତ ଅଞ୍ଚଳ ହୋଇଥିବାରୁ ଏଠାରେ ପୋଲିସ, ବିଏସ୍ଏଫ୍ ଓ ଏସ୍ଓଜି ଯବାନମାନେ ସଜାଗ ରହିବା ସହ ଗୋଇନ୍ଦା ତଥ୍ୟ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଚିତ୍ରକୋଣ୍ଡା ଅଞ୍ଚଳ ଆନ୍ଧ୍ର ସୀମାରେ କୋମ୍ବିଂକୁ ଜୋରଦାର କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ସେ ମାଲକାନଗିରି ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଦାଧିକାରୀମାନଙ୍କ ସହ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଆଗାମୀ ନର୍ବାଚନ କିପରି ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାରେ ହେବ ସେ ବିଷୟରେ ବିଏସ୍ଏଫ, ଏସ୍ଓଜି ଓ ପୋଲିସ ପଦାଧିକାରୀମାନଙ୍କ ସହ ଏକ ବୈଠକ କରିଥିଲେ। ଆଗାମୀ ଦିନରେ ଜିଲାର ସୀମାବର୍ତ୍ତୀ ଅଞ୍ଚଳଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବା ସହ ଯାନବାହନ ଯାଞ୍ଚ, କୋମ୍ବିଂ ଓ ମାଦକ ଦ୍ରବ୍ୟ ନିୟନ୍ତ୍ରଣ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୋଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ତଥା ରାଜ୍ୟ ନିର୍ବାଚନ ସେଲ୍ ନୋଡାଲ ଅଫିସର ସଞ୍ଜୟ କୁମାର, ଏଡିଜି ଦେବଦତ୍ତ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ଡିଆଇଜି (ଏସ୍ଆଇଡବ୍ଲ୍ୟୁ) କେ.ଭି. ସିଂ, ମାଲକାନଗିରି ଏସ୍ପି ନୀତୀଶ୍ ବାଧ୍ୱାନୀ, କୋରାପୁଟ ଏସ୍ପି ଅଭିନବ ସୋନ୍କର, ନବରଙ୍ଗପୁର ଏସ୍ପି ରୋହିତ ବର୍ମା, ରାୟଗଡା ଏସ୍ପି ହରିଶ ବିଶି, କୋରାପୁଟ ବିଏସ୍ଏଫ ଡିଆଇଜି ଶୈଳେଶ କୁମାର, ଦ୍ୱିତୀୟ ବାଟାଲିୟନ କମାଣ୍ଡାଣ୍ଟ ବରୁଣେନ୍ଦ୍ର ସିଂ, ୧୪୨ ବାଟାଲିୟନ କମାଣ୍ଡାଣ୍ଟ ଧନଞ୍ଜୟ ସିଂ, ୮୮ ବାଟାଲିୟନ କମାଣ୍ଡାଣ୍ଟ ନୀରଜ କୁମାର, ୪୫୨ ବାଟାଲିୟନର ଆଡକ ଗୁରୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ୨୬ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୫ା୪(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ପୋଲିସ ନିକଟରେ ସୋମବାର ୨୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ କିସ୍ତରାମ, ଭୈରମଗଡ, ମାଲାଙ୍ଗେର ଏବଂ କଟେକଲ୍ୟାନ ଅଞ୍ଚଳର ମାଓବାଦୀ କମିଟିରେ ସକ୍ରିୟ ଥିଲେ।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ପୋଲିସ କାର୍ଯ୍ୟାଳୟରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଦୀର୍ଘ ବର୍ଷଧରି ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିବା ବେଳେ ଅନେକ ହିଂସାକାଣ୍ଡରେ ସାମିଲ ଥିଲେ। ତେବେ ମାଓବାଦୀ ସଙ୍ଗଠନ ଧୀରେ ଧୀରେ ଦୁର୍ବଳ ହୋଇ ପଥଭ୍ରଷ୍ଟ ହୋଇଥିବାରୁ ଏମାନେ ସାଧାରଣ ଜୀବନ ଯାପନ ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ମାଓବାଦୀଙ୍କ ମଧ୍ୟରେ ଜଣେ ୧ଲକ୍ଷ ପୁରସ୍କାର ଘୋଷିତ କ୍ୟାଡ଼ର ମାଓବାଦୀ ଥିବା ଜଣାପଡିଛି। ଆତ୍ମସମର୍ପଣ ପରେ ସରକାରୀ ନିୟମ ଅନୁଯାୟୀ ସମସ୍ତଙ୍କୁ ଥଇଥାନ କରାଯିବ ବୋଲି ଦାନ୍ତେୱାଡା ଏସ୍ପି ଗୌରବ ରାୟ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେତିକି କରିବ ଆଉଁଶା ଘଷା**
**ସେତିକି ହୋଇବ ସରସା।**

ଆଜିକାଲି ଆମ ସମାଜରେ ପ୍ରିୟାପ୍ରୀତିତୋଷଣ ବଢ଼ି ଚାଲୁଥିବା ବେଳେ ତୋଷାମଦ ବଳରେ ସବୁକିଛି ସମ୍ଭବ ହୋଇପାରୁଥିବା ଲକ୍ଷ୍ୟ କରାଯାଉଛି। ବ୍ୟକ୍ତିବିଶେଷ ନିଜର ଅଭିଷ୍ଟ ଇଚ୍ଛା ପୂର୍ଣ୍ଣ କରିବାକୁ ଯାଇ ଏହିଭଳି ପନ୍ଥା ଆପଣେଇ ନେଉଥିବା ଲକ୍ଷ୍ୟରେ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଯା'ତୁଣ୍ଡେ ନାହିଁ ଭଲ ଭାଷା**
**ତା'ଠଉଁ ଅଛି କି ଭରସା?**

ମଣିଷର ଭାଷା ଓ ବ୍ୟବହାର ହିଁ ତା'ର ଅସଲ ପରିଚୟ ବୋଲି ଜଣାଯାଇଥାଏ। ଉତ୍ତମ ଭାଷା ଓ ବ୍ୟବହାର ଦେଖାଉଥିବା ବ୍ୟକ୍ତି ସମାଜରେ ପ୍ରଶଂସିତ ହେଉଥିବା ବେଳେ ସେମାନଙ୍କ ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ପ୍ରଭାବିତ କରିପାରିଥାଏ। କିନ୍ତୁ ଯିଏ ଭଲ କରି କଥା ପଦେ କହି ଜାଣେନାହିଁ ତା'ଠାରୁ ଭଲ ଆଶା କରିବା ନିହାତି ମୂର୍ଖାମି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରାଜନୈତିକ କାର୍ଯ୍ୟରେ ସଂପୃକ୍ତି ଅଭିଯୋଗରେ ଶିକ୍ଷକଙ୍କୁ ବଦଳି

ବୌଦ୍ଧ,୧୫ା୪(ଅଜିତ କୁମାର ବାରିକ)


ବଦଳି ହୋଇଥିବା ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନ

ରାଜନୈତିକ କାର୍ଯ୍ୟରେ ସଂପୃକ୍ତି ଥିବା ଅଭିଯୋଗ ନେଇ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ବୌଦ୍ଧ ଜିଲା କଣ୍ଟାମାଳ ନିର୍ବାଚନମଣ୍ଡଳୀ ଅଧୀନ ନୂଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋବର୍ଦ୍ଧନ ପ୍ରଧାନଙ୍କୁ ଗତ ୧୩ ତାରିଖ ଦିନ ବଦଳି କରିଥିବା ଜଣାପଡିଛି। ଜିଲାପାଳ ତଥା ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପତ୍ର ସଂଖ୍ୟା ୧୦୭୧ ତା୧୩ା୪ା୨୦୨୪ ରିଖ ଅନୁଯାୟୀ ଜିଲା ଶିକ୍ଷା ଅଧିକାରୀ ଶିକ୍ଷକ ପ୍ରଧାନଙ୍କୁ ନୂଆପାଲି ଆଦିବାସୀ ଉଚ୍ଚ ବିଦ୍ୟାଳୟରୁ ବୌଦ୍ଧ ବିଧାନସଭା ମଣ୍ଡଳୀ କେଲାକଟା ପଞ୍ଚାୟତର ମୁଥୁରା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ବଦଳି କରିଛନ୍ତି। ପ୍ରକାଶଥାଉ କି, ଗତ ୧୦ ତାରିଖରେ ଏକ ରାଜନୈତିକ ରାଲିରେ ଯୋଗ ଦେବା ନେଇ ଜିଲାପାଳ ଗତ ୧୩ ତାରିଖରେ ବୌଦ୍ଧ ବ୍ଲକ ଦହ୍ୟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଂଘମିତ୍ରା ମଲ୍ଲିକଙ୍କୁ ନିଲମ୍ବିତ କରିଥିଲେ। ଜିଲାରେ ଦୁଇ ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଶିକ୍ଷକ ମହଲରେ କୋକୁଆ ଭୟ ଖେଳିଯାଇଛି।


ବୟସ୍କ ଏବଂ ଶତାୟୁ ଭୋଟରଙ୍କ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ 'ଭୋଟ୍ ଫର୍ ହୋମ୍' କାର୍ଯ୍ୟକ୍ରମ ଜରିଆରେ ସୋମବାର ଏଡିଏମ୍ ପ୍ରତାପ ଚନ୍ଦ୍ର ବେଉରା ଭୁବନେଶ୍ୱର ୟୁନିଟ୍ ୪ ମଧୁସୂଦନ ନଗର ପ୍ଲଟ୍ ନଂ.୯୨ରେ ଜଗବନ୍ଧୁ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତକରି ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

# ପାଇକମାଳ ଅଞ୍ଚଳରେ ଲାଗିଲା ମାଓବାଦୀ ବ୍ୟାନର

ପାଇକମାଳ, ୧୫ା୪(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ଅଞ୍ଚଳରେ ପୁଣି ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରିଛନ୍ତି। ରବିବାର ରାତିରେ ମାଓବାଦୀମାନେ ପାଇକମାଳ ଥାନା ଅଧୀନ ଭଗତପୁର, ମାଝିପାଲି, ସଦାନନ୍ଦପୁର ଗ୍ରାମର ବିଭିନ୍ନ ଗଛରେ ବ୍ୟାନର ଲଗାଇଥିଲେ। ପାଇକମାଳ ପୋଲିସ ସୋମବାର ଖବରପାଇ ଘଟଣାସ୍ଥଳରୁ ବ୍ୟାନର ଜବତ କରିଛି। ବ୍ୟାନରଗୁଡିକ ଲାଲ କପଡାରେ ଧଳା ଅକ୍ଷରରେ ଲେଖାଯାଇଛି। ଏଥିରେ ପୋଲିସ ଇନ୍‌ଫର୍ମରମାନଙ୍କୁ ସତର୍କ କରାଯାଇଛି। ବ୍ୟାନରେ ମାଓବାଦୀ ଓଏସି ଓଡ଼ିଶା କମିଟି ବୋଲି ଉଲ୍ଲେଖ ରହିଛି। ବ୍ୟାନର ଜବତ ପରେ ପାଇକମାଳ ପୋଲିସ ତରଫରୁ ଭଗତପୁର, ସଦାନନ୍ଦପୁର, ମାଝିପାଲି, ମାଳଦା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏସ୍ଡିପିଓ ବିଭୂତି ଭୂଷଣ ଭୋଇ, ଆଇଆଇସି ସୁଶାନ୍ତ କୁମାର ବଢ଼େଇଙ୍କ ତତ୍ତ୍ୱାବଧାନରେ ଫ୍ଲାଗ୍‌ମାର୍ଚ୍ଚ ହୋଇଥିଲା। ପ୍ରକାଶ ଯେ, ଗତ କିଛିଦିନ ତଳେ ପାଇକମାଳ ଥାନା ଅଧୀନ ଗନ୍ଧମାର୍ଦ୍ଦନ ପର୍ବତରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।


ଗଛରେ ମାଓବାଦୀଙ୍କ ବ୍ୟାନର ଲାଗିଛି।

# ପ୍ରାର୍ଥୀଙ୍କୁ ଅଡୁଆ ପ୍ରଚଣ୍ଡ ଖରା

ଭୁବନେଶ୍ୱର, ୧୫ା୪(ସୁନିତ୍ ମିଶ୍ର)

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାସେରୁ କମ୍ ସମୟ ରହିଲା। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପ୍ରାୟ ଅଧିକାଂଶ ସ୍ଥାନରେ ପ୍ରାର୍ଥୀ ଘୋଷଣା କରିସାରିଲେଣି। ଯେଉଁସବୁ ସ୍ଥାନରେ ଦଳଗୁଡ଼ିକ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି ସେଠାରେ ପ୍ରଚାର କାର୍ଯ୍ୟ ଜୋରଦାର ହେବାରେ ଲାଗିଛି। ହେଲେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବେ ଉଭୟ ପ୍ରାର୍ଥୀ ଏବଂ କର୍ମୀଙ୍କୁ ଅଡୁଆ ପରିସ୍ଥିତିରେ ପକାଇଛି। ଅସହ୍ୟ ଗରମ କାରଣରୁ ପ୍ରାର୍ଥୀମାନେ ଠିକଣା ଢଙ୍ଗରେ ପ୍ରଚାର କରିପାରୁନାହାନ୍ତି। ଲୋକମାନେ ମଧ୍ୟ ପ୍ରବଳ ଖରା କାରଣରୁ ବାହାରକୁ ବାହାରିବାକୁ ନାରାଜ। ଅନ୍ୟପଟେ ଯଦି କୌଣସି କାରଣରୁ ଖରାରେ ନିର୍ବାଚନୀ ରାଲି କିମ୍ବା ଜନସଭା ଆୟୋଜନ କଲେ କାହାର କିଛି ଅସୁବିଧା ହୁଏ ଏଥିଲାଗି ଦାୟୀ କିଏ ରହିବ ବୋଲି ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ ଉଠିବା ଆରମ୍ଭ ହେଲାଣି। ଏହାରି ଭିତରେ ଖରା କାରଣରୁ ରାଜନୈତିକ ଦଳଗୁଡ଼ିକ କିପରି ପ୍ରଚାର କରିବେ ଏବଂ କେଉଁ ସମୟରେ କରିବେ ସେନେଇ ବିଧିବଦ୍ଧ ଭାବେ ମାର୍ଗଦର୍ଶିକା କିମ୍ବା ପ୍ରେସ୍ ବିଜ୍ଞପ୍ତି ଜାରି କରି କିଛି ସୂଚନା ଦେଉନାହାନ୍ତି। ଖରା କାରଣରୁ ନେତାମାନେ ଏବେ ଡିଜିଟାଲ ପ୍ରଚାର ଉପରେ ବିଶେଷ ଧ୍ୟାନ ଦେବାରେ ଲାଗିଛନ୍ତି। କେବଳ ଡିଜିଟାଲ ପ୍ରଚାରରେ ଭୋଟ୍ ହେବା ସମ୍ଭବ ହୋଇ ନ ଥିବାବେଳେ ଆଗକୁ ଖରା ଆହୁରି ବଢ଼ିବ। ତେଣୁ ପ୍ରାର୍ଥୀମାନେ କିପରି ପ୍ରଚାର କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ତେବେ ସବୁ ଦଳ କିନ୍ତୁ ସକାଳେ ଏବଂ ସନ୍ଧ୍ୟାରେ ପ୍ରଚାର କରୁଥିବା ଯୁକ୍ତିବାଢୁଛନ୍ତି। ହେଲେ ବହୁସ୍ଥାନରେ ନେତାମାନେ ରୌଦ୍ର ଖରାରେ ଅନେକ ସ୍ଥାନରେ ପହଞ୍ଚୁଥିବା ବେଳେ ସେମାନଙ୍କୁ ଅପେକ୍ଷା କରି ବହୁ କର୍ମୀ ଜଗି ରହୁଥିବା ଦୃଶ୍ୟ ନେତାମାନଙ୍କ ସାମାଜିକ ଗଣମାଧ୍ୟମରେ ଆସୁଥିବା ପୋଷ୍ଟରୁ ଜଣାପଡୁଛି।

ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି ଯେ, ସବୁବେଳେ ସରକାରୀ ନିୟମକୁ ମାନିକି ଚାଲିଥାଏ। ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁ ୧୧ଟାରୁ ୩ଟା ପର୍ଯ୍ୟନ୍ତ ବାହାରକୁ ନ ଯିବାକୁ ଯାହା ସରକାର ନିୟମ କରିଛନ୍ତି ତାକୁ ପାଳନ କରୁଛୁ। ଯାହା ଯାଉଛୁ ସକାଳ ୭ଟା ସମୟରେ ପ୍ରଥମେ ଆଗଧାଡ଼ିର କର୍ମୀଙ୍କ ସହିତ ବୈଠକ କରିଦେଉଛୁ ତା'ପରେ ୮ଟା ବାଜିଲେ ୧୧ଟା ପର୍ଯ୍ୟନ୍ତ ପ୍ରଚାର କରୁଛୁ। ଯଦି ସରକାରଙ୍କ ଗାଇଡଲାଇନ ସମୟ ଭିତରେ କିଛି ଗୁରୁତ୍ୱପୂର୍ଣ୍ଣ ମିଟିଂ କରିବାକୁ ପଡ଼ିଲା ତେବେ କୌଣସି ଏକ ବନ୍ଦ ଘର, ଯେଉଁଠି ପାନୀୟ ଜଳ ବ୍ୟବସ୍ଥା ସହିତ ଶୀତତାପ ଯନ୍ତ୍ର ବ୍ୟବସ୍ଥା ରହିଥିବ ସେଠାରେ କରିବା ଉପରେ ଗୁରୁତ୍ୱ ଦେଉଛୁ। ନ ହେଲେ ଦିନ ୪ଟା ପରେ ପ୍ରଚାର କାର୍ଯ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଉଥିବା ଲେନିନ୍ କହିଛନ୍ତି। ନିର୍ବାଚନ କମିଶନଙ୍କ ନିୟମ ରହିଛି, ପୂରା ଭୋର୍ କିମ୍ବା ବିଳମ୍ବିତ ରାତିରେ କାହାକୁ ଭେଟି ହେବନି କି ପ୍ରଚାର କରାଯାଇପାରିବ ନାହିଁ। ସେକଥା ମଧ୍ୟ ଗୁରୁତ୍ୱ ଦିଆଯାଉଛି। ତେଣୁ ଗ୍ରୀଷ୍ମ ପ୍ରବାହ ଥିବା କାରଣରୁ ଏହାକୁ ସାମାନ୍ୟ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି। କଂଗ୍ରେସ ନେତା ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ, ଦଳ ତରଫରୁ ଏଲ୍ଇଡି ଭ୍ୟାନ୍ ଜରିଆରେ ଚାରିଆଡେ ପ୍ରଚାର କାର୍ଯ୍ୟ ଚାଲିଛି। ପ୍ରବଳ ଖରା କାରଣରୁ ଭୋର୍ ସମୟରେ ଲୋକଙ୍କୁ ଭେଟିବାକୁ ପ୍ରାର୍ଥୀମାନେ ଚେଷ୍ଟା କରୁଛନ୍ତି। ଦିନ ସମୟରେ ପ୍ରତ୍ୟେକ ଘରକୁ ଘର ଯାଇ ନେତାମାନେ ଲୋକଙ୍କୁ ଦଳର ଗ୍ୟାରେଣ୍ଟି କାର୍ଡ ଦେବା ସାଙ୍ଗକୁ ପ୍ରଚାର ଚଳାଇଛନ୍ତି। ଜନସମାବେଶ ଯାହା ବିହେବ ତାହା ୪ଟା ପରେ ସନ୍ଧ୍ୟା ସମୟରେ ହେବ। ଆଗକୁ ଦଳ କିପରି ଖରାକୁ ଦୃଷ୍ଟିରେ ରଖି ପ୍ରଚାର କରିବ ସେନେଇ ନିଷ୍ପତ୍ତି ନିଆଯିବ ବୋଲି ବିଶ୍ୱରଞ୍ଜନ କହିଛନ୍ତି।

ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି ଯେ, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଲୋକଙ୍କ ହିତ ପାଇଁ କୌଣସି ପରିସ୍ଥିତିରେ ପ୍ରବଳ ରୌଦ୍ର ତାପ ସମୟରେ ପ୍ରଚାର, ଜନସଭା ଭାଜପା କରୁନାହିଁ। ଦିନ ସମୟରେ ବ୍ୟାପକ ସଚେତନତା ଅବଲମ୍ବନ କରି ଦଳ ପକ୍ଷରୁ ପ୍ରଚାର କାମ କରାଯାଉଛି। ଯେଉଁମାନେ ପ୍ରାର୍ଥୀ ହୋଇଛନ୍ତି ସେମାନେ ସକାଳ, ଅପରାହ୍ନ ଏବଂ ସନ୍ଧ୍ୟା ସମୟରେ ପ୍ରଚାର କାର୍ଯ୍ୟ ଚଳାଇଛନ୍ତି। ପରିବେଶକୁ ନେଇ ଭାଜପା ନିଜର ଇସ୍ତାହାରରେ ଗୁରୁତ୍ୱ ଦେବ। ତେଣୁ ସାଧାରଣ ଜନତା ଯେପରି ଖରା ପାଇଁ ହଇରାଣ ନ ହୁଅନ୍ତି ସେଥିପ୍ରତି ଭାଜପା ଧ୍ୟାନ ଦେଉଥିବା ଅନିଲ କହିଛନ୍ତି।

# ଥାନା ଘେରିଲେ ସଂଖ୍ୟାଲଘୁ ମହିଳା

**ଗନିପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା, ୧୪ରୁ ଉର୍ଦ୍ଧ୍ୱ ଅଟକ**

ବାଲେଶ୍ୱର(ମାନସ ବିଶ୍ୱାଳ)/
ରେମୁଣା(ରବୀନ୍ଦ୍ର ମହାକୁଡ଼),୧୫ା୪

ବାଲେଶ୍ୱର ଜିଲା ରେମୁଣା ଏନ୍ଏସି ଅଧୀନ ଗନିପୁର ଗ୍ରାମରେ ରବିବାର ଅପରାହ୍ନରେ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ୫୦ରୁ ଉର୍ଦ୍ଧ୍ୱ ଲୋକ ଓ ପୋଲିସ କର୍ମଚାରୀମାନେ ମଧ୍ୟ ଆହତ ହୋଇଥିଲେ। ଏହି ଘଟଣାରେ ୧୨ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟର ପୁରୁଷଙ୍କୁ ପୋଲିସ ଅଟକ ରଖିଥିଲା। ଏହାର ପ୍ରତିବାଦରେ ସୋମବାର ଗନିପୁର ଗ୍ରାମର ଶତାଧିକ ମହିଳା ରେମୁଣା ଥାନା ଘେରାଉ କରି ଅଟକମାନଙ୍କୁ ଛାଡ଼ି ଦେବା ପାଇଁ ଅଡ଼ି ବସିଥିଲେ। ଏହି ସମୟରେ ଏସ୍ପିଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଥିବା ଦୁଇ ମହିଳାଙ୍କୁ ମଧ୍ୟ ପୋଲିସ ଅଟକାଇଥିଲା। ଏହାପରେ ଅନ୍ୟ ମହିଳାମାନେ ଉତ୍କ୍ଷିପ୍ତ ହୋଇ ଥାନା ସମ୍ମୁଖ ରେମୁଣା-ମିତ୍ରପୁର ରାସ୍ତାକୁ ଅବରୋଧ କରିଥିଲେ। ପରେ ପୋଲିସର କଠୋର ମନୋଭାବ ଦେଖି କିଛି ସମୟ ପରେ ମହିଳାମାନେ ରାସ୍ତାରୁ ହଟିଯାଇଥିଲେ। ଅନ୍ୟପକ୍ଷରେ ପୋଲିସ ସମସ୍ତ ପ୍ରମାଣ ଓ ସିସିଟିଭି ଫୁଟେଜ୍ ଆଧାରରେ ଗଣ୍ଡଗୋଳକାରୀଙ୍କୁ ଗିରଫ କରିବ ଏବଂ ଗଣ୍ଡଗୋଳରେ ସମ୍ପୃକ୍ତ ନ ଥିବା ଲୋକଙ୍କୁ ଛାଡ଼ି ଦେବ ବୋଲି କହିଛି।

ଅନ୍ୟପକ୍ଷରେ ବଜରଙ୍ଗ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ହିନ୍ଦୁ ନବବର୍ଷ ଶୋଭାଯାତ୍ରା ଉପରେ ଆକ୍ରମଣ କରିଥିବା ୨୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରି କଠୋରରୁ କଠୋରତମ ଦଣ୍ଡ ଦେବାକୁ ଦାବି ହୋଇଛି। ଉଲ୍ଲେଖଯୋଗ୍ୟ, ହିନ୍ଦୁ ନବ ବର୍ଷ ଅବସରରେ ରବିବାର ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରା କ୍ଷୀରଚୋରା ମନ୍ଦିର ଛକରୁ ବାହାରିଥିଲା। ଏହି ଶୋଭାଯାତ୍ରା ଗନିପୁର ହୋଇ ପୁଟପୋଖରୀସ୍ଥିତ କନକ ଦୁର୍ଗା ମନ୍ଦିର ନିକଟରେ ସମାପନ ହେବା ନେଇ ପୂର୍ବରୁ ନିର୍ଦ୍ଧାରିତ ହେବା ସହ ସ୍ଥାନୀୟ ପୋଲିସଠାରୁ ଅନୁମତି ମଧ୍ୟ ନେଇଥିଲେ। ଏହି ଶୋଭାଯାତ୍ରା ଗନିପୁର ବସ୍ତି ମଧ୍ୟରେ ପ୍ରବେଶ କରିବା ପରେ ବାଲିପାଟଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିବା ସାଉଣ୍ଡକୁ କମାଇବା ପାଇଁ କହିଥିଲେ। ଏପରିକି ସେମାନେ ବଳପୂର୍ବକ ସମ୍ପୂର୍ଣ୍ଣ ଭାବେ ମାଇକ୍ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏହି ଶୋଭାଯାତ୍ରା ଅଟକି ଯିବା ଫଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ସେମାନଙ୍କ ଉପରକୁ ଢେଲାପଥର ମାଡ଼ ଆରମ୍ଭ କରିଥିଲେ। ଉଭୟଙ୍କ ପକ୍ଷରୁ ଢେଲାପଥର ମାଡ଼ ଫଳରେ ବ୍ୟାପକ ଭଙ୍ଗାରୁଜା ହୋଇଥିବା ବେଳେ ପୋଲିସ ସମେତ ଉଭୟ ଗୋଷ୍ଠୀର ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ।

# ୧୧ ମାସ ପରେ ଅଭିଯୁକ୍ତ ସ୍ୱାମୀ ଗିରଫ

ବାସୁଦେବପୁର,୧୫ା୪
(ନାରାୟଣ ପ୍ରସାଦ ବାରିକ୍)

**ବଡ଼ଆନନ୍ଦପୁରର ବନଲତା ହତ୍ୟା ଘଟଣା**
- କ୍ରାଇମ ରିକ୍ରିଏଶନ କଲା ପୋଲିସ
- ବାଇକ୍‌ରେ ମୃତଦେହ ନେଇ ସୋର ଅଞ୍ଚଳରେ ଫିଙ୍ଗି ଦେଇଥିଲେ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବଡ଼ଆନନ୍ଦପୁର ଗ୍ରାମର ବନଲତା ଜେନା(୨୪)ଙ୍କ ହତ୍ୟା ରହସ୍ୟ ୧୧ ମାସ ପରେ ଉନ୍ମୋଚନ ହୋଇଛି। ଫେରାର ଥିବା ଅଭିଯୁକ୍ତ ସ୍ୱାମୀ କିଶୋର କୁମାର ଜେନା(୩୦)ଙ୍କୁ ରବିବାର ବାସୁଦେବପୁର ପୋଲିସ ଗିରଫ କରିବା ସହ ହତ୍ୟାକାଣ୍ଡର କ୍ରାଇମ୍ ରିକ୍ରିଏଶନ କରାଇଛି।

ବାସୁଦେବପୁର ଥାନାରେ ସୋମବାର ଖବରଦାତା ସମ୍ମିଳନୀରେ ଭଦ୍ରକ ସଦର ଏସ୍ଡିପିଓ ସୌରଭ ଓତା ସୂଚନା ଦେଇ କହିଛନ୍ତି ଯେ, ବଡ଼ଆନନ୍ଦପୁର ଗ୍ରାମର କିଶୋର ଓ ତାଙ୍କ ସ୍ତ୍ରୀ ବନଲତାଙ୍କ ମଧ୍ୟରେ ପାରିବାରିକ ବିବାଦ ଥିଲା। ବନଲତା ବିଭିନ୍ନ ସମୟରେ ଫୋନ୍‌ରେ ଅନ୍ୟ ବ୍ୟକ୍ତିଙ୍କ ସହ ବାର୍ତ୍ତାଳାପ କରୁଥିବା ବେଳେ କିଶୋର ଏହାକୁ ବିରୋଧ କରିଆସୁଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ ବନଲତା ଏଥିରୁ ବିଚ୍ୟୁତ ହୋଇ ନ ଥିଲେ। ଏହି ଘଟଣାକୁ ନେଇ ଦମ୍ପତିଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ୨୦୨୩ ଏପ୍ରିଲ ୧୭ରେ କିଶୋର ବନଲତାଙ୍କୁ ମାଡ଼ ମାରି ହତ୍ୟା କରିବା ପରେ ପ୍ରଥମେ ଘରେ ଲୁଚାଇ ରଖିଥିଲେ। ସେହିଦିନ କିଶୋର ତାଙ୍କର ଜଣେ ସାଙ୍ଗଙ୍କୁ ଧରି ବାଇକ୍‌ରେ ବନଲତାଙ୍କ ମୃତଦେହକୁ ଜରିରେ ଗୁଡ଼ାଇ ବିଳମ୍ବିତ ରାତିରେ ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଘାଷୁଆ ଗ୍ରାମ୍ୟ ଜଙ୍ଗଲରେ ପକାଇ ଦେଇଥିଲେ। ଅପମୃତ୍ୟୁର ରୂପ ଦେବାକୁ ଯାଇ ସ୍ତ୍ରୀ ନିଖୋଜ ହୋଇଥିବା ନେଇ ସେ ୧୮ ତାରିଖରେ ବାସୁଦେବପୁର ଥାନାରେ ଅଭିଯୋଗ କରିଥିଲେ। ସେହିଦିନ ଘାଷୁଆ ଜଙ୍ଗଲରୁ ବନଲତାଙ୍କ ମୃତଦେହ ମିଳିବା ପରେ ସୋର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ଅପରପକ୍ଷେ ବନଲତାଙ୍କ ମା' ବାସୁଦେବପୁର ଲୁଙ୍ଗା ଗ୍ରାମର ରୀନା ଜେନାଙ୍କ ଅଭିଯୋଗକ୍ରମେ ୨୩ ତାରିଖରେ ଏକ ହତ୍ୟା ମାମଲା (ନଂ.୨୨୫/୨୩) ରୁଜୁ କରାଯାଇଥିଲା। ଘଟଣା ପରଠାରୁ କିଶୋର ଫେରାର ଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ରବିବାର ବେତଡ଼ା ବଜାରରୁ ଏକ ଗାଡ଼ିରୁ ତାଙ୍କୁ ଧରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତି ଜଣକ ଫେରାର ଅଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍ଡିପିଓଙ୍କ ସହ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ତଦନ୍ତକାରୀ ଅଧିକାରୀ ଭାଗ୍ୟଜିତ୍ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷଜମିରେ ଟଳିପଡ଼ିଲେ କୃଷକ

**ଅଂଶୁଘାତ ସନ୍ଦେହ**

ଭୋଗରାଇ, ୧୫ା୪( ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମହେଶପୁର ଗ୍ରାମର ଲକ୍ଷ୍ମୀକାନ୍ତ ସାହୁ (୬୨) ସୋମବାର ମଧ୍ୟାହ୍ନ ଚାଷଜମିରେ କାମ କରୁଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ହଠାତ୍ ଟଳି ପଡ଼ିଥିଲେ। ଘରଲୋକ ଅପରାହ୍ନରେ ଖୋଜାଖୋଜି କରି ଜମିରୁ ତାଙ୍କୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି।

**ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର**

ବ୍ରହ୍ମପୁର,୧୫ା୪ (ସୁବାସ ଚନ୍ଦ୍ର ପାଢ଼ୀ)

# ୯ ବର୍ଷୀୟା ଝିଅଙ୍କ ଆଡ୍ରେନାଲ ଗ୍ରନ୍ଥି ବାହାରିଲା



ଅସ୍ତ୍ରୋପଚାର ପରେ ରୋଗୀଙ୍କ ସହ ଡାକ୍ତରମାନେ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି) ମେଡିକାଲରେ ପୁଣି ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ଡାକ୍ତରଖାନାର ଏଣ୍ଡୋକ୍ରିନୋଲୋଜି ବିଭାଗରେ ଭର୍ତ୍ତି ହୋଇଥିବା ଜଣେ ୯ବର୍ଷ ଝିଅର ଶରୀରରେ ମାତ୍ରାଧିକ ହରମୋନ ନିର୍ଗତ ହେଉଥିଲା। ତାହା ରୋକିବା ପାଇଁ ଉଭୟପଟ କିଡନୀ ଉପରେ ରହିଥିବା ଆଡ୍ରେନାଲ ଗ୍ରନ୍ଥିକୁ ଅସ୍ତ୍ରୋପଚାର ପରେ ବାହାର କରାଯାଇଛି। ଏଭଳି ଅସ୍ତ୍ରୋପଚାର ଏମ୍‌କେସିଜିରେ ପ୍ରଥମ ବୋଲି ସୂଚନା ଦିଆଯାଇଛି।

ଗଞ୍ଜାମ ଜିଲା ରମ୍ଭା ନିକଟସ୍ଥ ଖଣ୍ଡଦେଉଳିଗାଁର ୯ବର୍ଷୀୟା ଝିଅ ମାତ୍ରାଧିକ ଓଜନ ଓ ଉଚ୍ଚ ରକ୍ତଚାପ ଯୋଗୁ ଅସୁସ୍ଥ ହୋଇଥିଲେ। ତାଙ୍କୁ ଗତ ୪ ତାରିଖରେ ଏମକେସିଜି ଏଣ୍ଡୋକ୍ରିନୋଲଜି ବିଭାଗରେ ଭର୍ତ୍ତି କରାଯାଇଥିଲା। ପ୍ରଫେସର ଡା. ପି. ରବି କୁମାରଙ୍କ ନେତୃତ୍ୱରେ ଏକ ଟିମ ବିଭିନ୍ନ ପ୍ରକାର ପରୀକ୍ଷା କରି ରୋଗ ଚିହ୍ନଟ କରିଥିଲେ। ରୋଗୀ ଜଣଙ୍କ 'ପ୍ରାଇମେରୀ ପିଗମେଣ୍ଟେଡ ନୋଡୁଲାର୍ ଆଡ୍ରେନାଲ' ନାମକ ବିରଳ ଜେନେଟିକ ରୋଗରେ ପୀଡିତ ଥିବା ଜଣାପଡିଥିଲା। ଏହି ରୋଗ ହେଲେ କିଡନୀ ଉପରେ ଥିବା ଉଭୟ ଆଡ୍ରେନାଲ ଗ୍ରନ୍ଥିରୁ ମାତ୍ରାଧିକ ହରମୋନ ନିର୍ଗତ ହୋଇଥାଏ। ଏହାର ଶୀଘ୍ର ଚିକିତ୍ସା କରା ନ ଗଲେ ହୃଦରୋଗ ଏବଂ ଷ୍ଟ୍ରୋକ ହେବା ଆଶଙ୍କା ରହିଥାଏ ବୋଲି ପ୍ରଫେସର ଡା. ରବି କୁମାର କହିଛନ୍ତି। ତେଣୁ ଅସ୍ତ୍ରୋପଚାର ପରେ ଉଭୟ ପାର୍ଶ୍ୱର ଆଡ୍ରେନାଲ ଗ୍ରନ୍ଥି ବାହାର କରାଯାଇଛି। ଏହାପରେ ରୋଗୀଙ୍କୁ ସାରା ଜୀବନ କମ ଡୋଜର ଷ୍ଟେରଏଡ ଦିଆଯିବ।

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଅଧ୍ୟକ୍ଷ ତଥା ଡିନ ପ୍ରଫେସର ସନ୍ତୋଷ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର ଚାଲିଥିବା ବେଳେ ଅଧୀକ୍ଷକ ପ୍ରଫେସର ସୁଚିତ୍ରା ଦାଶ ସହାୟତା କରିଥିଲେ। ଏଣ୍ଡୋକ୍ରିନୋଲୋଜି ବିଭାଗର ପ୍ରଫେସର ଡା. ରବି କୁମାର, ଶିଶୁରୋଗ ସର୍ଜରି ବିଭାଗର ଡା. ମାନସ ରଞ୍ଜନ ଦାଶ, ପ୍ରଫେସର ବେଣୁଧର ପାଣିଗ୍ରାହୀ, ପ୍ରଫେସର ଜ୍ଞାନ ପ୍ରକାଶ ସିଂ ପ୍ରମୁଖ ଅସ୍ତ୍ରୋପଚାର କରିଥିଲେ।

**ଦେବାଶିଷ ପଟ୍ଟନାୟକ ନୟାଗଡ଼ ନିର୍ବାଚନ ସଂଯୋଜକ ନିଯୁକ୍ତ**

ଭୁବନେଶ୍ୱର,(ଅନିଲ ଦାସ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକଙ୍କୁ ନୟାଗଡ଼ ଜିଲା ବିଜୁ ଜନତା ଦଳର ନିର୍ବାଚନ ସଂଯୋଜକ ନିଯୁକ୍ତ କରିଛନ୍ତି। ଏ ନେଇ ସୋମବାର ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।



# ଶ୍ରୀକାନ୍ତଙ୍କ ପ୍ରାର୍ଥିତ୍ୱରୁ ତ୍ରିମୁଖୀ ଲଢ଼େଇ

**ବାଲେଶ୍ୱର ଲୋକ ସଭା ଆସନ**


ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ


ଲେଖାଶ୍ରୀ ସାମନ୍ତସିଂହାର


ଶ୍ରୀକାନ୍ତ ଜେନା

ବାଲେଶ୍ୱର,୧୫।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଲୋକ ସଭା ଆସନ ପାଇଁ କଂଗ୍ରେସ ପକ୍ଷରୁ ଶ୍ରୀକାନ୍ତ ଜେନାଙ୍କ ନାମ ଘୋଷଣା କରାଯାଇଛି। ପୂର୍ବରୁ ଭାଜପାରୁ ପ୍ରତାପ ଷଡ଼ଙ୍ଗୀ ଓ ବିଜେଡିରୁ ଡ.ଲେଖାଶ୍ରୀ ସାମନ୍ତସିଂହାର ପ୍ରାର୍ଥୀ ହୋଇଛନ୍ତି। ଶ୍ରୀକାନ୍ତଙ୍କ ପ୍ରାର୍ଥିତ୍ୱ ଘୋଷଣା ପରେ ୨୦୧୪ ଓ ୨୦୧୯ ନିର୍ବାଚନ ଭଳି ଏଥର ମଧ୍ୟ ବାଲେଶ୍ୱର ଲୋକ ସଭା ଆସନରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଆଲୋଚନା ଆରମ୍ଭ ହୋଇଛି ।

୨୦୧୪ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା, ବିଜେଡି ପ୍ରାର୍ଥୀ ରବୀନ୍ଦ୍ର ଜେନା ଏବଂ ଭାଜପା ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ପ୍ରତାପଙ୍କୁ ହରାଇ ରବୀନ୍ଦ୍ର ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନରେ ବିଜେଡିରୁ ରବୀନ୍ଦ୍ର ଜେନା, ଭାଜପାରୁ ପ୍ରତାପ ଷଡ଼ଙ୍ଗୀ ଓ କଂଗ୍ରେସରୁ ନବଜ୍ୟୋତି ପଟ୍ଟନାୟକ ମଇଦାନକୁ ଓହ୍ଲାଇଥିଲେ। ସେଥର ରବୀନ୍ଦ୍ରଙ୍କୁ ପ୍ରତାପ ପରାସ୍ତ କରିଥିଲେ। ସେତେବେଳେ ଜିଲାରେ ୭ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୪ଟି ବିଜେଡି ଓ ୩ଟି ଭାଜପା ହାତେଇଥିଲା। ୨୦୨୪ ନିର୍ବାଚନ ଅଧିକ ରୋଚକ ହେବ ବୋଲି ଆଲୋଚନା ହେଲାଣି। କାରଣ ଭାଜପାରୁ ଆସି ବିଜେଡିର ପ୍ରାର୍ଥୀ ହୋଇଥିବା ଲେଖାଶ୍ରୀ ଓ ୧୦ ବର୍ଷ ପରେ ପୁଣି ମଇଦାନକୁ ଶ୍ରୀକାନ୍ତ ଆସିଥିବାରୁ ଏଭଳି କୁହାଯାଉଛି।

ଭାଜପାରୁ ପ୍ରତାପ ଷଡ଼ଙ୍ଗୀ ୨ଥର ଏହି ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ଥରେ ବିଜୟୀ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ପଦରେ ମଧ୍ୟ ରହି ଆସିଛନ୍ତି। ନିରାଡ଼ମ୍ବର ଜୀବନଶୈଳୀ ପାଇଁ ସେ ପରିଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ' ସ୍ଲୋଗାନ ସହ ବିକାଶ ପ୍ରସଙ୍ଗ ଉଠାଇ ପୁନଶ୍ଚ ବାଲେଶ୍ୱରରେ ଦଳକୁ ବିଜୟୀ କରିବେ ବୋଲି ପ୍ରତାପ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବା ପରେ କର୍ମୀମାନେ ଉତ୍ସାହିତ ହୋଇ ପଡ଼ିଛନ୍ତି। ୨୦୦୯ ନିର୍ବାଚନରେ ଶ୍ରୀକାନ୍ତ ଏହି ଆସନରୁ ନିର୍ବାଚିତ ହୋଇ ୟୁପିଏ ସରକାରରେ ମନ୍ତ୍ରୀ ହୋଇଥିଲେ। ତାଙ୍କ ପ୍ରଚେଷ୍ଟାରେ ଜିଲାରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଜଣାଇ ସେ ଭୋଟରଙ୍କ ପାଖକୁ ଯାଉଥିବା କହିଛନ୍ତି। ତେବେ କଂଗ୍ରେସର ଅନ୍ୟତମ ଆଶାୟୀ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ବଦଳରେ ଶ୍ରୀକାନ୍ତଙ୍କୁ ପ୍ରାର୍ଥୀ କରାଯିବାରୁ ଏବେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ତାଳମେଳ ରହୁ ନ ଥିବା ଦେଖିବାକୁ ମିଳିଛି। ଏହା ଶ୍ରୀକାନ୍ତଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି। ତଥାପି ସେ ଦ୍ୱିତୀୟଥର ଏହି ଆସନରୁ ବିଜୟୀ ହୋଇ ଦିଲ୍ଲୀ ଗଲେ 'ବାଲେଶ୍ୱରବାସୀ କୌଣସି କାମ ପାଇଁ ଦିଲ୍ଲୀ ଯିବା ଦରକାର ପଡ଼ିବ ନାହିଁ, ବରଂ ଦିଲ୍ଲୀ ବାଲେଶ୍ୱରକୁ ଆସିବ' ବୋଲି କହୁଛନ୍ତି।

ଏହି ଆସନରେ ବିଜେଡି ମହିଳା କାର୍ଡ ଖେଳି ଲେଖାଶ୍ରୀଙ୍କୁ ପ୍ରାର୍ଥୀ କରିଛି। ଲେଖାଶ୍ରୀ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କାଂଶ ପଞ୍ଚାୟତର କୃଷ୍ଣ ମହାନ୍ତିଙ୍କ ପୁତ୍ର ବିଜୟ ମହାନ୍ତିଙ୍କ ସ୍ତ୍ରୀ ହୋଇଥିଲେ ମଧ୍ୟ ସେ ଭୁବନେଶ୍ୱରରେ ସବୁବେଳେ ରହନ୍ତି। ନୀଳଗିରି ସହ ତାଙ୍କର ସେମିତି ସମ୍ପର୍କ ନାହିଁ କି ଶାଶୁ ଘରକୁ ସେପରି ଆସି ନ ଥାନ୍ତି ବୋଲି ଲୋକେ କହୁଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ସେ ନୀଳଗିରି ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହେବା ଆଶାରେ ପହଞ୍ଚି ଉକ୍ତ ଅଞ୍ଚଳରେ କିଛି ସାମାଜିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ବିଜେଡିରୁ ଟିକଟ ନ ମିଳିବାରୁ ସେ ନିର୍ବାଚନ ପରେ ଭାଜପାରେ ଯୋଗଦେଇ କାର୍ଯ୍ୟ କରିଆସୁଥିଲେ। ବାଲେଶ୍ୱର ଲୋକ ସଭା ଆସନ ପାଇଁ ବିଜେଡି ଟିକେଟ ପାଇବା ପରେ ରବିବାର ଲେଖାଶ୍ରୀ ବାଲେଶ୍ୱରରେ ପହଞ୍ଚି ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ନବୀନ ପଟ୍ଟନାୟକଙ୍କ ଜନମଙ୍ଗଳ କାର୍ଯ୍ୟ, ଦଳ ଉପରେ ଲୋକଙ୍କର ଆସ୍ଥା ଓ ଭରସାକୁ ପାଥେୟ କରି ବିଜେଡି ଏହି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛି ବୋଲି ସେ କହିଛନ୍ତି।

ନିକଟ ଅତୀତକୁ ଦେଖିଲେ ୨୦୦୪ରେ ଭାଜପା ପ୍ରାର୍ଥୀ ଐର ଖାରବେଳ ସ୍ୱାଇଁ, ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ଶ୍ରୀକାନ୍ତ ଜେନା, ୨୦୧୪ରେ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର ଜେନା ଏବଂ ୨୦୧୯ରେ ଭାଜପା ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଜୟୀ ହୋଇଛନ୍ତି। ୨୦୨୪ କାହା ଭାଗରେ ପଡୁଛି ତାହାକୁ ଅପେକ୍ଷା ରହିଲା।

## ସମୂହ ଇସ୍ତଫା ଦେଲେ ଜିଲା କଂଗ୍ରେସ କର୍ମକର୍ତ୍ତା

**■କେନ୍ଦୁଝର ଲୋକ ସଭା ପ୍ରାର୍ଥୀଙ୍କୁ ବିରୋଧ**

**■ ଦଳରେ ରହିବୁ, ପଦବୀରେ ରହିବୁ ନାହିଁ**

କେନ୍ଦୁଝର,୧୫।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଆସନ୍ତା ନିର୍ବାଚନ ପାଇଁ କେନ୍ଦୁଝର ଲୋକ ସଭା ଆସନରେ କଂଗ୍ରେସ ପକ୍ଷରୁ ମୋହନ ହେମ୍ବ୍ରମଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ତେବେ ତାଙ୍କ ପ୍ରାର୍ଥିତ୍ୱକୁ ଜିଲା କଂଗ୍ରେସ ତରଫରୁ ବିରୋଧ କରାଯାଇଛି। ସୋମବାର ସ୍ଥାନୀୟ କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟିର ସଭାପତି, ପିସିସି କର୍ମକର୍ତ୍ତା, ଜିଲା କର୍ମକର୍ତ୍ତା, ଜିଲା ଛାମୁଆ ସଙ୍ଗଠନର ସଭାପତି, ବ୍ଲକ୍ କଂଗ୍ରେସ ସଭାପତିବୃନ୍ଦ ଏବଂ ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ ଉପସ୍ଥିତ ହୋଇ ଅସନ୍ତୋଷ ବ୍ୟକ୍ତ କରିବା ସହ ନିଜ ନିଜ ପଦବୀରୁ ସମୂହ ଇସ୍ତଫା ଦେଇଛନ୍ତି। ସେମାନେ ଦଳରେ ରହିବେ କିନ୍ତୁ ପଦବୀରେ ରହିବେ ନାହିଁ ବୋଲି କହିଛନ୍ତି।

ଜିଲା କଂଗ୍ରେସ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତିରେ ଜିଲା କଂଗ୍ରେସ କମିଟିକୁ ପ୍ରଦେଶ କଂଗ୍ରେସ କମିଟି ସମ୍ପୂର୍ଣ୍ଣ ଭାବେ ଅଣଦେଖା ଓ ଅବହେଳା କରୁଛି। ଜିଲାର ୨ ଜଣ ପୁରୁଖା ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା ଥିଲେ ମଧ୍ୟ ସେମାନଙ୍କୁ ନ ପଚାରି ପ୍ରାର୍ଥୀ ଘୋଷଣା ହୋଇଛି। ଏଥିସହ ଜିଲା କଂଗ୍ରେସ କମିଟି ସୁପାରିସ କରିଥିବା ନେତାଙ୍କୁ ସୁଯୋଗ ଦିଆଯାଇନାହିଁ। କଂଗ୍ରେସ ଦଳରେ ୫ ବର୍ଷ ହେଲା କିଛି କାର୍ଯ୍ୟ କରି ନ ଥିବା ବ୍ୟକ୍ତିଙ୍କୁ ଦଳ ପ୍ରାର୍ଥୀ କରିଛି। ଏହା କେନ୍ଦୁଝର କଂଗ୍ରେସ କର୍ମୀ ଓ ଜନସାଧାରଣଙ୍କୁ ଆଘାତ ଲାଗିବା ସହିତ ଚକିତ କରିଛି। ଏପ୍ରିଲ ୪ରେ ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଥିଲା। ଜିଲାର ସଭାପତି ଓ ୨ ବରିଷ୍ଠ ନେତାଙ୍କ ସହ କଥାବାର୍ତ୍ତା କରି ସବୁକଥା ନିଷ୍ପତ୍ତି ନିଆଯିବ ବୋଲି ପିସିସି ସଭାପତି ପ୍ରତିଶ୍ରୁତି ଦେଇଥିଲେ। ପିସିସି ସଭାପତି ଓ ଓଡ଼ିଶା ପ୍ରଭାରୀ ଅଜୟ କୁମାର ମନମୁଖି କାର୍ଯ୍ୟ କରି କେନ୍ଦୁଝର କଂଗ୍ରେସ ପ୍ରତି ଅନ୍ୟାୟ କରିଛନ୍ତି। କେନ୍ଦୁଝର ଲୋକ ସଭା ପ୍ରାର୍ଥୀ ଭାବେ ଘୋଷଣା ହେଇଥିବା ମୋହନଙ୍କ ସ୍ଥାନରେ ଜିଲା କଂଗ୍ରେସ ସୁପାରିସ କରିଥିବା ନେତାଙ୍କୁ ତୁରନ୍ତ କେନ୍ଦୁଝର ଲୋକ ସଭା ପ୍ରାର୍ଥୀ ଘୋଷଣା କରାଯିବାକୁ ଦାବି ହୋଇଥିଲା। ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ନେତୃବୃନ୍ଦ କହିଛନ୍ତି, ଦଳରେ ଶୃଙ୍ଖଳିତ କର୍ମୀ ହିସାବରେ ରହିବେ, କିନ୍ତୁ ନୈତିକତା ଦୃଷ୍ଟିରୁ ସାମୂହିକ ଭାବେ ନିଜ ନିଜ ପଦବୀରୁ ଇସ୍ତଫାପତ୍ର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ଅଖିଳ ଭାରତ କଂଗ୍ରେସ କମିଟିକୁ ପ୍ରଦାନ କରିଛନ୍ତି।

# ଭାଜପାରେ ବିଜେଡିର ପୂର୍ବତନ ଏମ୍‌ପି ପ୍ରଭାସ



ଭାଜପାର ନୂଆଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ସୋମବାର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ପୂର୍ବତନ ଏମ୍‌ପି ପ୍ରଭାସ କୁମାର ସିଂ ଦଳରେ ଯୋଗ ଦେଇଛନ୍ତି। (ଫଟୋ– ଚମନ ଗୌତମ)

ବରଗଡ଼,୧୫।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀର ପୂର୍ବତନ ଏମ୍‌ପି ଡ. ପ୍ରଭାସ କୁମାର ସିଂ ସୋମବାର ଭାଜପାରେ ମିଶିଛନ୍ତି। ଦଳର ଦିଲ୍ଲୀସ୍ଥିତ ମୁଖ୍ୟାଳୟରେ ସେ ଯୋଗଦାନ କରିଥିଲେ। ଏହି ସମୟରେ ଭାଜପାର ଜାତୀୟ ସାଧାରଣ ସମ୍ପାଦକ ତରୁଣ ଚୁଘ୍, ଜାତୀୟ ପ୍ରବକ୍ତା ପ୍ରେମ ଶୁକ୍ଳା ପ୍ରମୁଖ ଉପସ୍ଥିତ ଥିଲେ। ଭାଜପାରେ ଯୋଗଦାନ ପରେ ଡ. ସିଂ କହିଛନ୍ତି, ବିଜେଡିରେ ଆତ୍ମସମ୍ମାନ ନାହିଁ। ଫଳରେ ସେ ବିଜେଡି ଛାଡ଼ିଛନ୍ତି। ଅନ୍ୟପଟେ ଭାଜପାରେ ଆତ୍ମସମ୍ମାନ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା ଏବଂ ବିକାଶଧାରାରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ଯୋଗଦାନ କରିଛନ୍ତି ବୋଲି ଡ. ସିଂ କହିଛନ୍ତି। ଡ. ସିଂ ୨୦୧୪ ସାଧାରଣ ନିର୍ବାଚନରେ ବରଗଡ଼ ଲୋକ ସଭା ନିର୍ବାଚନମଣ୍ଡଳୀରେ ବିଜେଡିପ୍ରାର୍ଥୀଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇ ନିର୍ବାଚିତ ହୋଇଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ପ୍ରାର୍ଥୀକରି ନ ଥିଲା। ଅନ୍ୟପଟେ ସେ ବିଜେଡିର ବରଗଡ଼ ଜିଲା ସଭାପତିଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଦଳ ତାଙ୍କୁ ପ୍ରାର୍ଥୀ କରିବ ବୋଲି ଡ. ସିଂ ଆଶା ବାନ୍ଧିଥିଲେ। ମାତ୍ର ଏଥର ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା ଫଳରେ ଗତ ୮ତାରିଖରେ ସେ ବିଜେଡିରୁ ଇସ୍ତଫା ଦେଇଥିଲେ।

# ଭାଇରାଲ ଅଡିଓ ଖୋଲିଲା ଗୁମର

**ଜିତିବା ପାଇଁ ଭାଜପା ନେତାଙ୍କ ଶରଣ ପଶିଲେ ରଣପୁର ବିଧାୟକ**

ନୟାଗଡ଼/ରଣପୁର,୧୫।୪(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନିର୍ବାଚନ ସମୟରେ ସାଧାରଣତଃ ଦେଖାଯାଇଥାଏ ପ୍ରାର୍ଥୀମାନେ ବିରୋଧୀ ଦଳର କର୍ମୀ ଓ ନେତାଙ୍କ ସମର୍ଥନ ପାଇବା ପାଇଁ ନିବେଦନ କରିଥାନ୍ତି। ଏହା ଅଧିକାଂଶ ପ୍ରାର୍ଥୀ କରିଥିବା ଶୁଣିବାକୁ ମିଳେ। ଏହିଭଳି ଏକ କଥୋପକଥନର ଅଡିଓ ଏବେ ନୟାଗଡ଼ରେ ଭାଇରାଲ ହୋଇଥିବା ନଜରକୁ ଆସିଛି।

ନୟାଗଡ଼ ଜିଲାରେ ବିଧାନସଭା ଓ ଲୋକ ସେଭା ନିର୍ବାଚନ ପାଇଁ ଲଢ଼େଇ ଆରମ୍ଭ ହୋଇଯାଇଛି। ଏହାରି ଭିତରେ ରଣପୁର ବିଧାୟକ ପ୍ରାର୍ଥୀ ସତ୍ୟ ନାରାୟଣ ପ୍ରଧାନ (ବାଦଲ)ଙ୍କର ଏକ ଅଡିଓର ବାର୍ତ୍ତାଳାପ ଭାଇରାଲ ହେବାରେ ଲାଗିଛି। ବିଜେଡି ପାଇଁ ଭୋଟ କରାଇଦେବାକୁ ଓଡ଼ଗାଁ ବ୍ଲକ ଭାଜପା ନେତା ତଥା ଶିଖରପୁର ସରପଞ୍ଚ ସନ୍ନ୍ୟାସୀ ପ୍ରଧାନଙ୍କୁ ବିଧାୟକ ପ୍ରାର୍ଥୀ କାକୁତିମିନତି ହୋଇ ସହଯୋଗ କରିବାକୁ ଅନୁରୋଧ କରଛନ୍ତି। ଏଥିସହ ସନ୍ନ୍ୟାସୀଙ୍କୁ ଭାଜପାରେ ମିଶିବାକୁ ବିଧାୟକ ପ୍ରଧାନ ପରାମର୍ଶ ଦେଇଥିବା ଶୁଣିବାକୁ ମିଳୁଛି। ଭାଇରାଲ ଅଡିଓକୁ ନେଇ ରଣପୁର ନିର୍ବାଚନମଣ୍ଡଳୀ ରାଜନୀତି ସରଗରମ ହୋଇ ଉଠିଛି।

ରଣପୁର ବିଜେଡିରେ ଗୋଷ୍ଠୀ କନ୍ଦଳ ବଢ଼ି ଚାଲିଥିବାବେଳେ ବିଧାୟକ ପ୍ରାର୍ଥୀ ନିଜର ପରାଜୟକୁ ଏଡ଼ାଇବା ପାଇଁ ନୂଆ କୌଶଳ ଆପଣେଇବାରେ ଲାଗିଛନ୍ତି। ବାର୍ତ୍ତାଳାପରେ ବିଧାୟକ ପ୍ରଧାନ କହୁଛନ୍ତି, କିଏ ସନ୍ନ୍ୟାସୀ ମୁଁ ବାଦଲ କହୁଛି। କ'ଣ ନମ୍ବର କଟି ଗଲାଣି କି। ସନ୍ନ୍ୟାସୀ କହୁଛନ୍ତି, ଆପଣତ ବିଜେଡିରେ ମୁଁ ଭାଜପାରେ ଆଉ ନମ୍ବର କ'ଣ ରଖିବି। ମୋ ଉପରେ କାହିଁକି ରାଗିଛ ବୋଲି ବାଦଲ ପଚାରୁଛନ୍ତି। କାଲୁ (ଦେବାଶିଷ ପଟ୍ଟନାୟକ, ଯିଏ କି ନୟାଗଡ଼ ଜିଲା ପରିଷଦର ଚେୟାରମ୍ୟାନ) କଥାରେ ଏପରି ରାଗିବା ଠିକ୍ ନୁହେଁ। ସନ୍ନ୍ୟାସୀ କହୁଛନ୍ତି, ପଞ୍ଚାୟତ ନିର୍ବାଚନ ପାଇଁ ଆପଣ ମୋତେ ଆପଣଙ୍କର ନୟାଗଡ଼ ଘରେ ଫାଇନାଲ କଲେ। ହେଲେ ସହଯୋଗ ନ କରିବାରୁ ଅସନ୍ତୋଷ ବ୍ୟକ୍ତ କଲେ। ନିର୍ବାଚନର ୨ ବର୍ଷ ପରେ ଏବେ ଆପଣଙ୍କର ମୋ କଥା ମନେପଡ଼ିଲା। ଏକଥା ମୋତେ କେତେ ବାଧୁଛି। ବାଦଲ କହୁଛନ୍ତି, ତୁମେ ନିଲମ୍ବିତ ହେଲା ପରେ ମୁଁ ଅନେକ ଥର କହିଛି ନିଲମ୍ବନ ଉଠାଇବାକୁ। ଏପରିକି ନବୀନ ନିବାସରେ କହିଛି। ତେବେ ପୂର୍ବତନ ବିଧାୟକ ରବି ମହାପାତ୍ର ମୋ ବିରୋଧରେ ସବୁବେଳେ ଲାଗିଲେ। କାଲୁଙ୍କୁ ମତାଇ ହଇରାଣ କଲେ। ନିର୍ବାଚନ ବେଳେ ଲେଖି କରି ଦେଲେ ମୁଁ ସପୋର୍ଟ କରୁଛି ସସ୍‌ପେଣ୍ଡ କରାଯାଉ। ସନ୍ନ୍ୟାସୀ କହୁଛନ୍ତି, ସସ୍‌ପେଣ୍ଡ ହେଲା ପରେ ମୁଁ ଅନ୍ୟ କୌଣସି ଦଳରେ ମିଶି ନ ଥିଲି। ମୋତେ ଆପଣଙ୍କ ନୟାଗଡ଼ ଘରକୁ ଡକାଇ ଭାଜପାରେ ମିଶିବାକୁ ପରାମର୍ଶ ଦେଇଥିଲେ।

ପୁଣି ବାଦଲ କହୁଛନ୍ତି, ମୁଁ ସ୍ୱାଧୀନରେ ଯିବାକୁ କହୁଥିଲି। ତୁମେ କହିଲ ସ୍ୱାଧୀନରେ ଜିତିବା ସମ୍ଭବ ନୁହେଁ। ଏଣୁ ଭାଜପାକୁ ହିଁ ଯିବାକୁ ପଡ଼ିବ। ଜିତିବାକୁ ପଡ଼ିବ। ବାଦଲ କହୁଛନ୍ତି, ରବି ମହାପାତ୍ରଙ୍କୁ ଠୋକର ଦେବାକୁ ଏପରି କରିବାକୁ ପଡ଼ିଥିଲା। ରବିଙ୍କ ମୁହଁରେ ସେ ସମୟରେ କାଳି ବୂନ ବୋଳିବାକୁ ହିଁ ଥିବାରୁ ଏପରି କରିବାକୁ ପଡ଼ିଲା। ବୁଝାମଣା ଭିତରେ ମୁଁ ଭାଜପାକୁ ଗଲି ବୋଲି ସନ୍ନ୍ୟାସୀ କହିବା ପରେ ବାଦଲ ସ୍ୱୀକାର କରୁଛନ୍ତି। ଏଥିସହ ସନ୍ନ୍ୟାସୀ କହୁଛନ୍ତି, ପୁରୀ ଏମ୍‌ପି ପିନାକୀ ମିଶ୍ର ମୋତେ ଡାକିଥିଲେ ଆଲୋଚନାକୁ ଯାଇଥିଲି। ନୟାଗଡ଼ ବିଧାୟକ ଅରୁଣ ସାହୁଙ୍କୁ ମୁଁ ମଧ ଏହି କଥା କହିଛି। ଅରୁଣବାବୁ କହିଲେ ପିନାକୀବାବୁ, ଆଉ ଆମେ ୩ଜଣ ବସିବା। ବାଦଲ କହୁଛନ୍ତି, ଏହି ନିର୍ବାଚନ ମୋର ଶେଷ ଥର। ମୋର ଆଗକୁ ଆଉ ନିର୍ବାଚନ ଲଢ଼ିବାର ନାହିଁ। ମୋତେ ତୁମର ସହଯୋଗ ଦରକାର। ମୁଁ ଯିବି କଥା ହେବା କହିବା ପରେ ସନ୍ନ୍ୟାସୀ ସହମତି ପ୍ରକାଶ କରୁଛନ୍ତି। ତେବେ ସନ୍ନ୍ୟାସୀ କହୁଛନ୍ତି, ମୋ ପ୍ରତି ଅନ୍ୟାୟ ଓ ମୋତେ ହଇରାଣ କରାଯାଇଛି। ଚେୟାରମ୍ୟାନ ପାଇଁ ଅରୁଣବାବୁ ମୋତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଇ ହଇରାଣ କଲେ। ବାଦଲ କହୁଛନ୍ତି, ତୁମେ ଚେୟାରମ୍ୟାନ ହୁଅ ବୋଲି ମୁଁ ବାରମ୍ବାର ଚେଷ୍ଟା କଲି। ହେଲେ ଚେୟାରମ୍ୟାନ ନିର୍ବାଚନ ପରଠାରୁ ମୋର ସେମାନେ ଶତ୍ରୁ ହୋଇଗଲେ। ସନ୍ନ୍ୟାସୀ ପୁଣି କହୁଛନ୍ତି ମୋତେ ଚେୟାରମ୍ୟାନ କଲେନି। ଭାଇସ୍ ଚେୟାରମ୍ୟାନ କରିବାକୁ ୬ମାସ ପରେ ନିଷ୍ପତ୍ତି ହୋଇଥିଲା। ତାହା ମଧ ହେଲାନି। ବାଦଲ କହିଥିଲେ, ଏଥିପାଇଁ ନିୟମ ବି ହୋଇଥିଲା ହେଲେ ନିୟମ ରଖିଲେନି। ବାର୍ତ୍ତାଳପ ଶେଷ ହୋଇଛି।

## ସନାତନଙ୍କ ପାଇଁ ଅଟକିଛି ପାଟଣା ଭାଜପା ପ୍ରାର୍ଥୀ ଘୋଷଣା


ସନାତନ ମହାକୁଡ଼

ପାଟଣା,୧୫।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବିଧାନସଭା କ୍ଷେତ୍ର ପାଇଁ ବିଧାୟକ ଜଗନ୍ନାଥ ନାଏକଙ୍କୁ ବିଜେଡି ପ୍ରାର୍ଥୀ କରିଛି। କଂଗ୍ରେସ ରବିବାର ଏଠାରୁ ୫ଥର ପ୍ରତିନିଧିତ୍ୱ କରିଥିବା ପୂର୍ବତନ ବିଧାୟକ ହୃଷୀକେଶ ନାଏକଙ୍କ ପ୍ରାର୍ଥୀତ୍ୱରେ ମୋହର ମାରିଛି। ନବ ନିର୍ମାଣ କୃଷକ ସଂଗଠନ ଦୀପକ ନାୟକଙ୍କୁ ସ୍ୱାଧୀନ ପ୍ରାର୍ଥୀ କରିଛି। ତେବେ ପ୍ରମୁଖ ବିରୋଧୀ ଦଳ ଭାଜପା ଏପର୍ଯ୍ୟନ୍ତ ପାଟଣା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଦଳୀୟ କର୍ମୀମାନେ ନିର୍ବାଚନ ପ୍ରଚାରରେ ପଛରେ ପଡ଼ିଛନ୍ତି। ଭାଜପାରୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଖିଳ ଚନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଦସ୍ୟା ମମିତା ନାଏକ, ପୂର୍ବତନ ସାହାରପଡ଼ା ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକ ଟିକେଟ ପାଇଁ ଲବି ଚଳାଇଛନ୍ତି। ତେବେ ଚାମ୍ପୁଆର ପ୍ରଭାବଶାଳୀ ନେତା ସନାତନ ମହାକୁଡ଼ ଭାଜପାରେ ଯୋଗ ଦେବା ନେଇ ଆଲୋଚନା ହେଉଛି। ତେଣୁ ପାଟଣା, ଚମ୍ପୁଆ ଓ ତେଲକୋଇ ଭଳି ବିଧାନସଭା କ୍ଷେତ୍ରରେ ଭାଜପା ପ୍ରାର୍ଥୀ ଦେବାରେ ବିଳମ୍ବ କରୁଛି ବୋଲି ଭାଜପାର ଜଣେ ନେତା ନାମ ଗୋପନ ରଖି କହିଛନ୍ତି। ସନାତନ କୁଆଡ଼େ ନିଜ ସମର୍ଥିତ ପ୍ରାର୍ଥୀ ଦେବାକୁ ଚାହୁଁ ଥିବାରୁ ଅଡୁଆ ସୃଷ୍ଟି ହୋଇଛି।

## ପ୍ରଦୀପଙ୍କ ୬ଷ୍ଠ ଆଶାରେ ନବ, ସରୋଜ ଚ୍ୟାଲେଞ୍ଜ


ପ୍ରଦୀପ ଅମାତ


ନବ କୁମାର ମିଶ୍ର


ସରୋଜ ପ୍ରଧାନ

ବୌଦ୍ଧ,୧୫।୪(ଅଜିତ କୁମାର ବାରିକ)

**ବୌଦ୍ଧ ବିଧାନସଭା କ୍ଷେତ୍ର**

ବୌଦ୍ଧ ବିଧାନସଭା ଆସନ ପାଇଁ ତିନି ପ୍ରମୁଖ ଦଳ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଏଠାରୁ ୫ ଥର ବିଧାୟକ ହୋଇଥିବା ବିଜେଡିରୁ ପ୍ରଦୀପ ଅମାତ ପୁଣି ପ୍ରାର୍ଥୀ ହୋଇଥିବା ବେଳେ କଂଗ୍ରେସ ଆଇନଜୀବୀ ନବ କୁମାର ମିଶ୍ର ଓ ଭାଜପା ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ ପ୍ରଧାନଙ୍କୁ ପ୍ରାର୍ଥୀ କରିଛି। ଏମାନେ ପ୍ରଚାରକୁ ଜୋରଦାର କରିଛନ୍ତି।

ପ୍ରଦୀପଙ୍କୁ ବିଜେଡି ପୁଣି ପ୍ରାର୍ଥୀ କରିଥିବାରୁ ସେ ୬ଷ୍ଠ ଥର ପାଇଁ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛନ୍ତି। ହେଲେ ବିରୋଧୀ ଦଳଗୁଡ଼ିକ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ କ୍ଷେତ୍ରରେ ବିକାଶ ହୋଇ ନ ଥିବା ନେଇ ଅଭିଯୋଗ କରିଆସୁଛନ୍ତି। ଏପରି କି ବିଧାୟକ ପ୍ରଦୀପଙ୍କ ଯୋଗୁ ଜିଲାର ବିକାଶ ପଛରେ ପଡ଼ିଥିବା ଅଭିଯୋଗ କରି ବିରୋଧୀ ରଣକୌଶଳ ପ୍ରସ୍ତୁତ କରୁଥିବା ଶୁଣିବାକୁ ମିଳୁଛି।

ଏଥର ଭାଜପା ପକ୍ଷରୁ ଯୁବ ନେତା ସରୋଜ ପ୍ରଧାନଙ୍କୁ ଦଳ ପ୍ରାର୍ଥୀ କରିଥିବା ବେଳେ ସେ ନିର୍ବାଚନ ଜିତିବା ଲକ୍ଷ୍ୟରେ ଜୋରସୋର ପ୍ରୟାସ ଚଳାଇଛନ୍ତି । ଗତ ପଞ୍ଚାୟତ ନିର୍ବାଚନରେ ଜିଲାରେ ଶାସକ ଦଳର ପତିଆରା ଥିବା ସତ୍ତ୍ୱେ ସେ ତାଙ୍କ ପତ୍ନୀଙ୍କୁ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ପଦରେ ବସାଇବା ସହ ନିଜେ ଉପାଧ୍ୟକ୍ଷ ହୋଇଥିଲେ। ସେ ଭାଜପାର ପ୍ରାର୍ଥୀ ହେବା ପାଇଁ ବହୁଦିନରୁ ବିଭିନ୍ନ ସ୍ଥାନରେ ବୈଠକ କରିବା ସହ ଗାଁକୁ ଗାଁ ଯାଇ ଲୋକସମ୍ପର୍କ ରଖି ଆସୁଥିଲେ। ଏଥର ଫଳାଫଳ ତାଙ୍କ ସପକ୍ଷରେ ଯିବ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନୁରୂପ ଭାବେ ୨୦୧୯ ନିର୍ବାଚନରେ କଂଗ୍ରେସ ଓ ସିପିଆଇ ମଧ୍ୟରେ ଆସନ ବୁଝାମଣା ହେବା ପରେ ଏଠାରୁ ସିପିଆଇରୁ ଅବକାଶ ସାହୁ ପ୍ରାର୍ଥୀ ହୋଇଥିଲେ। ତେବେ ଆଇନଜୀବୀ ନବ କୁମାର ମିଶ୍ର ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିଲେ। ପରେ କଂଗ୍ରେସର ଜିଲା ସଭାପତି ଦାୟିତ୍ୱ ନେବା ପରେ ସେ ଦଳକୁ ସୁଦୃଢ଼ କରିବାରେ ଲାଗିପଡ଼ିଥିଲେ। ଏଥର ଦଳ ତାଙ୍କୁ ପ୍ରାର୍ଥୀ କରିବା ପରେ ସେ ତତ୍ପର ହୋଇଛନ୍ତି।

## ସାନଖେମୁଣ୍ଡି ପାଇଁ ବିଜେଡି, ଭାଜପାର ପ୍ରାର୍ଥୀ ଖୋଜା

**ଗଞ୍ଜାମ ଜିଲାରେ ୨ଟି ଆସନ ଝୁଲାଇ ରଖିଛି କଂଗ୍ରେସ**

ବ୍ରହ୍ମପୁର,୧୫।୪(ଅଶୋକ କୁମାର ସାହୁ)

ଗଞ୍ଜାମ ଜିଲାର ୧୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୧୨ଟିରେ ଉଭୟ ବିଜେଡି ଓ ଭାଜପା ପ୍ରାର୍ଥୀ ଦେଇ ସାରିଥିବା ବେଳେ ସାନଖେମୁଣ୍ଡି ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଖୋଜୁଛନ୍ତି। ଏହି ଆସନ ପାଇଁ କଂଗ୍ରେସ ରମେଶ ଚନ୍ଦ୍ର ଜେନାଙ୍କୁ ଟିକେଟ ଦେଇଛି। ରମେଶଙ୍କୁ ଟକ୍କର ଦେବା ଭଳି ପ୍ରାର୍ଥୀ ଭାଜପା ଓ ବିଜେଡିରେ ମିଳୁ ନ ଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି। ତେଣୁ ଉଭୟ ଦଳ ଏହି ଆସନକୁ ଝୁଲାଇ ରଖିଛନ୍ତି। ତେବେ ବିଜେଡିରୁ ନନ୍ଦିନୀ ଦେବୀ ଓ ସୁଲକ୍ଷଣା ଗୀତାଞ୍ଜଳି ଆଶାୟୀ ପ୍ରାର୍ଥୀ ଭାବେ ନିର୍ବାଚନ ପ୍ରଚାରରେ ଲାଗିପଡିଥିବା ଦେଖିବାକୁ ମିଳିଛି। କିନ୍ତୁ ଭାଜପାର ସେଭଳି ପ୍ରାର୍ଥୀ ସାମନାକୁ ଆସୁଥିବା ଜଣାପଡିନାହିଁ। ଅନ୍ୟପକ୍ଷରେ କଂଗ୍ରେସ ଗଞ୍ଜାମ ଜିଲା ପାଇଁ ପ୍ରଥମ ଦଫାରେ ୫ ଆସନରେ ପ୍ରାର୍ଥୀ ଘୋଷଣା କରିଥିବାବେଳେ ଦ୍ୱିତୀୟ ଦଫାରେ ୬ ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଦଳ ଆହୁରି ୨ ଆସନ ଝୁଲାଇ ରଖିଛି। ଗୋପାଳପୁର ଓ ଛତ୍ରପୁର ବିଧାନସଭା ଆସନରେ କାହାକୁ ପ୍ରାର୍ଥୀ ଦେଇନାହିଁ। ଗତ ୩ଟି ନିର୍ବାଚନ ଗୋପାଳପୁର ଆସନ ବିଜେଡି ହାତରେ ଥିବାବେଳେ ଛତ୍ରପୁର ଗତ ନିର୍ବାଚନରୁ ବିଜେଡି ହାତକୁ ଆସିଛି। ଉଭୟ ନିର୍ବାଚନ ମଣ୍ଡଳୀରେ ବିଜେଡିର ପ୍ରଭାବ ରହିବା ସାଧାରଣ କଥା। କିନ୍ତୁ ଗୋପାଳପୁର ଆସନରେ ଗତ ନିର୍ବାଚନରେ ଭାଜପାର ପ୍ରଭାବ ଦେଖିବାକୁ ମିଳିଥିଲା। ସେଠାରେ ବିଜେଡି ନୂଆ ଚେହେରା ବିକ୍ରମ ପଣ୍ଡାଙ୍କୁ ଟିକେଟ ଦେଇଥିବାବେଳେ ଭାଜପା ପୁରୁଣା ମୁହଁ ବିଭୂତି ଭୂଷଣ ଜେନାଙ୍କୁ ରିପିଟ କରିଛି। ଏହି ୨ ଜଣଙ୍କୁ ଟକ୍କର ଦେବାକୁ ଏଠାରୁ ପ୍ରାର୍ଥୀ ହେବାକୁ ଗତ ନିର୍ବାଚନରେ ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କଂଗ୍ରେସର ଶମ୍ଭୁନାଥ ପାଣିଗ୍ରାହୀ ଆଶାୟୀ ଅଛନ୍ତି। ସେପଟେ ଛତ୍ରପୁରରେ କିଏ କଂଗ୍ରେସ ପ୍ରାର୍ଥୀ ହେବ ତାହା ଜଣାପଡୁନାହିଁ।

# ସୁନା ଦର ୭୩ ହଜାର ପାର

■ ଭୁବନେଶ୍ୱରରେ ୨୪କ୍ୟାରେଟ ମୂଲ୍ୟ ୭୩,୧୪୫ ଟଙ୍କା

■ ନୂଆଦିଲ୍ଲୀରେ ୨୨କ୍ୟାରେଟ ମୂଲ୍ୟ ୬୭,୨୦୦ ଟଙ୍କା

ଭୁବନେଶ୍ୱର,୧୫।୪



କ୍ରମାଗତ ଭାବେ ଘରୋଇ ବଜାରରେ ସୁନା ଦର ବୃଦ୍ଧି ପାଇ ଚାଲିଛି। ଏପରିକି ଗତ ଦୁଇ ସପ୍ତାହ ମଧ୍ୟରେ ଭୁବନେଶ୍ୱରରେ ସୁନା ଦର ୨୨କ୍ୟାରେଟ ଉପରେ ପ୍ରାୟ ୩୦୦୦ ଟଙ୍କା ଏବଂ ୨୪ କ୍ୟାରେଟ ଉପରେ ପ୍ରାୟ ୪୦୦୦ ଟଙ୍କା ବଢ଼ିଛି। ଉଲ୍ଲେଖଯୋଗ୍ୟ, ସୋମବାର ଭୁବନେଶ୍ୱରରେ ସୁନା ଦର ପ୍ରତି ୧୦ ଗ୍ରାମ୍ ପିଛା (୨୨କ୍ୟାରେଟ ମୂଲ୍ୟ) ୬୭,୦୫୦ଟଙ୍କା ଥିଲାବେଳେ ୨୪କ୍ୟାରେଟ ସୁନା ମୂଲ୍ୟ ୭୩,୧୪୫ ଟଙ୍କାରେ କାରବାର ହେଉଛି ବୋଲି ଘରୋଇ ବଜାରର ଅଗ୍ରଣୀ ସୁନା ବ୍ୟବସାୟୀ ଓ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ୨୦୨୪ ଏପ୍ରିଲ ପ୍ରଥମ ସପ୍ତାହରେ ସୁନା ଦର ପ୍ରତି ୧୦ ଗ୍ରାମ୍ ପିଛା (୨୨କ୍ୟାରେଟ ମୂଲ୍ୟ) ୬୪,୧୦୦ଟଙ୍କା ଥିଲାବେଳେ ୨୪ କ୍ୟାରେଟ ସୁନା ମୂଲ୍ୟ ୬୯,୯୨୭ ଟଙ୍କା ଥିଲା। ସେହିଭଳି ନୂଆଦିଲ୍ଲୀରେ ସୁନା ଦର ପ୍ରତି ୧୦ଗ୍ରାମ୍ ପିଛା (୨୨କ୍ୟାରେଟ ମୂଲ୍ୟ) ୬୭,୨୦୦ଟଙ୍କା ଥିଲାବେଳେ ୨୪ କ୍ୟାରେଟ ସୁନା ମୂଲ୍ୟ ୭୩,୩୦୦ଟଙ୍କାରେ ପହଞ୍ଚିଛି। ଏପରିକି ଦେଶର ପ୍ରମୁଖ ମହାନଗର କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇରେ ସୁନା ଦର ପ୍ରତି ୧୦ ଗ୍ରାମ୍ ପିଛା (୨୨କ୍ୟାରେଟ ମୂଲ୍ୟ) ୬୭,୦୫୦ଟଙ୍କା, ୬୭,୦୫୦ ଟଙ୍କା ଏବଂ ୬୭,୯୦୦ ଟଙ୍କା ଥିଲାବେଳେ ଉପରୋକ୍ତ ମହାନଗରଗୁଡ଼ିକରେ ୨୪କ୍ୟାରେଟ ସୁନା ମୂଲ୍ୟ ୭୩,୧୫୦ଟଙ୍କା, ୭୩,୧୫୦ ଟଙ୍କା ଏବଂ ୭୪,୦୭୦ ଟଙ୍କାରେ କାରବାର ହେଉଛି ବୋଲି ଜାତୀୟ ଗଣମାଧ୍ୟମରେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ ଆଗକୁ ବିଭାଘର ଓ ଅନ୍ୟାନ୍ୟ ଶୁଭକାର୍ଯ୍ୟ ଥିବାରୁ ଉଭୟ ଗ୍ରାହକ ଓ ବ୍ୟବସାୟୀମାନେ ଆଶା ଆଶଙ୍କା ମଧ୍ୟରେ ରହିଛନ୍ତି। ସେହିଭଳି ଅନ୍ତଃରାଷ୍ଟ୍ରୀୟ ବଜାରରେ ଦରବୃଦ୍ଧି ଓ ଭୂ-ରାଜନୈତିକ ପରିସ୍ଥିତି ସହ ଯୁଦ୍ଧ ଜାରି ରହିଥିବାରୁ ଆଗକୁ ମଧ୍ୟ ଦରଦାମ୍ ବୃଦ୍ଧି ଘଟିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି।

## ଶେୟାର ବଜାର କାରବାରରେ ହ୍ରାସ

ନୂଆଦିଲ୍ଲୀ,୧୫।୪

କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍ସେକ୍ସ ୮୪୫ (୮୪୫.୧୨) ପଏଣ୍ଟ କମି ୭୩,୩୮୦ (୭୩,୩୯୯.୭୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୨୪୭(୨୪୬.୯୦) ପଏଣ୍ଟ ହ୍ରାସ ଘଟି ୨୨,୨୭୨ (୨୨,୨୭୨.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ବଡ଼ଧରଣର ପରିବର୍ତ୍ତନ ହୋଇଛି।

## ଇଶା-ଦୀପିକାଙ୍କ ମଧ୍ୟରେ ବ୍ୟବସାୟିକ ସହଭାଗିତା

ଭୁବନେଶ୍ୱର,୧୫।୪



ଇଶା ଏମ୍ ଅମ୍ବାନୀ

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ରିଲାଏନ୍ସ ଗ୍ରୁପର ପ୍ରମୁଖ କମ୍ପାନୀ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ (ଆର୍ଆର୍ଭିଏଲ୍)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଇଶା ଏମ୍ ଅମ୍ବାନୀ ଏବଂ ୮୨°ଇର ସହ ପ୍ରତିଷ୍ଠାତା ଦୀପିକା ପାଦୁକୋନଙ୍କ ମଧ୍ୟରେ ବ୍ୟବସାୟିକ ସହଭାଗିତା ସ୍ଥାପନ ହୋଇଛି। ବିଶେଷ କରି ଆରଆରଭିଏଲର ପ୍ରମୁଖ ୟୁନିଟ ରିଲାଏନ୍ସ ରିଟେଲର ବିୟୁଟି ବ୍ରାଣ୍ଡ ଟିରା ଓ ସେଲପ କେୟାର ବ୍ରାଣ୍ଡ ୮୨°ଇ ପ୍ଲାଟଫର୍ମ ମଧ୍ୟରେ ବ୍ୟବସାୟିକ ଚୁକ୍ତିନାମା ହୋଇଥିବାବେଳେ ୮୨°ଇ ର ସମ୍ପ୍ରସାରଣ ସହ ଡି୨ସି ମଡେଲ ଜରିଆରେ ପ୍ରଥମଧରଣର ରିଟେଲ ସେବା ଯୋଗାଇ ଦେବାକୁ ଆବଶ୍ୟକ ସହାୟତା ଓ ସୁବିଧା ଉଭୟ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ବ୍ରାଣ୍ଡ୍ ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଆର୍ଆର୍ଭିଏଲ୍ର ନିର୍ଦ୍ଦେଶିକା ଇଶା ଏମ ଅମ୍ବାନୀ କହିଛନ୍ତି, ଆମେ ୮୨°ଇ ସହ ସହଭାଗିତା ସ୍ଥାପନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ସେଲ୍ଫ କେୟାର ଆଣ୍ଡ ହୋଲିଷ୍ଟିକ ୱେଲନେସ କ୍ଷେତ୍ରରେ ବ୍ରାଣ୍ଡର କମିଟମେଣ୍ଟ ବେଶ୍ ଉତ୍ସାହଜନକ ରହିଛି। ଫଳରେ ଟିରା ଗ୍ରାହକଙ୍କ ନିକଟତର ହେବାରେ ଏହା ବେଶ୍ ଲାଭଦାୟକ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିଭଳି ୮୨°ଇର ସହ ପ୍ରତିଷ୍ଠାତା ଦୀପିକା ପାଦୁକୋନ କହିଛନ୍ତି, ଟିରା ପ୍ଲାଟଫର୍ମରେ ୮୨°ଇ ବ୍ରାଣ୍ଡର ସମସ୍ତ ଉତ୍ପାଦ ଉପଲବ୍ଧ ହେବ। ଏପରିକି ଆମେ ଆମର ଗୁଣାତ୍ମକ ଉତ୍ପାଦ ଓ ସେବା ପ୍ଲାଟଫର୍ମ ଜରିଆରେ ଗ୍ରାହକଙ୍କୁ ଯୋଗାଇ ଦେବୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ସଙ୍ଗୀତା ଏଏସ୍ଆଇସିର ନୂଆ ଅଧ୍ୟକ୍ଷା

ଭୁବନେଶ୍ୱର,୧୫।୪



ସଙ୍ଗୀତା ଜିନ୍ଦଲ

ଏସିଆ ସୋସାଇଟି ଇଣ୍ଡିଆ ସେଣ୍ଟର (ଏଏସ୍ଆଇସି)ର ନୂତନ ଅଧ୍ୟକ୍ଷା ଭାବେ ଶିଳ୍ପପତି ସଙ୍ଗୀତା ଜିନ୍ଦଲ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଏସ୍ଆଇସି ବୋର୍ଡ ପକ୍ଷରୁ ସଙ୍ଗୀତା ଜିନ୍ଦଲଙ୍କୁ ବୋର୍ଡର ନୂତନ ଅଧ୍ୟକ୍ଷା ଭାବେ ନିର୍ବାଚିତ କରାଯାଇଛି। ଏପରିକି ତାଙ୍କ କାର୍ଯ୍ୟକାଳ ୨୦୨୪ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହୋଇଛି। ଏଏସ୍ଆଇସିର ସିଇଓ ଇନାକ୍ଷୀ ସୋବ୍ତି କହିଛନ୍ତି, ବୋର୍ଡର ନୂତନ ଅଧ୍ୟକ୍ଷା ଭାବେ ସଙ୍ଗୀତାଙ୍କୁ ପାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଆମେ ଏଏସ୍ଆଇସି ବୋର୍ଡରେ ଅଧ୍ୟକ୍ଷା ଭାବେ ସଙ୍ଗୀତା ଜିନ୍ଦଲଙ୍କୁ ସ୍ୱାଗତ କରୁଛୁ। ଦକ୍ଷିଣ ଏସିଆରେ ସେ ଆମର ମିଶନକୁ ବହୁତ ସହଯୋଗ କରିଛନ୍ତି ଏବଂ ଭାରତ ଓ ଦକ୍ଷିଣ ଏସିଆରେ ସମସାମୟିକ କଳାକୁ ସମର୍ଥନ କରିବା ପାଇଁ ତାଙ୍କର କାର୍ଯ୍ୟ ଏକ ପରିବର୍ତ୍ତନଶୀଳ ଶକ୍ତି,ଦକ୍ଷିଣ ଏସିଆରେ ଏସିଆ ସୋସାଇଟିର ସ୍ଥିତି ମଜଭୁତ କରିବା ପାଇଁ ଆମେ ତାଙ୍କ ସହ କାମ କରିବାକୁ ଚାହୁଁଛୁ ବୋଲି ଇନାକ୍ଷୀ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସଙ୍ଗୀତା ଜିନ୍ଦଲ ହେଉଛନ୍ତି ଆର୍ଟ ଇଣ୍ଡିଆର ସଭାପତି ଏବଂ ଜେଏସ୍ଡବ୍ଲ୍ୟୁ ଫାଉଣ୍ଡେଶନର ଅଧ୍ୟକ୍ଷା, ଯାହା ଜେଏସଡବ୍ଲ୍ୟୁ ଗ୍ରୁପ ଅଫ କମ୍ପାନୀର ସାମାଜିକ ବିକାଶ ପ୍ରକଳ୍ପ ପାଇଁ କାର୍ଯ୍ୟ କରୁଛି। ଫାଉଣ୍ଡେଶନର ନେତୃତ୍ୱ ନେଇ ସେ ୨୦ବର୍ଷ ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ସୃଷ୍ଟି, ସ୍ଥାନୀୟ କ୍ରୀଡ଼ା ବିକାଶ ଏବଂ କଳା ଓ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ସହିତ ଫାଉଣ୍ଡେଶନର ପରିସରକୁ ବ୍ୟାପକ କରିଛନ୍ତି।

## ଏଚ୍ସିଆଇଏଲର ନୂତନ ୱେୟାରହାଉସ କାର୍ଯ୍ୟର ଶୁଭାରମ୍ଭ

ଭୁବନେଶ୍ୱର,୧୫।୪




ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍ସିଆଇଏଲ୍)ର ନୂତନ ପ୍ରକଳ୍ପ 'ନ୍ୟୁ ସ୍ପେୟାର ପାର୍ଟସ ୱେୟାରହାଉସ ଫାସିଲିଟି (ନୂତନ ୱେୟାରହାଉସ) କାର୍ଯ୍ୟର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହି ନୂତନ ପ୍ରକଳ୍ପ ଜରିଆରେ କମ୍ପାନୀ ତା'ର ସମସ୍ତ ବାଣିଜ୍ୟିକ ୟୁନିଟ୍ ଯଥା ହୋଣ୍ଡା କାର୍ସ ଇଣ୍ଡିଆ, ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଏବଂ ହୋଣ୍ଡା ଇଣ୍ଡିଆ ପାୱାର ପ୍ରଡକ୍ଟସ ପାଇଁ ଆବଶ୍ୟକ ଯନ୍ତ୍ରପାତି (ସ୍ପେୟାର ପାର୍ଟସ) ଯୋଗାଇବା ସହ ବଜାର ଚାହିଦାକୁ ମଧ୍ୟ ଉକ୍ତ ୟୁନିଟ (ନ୍ୟୁ ଫାସିଲିଟି) ବେଶ୍ ସହାୟକ ହେବ ବୋଲି ହୋଣ୍ଡା ଗ୍ରୁପ ପକ୍ଷରୁ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, କର୍ଣ୍ଣାଟକର ବେଙ୍ଗାଲୁରୁ ନିକଟସ୍ଥ ଡୋଡାବାଲପୁରାଠାରେ ପ୍ରାୟ ୬୦,୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ କମ୍ପାନୀର ନୂତନ ୟୁନିଟ ଆରମ୍ଭ ହେବାକୁ ଯାଉଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ ମୋଟ ୨୫,୦୦୦ ବର୍ଗ ଫୁଟ ଜମିରେ ବିକଶିତ ହେବ। ଏ ସମ୍ପର୍କରେ ଏଚ୍ସିଆଇଏଲ୍ର ସଭାପତି ତଥା ସିଇଓ ତାକୁୟା ତସମୁରା କହିଛନ୍ତି, ବେଙ୍ଗଲୁରୁଠାରେ ଆମେ ଆମର ନୂତନ ସୁବିଧା କେନ୍ଦ୍ରର ( ନ୍ୟୁ ସ୍ପେୟାର ପାର୍ଟସ ୱେୟାରହାଉସଫାସିଲିଟି) କାର୍ଯ୍ୟ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଗ୍ରାହକଙ୍କୁ ଉନ୍ନତମାନର ସେବା ସହିତ ଗୁଣାତ୍ମକ ଉତ୍ପାଦ ବଜାର ଚାହିଦା ଅନୁଯାୟୀ ସମୟାନୁବର୍ତ୍ତିତା ମଧ୍ୟରେ ଯୋଗାଇ ଦେବୁ।

## ମଉଳୁଛି ଶସ୍ତା ଇଏମ୍ଆଇ ଆଶା

ଭୁବନେଶ୍ୱର,୧୫।୪(ଅନୁରାଧା ମହାରଣା)

ମହଙ୍ଗା ଇଏମ୍ଆଇରୁ ରକ୍ଷା ପାଇବାକୁ ଆଶା ବାନ୍ଧିଥିବା ଲୋକମାନେ ଚଳିତବର୍ଷର ଦ୍ୱିତୀୟାର୍ଦ୍ଧରେ ଏଥିରୁ ମୁକ୍ତି ପାଇବାକୁ ଆଶା କରୁଥିଲେ। ମାତ୍ର ମାର୍ଚ୍ଚ ମାସରେ ଆମେରିକାରେ ମୁଦ୍ରାସ୍ଫୀତି ହାର ବୃଦ୍ଧି ଏବଂ ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ଶସ୍ତା ଇଏମ୍ଆଇର ଆଶା ମଉଳିବାରେ ଲାଗିଛି। ଗତ ଏପ୍ରିଲ ୧୨ରେ ପରିସଂଖ୍ୟାନ ମନ୍ତ୍ରଣାଳୟ ତଥ୍ୟ ପ୍ରକାଶ କରି କହିଛି ଯେ, ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ହାର ୫%ରୁ ୪.୮୫%କୁ ଖସି ଆସିଛି ଏବଂ ଏହା ଆରବିଆଇର ଟଲେରାନ୍ସ ବ୍ୟାଣ୍ଡର ନିକଟତର ହୋଇଛି। ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇଥିଲେ ମଧ୍ୟ ଖାଦ୍ୟ ମୁଦ୍ରାସ୍ଫୀତି ହାର ୮.୫୨%ରେ ରହିଛି ଏବଂ ଡାଲି ଦର ସାଧାରଣ ଲୋକଙ୍କୁ ଅଧିକ ଚିନ୍ତାରେ ପକାଉଛି। ବିଶ୍ୱ ତିକ୍ତତା କାରଣରୁ ଅଶୋଧିତ ତୈଳ ବ୍ୟାରେଲ ପିଛା ୯୦ ଡଲାର ଅତିକ୍ରମ କରିଛି। ଡ୍ରୋନ ଏବଂ କ୍ଷେପଣାସ୍ତ୍ର ସହିତ ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାରକୁ ଯାଇପାରେ ବୋଲି ଆଶଙ୍କା କରାଯାଉଛି। ବର୍ତ୍ତମାନ ଲୋକ ସଭା ନିର୍ବାଚନ ହେତୁ ଆସନ୍ତା ଦୁଇମାସ ପାଇଁ ଅଶୋଧିତ ତୈଳଦର ବୃଦ୍ଧି ପରେ ମଧ୍ୟ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ବୃଦ୍ଧି ହୋଇ ନ ପାରେ, ମାତ୍ର ନିର୍ବାଚନ ସମାପ୍ତ ହେବା ପରେ ପେଟ୍ରୋଲିୟମ କମ୍ପାନୀଗୁଡ଼ିକ ସରକାରଙ୍କ ଉପରେ ଚାପ ପକାଇପାରନ୍ତି ବୋଲି ଆଶଙ୍କା କରାଯାଉଛି। ନିକଟରେ ମୁଦ୍ରା ନୀତି ଘୋଷଣା କରିବାବେଳେ ଆରବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ମୁଦ୍ରାସ୍ଫୀତି ସମ୍ପର୍କରେ କହିଥିଲେ ଯେ, ଖାଦ୍ୟ ସାମଗ୍ରୀର ମୂଲ୍ୟରେ ଅନିଶ୍ଚିତତା ହେତୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଁ ଚାପ ରହିବ। କେତେକ ପନିପରିବା ଏବଂ ଡାଲିର ବର୍ଦ୍ଧିତ ମୂଲ୍ୟ ଉପରେ ନଜର ରଖିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ସାଧାରଣ ତାପମାତ୍ରାଠାରୁ ଅଧିକ ଏବଂ ପାଗରେ ପରିବର୍ତ୍ତନ ହେତୁ ଘରୋଇ ତଥା ଅନ୍ତର୍ଜାତୀୟ ଖାଦ୍ୟ ମୂଲ୍ୟ ବୃଦ୍ଧି ହେବାର ଆଶଙ୍କା ସମ୍ପର୍କରେ ସେ ଚେତାବନୀ ଦେଇଥିଲେ।

**ନୀତି ରାଜନୀତି**

# ଭାଜପା ପ୍ରାର୍ଥୀଙ୍କ ବିରୋଧରେ ଫେରାଦ ହେଲା ବିଜେଡି

■ ବୈଜୟନ୍ତଙ୍କ ରାଲିରେ ପିଲାଙ୍କୁ ନିୟୋଜନ ଅଭିଯୋଗ

■ ଜୁଏଲଙ୍କ ଦଳୀୟ ସଭା ପାଇଁ ସରକାରୀ କଲ୍ୟାଣ ମଣ୍ଡପ ବୁକିଂ



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ବିଜେଡି ପ୍ରତିନିଧି।

ଭୁବନେଶ୍ୱର,୧୫।୪(ଅନିଲ ଦାସ)

କେନ୍ଦ୍ରାପଡ଼ା ଭାଜପା ଏମ୍ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ନିର୍ବାଚନ ରାଲିରେ ପିଲାମାନଙ୍କୁ ବ୍ୟବହାର କରୁଥିବା ସୋମବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିକଟରେ ଫେରାଦ ହୋଇଛି। ବିଜେଡି ଅଭିଯୋଗ ଅନୁଯାୟୀ, ଭାଜପା ଏମ୍ପି ପ୍ରାର୍ଥୀ ଗରଦପୁର ବ୍ଲକର ତିକନପୁରଠାରେ ଏପ୍ରିଲ ୧୪ ତାରିଖ ରାଲିରେ କମ୍ ବୟସର ୧୫ରୁ ୨୦ ଜଣ ପିଲାଙ୍କୁ ନେଉଥିବା ଦେଖାଯାଇଛି। ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ଥିବାବେଳେ ପିଲାମାନଙ୍କୁ ବିପଜ୍ଜନକ ଅବସ୍ଥାରେ ରାଲିରେ ନିଆଯାଇଛି। ଏହା ଶିଶୁ ଅଧିକାର ଆଇନ ଏବଂ ନିର୍ବାଚନ ଆଚରଣବିଧି ଆଇନକୁ ଉଲ୍ଲଂଘନ କରୁଛି। ଯେଉଁ ଭାଜପା ନେତାମାନେ ପିଲାମାନଙ୍କୁ ନିର୍ବାଚନ ରାଲିରେ ବ୍ୟବହାର କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସିଇଓ ଏବଂ ଓଡ଼ିଶା ନିର୍ବାଚନ କମିଶନଙ୍କ ନିକଟରେ ବିଜେଡି ଦାବି କରିଛି। ସେହିପରି ଭାଜପା ସୁନ୍ଦରଗଡ଼ ଏମ୍ପି ପ୍ରାର୍ଥୀ ଜୁଏଲ ଓରାମ ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରୁଥିବା ନେଇ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ବିଜେଡି ଅଭିଯୋଗ କରିଛି ଯେ, ଜୁଏଲ ଓରାମ ଓ ରାଜଗାଙ୍ଗପୁର ଭାଜପା ବିଧାୟକ ପ୍ରାର୍ଥୀ ନରସିଂହ ମିଞ୍ଜ ବିଲେଇଗଡ଼ରେ ଥିବା ଏକ ସରକାରୀ କଲ୍ୟାଣ ମଣ୍ଡପରେ ଏପ୍ରିଲ ୧୪ରେ ଦଳୀୟ ସଭା କରିବାକୁ ବଜାର ଦେଇ ରାଲିରେ ଆସୁଥିଲେ। ଏଭଳି ସଭାକୁ ସ୍ଥାନୀୟ ଲୋକ ବିରୋଧ କରିବାରୁ ତାହା ରଦ୍ଦ ହୋଇଯାଇଥିଲା। ସରକାରୀ କଲ୍ୟାଣ ମଣ୍ଡପକୁ ଦଳୀୟ ନିର୍ବାଚନ ପ୍ରଚାର ପାଇଁ ବୁକିଂ କରିବା ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି।

## ଭାଜପାରେ ସାମିଲହେଲେ ଜ୍ୟୋତି ପାଣିଗ୍ରାହୀ

ଭୁବନେଶ୍ୱର, ୧୫।୪(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ମହିଳା କମିଶନ୍ର ପୂର୍ବତନ ଅଧ୍ୟକ୍ଷା ଜ୍ୟୋତି ପାଣିଗ୍ରାହୀ ଓ ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ସରୋଜ କୁମାର ପାଣିଗ୍ରାହୀ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଛନ୍ତି। ସେହିପରି ବିଜେଡି ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ, ନୂଆପଡ଼ା ଜିଲା ଯୁବ ବିଜେଡି ସଭାପତି ହରିଚନ୍ଦ୍ର ପଣ୍ଡା ମଧ୍ୟ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ତାଙ୍କ ସହ ଟେକରାମ ସାହୁ, ଗୁକୁ ସାହୁ, ଅଶୋକ ସାହୁ, ଭରତ ପ୍ରଧାନ, ଘନଶ୍ୟାମ ସାହୁ ପ୍ରମୁଖ ବିଜେଡି ଛାଡ଼ି ଭାଜପାରେ ମିଶିଛନ୍ତି। ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ବରିଷ୍ଠ ନେତା ପ୍ରସନ୍ନ ମିଶ୍ର ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଭାଜପାରେ ଯୋଗଦେଇଛନ୍ତି। ସେହିପରି ଭୁବନେଶ୍ୱରର ମହିଳା ଉଦ୍ୟୋଗୀ ନେହା ପାଣିଗ୍ରାହୀ ଓ ରଶ୍ମିତା ଦାସ ଭାଜପାରେ ସାମିଲ ହୋଇଛନ୍ତି। ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଏମ୍ପି ବସନ୍ତ ପଣ୍ଡା, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନକରି ଦଳକୁ ସ୍ୱାଗତ କରିଛନ୍ତି।

## ଶଙ୍ଖ ଧରିଲେ ବନ୍ଧୁଗାଁ ବ୍ଲକ୍ ଉପାଧ୍ୟକ୍ଷା



ଭୁବନେଶ୍ୱର,୧୫।୪(ଅନିଲ ଦାସ)

କୋରାପୁଟ ଜିଲା ଅନ୍ତର୍ଗତ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀର ବନ୍ଧୁଗାଁ ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ପିଡ଼ିକାଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ସୋମବାର ଶଙ୍ଖ ଭବନଠାରେ ଲକ୍ଷ୍ମୀପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନି, ବିଜେଡି ସାଧାରଣ ସମ୍ପାଦକ ତଥା ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ସାଂସଦ ଝିନ୍ନ ହିକ୍କା ଓ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ଗୀତାଞ୍ଜଳିଙ୍କ ସହ ଶତାଧିକ କଂଗ୍ରେସ କର୍ମୀଙ୍କୁ ବିଜେଡି ପକ୍ଷରୁ ଦଳକୁ ସ୍ୱାଗତ କରାଯାଇଛି। ଏମାନଙ୍କ ଯୋଗଦାନ ଯୋଗୁ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ବିଜେଡି ନେତାମାନେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତିରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା ଗୀତାଞ୍ଜଳି କହିଛନ୍ତି। ବିଜେଡିରେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଏ। ନୂଆ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବେ। ଦଳ ତାଙ୍କୁ ଏବଂ ତାଙ୍କ ସହ ଯୋଗଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ଗୀତାଞ୍ଜଳି ଧନ୍ୟବାଦ ଦେଇଛନ୍ତି। ସମିତିସଭ୍ୟ ନିଦ୍ରାବତୀ ପିଡ଼ିକା, ପ୍ରଦୀପ ବେନ୍ତ,ବଳରାମ ମାଣ୍ଡିଗୀ, ବାଙ୍ଗୁ ଜାମ୍ଭେକା, ସୁଶୀଲ ଗରଡ଼ା, ପଣ୍ଡୁ ମେଲେକା,ମକରା ଗଦାରୀ, ଜଗା କୁଲେସିକା, ନଗେଶ କାଡ୍ରାକା, ଲକ୍ଷ୍ମୀ ସୌନ୍ତା, ଜାମା ପିଡିକା, କୁମ୍ମା କାଡ୍ରାକା, ସାମୁଲା କାଡ୍ରାକା, କୁମାରା ଜାକକା, ସୁନୀଲ କୁନ୍ତିଶ, ମନୋଜ ମୁଦୁଲି, ସୁଶାନ୍ତ ମୁଦୁଲି, ଲୋକନାଥ ମୁଦୁଲିଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

# ବିଜେଡି, ଭାଜପାର ମୁକାବିଲା ପାଇଁ କଂଗ୍ରେସର ମହିଳା କାର୍ଡ

ଢେଙ୍କାନାଳ,୧୫।୪(ରତନ ନାୟାର)

**ଢେଙ୍କାନାଳ ବିଧାନସଭା କ୍ଷେତ୍ର**



ସୁଧୀର କୁମାର ସାମଲ



ସୁସ୍ମିତା ସିଂହଦେଓ



କୃଷ୍ଣଚନ୍ଦ୍ର ପାତ୍ର

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା ଶେଷ ହୋଇଛି। ବିଜେଡିରୁ ବର୍ତ୍ତମାନର ବିଧାୟକ ସୁଧୀର କୁମାର ସାମଲ ପୁଣି ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ପୁରୁଣା ମୁହଁ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଉପରେ ଭରସା କରିଛି। ତେବେ କଂଗ୍ରେସ ଏଠାରେ ମହିଳା କାର୍ଡ ଖେଳିବା ସହ ନୂଆ ମୁହଁ ଭାବେ ରାଜ ପରିବାରର ସଦସ୍ୟା ସୁସ୍ମିତା ସିଂହଦେଓଙ୍କୁ ପ୍ରାର୍ଥୀ କରିଛି। ଫଳରେ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସହ ୩ ପ୍ରମୁଖ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ଚର୍ଚ୍ଚା ହେଉଛି।

ବିଜେଡିରୁ ପ୍ରାର୍ଥୀ ହୋଇଥିବା ବିଧାୟକ ସାମଲ ୨୦୦୦ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ପରାଜିତ ହୋଇଥିଲେ। ଏହାପରେ ସେ ୨୦୦୪ରେ କଂଗ୍ରେସ ପ୍ରାର୍ଥୀ ହୋଇ ବିଜୟ ପାଇଥିଲେ। ପରେ ସେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେବା ସହ ୨୦୧୯ ନିର୍ବାଚନରେ ଜିତି ବିଧାୟକ ହୋଇଥିଲେ। ୨୦୨୪ରେ ବିଜେଡି ପୁନର୍ବାର ତାଙ୍କୁ ଏଠାରୁ ପ୍ରାର୍ଥୀ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟକୁ ନେଇ ସେ ଭୋଟରଙ୍କ ପାଖରେ ପହଞ୍ଚିବା ସହ ଗଡ଼ ସୁରକ୍ଷିତ ରଖିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ୨୦୦୦ ମସିହାରେ ବିଜେଡି-ଭାଜପା ମେଣ୍ଟରେ ଭାଜପାରୁ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଏହାପରେ ଗତ ୪ଟି ନିର୍ବାଚନ ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ସେ ଭାଜପାରୁ ପ୍ରାର୍ଥୀ ହୋଇଥିଲେ ହେଁ ସଫଳତା ପାଇପାରି ନାହାନ୍ତି। ଚଳିତ ନିର୍ବାଚନରେ ପୁଣିଥରେ ଦଳ ତାଙ୍କ ଉପରେ ଆସ୍ଥା ରଖିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ତଥା ମୋଦି ଗ୍ୟାରେଣ୍ଟିକୁ ସେ ପ୍ରଚାରରେ ପ୍ରମୁଖ ପ୍ରସଙ୍ଗ କରିବା ସହିତ ରାଜ୍ୟ ବିଜେଡି ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଏହି ନିର୍ବାଚନ କୃଷ୍ଣଙ୍କ ପାଇଁ ଅନ୍ତିମ ସୁଯୋଗ ଏବଂ ଅଗ୍ନି ପରୀକ୍ଷା ବୋଲି ଦଳୀୟ କର୍ମୀମାନେ ଆଲୋଚନା କରୁଛନ୍ତି। ସେହିପରି କଂଗ୍ରେସ ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷା ପ୍ରସାଦ ସିଂହଦେଓଙ୍କ ପୁତୁରା ରାଜୀବ ଲୋଚନ ସିଂହଦେଓଙ୍କ ସ୍ତ୍ରୀ ସୁସ୍ମିତା ସିଂହଦେଓଙ୍କୁ ପ୍ରାର୍ଥୀ କରିଛି। ସୁସ୍ମିତା ପ୍ରଥମକରି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ରାଣୀ ରତ୍ନପ୍ରଭା ଦେବୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପରେ ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ରାଜନୀତିରେ ସୁସ୍ମିତାଙ୍କ ପଦାର୍ପଣ ବେଶ୍ ଆଲୋଚନାର ବିଷୟ ହୋଇଛି। ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଶେଷଥର ପାଇଁ କଂଗ୍ରେସ ୨୦୦୪ ମସିହାରେ ଜିତିଥିଲା। ତେଣୁ ସେହି ସଫଳତା ଦୋହରାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ସୁସ୍ମିତା। ସ୍ଥାନୀୟ ସମସ୍ୟାକୁ ନେଇ ସେ ଉଭୟ ବିଜେଡି ଓ ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଇତିମଧ୍ୟରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ବିଭିନ୍ନ ଅଞ୍ଚଳ ଗସ୍ତକରି ଲଢ଼େଇ ଜୋରଦାର କରିବା ପାଇଁ କର୍ମୀମାନଙ୍କୁ ଜାଗ୍ରତ କରୁଥିବା ଦେଖାଯାଇଛି।

# ବିଜେଡିରୁ ବିତାଡ଼ିତ ନେତା ଏବେ ଭାଜପା ପୋଷ୍ଟର ବୟ: ବିଜେଡି

ଭୁବନେଶ୍ୱର,୧୫।୪(ଅନିଲ ଦାସ)

ଆପରାଧିକ କାର୍ଯ୍ୟକଳାପ ପାଇଁ ବିଜେଡିରୁ ବିତାଡ଼ିତ ହୋଇଥିବା ପ୍ରଶାନ୍ତ ଜଗଦ୍ଦେବ ଏବଂ ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ ଠକି ବିଦା ହୋଇଥିବା ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ନେତା ଏବେ ଓଡ଼ିଶା ଭାଜପାର ପୋଷ୍ଟର ବୟ ସାଜିଛନ୍ତି ବୋଲି ବିଜେଡି ମୁଖପାତ୍ର ସ୍ୱୟଂ ପ୍ରକାଶ ମହାପାତ୍ର କହିଛନ୍ତି।

ଶଙ୍ଖ ଭବନଠାରେ ସୋମବାର ଗଣମାଧ୍ୟମକୁ ସେ କହିଛନ୍ତି, ପ୍ରଶାନ୍ତ ଜଗଦ୍ଦେବ ଯିଏ କି ଓଡ଼ିଶା ଭାଜପା କର୍ମୀଙ୍କ ଉପରେ ଗାଡ଼ି ଚଢ଼ାଇ ଜେଲ ଯାଇଥିଲେ, ସେ ଏବେ ସେହି ଦଳର ତଥାକଥିତ ତୁଙ୍ଗନେତାଙ୍କ ମାର୍ଗଦର୍ଶକ ସାଜିଛନ୍ତି। ଏଭଳି ଅବସ୍ଥାରେ ନିଜ କର୍ମୀଙ୍କୁ ଓଡ଼ିଶା ଭାଜପା ନେତାମାନେ କିଭଳି ମୁହଁ ଦେଖାଇ ପାରୁଛନ୍ତି। ଖୋର୍ଦ୍ଧାରେ ଖବରଦାତାଙ୍କୁ ଆକ୍ରମଣ କରିବା, ମଦ୍ୟପାନକରି ପୋଲିସ ଅଧିକାରୀଙ୍କୁ ଧମକାଇବା ଭଳି କାର୍ଯ୍ୟରେ ଏବେ ବି ଜଗଦ୍ଦେବ ଲିପ୍ତ ଅଛନ୍ତି। ଏଭଳି କାମ ପାଇଁ ତାଙ୍କୁ କ'ଣ ଓଡ଼ିଶା ଭାଜପା ଲାଇସେନ୍ସ ଦେଇଛି କି ବୋଲି ବିଜେଡି ପ୍ରଶ୍ନ କରିଛି।

ସେହିଭଳି ପ୍ରଦୀପ ପାଣିଗ୍ରାହୀ ଯିଏ କି ନିଜ ଅଞ୍ଚଳର ଗରିବ ଯୁବକଙ୍କୁ ଚାକିରି ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକି ଜେଲ ଯାଇଥିଲେ, ବର୍ତ୍ତମାନ ସେ ଅଫିସରଙ୍କୁ ଧମକାଇବା ଏବଂ ମହିଳାଙ୍କୁ ଅପମାନିତ କରିଚାଲିଛନ୍ତି। ଏଭଳି କାର୍ଯ୍ୟକୁ ଓଡ଼ିଶା ଭାଜପା ପ୍ରଶ୍ରୟ ଦେଇଚାଲିଛି। ଉଭୟ ପ୍ରଦୀପ ଏବଂ ପ୍ରଶାନ୍ତ ସରକାରୀ ଅଧିକାରୀଙ୍କୁ ଡରାଇ ଧମକାଇବା ସହ ଆଶାକର୍ମୀ, ମିଶନ ଶକ୍ତି ମା'ଙ୍କୁ ନାଲିଆଖି ଦେଖାଇ ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି। ଏଭଳି ନେତା ଏବେ ଓଡ଼ିଶା ଭାଜପା ପାଇଁ ଆଶାବାଡ଼ି ସାଜିଥିବା ବିଜେଡି ଅଭିଯୋଗ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସନରାଇଜର୍ସର ଚତୁର୍ଥ ବିଜୟ

## ଟ୍ରାଭିସ୍ ହେଡ୍‌ଙ୍କ ଦ୍ରୁତ ଶତକ

ବେଙ୍ଗାଲୁରୁ,୧୫।୪

ଇଣ୍ଡିଆନ୍‌ପ୍ରିମିୟରଲିଗ୍(ଆଇପିଏଲ)ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ୨୫ ରନ୍‌ରେ ପରାସ୍ତ କରିଛି ସନରାଇଜର୍ସ ହାଇଦ୍ରାବାଦ। ଟ୍ରାଭିସ୍ ହେଡ୍‌ଙ୍କ ଦ୍ରୁତ ଶତକ ବଳରେ ନିର୍ଦ୍ଧାରିତ ଓଭରରେ ୩ ଉଇକେଟରେ ୨୮୭ ରନ୍ କରିବା ସହ ଆଇପିଏଲ ଇତିହାସର ସର୍ବାଧିକ ସ୍କୋର ରେକର୍ଡ କରିଥିଲା ହାଇଦ୍ରାବାଦ। ପୂର୍ବରୁ ଦଳ ଚଳିତ ସିଜନରେ ହିଁ ୨୭୭ ରନ୍‌ର ସ୍କୋର ନିଜ ନାମରେ କରିଥିଲା। ଜବାବରେ ଆରସିବି ୭ ଉଇକେଟ ହରାଇ ୨୬୨ ରନ୍ କରିଥିଲା। ଏହି ମ୍ୟାଚ୍‌ରେ ମୋଟ ୩୮ ଛକା ଦେଖିବାକୁ ମିଳିଥିବା ବେଳେ ରେକର୍ଡ ୫୪୯ ରନ୍‌ସ୍କୋର ହୋଇଥିଲା।

ଟସ୍ ହାରି ଆରସିବି ଅଧିନାୟକ ଫାଫ୍ ଡୁପ୍ଲେସି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଅଭିଷେକ ଶର୍ମା(୩୪) ଓ ଟ୍ରାଭିସ୍ ହେଡ୍ (୧୦୨) ପ୍ରଥମ ଉଇକେଟରେ୧୦୮ରନ୍ ଯୋଡିଥିଲେ। ଅଭିଷେକ ୨୨ ବଲ୍ ଖେଳି ସେ ୨ଟି ଲେଖାଏ ଛକା ଓ ଚୌକା ସହ ୩୪ ରନ୍ କରିଥିଲେ। ହେନରିଚ୍ କ୍ଲାସେନ୍‌ଙ୍କୁ ତୃତୀୟ ସ୍ଥାନରେ ବ୍ୟାଟିଂ କରିଥିବା ବେଳେ ହେଡ୍‌ଙ୍କ ସହ ୫୭ ରନ୍ ଯୋଡିଥିଲେ। ଶତକ ପୂରଣ କରିବାରେ ଠିକ୍ ପରେ ହେଡ୍ ପ୍ୟାଭିଲିୟନ ଫେରିଥିଲେ। ସେ ୪୧ ବଲ୍ ଖେଳି ୯ ଚୌକା ଓ ୮ ଛକା ସହ ୧୦୨ ରନ୍ କରି ଆଉଟ ହୋଇଥିଲେ। ଟ୍ରାଭିସ୍ ହେଡ୍ ୩୯ ବଲରେ ଶତକ ପୂରଣ କରିବା ସହ ଚଳିତ ସିଜନର ତଥା ଆଇପିଏଲ ଇତିହାସରେ ଚତୁର୍ଥ ଦ୍ରୁତତମ ଶତକ ନିଜ ନାମରେ ରେକର୍ଡ କରିଥିଲେ। ହେଡ୍‌ଙ୍କ ଉଇକେଟ ପତନ ପରେ କମାଣ ସମ୍ଭାଳିଥିଲେ କ୍ଲାସେନ୍। ୩୧ ବଲ୍ ଖେଳି ବିସ୍ଫୋରକ ୬୭ ରନ୍ କରି ଏଡେନ୍ ମାରକ୍ରମଙ୍କ ସହ ସେ ୬୬ ରନ୍ ଯୋଡିଥିଲେ। କ୍ଲାସେନଙ୍କ ଇନିଂସରେ ୨ ଚୌକା ଓ ୭ ଛକା ସାମିଲ ଥିଲା। ୧୭ ତମ ଓଭରର ଅନ୍ତିମ ବଲ୍‌ରେ କ୍ଲାସେନ୍ ଆଉଟ ହୋଇଥିଲେ। ଶେଷ ଆଡକୁ ଏଡେନ୍ ମାରକ୍ରମ ୩୨* ଓ ଅବଦୁଲ ସମଦ ୩୭* ରନ୍ କରିଥିଲେ। ଆରସିବି ପକ୍ଷରୁ ଲୋକି ଫର୍ଗୁସନ ୨ ଓ ରିସି ଟପ୍‌ଲେ ୧ ଉଇକେଟ ନେଇଥିଲେ।

୨୮୭ ରନ୍‌ର ଅସମ୍ଭବ ଲକ୍ଷ୍ୟ ନେଇ ଆରସିବି ପକ୍ଷରୁ ବିରାଟ କୋହଲି(୪୨) ଓ ଫାଫ୍ ଡୁ ପ୍ଲେସି(୬୨) ପ୍ରଥମ ଉଇକେଟରେ ୮୦ ରନ୍ ଯୋଡିଥିଲେ। ତେବେ ବିରାଟ ଆଉଟ ହେବା ପରେ ୱିଲ ଜ୍ୟାକ୍ସ(୭) ଓ ରଜତ ପଟିଦାର(୯) ଓ ସୌରଭ ଚୌହାନ(୦) ଶସ୍ତାରେ ଆଉଟ ହୋଇ ଦଳକୁ ସଙ୍କଟରେ ପକାଇଥିଲେ। ଦଳୀୟ ସ୍କୋର ୧୨୧ରେ ଫାଫ ଆଉଟ ହେବା ପରେ ଆରସିବିର ବିଜୟ ଆଶା ମଉଳି ଯାଇଥିଲା। ଫାଫ୍ ୨୮ ବଲ୍ ଖେଳି ୭ ଚୌକା ଓ ୪ ଛକା ସହ ୬୨ ରନ୍ କରିଥିଲେ। ତେବେ ଉଇକେଟ କିପର ବ୍ୟାଟର ଦୀନେଶ କାର୍ତ୍ତିକ ଏକାକୀ ସଂଘର୍ଷ ଜାରି ରଖିଥିଲେ। ୩୫ ବଲ୍ ଖେଳି ସେ ୫ ଚୌକା ଓ ୭ ଛକା ସହ ଧୂଆଁଧାର ୮୩ ରନ୍‌ର ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଜ ରାୱତ ଅପରାଜିତ ୨୫ ଓ ମହିପାଲ ଲୋମରୋର ୧୯ ରନ୍ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଅଧିନାୟକ ପ୍ୟାଟ କୁମିନ୍ସ ୩ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମୟଙ୍କ ମାର୍କଣ୍ଡେ ୨ ଓ ଟି. ନଟରାଜନ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୮୭/୩ (ଟ୍ରାଭିସ ହେଡ୍-୧୦୨, ହେନରିଚ୍ କ୍ଲାସେନ୍-୬୭, ଅବଦୁଲ ସମଦ-୩୭*, ଲୋକି ଫର୍ଗୁସନ-୨/୫୨, ରିସି ଟପ୍‌ଲେ-୧/୬୮)। ଆରସିବି ୨୦ ଓଭରରେ ୨୬୨/୭ (ଦୀନେଶ କାର୍ତ୍ତିକ-୮୩, ଫାଫ୍ ଡୁପ୍ଲେସି-୬୨, ବିରାଟ କୋହଲି-୪୨, ପ୍ୟାଟ୍ କୁମିନ୍ସ-୩/୪୩, ମୟଙ୍କ ମାର୍କଣ୍ଡେ-୨/୪୬, ଟି ନଟରାଜନ-୧/୪୭)।


ଶଟ୍ ଖେଳିବା ଅବସରରେ ଟ୍ରାଭିସ ହେଡ୍।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**କୋଲକାତା ବନାମ ରାଜସ୍ଥାନ**

ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୬ | ୫ | ୧ | ୧୦ | +୦.୭୬୭ |
| କୋଲକାତା ନାଇଟ ରାଇଡର୍ସ | ୫ | ୪ | ୧ | ୮ | +୧.୬୮୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୪ | ୨ | ୮ | +୦.୭୨୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୩ | ୩ | ୬ | +୦.୦୩୮ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୬ | -୦.୬୩୭ |
| ପଞ୍ଜାବ କିଙ୍ଗ୍ସ | ୬ | ୨ | ୪ | ୪ | -୦.୨୧୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୪ | -୦.୨୩୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୨ | ୪ | ୪ | -୦.୯୭୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୪ |

## ଇଂଲଣ୍ଡର ଶ୍ରେଷ୍ଠ ସ୍ପିନର ଅଣ୍ଡରଉଡ୍‌ଙ୍କ ଦେହାନ୍ତ



ନୂଆଦିଲ୍ଲୀ, ୧୫।୪ (ପି.ଟି.)

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଂଲଣ୍ଡର ଶ୍ରେଷ୍ଠ ସ୍ପିନର ବିବେଚନା କରାଯାଉଥିବା ଡେରିକ୍ ଅଣ୍ଡରଉଡ୍‌ଙ୍କର କେଣ୍ଟଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ତାଙ୍କ ସମୟରେ ସେ କିମ୍ବଦନ୍ତୀ ସୁନୀଲ ଗାଭାସ୍କରଙ୍କ ଭଳି ବ୍ୟାଟରଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ଅଣ୍ଡରଉଡ ହେଉଛନ୍ତି ବାମହାତୀ ଧିମା ରକ୍ଷଣଶୀଳ ସ୍ପିନ ବୋଲର। ୬୦ଦଶକରୁ ୭୦ ଦଶକ ମଧ୍ୟରେ ସେ ଲକ୍ଷ୍ୟଭେଦୀ ବୋଲିଂ ପରି ବ୍ୟାଟରମାନଙ୍କୁ ସମସ୍ୟାରେ ପକାଉଥିଲେ। ଅଣ୍ଡରଉଡ୍ ୮୬ ଟେଷ୍ଟ ମ୍ୟାଚ ଖେଳି ୨୯୭ ଉଇକେଟ ଅକ୍ତିଆର କରିଛନ୍ତି। ଜଣେ ଇଂଲଣ୍ଡ ସ୍ପିନର ଭାବେ ଏହା ସର୍ବାଧିକ। ସେ ତାଙ୍କ ଦୀର୍ଘ ୨୪ ବର୍ଷର ପ୍ରଥମଶ୍ରେଣୀ କ୍ୟାରିୟରରେ ୨,୪୬୫ ଉଇକେଟ ଅକ୍ତିଆର କରିବାରେ ସମର୍ଥ ହୋଇଛନ୍ତି। ଅଣ୍ଡରଉଡଙ୍କ କ୍ୟାରିୟରର ସବୁଠାରୁ ଉଲ୍ଲେଖନୀୟ ମୁହୂର୍ତ୍ତ ଥିଲା ୧୯୭୭ରେ, ଯେତେବେଳେ ସେ ଭାରତ ବିପକ୍ଷରେ ୨୯ ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ୫ ମ୍ୟାଚ ବିଶିଷ୍ଟ ସିରିଜ ୩-୧ରେ ବିଜୟ ଲାଭ କରିଥିଲା। ୧୯୩୩-୩୪ରେ କିମ୍ବଦନ୍ତୀ ଡଗଲାସ ଜାର୍ଡିନଙ୍କ ନେତୃତ୍ୱରେ ଭାରତ ଟୁର୍ ପରେ ଇଂଲଣ୍ଡର ଏହାର ପ୍ରଥମ ସିରିଜ ବିଜୟ ଥିଲା। ଅଣ୍ଡରଉଡ୍ ଟେଷ୍ଟ କ୍ରିକେଟରେ ଜଣେ ବୋଲର ହିସାବରେ ସେ ଗାଭାସ୍କରଙ୍କୁ ସର୍ବାଧିକ ୧୨ଥର ଆଉଟ କରିଥିଲେ। ଖେଳର ସବୁଠାରୁ ଲମ୍ବା ଫର୍ମା ଫର୍ମାଟରେ ତାଙ୍କ ପଛକୁ ଲିଟଲ ମାଷ୍ଟରଙ୍କୁ ୧୧ଥର ଲେଖାଏଁ ଆଉଟ କରିଥିବା ବୋଲର ଦ୍ୱୟ ହେଲେ ପାକିସ୍ତାନର ପୂର୍ବତନ ଅଧିନାୟକ ଇମ୍ରାନ ଖାନ୍ ଓ ୱେଷ୍ଟଇଣ୍ଡିଆନ ଫାଷ୍ଟ ବୋଲିଂ କିମ୍ବଦନ୍ତୀ ମାଇକେଲ ହୋଲ୍ଡିଂ। ଗାଭାସ୍କର ନିଜେ ମଧ୍ୟ ଅଣ୍ଡରଉଡ୍‌ଙ୍କ ବୋଲିଂ ଆଗରେ ହାର ମାନିଥିଲେ। ଅଣ୍ଡରଉଡ ନିଖୁଣ ଲକ୍ଷ୍ୟଭେଦୀ ବୋଲିଂ କରିଥାନ୍ତି। ତାଙ୍କୁ ଯେକୌଣସି କଣ୍ଡିଶନରେ ସାମ୍ନା କରିବା କଷ୍ଟସାଧ ହୋଇଥାଏ। ଗାଭାସ୍କର ନିକଟରେ କହିଥିଲେ ୱେଷ୍ଟଇଣ୍ଡିଆନ ଆଣ୍ଡି ରବର୍ଟ୍ସଙ୍କ ପରେ ତାଙ୍କ କ୍ୟାରିୟରରେ ସେ ସାମ୍ନା କରିଥିବା କଠିନ ବୋଲର ହେଉଛନ୍ତି ଅଣ୍ଡରଉଡ୍।

## ଭୁବନେଶ୍ୱର 'ଏ', ଝାରସୁଗୁଡ଼ା, ସୋନପୁର ବିଜୟୀ

### ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ

ଭୁବନେଶ୍ୱର, ୧୫।୪ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଲିଗ୍ (ଗ୍ରୁପ୍-ଏ)ରେ ଭୁବନେଶ୍ୱର 'ଏ', ଝାରସୁଗୁଡ଼ା ଓ ସୋନପୁର ଦଳ ବିଜୟୀ ହୋଇଛି। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଭୁବନେଶ୍ୱର 'ଏ' ୭ ଉଇକେଟରେ ଅନୁଗୋଳକୁ, ଅଡଶପୁର ପଡ଼ିଆରେ ଝାରସୁଗୁଡ଼ା ୧୬୩ ରନରେ କୋରାପୁଟକୁ ଏବଂ ସନ୍‌ସାଇନ୍ ଗ୍ରାଉଣ୍ଡରେ ସୋନପୁର ୭୦ ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ଝାରସୁଗୁଡ଼ାର ନୀରବ ଅଗ୍ରୱାଲ ୯୧ରନ କରିଥିବାବେଳେ ବିଶାଲ ପ୍ରସାଦ ୫ ଉଇକେଟ ନେଇ ଚର୍ଚ୍ଚାରେ ରହିଥିଲେ।


ବିଶାଲ ପ୍ରସାଦ

## କ୍ୟାଣ୍ଡିଡେଟ୍ସ ଚେସ୍: ଭିଦିତ ଗୁଜରାଠୀ ବିଜୟୀ

ଟରଣ୍ଟୋ,୧୫।୪(ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟରେ ନବମ ରାଉଣ୍ଡ ସୁଦ୍ଧା ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି। ସୋମବାର ଏକମାତ୍ର ଭାରତୀୟ ଗ୍ରାଣ୍ଡ ମାଷ୍ଟର ଭାବରେ ଭିଦିତ ଗୁଜରାଠୀ ବିଜୟୀ ହୋଇଥିବା ବେଳେ ଆର. ପ୍ରଜ୍ଞାନନ୍ଦ ଓ ଡି. ଗୁକେଶ ନିଜ ନିଜ ମ୍ୟାଚ୍ ଅମୀମାଂସିତ ରଖିଛନ୍ତି। ଆହୁରି ୫ ରାଉଣ୍ଡ ଖେଳ ବାକି ରହିଥିବା ବେଳେ ୧୭ ବର୍ଷୀୟ ଗୁକେଶ ଓ ରୁଷିଆର ଇଆନ ନେପୋମନିଆଚି ୫.୫ ପଏଣ୍ଟ ଲେଖାଏ ହାସଲ କରି ଯୁଗ୍ମଭାବେ ଶୀର୍ଷରେ ରହିଛନ୍ତି।

ଅଷ୍ଟମ ରାଉଣ୍ଡରେ ଗୁକେଶଙ୍କଠାରୁ ହାରିଥିବା ଗୁଜରାଠୀ ସୋମବାର ଏକମାତ୍ର ଖେଳାଳି ଭାବେ ବିଜୟୀ ହୋଇଥିବା ବେଳେ ଅନ୍ୟ ସମସ୍ତ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା। ଗୁଜରାଠୀ ଦ୍ୱିତୀୟ ସିଡ୍ ଆମେରିକାର ହିକାରୁ ନାକାମୁରାଙ୍କୁ ପରାସ୍ତ କରିଥିଲେ। ଦୁଇ ଭାରତୀୟ ଗ୍ରାଣ୍ଡ ମାଷ୍ଟର ଆର. ପ୍ରଜ୍ଞାନନ୍ଦ ଓ ଡି. ଗୁକେଶଙ୍କ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଡ୍ର ରହିଥିଲା। ଗୁକେଶ ୫.୫ ପଏଣ୍ଟ ସହ ଯୁଗ୍ମ ତୃତୀୟ ସ୍ଥାନରେ ରହିଛନ୍ତି। ରୁଷିଆର ଇଆନ ନେପୋମନିଆଚି ଓ ଫ୍ରାନ୍ସର ଫିରୌଜା ଅଲିରେଜାଙ୍କ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍ ଡ୍ର ରହିଥିଲା। ଆଜରବୈଜାନର ନିଜତ ଅବସୋଭ ନିଜ ମ୍ୟାଚ୍ ଆମେରିକାର ଫାବିଆନୋ କାରୁଆନାଙ୍କ ବିପକ୍ଷରେ ଡ୍ର ରଖିଥିଲେ। ଆର୍. ପ୍ରଜ୍ଞାନନ୍ଦ ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ହିକାରୁ ନାକାମୁରା, ଭିଦିତ ଗୁଜରାଠୀ ଓ ଫାବିଆନୋ କାରୁଆନା ୪.୫ ପଏଣ୍ଟ ସହ ଯୁଗ୍ମ ଭାବେ ଚତୁର୍ଥ ସ୍ଥାନରେ ରହିଛନ୍ତି। ଫିରୌଜା ଅଲିରେଜା ୩.୫ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଥିବା ବେଳେ ୩ ପଏଣ୍ଟ ସହ ନିଜତ ଅବସୋଭ ଅନ୍ତିମ ସ୍ଥାନରେ ଅଛନ୍ତି। ଭିଦିତ ଗୁଜରାଠୀ ଇଟାଲିଆନ୍ ଓପନିଂ ସହ ଆରମ୍ଭ କରିଥିବା ବେଳେ ନାକାମୁରା ପରାଜିତ ହୋଇଥିଲେ। ମହିଳା ବିଭାଗରେ ସୋମବାର ଭାରତୀୟଙ୍କ ପାଇଁ ମିଶ୍ରିତ ଫଳାଫଳ ରହିଥିଲା। ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀ ନିଜ ମୁକାବିଲାରେ ପରାଜିତ ହୋଇଥିବା ବେଳେ କୋନେରୁ ହମ୍ପି ମ୍ୟାଚ୍ ଡ୍ର ରଖିଛନ୍ତି।

## ସୁଦୀପ୍ତା, ଶିବ, ସୁଜିତ ସିନିୟର ରେଫରି ଇନ୍‌ଷ୍ଟ୍ରକ୍ଟର


ସୁଦୀପ୍ତା ଦାଶ


ଶିବ ଶଙ୍କର ପଣ୍ଡା


ସୁଜିତ ପାତ୍ରୋ

ଭୁବନେଶ୍ୱର, ୧୫।୪ (ତପନ ସ୍ୱାଇଁ)

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ଭୁବନେଶ୍ୱରରେ ଫେବୃୟାରୀ ୧୭ରୁ ୧୯ ପର୍ଯ୍ୟନ୍ତ ବେସିକ୍ ରେଫରି ଇନ୍‌ଷ୍ଟ୍ରକ୍ଟର କୋର୍ସ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୩ ଜଣ ସୁଦୀପ୍ତା ଦାଶ, ଶିବ ଶଙ୍କର ପଣ୍ଡା ଓ ସୁଜିତ ପାତ୍ରୋ ଅଂଶଗ୍ରହଣ କରିଥିଲେ। ସମସ୍ତ ୩ ଜଣ ଯାକ ବ୍ୟକ୍ତି ଆକ୍ରିଡେଟେଡ 'ସି' ଲାଇସେନ୍ସପ୍ରାପ୍ତ ରେଫରି ଇନ୍‌ଷ୍ଟ୍ରକ୍ଟର ଏବଂ ସିନିୟର ରେଫରି ଇନ୍‌ଷ୍ଟ୍ରକ୍ଟର ହେଲେ ବୋଲି ସୋମବାର ଏଆଇଏଫଏଫ ପକ୍ଷରୁ ଘୋଷଣା କରାଯାଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ସୁଦୀପ୍ତା, ଶିବ ଶଙ୍କର ଓ ସୁଜିତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**Classified Everyday**
**0674-2580101, 2549949**

CLASSIFIED DISPLAY
MORE SPACE ' SAME PRICE


REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

Readymade well-furnished duplex house at Nayapalli, Bhubaneswar of plot No.- N6/421, Land Area- 2700sqft. (45ft x 60 ft), construction Area- ground floor 1700sqft. & first floor 1700sqft. 7008563697. D-092

Dhabalhar (Balianta) and Kesura fully Housing Project developed road and electricity. Limited plot available. Hurry up ! 9090432721. D-063

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.- 1560/-. 9439049194, 7978551614. D-67131

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

Duplex sale at Bhubaneswar @ 57 lakhs only. Contact- 9777433701. D-75945

Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call- 9437631769. D-093

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' road, ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। (Owner). 9090963952. D-75946




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

Relax, Refresh your Body, Mind at Saikrupa Spa with best therapies. 8984068077. D-094

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open Jyoti Spa positively health benefits (Expert Therapist). 8458067955. D-76111

Body massage by experience good looking therapist @ 999/- (Bhubaneswar). 9078484455. D-077

Newly opend central SPA full-body massage. Trend therapist. 8456885600. D-75729

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Purnima Sahu, W/o- Sujit Kumar Sahu, Village/P.O.- Badmal, P.S./Tah- Bhatli, Dist.- Bargarh, do hereby declared that in my Rural Postal Life Insurance Policy No. R-OR-EA-128545 my name mentioned as Purnami Bhoi. That Purnima Sahu and Purnami Bhoi is one and same person i.e myself. D-091

By virtue of an affidavit dated 19.01.2024 before Sri Laxmi Tiria, Executive Magistrate, Bhubaneswar, We Smruti Ranjan Nayak and Binita Ekka have changed name of our Minor Daughter "Abhija Sarah Nayak" to "Abijah Sarah Nayak". She will be known as "Abijah Sarah Nayak" for all purposes. D-050

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



✓ ଆଶୁତୋଷ ମହାନ୍ତି
କଣ୍ଟଣଅଣ୍ଡା, ବାଲିପଡ଼ା, ପଙ୍କାମୁଣ୍ଡାଇ
ଆବିର୍ଭାବ - ୧୩.୦୪.୧୯୪୧
ତିରୋଧାନ - ୦୬.୦୪.୨୦୨୪
ନିର୍ବାପିତ ହେଲା ଜୀବନ ପ୍ରଦୀପ
ଶେଷ ହେଲା ତୁମ ଆୟୁ,
ସବୁ କିଛି ଆମେ ହରାଇ ବସିଲୁ
ଫେରିବନି ତୁମେ ଆଉ।
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ - ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ।
ଧ-୦୮୮

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉପକାରୀ ଜିରା

**ଆମେ ସାଧାରଣତଃ ଅଧିକାଂଶ ଖାଦ୍ୟ ପ୍ରସ୍ତୁତ କରିବା ବେଳେ ଜିରା ବ୍ୟବହାର କରିଥାଉ। ଏହାର ସୁଗନ୍ଧ କେବଳ ଭଲ ନୁହେଁ ବରଂ ଏଥିରେ ଭରି ରହିଥିବା ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଜାଣନ୍ତୁ ଏହାର ଏକାଧିକ ଉପକାରିତା ସମ୍ପର୍କରେ...**

▶ ଗ୍ୟାସ୍, ଏସିଡିଟି, ବଦହଜମୀ ଭଳି ସମସ୍ୟା ବର୍ତ୍ତମାନ ଅନେକଙ୍କଠାରେ ଦେଖିବାକୁ ମିଳୁଛି। ଜିରା ଖାଇଲେ ଖାଦ୍ୟ ହଜମରେ ସାହାଯ୍ୟ କରୁଥିବା ଏନ୍‌ଜାଇମ୍ ବୃଦ୍ଧି ହୋଇଥାଏ। ଫଳରେ ଏଭଳି ସମସ୍ୟା ଦୂରକରିବା ଲାଗି ଜିରା ସବୁଠୁ ଭଲ ପ୍ରାକୃତିକ ଔଷଧ ଭାବେ କାମ କରିଥାଏ।



▶ ଜିରାରେ ଆଇରନ୍ ମାତ୍ରା ଅଧିକ। ତେଣୁ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରିବା ଦ୍ୱାରା ଋତୁସ୍ରାବ ସମୟରେ ଅଧିକ ରକ୍ତସ୍ରାବ ଯୋଗୁ ଶରୀରରୁ ହେଉଥିବା ଆଇରନ୍ କ୍ଷୟ ଏବଂ ଏଥିନେଇ ହେଉଥିବା ଦୁର୍ବଳତା ଦୂରହୋଇଥାଏ। ଏହା ହିମୋଗ୍ଲୋବିନ୍ ମାତ୍ରା ବଢ଼ାଇବାରେ ମଧ୍ୟ ସାହାଯ୍ୟ କରିଥାଏ।

▶ ଋତୁସ୍ରାବରେ ଅନିୟମିତତା ଦେଖାଦେଉଥିଲେ ୧ ଗ୍ଲାସ୍ ପାଣିରେ ୧ ଚାମଚ ଜିରା ମିଶାଇ ଫୁଟାନ୍ତୁ ଏବଂ ଥଣ୍ଡାକରି ଉକ୍ତ ପାଣିକୁ ପିଅନ୍ତୁ। ପ୍ରତିଦିନ ଏପରି କରିବା ଦ୍ୱାରା ସମସ୍ୟା ଦୂରହୋଇପାରିବ।

▶ ଜିରାରେ ଭରି ରହିଛି ପ୍ରଚୁର ପରିମାଣରେ ଭିଟାମିନ୍ ଇ ; ଯାହାକି ତ୍ୱଚା ପାଇଁ ଉପକାରୀ। ଏଥିରେ ଥିବା ଅନ୍ୟାନ୍ୟ ପଦାର୍ଥ ତ୍ୱଚାକୁ ସଂକ୍ରମଣରୁ ରକ୍ଷା କରିଥାଏ। ତ୍ୱଚାରେ ଦାଗ ଅବା ଇନ୍‌ଫେକ୍ସନ ସମସ୍ୟା ଥିଲେ ଜିରାକୁ ବାଟି କୌଣସି ଫେସ୍‌ପ୍ୟାକ୍‌ରେ ମିଶାଇ ଲଗାଇ କିଛିସମୟ ପରେ ଧୋଇଦେଲେ ତ୍ୱଚାରୁ ଦାଗ କିଛିଦିନ ମଧ୍ୟରେ ଚାଲିଯାଇଥାଏ।

# ଯୋଗ କରୁଥିଲେ

**ସୁସ୍ଥ ରହିବା ଲାଗି ପ୍ରତିଦିନ କିଛି ସମୟ ଯୋଗ କରିବା ଖୁବ୍ ଭଲ। ହେଲେ ଯୋଗ କରୁଥିଲେ ଏହାର ସୁଫଳ ପାଇବା ପାଇଁ କେଉଁ ସବୁ ଦିଗ ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ ଜାଣିରଖନ୍ତୁ...**



– ସାଧାରଣତଃ ଘର ଏବଂ ଅନ୍ୟାନ୍ୟ କାମ ପାଇଁ ଅଧିକାଂଶ ମହିଳା ନିଜ ପ୍ରତି ଅବହେଳା କରିବସନ୍ତି ଏବଂ ମୋଟାପଣ ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ଯୋଗ ସବୁଠୁ ଭଲ ଉପାୟ। ହେଲେ ଅନେକ ମହିଳା ନୂଆ ନୂଆ ଯୋଗ କରିବା ଆରମ୍ଭ କରିବା ବେଳେ ଦୀର୍ଘ ସମୟ ଧରି ଏକାସଙ୍ଗେ ବହୁତ ଯୋଗାସନ କରିଥାନ୍ତି। ହେଲେ ମନେରଖନ୍ତୁ, ସମସ୍ତଙ୍କ ଶାରୀରିକ କ୍ଷମତା ଭିନ୍ନ ଭିନ୍ନ ହୋଇଥିବାରୁ ଆବଶ୍ୟକରୁ ଅଧିକ ଯୋଗ ଏକାସମୟରେ କରିବା ଦ୍ୱାରା ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଯୋଗ କରି ଶୀଘ୍ର ପତଳା ହୋଇଯିବା ଆଶାରେ ଏପରି ନ କରି ପ୍ରାରମ୍ଭିକ ଦିନଗୁଡ଼ିକରେ ଅଳ୍ପ ଅଳ୍ପ ଯୋଗାସନ କରନ୍ତୁ । ଧୀରେ ଧୀରେ ଅଭ୍ୟାସ ହେବା ପରେ ଏହାର ସମୟସୀମା ବଢ଼ାନ୍ତୁ।

– ଅଧିକାଂଶ ମହିଳା କାମ ଚାପ ଭିତରେ ଶୀଘ୍ର ସାରିବା ପାଇଁ ତରତର ହୋଇ ଯୋଗ କରିଥାନ୍ତି। ହେଲେ ଏପରି କରିବା ବି ଠିକ୍ ନୁହେଁ। ତେଣୁ ଯୋଗ କରିବା ସମୟରେ ମନକୁ ସ୍ଥିର ରଖନ୍ତୁ। ନଚେତ୍ ଏହା ଆପଣଙ୍କ ଲାଗି ଉପକାରୀ ସାବ୍ୟସ୍ତ ହେବା ବଦଳରେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଇପାରେ।

– ଗର୍ଭବତୀ ମହିଳା ମନଇଚ୍ଛା କୌଣସି ଯୋଗାସନ ନ କରି ଏ ସମୟରେ କେଉଁ ଯୋଗ କରିବା ଦରକାର ଏକ୍ସପର୍ଟଙ୍କ ପରାମର୍ଶ ନେବା ଆବଶ୍ୟକ। ଠିକ୍ ସେହିପରି ଋତୁସ୍ରାବ ସମୟରେ ମଧ୍ୟ ଏଥିପ୍ରତି ସତର୍କ ରହିବା ଦରକାର।

– ଅନେକେ ବେଡ୍, ସୋଫା ଭଳି ସୁବିଧାଜନକ ସ୍ଥାନରେ ବସି ଯୋଗ କରିଥାନ୍ତି। ହେଲେ ଏହାଦ୍ୱାରା ଯୋଗ ପାଇଁ ଶରୀରର ଅବସ୍ଥିତି ଠିକ୍ ରହି ନ ଥାଏ। ତେଣୁ ଚଟାଣ ଉପରେ ଆସନ କିମ୍ବା ଯୋଗ ମ୍ୟାଟ୍ ବିଛାଇ ଯୋଗ କରନ୍ତୁ।

# ଆଦର୍ଶ ଅଭିଭାବକ

**ପିଲାଙ୍କ ପ୍ରଥମ ଗୁରୁ ହେଉଛନ୍ତି ଅଭିଭାବକ। ସେମାନଙ୍କ ଉତ୍ତମ ଭବିଷ୍ୟତ ଗଢ଼ିବାରେ ଅଭିଭାବକଙ୍କର ହିଁ ଥାଏ ଗୁରୁତ୍ୱପୂର୍ଣ୍ଣ ଭୂମିକା। କାରଣ ପିଲାମାନେ ସର୍ବଦା ଅନୁକରଣ ପ୍ରିୟ। ସେମାନେ ତାହା ହିଁ ଶିଖନ୍ତି ଯାହା ସେମାନଙ୍କର ମା' ବାପା ଶିଖାନ୍ତି ଅବା କରନ୍ତି। ତେଣୁ ନିଜ ପିଲାଙ୍କୁ ଭବିଷ୍ୟତରେ ଜଣେ ଭଲ ଓ ସଫଳ ମଣିଷ କରିବା ପାଇଁ ଆଦର୍ଶ ଅଭିଭାବକ ନିହାତି ହେବା ଆବଶ୍ୟକ...**



**ସ୍ନେହ, ଶ୍ରଦ୍ଧାରେ ଶିଖାନ୍ତୁ:** ପିଲା ଭୁଲ୍ କଲେ ତାଙ୍କୁ ଆକଟ କରିବା ଏବଂ ଠିକ୍ କଥା ଶିଖାଇବା ଅଭିଭାବକଙ୍କର କର୍ତ୍ତବ୍ୟ। ହେଲେ ଆକଟ ଆଳରେ ପିଲାଙ୍କୁ ଗାଳି କିମ୍ବା ମାଡ଼ଦେବା, ବାରମ୍ବାର କଟୁ କଥା କହିବା ଠିକ୍ ନୁହେଁ। କାରଣ ଏହା ପିଲାଙ୍କୁ ସୁଧାରିବା ବଦଳରେ ଅଧିକ ବିଗାଡ଼ିଦିଏ। ତେଣୁ ଏପରି ନ କରି ପିଲାଙ୍କୁ ଯଥେଷ୍ଟ ସ୍ନେହ, ଆଦର ଏବଂ ଭଲ ପାଇବା ଦିଅନ୍ତୁ ଦେଖିବେ ସେମାନେ ଆପଣଙ୍କ ପ୍ରତ୍ୟେକ କଥା ମାନିବେ। ବଡ଼ମାନଙ୍କୁ ସମ୍ମାନଦେବା, ସାନଙ୍କୁ ସ୍ନେହ କରିବା ଶିଖାନ୍ତୁ।

**ପୂରଣ କରନ୍ତୁନି ଅଯଥା ଡିମାଣ୍ଡ:** ଅନେକ ଅଭିଭାବକ ଅଛନ୍ତି ଯେଉଁମାନେ ପିଲାଙ୍କୁ ଖୁସି କରିବା ପାଇଁ ତାଙ୍କର ସମସ୍ତ ଡିମାଣ୍ଡ ପୂରଣ କରିଥାନ୍ତି। ହେଲେ ଭଲ ପାଇବା କିମ୍ବା ଖୁସି କରିବାରର ଅର୍ଥ ନୁହେଁ ସେମାନଙ୍କୁ କୌଣସି କଥାରେ ବାରଣ ନ କରିବା କିମ୍ବା ତାଙ୍କର ସବୁ ଡିମାଣ୍ଡ ପୂରଣ କରିବା। କାରଣ ଧୀରେ ଧୀରେ ଏହା ପିଲାଙ୍କର ଅଭ୍ୟାସରେ ପରିଣତ ହୋଇଯିବା ସହ କୌଣସି ଦିନ ଡିମାଣ୍ଡ ପୂରଣ ନ ହେଲେ ସେମାନଙ୍କଠାରେ ଜିଦ୍ କରିବା, ରାଗିବା, ରୁଷିବା ଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ଏମିତିକି ଏଭଳି ପରିସ୍ଥିତିରେ କେତେକ ପିଲା ଅଭିଭାବକଙ୍କୁ ଦୁର୍ବ୍ୟବହାର କରିବା କିମ୍ବା ନିଜେ ଘର ଛାଡ଼ି ଚାଲିଯିବା, ଆତ୍ମହତ୍ୟା କରିବା ଭଳି ଚରମ ପଦକ୍ଷେପ ନେଇଥିବାର ବି ନଜିର ରହିଛି। ଏଣୁ ପ୍ରଥମରୁ ହିଁ ପିଲାଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ଡିମାଣ୍ଡ ପୂରଣ କରନ୍ତୁ। ଅଯଥା ଡିମାଣ୍ଡକୁ ପୂରଣ ନ କରି ଏହା ସେମାନଙ୍କ ପାଇଁ କାହିଁକି ଆବଶ୍ୟକ ନୁହେଁ ବୁଝାନ୍ତୁ।

**ହୁଅନ୍ତୁ ଭଲ ଶ୍ରୋତା:** ବର୍ତ୍ତମାନ ଅଧିକାଂଶ ଅଭିଭାବକ କର୍ମଜୀବୀ। ତେଣୁ ସେମାନେ ପିଲାଙ୍କ ସହ କମ୍ ସମୟ ବିତେଇବାକୁ ପାଇଥାନ୍ତି। ଆଉ ଫେରିବା ପରେ ଘରେ ବିଭିନ୍ନ କାର୍ଯ୍ୟ କିମ୍ବା ମୋବାଇଲରେ ଅଧିକ ସମୟ ବିତାଇଥାନ୍ତି। ପିଲା କିଛି କହିଲେ ଭଲ ଭାବେ ଶୁଣନ୍ତି ନାହିଁ। ଏମିତିରେ ପିଲା ଧୀରେ ଧୀରେ ସବୁ କଥା ଶେୟାର କରିବା ବନ୍ଦ କରିଦିଅନ୍ତି ଏବଂ ମୌନ ସ୍ୱଭାବର ହୋଇଯାଆନ୍ତି। ତେଣୁ ଏପରି ଆଦୌ କରନ୍ତୁ ନାହିଁ। ସ୍କୁଲ, କଲେଜରେ କ'ଣ ହେଲା ପଚାରିବୁଝନ୍ତୁ, ହୋମ୍‌ୱାର୍କ କରିବାରେ ସାହାଯ୍ୟ କରନ୍ତୁ। ପିଲାଙ୍କ ପାଇଁ ଏକ ଭଲ ଶ୍ରୋତା ହୁଅନ୍ତୁ। ତାଙ୍କୁ ଭଲ ଉପଦେଶ ଦିଅନ୍ତୁ, କ୍ୱାଲିଟି ଟାଇମ୍ ସ୍ପେଣ୍ଡ କରନ୍ତୁ, ଦେଖିବେ ଏହା ପିଲାଙ୍କ ମନରେ ଏକ ଖୁସି ଓ ସକାରାତ୍ମକ ପ୍ରଭାବ ପକାଇବ।

**ସାଜନ୍ତୁ ଉଦାହରଣ:** ସାଧାରଣତଃ ପିଲାମାନେ ଅନୁକରଣ ପ୍ରିୟ ହୋଇଥିବାରୁ ସେମାନେ ପ୍ରଥମେ ମାଆବାପାଙ୍କଠାରୁ ଅନେକ କଥା ଶିଖନ୍ତି। ତେଣୁ ପିଲାଙ୍କ ଆଗରେ ଏଭଳି କାର୍ଯ୍ୟ କରନ୍ତୁ ଯାହାକୁ ଦେଖି ସେମାନେ ଆପଣଙ୍କୁ ନିଜର ରୋଲ୍ ମଡେଲ ଭାବିବେ ଏବଂ ନିଜେ ମଧ୍ୟ ସେଭଳି କାର୍ଯ୍ୟ କରିବେ, ଯାହାକି ଭବିଷ୍ୟତରେ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶରେ ସାହାଯ୍ୟ କରିବ।

**ସଚ୍ଚୋଟ ହୁଅନ୍ତୁ:** ସଚ୍ଚୋଟ ହେବା ମଣିଷର ଏକ ଭଲ ଗୁଣ। ତେଣୁ ଛୋଟ ହେଉ ବା ବଡ଼ ପିଲାଙ୍କ ଆଗରେ ଅଭିଭାବକ ମିଛ କହିବା ଆଦୌ ଠିକ୍ ନୁହେଁ। କାରଣ ଏହା ପିଲାଙ୍କୁ ବିପଥଗାମୀ କରାଇଥାଏ। ତେଣୁ ନିଜେ ସତ କରିବା ସହ ପିଲାଙ୍କୁ ସର୍ବଦା ସତ କହିବା ଏବଂ ସତ୍‌ମାର୍ଗରେ ଚାଲିବା ଶିଖାନ୍ତୁ।

**ଅନ୍ୟ ସହ କରନ୍ତୁନି ତୁଳନା:** ନିଜ ପିଲାଙ୍କୁ ଅନ୍ୟ ପିଲାଙ୍କ ସହ ତୁଳନା କରିବାର ଖରାପ ଅଭ୍ୟାସ ଅନେକ ଅଭିଭାବକଙ୍କଠାରେ ଦେଖିବାକୁ ମିଳେ। ସେମାନେ ପିଲାଙ୍କ ସାମାନ୍ୟ ଅସଫଳତାରେ ଗାଳିଦେବା ସହ ଅନ୍ୟ ପରି ସଫଳତା ହାସଲ କରିବାକୁ ଚାପ ମଧ୍ୟ ପକାନ୍ତି; ଯାହାକି ପିଲାଙ୍କୁ ମାନସିକ ଆଘାତ ଦେଇଥାଏ ଏବଂ କେବେ କେବେ ପିଲା ନିରୁତ୍ସାହିତ ହେବା କିମ୍ବା ଭୟରେ ନିଜ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇଯାଏ। ହେଲେ ସବୁ ପିଲା ସମାନ ନୁହନ୍ତି, ସମସ୍ତଙ୍କର କାର୍ଯ୍ୟକ୍ଷମତା, ରୁଚି ଭିନ୍ନ ଭିନ୍ନ। ତେଣୁ ଆପଣ ନିଜ ପିଲା ଭିତରେ ଥିବା ଯୋଗ୍ୟତାକୁ ଚିହ୍ନନ୍ତୁ ଏବଂ କାହା ସହ ତୁଳନା ନ କରି ଏହାକୁ ବିକଶିତ କରିବା ଲାଗି ଉତ୍ସାହିତ କରନ୍ତୁ।

**ଝଗଡ଼ାଠୁ ଦୂରେଇ ରୁହନ୍ତୁ:** କେତେକ ଅଭିଭାବକଙ୍କର ବଦଭ୍ୟାସ ଥାଏ ଟିକେ ଟିକେ କଥାରେ ପରସ୍ପର ମଧ୍ୟରେ ଝଗଡ଼ା, ଏମିତିକି ମାରପିଟ କରିବା। ହେଲେ ପିଲାଙ୍କ ଆଗରେ ଏପରି କରିବା ଦ୍ୱାରା ସେମାନଙ୍କ ମନରେ ଏକ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ସେମାନେ ମଧ୍ୟ ସ୍ୱଭାବରେ ଚିଡ଼ିଚିଡ଼ା, କ୍ରୋଧୀ ଏବଂ ହିଂସାତ୍ମକ ହୋଇ ପଡ଼ନ୍ତି। ତେଣୁ ପାରିବାରିକ ହେଉ ଅବା ଆର୍ଥିକ କୌଣସି କଥାକୁ ନେଇ ପିଲାଙ୍କ ଆଗରେ ଆଲୋଚନା କରିବା କିମ୍ବା ରାଗରୁଷା କରିବାଠୁ ଦୂରେଇ ରୁହନ୍ତୁ। ସେମାନଙ୍କ ଆଗରେ ପରସ୍ପର ମଧ୍ୟରେ ସ୍ନେହରେ ଏବଂ ଖୁସିରେ କଥା ହେବା ଦ୍ୱାରା ଏହି ଆଚରଣ ସେମାନଙ୍କ ଉପରେ ମଧ୍ୟ ପ୍ରତିଫଳିତ ହେବ।

## କ'ଣ କୁହନ୍ତି ଏମାନେ...


ସୁପ୍ରଭା

**ସୁପ୍ରଭା ସାମଲ(ଗୃହିଣୀ, ବ୍ରହ୍ମପୁର)**– ପିଲାଙ୍କୁ ଭଲ ଶିକ୍ଷା ଦେବା ଅଭିଭାବକଙ୍କ କର୍ତ୍ତବ୍ୟ। କାରଣ ପିଲା ଗୁରୁଜନଙ୍କୁ ଭକ୍ତି ଓ ସମ୍ମାନ କରିବା, ସାନଙ୍କୁ ସ୍ନେହଶ୍ରଦ୍ଧା କରିବା ବାପାମାଆଙ୍କଠାରୁ ଶିଖନ୍ତି। ତେଣୁ ଆମେ ପିଲାଙ୍କ ପାଠପଢ଼ା, ଖାଦ୍ୟପେୟ ପ୍ରତି ଯେତିକି ଯତ୍ନଶୀଳ ରହୁ ସେମାନଙ୍କୁ ଏସବୁ ଉତ୍ତମ ସଂସ୍କାର ଓ ନୈତିକ ଶିକ୍ଷା ଦେବା ପ୍ରତି ମଧ୍ୟ ସେତିକି ଗୁରୁତ୍ୱ ଦେଉ। ଏଭଳି କୌଣସି କାର୍ଯ୍ୟ କରୁନାହିଁ ଯାହାର ନକାରାତ୍ମକ ପ୍ରଭାବ ପିଲା ଉପରେ ପଡ଼ିବ। ପ୍ରତିଦିନ ଘରକୁ ଫେରିବା ପରେ ପାଖରେ ବସି ଦିନ ସାରାର କଥା ବୁଝିବା, କୌଣସି ସମସ୍ୟା ଥିଲେ ସମାଧାନ କରିବା ପ୍ରତି ଧ୍ୟାନ ଦେଉ। ମୋ ମତରେ ପିଲାଙ୍କୁ ଭଲ ମଣିଷ କରିବାକୁ ହେଲେ ପ୍ରଥମେ ନିଜେ ଭଲ କାମ କରି ତାଙ୍କ ପାଇଁ ଉଦାହରଣ ପାଲଟିବା ଅଧିକ ଜରୁରୀ।


ସୁଜାତା

**ସୁଜାତା ଜେନା**(ଗୃହିଣୀ, ପୋଷ୍ଟାଲ କଲୋନି, ବାଣୀବିହାର)– ପିଲାମାନଙ୍କ ପ୍ରତି ଭଲ ପାଇବା ପ୍ରକାଶ କରିବାକୁ ମୁଁ ପ୍ରଥମେ ଚେଷ୍ଟା କରେ। ଏହାଦ୍ୱାରା ପିଲାଙ୍କୁ ବୁଝାଇବା ମୋତେ ସହଜ ହୋଇଯାଏ। ମୋ ମତରେ ପିଲାମାନଙ୍କୁ ଭଲପାଇବା ଅର୍ଥ ସେମାନଙ୍କୁ ନଷ୍ଟ କରିବା ନୁହେଁ। ଅନେକ ପିତାମାତାଙ୍କ ପାଇଁ ଭଲ ପାଇବାର ଅର୍ଥ ପିଲାମାନଙ୍କୁ ବିଭିନ୍ନ ଜିନିଷ ଉପହାର ଦେବା ଅବା ଅତ୍ୟଧିକ ସୁରକ୍ଷା ପ୍ରଦାନ କରିବା। ହେଲେ ଏହା ଆଦର୍ଶ ଅଭିଭାବକର ପରିଭାଷା ନୁହେଁ, ବରଂ ଏହାଦ୍ୱାରା ପିଲା ନଷ୍ଟ ହୋଇଯାଏ। ତେଣୁ ପିଲାଙ୍କୁ ସମାଜରେ ଏକ ଭଲ ମଣିଷର ପରିଚୟ ଦେବାକୁ ହେଲେ ତାଙ୍କୁ ଭଲ ପାଇବା, ସ୍ନେହରେ ଆଲିଙ୍ଗନ କରିବା, ସେମାନଙ୍କ ସହ ସମୟ ବିତାଇବା ଏବଂ ସେମାନଙ୍କ କଥାକୁ ଭଲଭାବେ ଶୁଣିବା ଆବଶ୍ୟକ। ସେହିପରି ସେମାନଙ୍କର କୌଣସି ଭୁଲ୍ କାମରେ ରାଗିବା, ମାଡ଼ ଦେବା କିମ୍ବା ତାହାକୁ ସପୋର୍ଟ କରିବା ବଦଳରେ ଭଲଭାବେ ବୁଝାଇବା ଦରକାର।







## ସୌନ୍ଦର୍ଯ୍ୟ

# ଖରାରେ ଛାଡ଼ିବନି ମେକ୍‌ଅପ୍

**ଖରାର ପ୍ରଭାବ ବଢ଼ୁଛି। ତେଣୁ ବାହାରକୁ ବାହାରିବା ମାତ୍ରେ ଗରମରେ ଦେହ ଝାଳରେ ଓଦା ହୋଇଯାଉଛି। ଏମିତିରେ ନିଜ ମେକ୍‌ଅପ୍ ଶୀଘ୍ର ଛାଡ଼ିଯିବାକୁ ନେଇ ଅଧିକାଂଶ ମହିଳାଙ୍କର ବଢ଼ିଯାଏ ଚିନ୍ତା। ହେଲେ ଏଥିପାଇଁ ବ୍ୟସ୍ତ ନ ହୋଇ କେତେକ ଟିପ୍ସ ଆପଣାନ୍ତୁ, ଦେଖିବେ ଆପଣଙ୍କ ମେକ୍‌ଅପ୍ ଆଦୌ ଖରାପ ହେବ ନାହିଁ...**





⏭।ଯଦି ଫେସ୍ ମେକ୍‌ଅପ୍ ପାଇଁ ଆପଣ ଫାଉଣ୍ଡେଶନ ବ୍ୟବହାର କରୁଛନ୍ତି ତେବେ ଖରାଦିନ ପାଇଁ ହାଇଲି ପିଗ୍‌ମେଣ୍ଟେଡ୍, ୱାଟରପ୍ରୁଫ୍ ଜେଲ୍ ବେସ୍ ଫାଉଣ୍ଡେଶନ ବାଛନ୍ତୁ। ଆଉ ଫାଉଣ୍ଡେଶନ ଅଧିକ ଝାଳ ଲାଗି ବୋହିବା ଓ ପ୍ୟାଚେସ୍ ଭଳି ଦେଖା ନ ଯିବା ଲାଗି ମୋଟା ଲେୟାର ପରିବର୍ତ୍ତେ ପତଳା ଲେୟାରରେ ଲଗାନ୍ତୁ।

⏭।ଏ ଦିନେ ମେକ୍‌ଅପ୍ ନେବା ପୂର୍ବରୁ ପ୍ରଥମେ ମାଇଲ୍ଡ କ୍ଲିଞ୍ଜରରେ ମୁହଁ ସଫା କରିବା ସହ ଟୋନିଂ କରିବାକୁ ଆଦୌ ଭୁଲନ୍ତୁ ନାହିଁ। ଯେଉଁମାନଙ୍କର ସ୍କିନ୍ ଅଏଲି ସେମାନେ ଆବ୍‌ଜର୍ବିଂ ଟୋନର ବ୍ୟବହାରକଲେ ମେକ୍‌ଅପ୍ ଶୀଘ୍ର ଛାଡ଼ି ନ ଥାଏ। ଆପଣ ଚାହିଁଲେ ଅମୃତଭଣ୍ଡା, କାକୁଡ଼ି, ଟମାଟୋ ରସକୁ ବି ବ୍ୟବହାରକରି ପ୍ରାକୃତିକ ଉପାୟରେ ଟୋନିଂ କରିପାରିବେ।

⏭।ଡ୍ରାଏ ସ୍କିନ୍ ହୋଇଥିଲେ ମେକ୍‌ଅପ୍ ନେବା ପୂର୍ବରୁ ଏସ୍‌ପିଏଫ୍ ୧୫ ଯୁକ୍ତ ମଶ୍ଚରାଇଜର୍ ବ୍ୟବହାର କରନ୍ତୁ। ଅଏଲି ତ୍ୱଚାରେ ଲଗାନ୍ତୁ ନାହିଁ। ଆପଣ ଚାହିଁଲେ କେବଳ ଆଖି ତଳେ ମଶ୍ଚରାଇଜର ବ୍ୟବହାର କରିପାରିବେ।

⏭।ମୁହଁକୁ ସୁନ୍ଦର କରିବା ଲାଗି ଆଇ ଏବଂ ଲିପ୍ ମେକ୍‌ଅପ୍‌ର ବିଶେଷ ଭୂମିକା ରହିଛି। ହେଲେ ଖରାଦିନେ ଆଇ ଲାଇନର, ମସ୍କରା, କାଜଲ ଆଦି ଝାଳରେ ବୋହିଯିବା କାରଣରୁ ମୁହଁର ସୌନ୍ଦର୍ଯ୍ୟ ଖରାପ ହୋଇଯାଏ। ତେଣୁ ଲାଇଟ୍ ୱାଟରପ୍ରୁଫ୍ ବା ସ୍ମଜ୍‌ପ୍ରୁଫ୍ କାଜଲ୍, ଲାଇନର ଏବଂ ମସ୍କରା ବ୍ୟବହାର କରନ୍ତୁ। ଏ ଦିନେ ନିଜ ଆଇ ମେକ୍‌ଅପ୍‌କୁ ଲାଇଟ୍ ରଖିବାକୁ ଚେଷ୍ଟାକରନ୍ତୁ। ଲାଭେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଲି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ। ୱାଟରପ୍ରୁଫ୍ ଲିପ୍‌ଷ୍ଟିକ୍ ଲଗାନ୍ତୁ।

⏭।ମନେରଖନ୍ତୁ ଅଧିକ ଝାଳ ହେଲେ ରଗଡ଼ିକି ପୋଛିବା ବଦଳରେ ରୁମାଲ କିମ୍ବା ଟିସୁ ପେପରରେ ଧୀରେ ଧୀରେ ପୋଛନ୍ତୁ।

## ଖାଦ୍ୟରୁଚି

# ବାଦାମ ଲଡୁ

**ଆବଶ୍ୟକ ସାମଗ୍ରୀ:** ବାଦାମ ୨ କପ୍, ଚୁଡ଼ା କିମ୍ବା ଓଟ୍ସ ୨କପ୍, ଗୁଣ୍ଡ ଗୁଡ଼ ୨ କପ୍, ଗୁଜୁରାତି ଗୁଣ୍ଡ ୧ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇ ଗରମ କରି ବାଦାମକୁ ଭଲ ଭାବେ ଭାଜି ଦିଅନ୍ତୁ। ମନେ ରଖନ୍ତୁ ଏହା ଯେପରି ପୋଡ଼ି ନ ଯାଏ। ନଚେତ୍ ଲଡୁର ସ୍ୱାଦ କଡ଼ା ଲାଗିପାରେ। ଏହାକୁ ଏକ ପାତ୍ରରେ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପରେ ହାତରେ ଘଷି ଏହାର ଚୋପା ଛଡ଼ାଇଦିଅନ୍ତୁ। ସେହିପରି ଚୁଡ଼ା କିମ୍ବା ଓଟ୍ସକୁ ଭାଜି ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ। ବାଦାମ ସହ ଏହାକୁ ମିଶାଇ ଗ୍ରାଇଣ୍ଡକରି ଖଦଡ଼ିଆ ପାଉଡର ପ୍ରସ୍ତୁତ କରନ୍ତୁ। ସେଥିରେ ୧ ଚାମଚ ଗୁଜୁରାତିଗୁଣ୍ଡ ମିଶାନ୍ତୁ। ସେଥିରେ ୨ କପ୍ ଗୁଣ୍ଡ ଗୁଡ଼ ମିଶାନ୍ତୁ। ଏସବୁକୁ ଆଉ ଥରେ ଭଲ ଭାବେ ଗ୍ରାଇଣ୍ଡ କରିଦିଅନ୍ତୁ, ଯେପରି ବାଦାମରୁ ତେଲ ବାହାରି ଏହା ସାମାନ୍ୟ ଅଠାଳିଆ ବା ହାଲୁକା ପେଷ୍ଟ ଭଳି ହୋଇଯିବ। ଆବଶ୍ୟକ ସ୍ଥଳେ ଆଉ ଗୁଡ଼ ମିଶାଇପାରିବେ। ବର୍ତ୍ତମାନ ଏହାକୁ ଏକ ପାତ୍ରରେ ବାହାରକରି ହାତରେ ଗୋଲକରି ଲଡୁ ପ୍ରସ୍ତୁତ କରନ୍ତୁ।



# ଅଲିମ୍ପିକ୍ସ କାଉଣ୍ଟଡାଉନ୍ ପାଇଁ ପ୍ୟାରିସ୍ ପ୍ରସ୍ତୁତ

**ପ୍ୟାରିସ୍, ୧୫।୪ (ପି.ଟି.)**

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଶହେ ଦିନ କାଉଣ୍ଟ ଡାଉନ୍ ପାଇଁ ପ୍ରସ୍ତୁତ ହେଉଛି ପ୍ୟାରିସ୍। ବୁଧବାରଠାରୁ ଅଲିମ୍ପିକ୍ସକୁ ଆଉ ୧୦୦ ଦିନ ବାକି ରହିବ। ୧୦୦ ବର୍ଷ ପରେ ପ୍ୟାରିସରେ ଏଭଳି ଏକ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଏହାର ଉତ୍ସାହ କେବଳ ସହରରେ ନୁହେଁ, ସହରଠାରୁ ଦୂରରେ ମଧ୍ୟ ଦେଖିବାକୁ ମିଳୁଛି। ପ୍ୟାରିସ୍‌ରେ ଉତ୍ସାହଜନକ ମାହୋଲ ରହିଥିବା ବେଳେ ଯୁବ କ୍ରୀଡ଼ାବିତ୍‌ମାନେ ଏହାକୁ ନେଇ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଏହା ଏକ ଶୁଭ ସମୟ ଆଣିବ ବୋଲି ଅନେକ କ୍ରୀଡ଼ାବିତ୍ ବିଶ୍ୱାସ ମଧ୍ୟ କରନ୍ତି। ଅଲିମ୍ପିକ୍ସ ମାଧ୍ୟମରେ ଏକ ସାମାଜିକ ବାର୍ତ୍ତା ପ୍ରଦାନ କରିବାକୁ ପ୍ରୟାସ କରାଯାଉଛି। ଚଳିତ ଅଲିମ୍ପିକ୍ସରେ ପ୍ରଦୂଷଣ ହ୍ରାସ କରିବାକୁ ମୁଖ୍ୟ ଲକ୍ଷ୍ୟ ରଖାଯାଇଛି। ସେହିପରି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି(ଆଇଓଏ)ର ଲୋକପ୍ରିୟତା ବୃଦ୍ଧିରେ ମଧ୍ୟ ପ୍ୟାରିସ୍ ଗେମ୍ ସହାୟକ ହେବ ବୋଲି କୁହାଯାଉଛି। ଚଳିତ ପ୍ୟାରିସ୍ ଗେମ୍ସ ଉତ୍ତର ପୂର୍ବୀୟ ଇଲାକାର ସିଏନ୍ ସେଣ୍ଟ ଡେନିସ୍‌ରେ ଗେମ୍ସ ଭିଲେଜ୍ ନିର୍ମାଣ କରାଯାଉଛି। ଏହି ଅଞ୍ଚଳରେ ୧୬ ଲକ୍ଷ ଲୋକ ବାସ କରୁଥିବା ବେଳେ ଏହା ମଧ୍ୟରେ ୧୩୦ ରାଷ୍ଟ୍ରର ଲୋକ ବସବାସ କରନ୍ତି। ଏହି ଅଞ୍ଚଳରେ ୧୭୦ ପ୍ରକାରର ଭାଷା ବ୍ୟବହାର ହୋଇଥାଏ। ଏଭଳି ଅଞ୍ଚଳରେ ଗେମ୍ସ ଭିଲେଜ୍ ବିବିଧତାର ପରିଚୟ ବହନ କରୁଛି ବୋଲି କୁହାଯାଉଛି। ୨୦୦୫ ପରଠାରୁ ଇସ୍‌ଲାମ କଠୋରପନ୍ଥୀ ସଂଗଠନମାନଙ୍କ ଦ୍ୱାରା ଏଠାରେ ନିୟମିତ ଦଙ୍ଗା ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ୨୦୧୫ରେ ଇସଲାମ କଠୋରପନ୍ଥୀ ସଂଗଠନ ୧୩୦ ଜଣଙ୍କୁ ହତ୍ୟା କରିଥିଲେ। କ୍ରୀଡା ଦ୍ୱାରା ଏସବୁକୁ ଭୁଲାଇବାକୁ ପ୍ରୟାସ କରୁଛନ୍ତି ଫ୍ରାନ୍ସ ସରକାର। ପ୍ୟାରିସ୍ ଗେମ୍ସ ପାଇଁ ୯.୭ ବିଲିୟନ ଡଲାର ଖର୍ଚ୍ଚ ହୋଇଥିବା ବେଳେ ଏହା ବିଗତ ୩ ଅଲିମ୍ପିକ୍ସଠାରୁ କମ୍ ରହିଛି। ସେହିପରି ଏହାର ଅଧାରୁ ଅଧିକ ଅର୍ଥ ସ୍ପନ୍‌ସର ଓ ଟିକେଟ ବିକ୍ରିରୁ ଆୟ ହୋଇସାରିଛି।




## ସ୍ଥାନାନ୍ତର ହୋଇପାରେ ଉଦ୍‌ଘାଟନୀ ସମାରୋହ

ପ୍ୟାରିସ୍ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ୨୦୨୪ରେ ଉଦ୍‌ଘାଟନୀ ସମାରୋହ ସ୍ଥାନାନ୍ତର ହେବାର ସମ୍ଭାବନା ଦେଖାଦେଇଛି। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମ୍ୟାକ୍ରଁ ସୋମବାର ଏଭଳି ସୂଚନା ଦେଇଛନ୍ତି। ପୂର୍ବରୁ ଉଦ୍‌ଘାଟନୀ ସମାରୋହ ସିଏନ୍ ନଦୀରେ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ସୁରକ୍ଷା ଦୃଷ୍ଟିକୋଣରୁ ଏହାକୁ ଷ୍ଟାଡିୟମକୁ ଘୁଞ୍ଚାଇବାକୁ ଯୋଜନା କରାଯାଉଥିବା କହିଛନ୍ତି ମ୍ୟାକରଁ। ଅଲିମ୍ପିକ୍ସରେ ଲକ୍ଷାଧିକ ଦର୍ଶକ ଫ୍ରାନ୍ସକୁ ଆସିବାର କାର୍ଯ୍ୟକ୍ରମ ରହିଛି। ତେଣୁ ସୁରକ୍ଷା ବ୍ୟବସ୍ଥା ଉପୁଜିବାର ଆଶଙ୍କା ରହିଥିବାରୁ ଏହାକୁ ସ୍ଥାନାନ୍ତର କରାଯିବାକୁ ଯୋଜନା କରାଯାଉଥିବା ପ୍ରକାଶ କରିଛନ୍ତି ମ୍ୟାକରଁ। ପୂର୍ବରୁ ସିଏନ୍ ନଦୀରେ ୬ କି.ମି. ଅଞ୍ଚଳରେ ବୋଟ୍ ମାଧ୍ୟମରେ ଆଥ୍‌ଲେଟମାନଙ୍କୁ ନେଇ ପରେଡ୍ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ମୁକ୍ତାକାଶରେ ହେଉଥିବାରୁ ଫ୍ରାନ୍ସ ସୁରକ୍ଷା ଏଜେନ୍ସିଙ୍କ ପାଇଁ ଏହା ଏକ ଭିନ୍ନ ଚ୍ୟାଲେଞ୍ଜ ସୃଷ୍ଟି କରିବାକୁ ଯାଉଛି। ତେବେ ଉପଯୁକ୍ତ ବିଚାର ପରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ଫ୍ରାନ୍ସ ନିକଟରେ ଏହାର ପ୍ଲାନ୍ ବି ଓ ପ୍ଲାନ ସି ରହିଛି।

ପୂର୍ବରୁ ୬ ଲକ୍ଷ ଦର୍ଶକ ଏଥିରେ ଯୋଗଦେବା ନେଇ ଯୋଜନା ରହିଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟାକୁ ଅଧା କରି ୩ ଲକ୍ଷକୁ ହ୍ରାସ କରାଯାଇଛି। ପ୍ରଥମ ଥର ପାଇଁ କୌଣସି ଷ୍ଟାଡିୟମ ବଦଳରେ ସିନ୍ ନଦୀ କୂଳରେ ଏହି ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଜୁଲାଇ ୨୬ ତାରିଖରେ ଏହା ହେବାକୁ ଥିବା ବେଳେ ଏହା ସୁରକ୍ଷା ବ୍ୟବସ୍ଥାକୁ ନେଇ ସମସ୍ୟା ସୃଷ୍ଟି କରିପାରେ। ନଦୀର ଉଭୟ ପାର୍ଶ୍ୱରେ ଦର୍ଶକ ଛିଡ଼ା ହୋଇ ଏହାର ମଜା ନେଇପାରିବେ। ଏଥି ନିମନ୍ତେ ୧ ଲକ୍ଷ ଟିକେଟ ବିକ୍ରି କରାଯାଇଥିବା ବେଳେ ୨.୨ ଲକ୍ଷ ମାଗଣା ଟିକେଟ ବଣ୍ଟା ଯିବାର କାର୍ଯ୍ୟକ୍ରମ ରହିଥିଲା। ନିକଟ ଅତୀତରେ ଅନେକଥର ଫ୍ରାନ୍ସରେ ଇସ୍‌ଲାମିକ ଷ୍ଟେଟ୍ ଆତଙ୍କୀ ଆକ୍ରମଣ କରିଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ପାଇଁ ଚେଷ୍ଟା କରାଯାଉଛି। ସେହିପରି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଡ୍ରୋନ୍ ଓ ସାଇବର ଏକ୍ସପର୍ଟଙ୍କୁ ମୁତୟନ କରାଯିବ ବୋଲି ଜଣାପଡ଼ିଛି।

# ଶୋଭନା, ସଜୀବନଙ୍କୁ ସୁଯୋଗ


ଆଶା ଶୋଭନା


ସଜନା ସଜୀବନ

**ନୂଆଦିଲ୍ଲୀ, ୧୫।୪ (ପି.ଟି.)**

### ବାଂଲାଦେଶ ବିପକ୍ଷ ଟି୨୦ ପାଇଁ ଭାରତୀୟ ମହିଳା କ୍ରିକେଟ ଦଳ ଘୋଷିତ

ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ବାଂଲାଦେଶ ବିପକ୍ଷ ଟି୨୦ କ୍ରିକେଟ ସିରିଜ ପାଇଁ ସୋମବାର ଭାରତୀୟ ମହିଳା କ୍ରିକେଟ ଦଳ ଘୋଷିତ ହୋଇଛି। ଗତ ମହିଳା ପ୍ରିମିୟର ଲିଗ୍‌ରେ ପ୍ରଭାବିତ କରିଥିବା ସ୍ପିନର ଆଶା ଶୋଭନା ଓ ହାର୍ଡ ହିଟିଂ ବ୍ୟାଟର ସଜନା ସଜୀବନ ପ୍ରଥମଥରପାଇଁ ଜାତୀୟ ଦଳରେ ସୁଯୋଗ ପାଇଛନ୍ତି। ଲେଗ୍ ସ୍ପିନର ଶୋଭନା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ଚାମ୍ପିୟନ କରାଇବାରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ୧୦ ମ୍ୟାଚରୁ ୧୨ ଉଇକେଟ ନେଇଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳିଥିବା ସଜିବନ ନିକଟରେ ପୁଣେରେ ଅନୁଷ୍ଠିତ ଆନ୍ତଃ-ଜୋନ ରେଡ୍-ବଲ୍ କ୍ରିକେଟ ଟୁର୍ନାମେଣ୍ଟରେ ଭଲ ଖେଳିଥିଲେ। ସେ ସେମିଫାଇନାଲରେ ୭୪ ରନ କରିଥିଲେ। ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ସିରିଜରେ ୫ ମ୍ୟାଚ ଖେଳିବ। ସମସ୍ତ ମ୍ୟାଚ ସିଲହେଟରେ ଖେଳାଯିବ। ଭାରତ-ବାଂଲାଦେଶ ଟି୨୦ ସିରିଜ ଏପ୍ରିଲ ୨୮, ୩୦, ମେ’ ୨, ୬ ଓ ୯ ତାରିଖରେ ଅନୁଷ୍ଠିତ ହେବ।

**ଭାରତୀୟ ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଦୟଲନ ହେମଲତା, ସଜନା ସଜୀବନ, ରିଚା ଘୋଷ, ଯଷ୍ଟିକା ଭାଟିଆ, ରାଧା ଯାଦବ, ଦୀପ୍ତି ଶର୍ମା, ପୂଜା ବସ୍ତ୍ରକାର, ଅମନଜୋତ କୌର, ଶ୍ରେୟଙ୍କା ପାଟିଲ, ସାଇକା ଇଶାକ୍, ଆଶା ଶୋଭନା, ରେଣୁକା ସିଂ ଠାକୁର, ଟିଟାସ ସାଧୁ।

# ତପନ ଚାମ୍ପିୟନ, ହର୍ଷିତ ରନରଅପ୍

**ଭୁବନେଶ୍ୱର, ୧୫।୪**
**(ତପନ ସ୍ୱାଇଁ)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ ସହଯୋଗରେ ୧୨ଶ କେଟି ଗ୍ଲୋବାଲ ସ୍କୁଲ ଅଲ୍ ଓଡ଼ିଶା ଓପନ ଫିଡେ ରେଟେଡ ଚେସ୍ ଟୁର୍ନାମେଣ୍ଟ ସୋମବାର ଶେଷ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଗଜପତିର

### କେଟି ଗ୍ଲୋବାଲ ଅଲ୍ ଓଡ଼ିଶା ଓପନ ଚେସ୍

ତପନ ବଡମୁଣ୍ଡି ଓ କଟକର ହର୍ଷିତ ରଞ୍ଜନ ସାହୁ ୮.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଶ୍ରୀହନ ସାବତ, ସ୍ଥିତପ୍ରଜ୍ଞ ସାହୁ, ମନିନ୍ଦ୍ର କାର୍ଜି, ପ୍ରତ୍ୟୁଷ ମହାପାତ୍ର (ସମସ୍ତେ ୭ ପଏଣ୍ଟ), ସୂରଜ କୁମାର ମହାରଣା, ପ୍ରତ୍ୟୁଷ ନାୟକ, ସାତ୍ତ୍ୱିକ ସ୍ୱାଇଁ, ଶ୍ରୀକାନ୍ତ ଟି.ଜେ.ଭି.କୋ., ରବୀନ୍ଦ୍ର ସାହୁ, ମନୀଷ ମିଶ୍ର (ସମସ୍ତେ ୬.୫), ସୋୟମ ଲକ୍ଷ୍ମୀଦତ୍ତ ସାବତ, ଶ୍ରଦ୍ଧା ସ୍ମରଣୀକା ନନ୍ଦ ଓ ଆଶୁତୋଷ ବରାଳ (ସମସ୍ତେ ୬) ଟପ୍-୧୫ ଫିନିଶ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ରେଟିଂ ଏବଂ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି।

ରୋଟାରି ଇଣ୍ଟରନ୍ୟାଶନାଲ ଡିଷ୍ଟ୍ରିକ୍ଟ (୩୨୬୨)ର ଗଭର୍ନର ଯଜ୍ଞାଶିଷ ମହାପାତ୍ର ମୁଖ୍ୟ ଅତିଥି, କେଟିଜିଏସ୍ ଓ ଆଇଆଇଜି ଗ୍ରୁପ୍‌ର ଚେୟାରମ୍ୟାନ ସୋମଦତ୍ତ ବେହୁରା, ଶ୍ରୀ ଜଗନ୍ନାଥ ଧାମ୍ ରୋଟାରି କ୍ଲବର ପୂର୍ବତନ ସଭାପତି ପ୍ରଦୀପ କୁମାର ନାୟକ, ଶ୍ରୀଜଗନ୍ନାଥ ଧାମ ରୋଟାରି କ୍ଲବର ସଭାପତି (୨୦୨୪-୨୫) କୈଳାସ ଚନ୍ଦ୍ର ବେହେରା, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ସମ୍ପାଦକ ଦେବବ୍ରତ ଭଞ୍ଜ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ, କେଟି ଗ୍ଲୋବାଲ ସ୍କୁଲର ଡାଇରେକ୍ଟର ପ୍ରିନ୍ସିପାଲ ଦୀପ୍ ଖାରେ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ରାଜ୍ୟର ୨୧ ଜିଲାରୁ ୧୯୫ ଖେଳାଳି ଅଂଶଗ୍ରହଣ କରିଥିଲେ। ଜ୍ୟୋତି ଶଙ୍କର ନନ୍ଦ ମୁଖ୍ୟ ଆର୍ବିଟର ଓ ତାପସ କୁମାର ମହାନ୍ତି ସହକାରୀ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତାରେ ୪୨ ଜଣ ନୂଆ ଖେଳାଳି ଅଂଶଗ୍ରହଣ କରିଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

# ମୋହନବାଗାନକୁ ଆଇଏସ୍ଏଲ୍ ସିଲ୍ଡ

**କୋଲକାତା, ୧୫।୪:**

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ୍)ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ସିଟି ଏଫ୍‌ସିକୁ ୨-୧ ଗୋଲରେ ପରାସ୍ତ କରି ସମ୍ମାନଜନକ ଲିଗ୍ ସିଲ୍ଡ ହାସଲ କରିଛି ମୋହନବାଗାନ ସୁପର ଜାଏଣ୍ଟ୍ସ। ଏହା ସହ ଉଭୟ ମୁମ୍ବାଇ ସିଟି ଓ ମୋହନ ବାଗାନ ସିଧାସଳଖ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ମୋହନବାଗାନ ପକ୍ଷରୁ ଲିଷ୍ଟନ କୋଲାକୋ(୨୮) ଓ ଜାସନ୍ କମିଙ୍ଗ୍ସ (୮୦) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ୮୯ ତମ ମିନିଟରେ ଲାଲିଆଞ୍ଜୁଲା ଛାଙ୍ଗଟେ ମୁମ୍ବାଇ ପକ୍ଷରୁ ଏକମାତ୍ର ଗୋଲ ଦେଇଥିଲେ। ସଲ୍ଟ ଲେକ୍ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ପ୍ରଥମାର୍ଦ୍ଧରୁ ହିଁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା ମୋହନ ବାଗାନ। ୨୮ ମିନିଟରେ କୋଲାକୋଙ୍କ ଗୋଲରେ ଦଳ ଅଗ୍ରଣୀ ହାସଲ କରିଥିଲା। ବଲ ପଜେଶନରେ ମଧ୍ୟ ଘରୋଇ ଦଳ ଆଗୁଆ ରହିଥିଲା। ୨୮ ତମ ମିନିଟରେ ଦିମିତ୍ରି ପେଟ୍ରାଟସଙ୍କ ଆସିଷ୍ଟରେ କୋଲାକୋ ସ୍କୋର କରି ଦଳକୁ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିଥିଲା ମୁମ୍ବାଇ। ୮୦ ତମ ମିନିଟରେ ମୋହନବାଗାନ ପକ୍ଷର ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ଜାସନ କମିଙ୍ଗ୍ସ। ଦିମିତ୍ରି ପେଟ୍ରାଟସ ଆଉ ଏକ ଆସିଷ୍ଟ କରିଥିବା ବେଳେ ଘରୋଇ ଦଳ ୨-୦ରେ ଆଗୁଆ ରହିଥିଲା। ୮୯ ତମ ମିନିଟରେ ମୁମ୍ବାଇକୁ ଏକ କର୍ନର ମିଳିଥିବା ବେଳେ ଏହାକୁ ଗୋଲରେ ପରିଣତ କରିଥିଲେ ଲାଲିଆଞ୍ଜୁଲା ଛାଙ୍ଗଟେ। ଲାଲେଙ୍ଗମାଇଓ୍ୱା ରାଲଟେଙ୍କ ପାଶକୁ ମୋହନ ବାଗାନ ପୋଷ୍ଟ ମଧ୍ୟକୁ ପଠାଇ ଥିଲେ ଛାଙ୍ଗଟେ। ୯୦ ମିନିଟରେ ମୋହନବାଗାନର ବ୍ରେଣ୍ଡନ ହାମିଲଙ୍କୁ ରେଡକାର୍ଡ ମିଳିଥିଲା। ଇଞ୍ଜୁରୀ ଟାଇମ ଗୋଲ ଶୂନ୍ୟ ରହିବା ପରେ ମୋହନ ବାଗାନ ବିଜୟୀ ହୋଇଥିଲା।

# ଡିସ୍କସ୍ ରେକର୍ଡ ଭାଙ୍ଗିଲେ ମିକୋଲାସ



**ରାମନୋଆ, ୧୫।୪ (ଏପି)**

ଲିଥୁଆନିଆର ମିଲୋକାସ ଆଲେକ୍‌ନା ଓକ୍‌ଲାହୋମା ଥ୍ରୋଜ୍ ସିରିଜରେ ଡିସ୍‌କସ୍ ଥ୍ରୋରେ ଦୀର୍ଘଦିନ ଧରି ରହିଥିବା ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ସେ ୨୪୩ ଫୁଟ୍, ୧୧ ଇଞ୍ଚ (୭୪.୩୫ ମିଟର) ଦୂରତା ଫିଙ୍ଗି ୧୯୮୬ ଜୁନ୍ ୬ରେ ଜର୍ମାନୀର ଜର୍ଜେନ ସ୍କଲ୍ଟଙ୍କ ଦ୍ୱାରା ୨୪୩ ଫୁଟ୍ (୭୪.୦୮ ମିଟର)ରେ ପ୍ରତିଷ୍ଠିତ ବିଶ୍ୱ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ମିଲୋକାସଙ୍କ ଥ୍ରୋ ପ୍ରକୃତରେ ୨୪୪-୧ (୭୪.୪୧) ମାପ କରାଯାଇଥିଲା। ପରେ ତାହାକୁ ସଂଶୋଧନ କରାଯାଇଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ସୂତ୍ରରୁ ପ୍ରକାଶ। ୨୧ ବର୍ଷୀୟ ଆଲେକ୍‌ନା ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ଜଣେ ଜୁନିୟର ଛାତ୍ର। ୱାର୍ଲ୍ଡ ଆଉଟଡୋର ଚାମ୍ପିୟନଶିପ୍‌ରେ ସେ ଦୁଇଥର ପଦକ ବିଜେତା। ୨୦୨୨ରେ ଓରେଗନଠାରେ ସେ ରୌପ୍ୟ ଏବଂ ଗତ ଗ୍ରୀଷ୍ମଋତୁରେ ହଙ୍ଗେରୀରେ ସେ ଏକ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ସୂଚନାଯୋଗ୍ୟ, ଆଲେକ୍‌ନାଙ୍କ ପିତା ଭିର୍ଗିଲିଜସ୍ ଥିଲେ ଜଣେ ପ୍ରତିଷ୍ଠିତ ଡିସ୍‌କସ୍ ଥ୍ରୋୟର। ସେ ହେଉଛନ୍ତି ୨୦୦୦, ୨୦୦୪, ୨୦୦୮ ଅଲିମ୍ପିକ୍ସର ପଦକ ବିଜେତା। କ୍ୟାରିୟର ତାଲିକାରେ ସେ ୨୪୨-୪ (୭୩.୮୮) ସହ ତୃତୀୟ ସ୍ଥାନରେ ରହିଛନ୍ତି। ସୂଚନାଯୋଗ୍ୟ, କ୍ୟୁବାର ୟାଇମି ପେରେଜ ୨୩୪-୯ (୭୩.୦୯)ରେ ମହିଳା ଡିସ୍‌କସ ଥ୍ରୋରେ ୧୯୮୯ରୁ ରହିଥିବା ବିଶ୍ୱରେକର୍ଡକୁ ଭଙ୍ଗ କରିବାର ଦିନକ ପରେ ମିକୋଲାସ ଆଲେକ୍‌ନା ନୂଆ କିର୍ତ୍ତୀମାନ ସ୍ଥାପନ କରିଛନ୍ତି।

## କଳାହାଣ୍ଡି କପ୍

# ଭଦ୍ରକ, କିଟ୍, ବରଗଡ଼ ବିଜୟୀ

**ଭୁବନେଶ୍ୱର, ୧୫।୪**
**(ତପନ ସ୍ୱାଇଁ)**

କଳାହାଣ୍ଡି କପ୍ ଆନ୍ତଃ ଜିଲା ସିନିୟର କ୍ରିକେଟ ଗୋଲ୍ଡ-ଏ ଲିଗ୍‌ର ୩ଟି ମ୍ୟାଚ ସୋମବାର କଟକର ୩ଟି ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ, କିଟ୍ ଓ ବରଗଡ଼ ଦଳ ବିଜୟ ହାସଲ କରିଛି। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚରେ ଭଦ୍ରକ ୪୫ ରନରେ ପାରାଦୀପକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭଦ୍ରକ ୩୪.୪ ଓଭରରେ ୧୭୪ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ହର୍ଷିତ ରାଠୋଡ ସର୍ବାଧିକ ୭୩ ରନ କରିଥିବାବେଳେ ବିପକ୍ଷ ଦଳର ସେକ୍ ରାହତ୍ ଅଲୀ ୪ଟି ଓ ଚିନ୍ମୟ ବିଶ୍ୱାଳ ୩ଟି ଉଇକେଟ ନେଇଥିଲେ। ପାରାଦୀପ ୩୨ ଓଭରରେ ମାତ୍ର ୧୨୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେଶବ ନେଗି ସର୍ବାଧିକ ୪୨ ରନ କରିଥିଲେ। ବିଜୟୀ ଦଳର କିଷାନ ମନୋହର ମହାନ୍ତି ୪ଟି ଏବଂ କ୍ଷମାସାଗର ବଳ ଓ ହର୍ଷିତ ରାଠୋଡ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କିଟ୍ ୬ ଉଇକେଟରେ ବୌଦ୍ଧକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ବୌଦ୍ଧ ୪୫ ଓଭରରେ ୭ ଉଇକେଟ ହରାଇ ୨୧୦ ରନ କରିଥିଲା। ଭେଙ୍କଟେଶ ଭନ୍ଦେ (୧୧୫ ରନ) ଶତକ ହାସଲ କରିଥିଲେ। କିଟ୍ ଦଳ ୩୨.୨ ଓଭରରେ ୪ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରି ନେଇଥିଲା। ସୁଦର୍ଶନ ସ୍ୱାଇଁ ୯୨ ବଲ୍‌ରୁ ୯୯ ରନରେ ଅପରାଜିତ ରହିଥିଲେ। ବାରବାଟୀ ଷ୍ଟାଡିୟମରେ ଆୟୋଜିତ ମ୍ୟାଚରେ ବରଗଡ଼ ୧୨୬ ରନରେ ଅନୁଗୋଳକୁ ହରାଇ ଦେଇଛି। ବରଗଡ଼ ୫୦ ଓଭରରେ ୩୦୪ ରନର ବୃହତ୍ ସ୍କୋର ଛିଡ଼ା କରିଥିଲା। ଶତକ ହାସଲକାରୀ ପ୍ରବୀଣ ଲୁହା ୧୦୪ ବଲ୍‌ରୁ ୧୧୫ ରନକରି ଅପରାଜିତ ରହିଥିବାବେଳେ ରାକେଶ କିଶନ ୭୩ ରନ କରିଥିଲେ। ବିପକ୍ଷ ଦଳର ଆଶୁତୋଷ ପ୍ରଧାନ ୩ଟି ଉଇକେଟ ନେଇଥିଲେ। ଅନୁଗୋଳ ୨୯.୫ ଓଭରରେ ୧୭୮ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ରାକେଶ ଗୋଚ୍ଛାୟତ ସର୍ବାଧିକ ୬୧ ରନ କରିଥିବାବେଳେ ବରଗଡ଼ର ହିମାଂଶୁ ବିସ୍ତ ଓ ରାହୁଲ ଚୌଧାରୀ ୩ଟି ଲେଖାଏ ଉଇକେଟ ନେଇଥିଲେ।


ହର୍ଷିତ ରାଠୋଡ


ପ୍ରବୀଣ ଲୁହା


ସୁଦର୍ଶନ ସ୍ୱାଇଁ


ଭେଙ୍କଟେଶ ଭନ୍ଦେ

ଗଣ୍ଠି ବ୍ୟଥା ପାଇଁ ନୂଆ ନୂଆ ପ୍ରୟୋଗ କରିବା ଛାଡ଼ନ୍ତୁ ସବୁଠାରୁ ବିଶ୍ୱସନୀୟ ଡା.ଅର୍ଥୋ ତେଲକୁ ଆପଣାନ୍ତୁ

Dr. Juneja's
ଡା.ଅର୍ଥୋ®
Ayurvedic Oil, Capsules, Spray & Ointment

ଆପଣ ଜାଣନ୍ତି କି? ଭଲ ପରିଣାମ ପାଇଁ ଡା.ଅର୍ଥୋ ତେଲକୁ ଜାନୁ ବସ୍ତି ଥେରାପିରେ ବ୍ୟବହାର କରିବାର ଉପାୟ

ଜାନୁ ବସ୍ତି ଥେରାପି କ’ଣ

ଏମିତି ତ ଆଣ୍ଠୁ ବ୍ୟଥାର ଉପଚାର ପାଇଁ ଅନେକ ପ୍ରକାର ଔଷଧ, ଥେରାପି ଏବଂ ସର୍ଜରିର ବିକଳ୍ପ ରହିଛି, କିନ୍ତୁ ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଜାନୁ ବସ୍ତି ଥେରାପି, ଯାହାକି ବିଶେଷ ରୂପେ ଆଣ୍ଠୁରେ ହେଉଥିବା ବ୍ୟଥାର ସମସ୍ୟାକୁ ଠିକ୍ କରିବାରେ ସହାୟତା କରିଥାଏ ।

ଜାନୁ ବସ୍ତି ଥେରାପି କେମିତି କରାଯିବା ଉଚିତ

ଏହି ଥେରାପି କରିବା ପାଇଁ ରୋଗୀଙ୍କୁ ସିଧାକରି ଶୁଆଇ ଦିଆଯାଏ । ତା’ପରେ ବେସନ ବା ଚଣା ଅଟାକୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ମିଶାଇ ଚକଟି ଦିଅନ୍ତୁ, ଆଣ୍ଠୁ ଚାରିପଟେ ଚକଟା ଅଟାର ମୋଟା ପ୍ରାଚୀର ତିଆରି କରନ୍ତୁ । ଏହା ପରେ ଡା.ଅର୍ଥୋ ଆୟୁର୍ବେଦ ତେଲକୁ ସେଥିରେ ଯଥେଷ୍ଟ ମାତ୍ରାରେ ଭରିଦିଅନ୍ତୁ । ରୋଗୀ ସ୍ଥିର ରହିବେ ଏବଂ 15ରୁ 20 ମିନିଟ୍ ଯାଏଁ ଡା.ଅର୍ଥୋ ତେଲ ସେହିଭଳି ଭରି ହୋଇ ରହିବାକୁ ଦିଅନ୍ତୁ । ଭଲ ପରିଣାମ ପାଇଁ ଏହି ତେଲକୁ ପୁନର୍ବାର ପ୍ରୟୋଗ କରନ୍ତୁ ନାହିଁ ବରଂ ନୂଆ ତେଲ ବ୍ୟବହାର କରନ୍ତୁ ।

ଜାନୁ ବସ୍ତି ଥେରାପି କେମିତି କାମ କରିଥାଏ

ଆୟୁର୍ବେଦରେ ତେଲକୁ ବାତଦୋଷ ଶାନ୍ତ କରିବା ନିମନ୍ତେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଉପାଦାନ ବିବେଚନା କରାଯାଇଥାଏ । ଏହା ବାତ ଦୋଷ କାରଣରୁ ସୃଷ୍ଟି ହେଉଥିବା ଗଣ୍ଠି ସମ୍ବନ୍ଧୀୟ କଷ୍ଟକୁ କମ୍ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଏହି ପଦ୍ଧତିରେ ଡା. ଅର୍ଥୋ ଆୟୁର୍ବେଦିକ ତେଲକୁ ପର୍ଯ୍ୟାପ୍ତ ମାତ୍ରାରେ ଆଣ୍ଠୁ ଉପରେ ସ୍ଥିର କରି ରଖାଯାଇଥାଏ ଏବଂ ଏହାଦ୍ୱାରା ଏହି ତେଲ ଆଣ୍ଠୁର ତନ୍ତୁରେ ପ୍ରବେଶକରି ଗତିଶୀଳତାକୁ ବଢ଼ାଇବାରେ ସହାୟତା କରିଥାଏ । ବାରମ୍ବାର ଏହାକୁ କରାଗଲେ ଗଣ୍ଠିର ତନ୍ତୁକୁ ଶକ୍ତି ମିଳିଥାଏ । ଏହି ପ୍ରକ୍ରିୟା ପ୍ରତି ସପ୍ତାହରେ ଏକରୁ ଦୁଇଥର କରାଯାଇପାରିବ ।



Clinically Tested*
*For efficacy and safety.

24x7 Helpline: 78769 77777 | www.drorthooil.com
Available at all medical & general stores

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ